# ଧରିତ୍ରୀ DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୯/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Thursday, April 9/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 134 | ମୂଲ୍ୟ ₹୭/-




**ଇରାନ୍‌କୁ ଅସ୍ତ୍ର ଯୋଗାଇଥିବା ଦେଶକୁ ୫୦% ଟାରିଫ୍: ଟ୍ରମ୍ପ୍**

ଇରାନ୍‌କୁ ଯୁଦ୍ଧରେ ଅସ୍ତ୍ର ଯୋଗାଇଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୫୦% ଟାରିଫ୍ ଘୋଷଣା କରିଛନ୍ତି ।

୦୨

୦୮

**ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍।



# ୧୩୬୩ ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ନିଯୁକ୍ତ ହେବେ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ରାଜ୍ୟର ରାଜସ୍ୱ ପ୍ରଶାସନକୁ ଆହୁରି ସୁଦୃଢ଼କରିବା ପାଇଁ ସରକାର ୧୩୬୩ ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ଦେବେ। ଏନେଇ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ରାଜସ୍ୱ

**ଜିଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ**

ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ୩୦ ଜିଲାରେ ଖାଲି ପଡ଼ିଥିବା ଏହି ପଦବୀ ପୂରଣ କରାଯିବ। ଜିଲାଭିତ୍ତିକ ଖାଲି ଥିବା ପଦବୀ ସଂଖ୍ୟା ସହିତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ସହ ମହିଳା, ଦିବ୍ୟାଙ୍ଗ, ଏକ୍ସ-ସର୍ଭିସମ୍ୟାନ ଏବଂ କ୍ରୀଡ଼ାବିତଙ୍କ ☞ପୃଷ୍ଠା–୪

# ଇରାନ ମାନୁନି ଅସ୍ତ୍ରବିରତି

**▪ ୟୁଏଇ, କୁଏଟ୍, ବାହାରିନ୍‌ରେ ଆକ୍ରମଣ ଜାରି**

**▪ ହେଜ୍‌ବୋଲ୍ଲାକୁ ଇସ୍ରାଏଲ୍‌ର ଟାର୍ଗେଟ**

ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ଓ ଇରାନ୍ ମଧ୍ୟରେ ୨ ସପ୍ତାହର ଅସ୍ତ୍ରବିରତି ପାଇଁ ସହମତି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌କୁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଖୋଲିବା ପାଇଁ ଶେଷ ସମୟ ସୀମା ଦେଇଥିଲେ। ଏହି ସମୟ ସୀମା ଶେଷ ହେବାର ୨ ଘଣ୍ଟା ପୂର୍ବରୁ ଏହି ଚୁକ୍ତି ହୋଇଛି। କିନ୍ତୁ ଏହି ଚୁକ୍ତିକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ମୁଖ୍ୟ ବିବାଦଗୁଡ଼ିକର ସମାଧାନ ଏପର୍ଯ୍ୟନ୍ତ ହୋଇନାହିଁ। ଇରାନ୍ ଏବଂ ଆମେରିକା ପରସ୍ପରର ସର୍ତ୍ତକୁ ନେଇ ଅଟଳ ଅଛନ୍ତି। ଅସ୍ତ୍ରବିରତି ଘୋଷଣାର ମାତ୍ର କିଛି ଘଣ୍ଟା ପରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଉପରକୁ ଇରାନ୍ ପକ୍ଷରୁ ମିସାଇଲ ମାଡ଼ ହୋଇଥିବା ଖବର ମିଳିଛି। ସେହିପରି କୁଏଟ୍ ମଧ୍ୟ ଡ୍ରୋନ୍ ଆକ୍ରମଣର ଜବାବ ଦେଉଥିବା କୁହାଯାଇଛି। ଇରାନ୍ ଦାବି କରିଛି ଯେ, ଏହି ଚୁକ୍ତି ଅନୁସାରେ ସେ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇବ। ଇରାନର ସରକାରୀ ଗଣମାଧ୍ୟମ ଏହାକୁ ନିଜର ବିଜୟ ବୋଲି କହୁଛି। ସେମାନଙ୍କ କହିବା ଅନୁସାରେ, ଆମେରିକା ସମସ୍ତ କଟକଣା ହଟାଇବାକୁ ରାଜି ହୋଇଛି। ଅନ୍ୟପକ୍ଷରେ ଲେବାନନ ଉପରେ ଆକ୍ରମଣ ବନ୍ଦ କରିବ ନାହିଁ ବୋଲି ଇସ୍ରାଏଲ ସିଧାସଳଖ ମନା କରିଦେଇଛି। ତେହରାନର ରାଜପଥରେ ଇରାନ୍ ଶାସକ ସମର୍ଥକମାନେ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ନାରାବାଜି କରୁଛନ୍ତି। ସେଠାରେ ଲୋକମାନେ ଏହି ଚୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି, ଯାହା ଶାନ୍ତି ପ୍ରକ୍ରିୟା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। କାଗଜପତ୍ରରେ ଯୁଦ୍ଧ ବନ୍ଦ ହେବାର ଘୋଷଣା ହୋଇଥିଲେ ମଧ୍ୟ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଲେବାନନ୍‌ର ସାଇଦାରେ ଇସ୍ରାଏଲ୍ ପକ୍ଷରୁ ବୁଧବାର ଏୟାର ଷ୍ଟ୍ରାଇକ୍ ପରେ ଭଗ୍ନାବଶେଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। **(ଫଟୋ: ଗାର୍ଡିଆନ୍)**

ତେହରାନ୍/ୱାଶିଂଟନ୍/ଦୁବାଇ, ୮।୪(ଏ.ପି./ରଏଟର୍ସ)

ମଧ୍ୟପ୍ରାଚ୍ୟ ଆକାଶକୁ ୩୯ ଦିନ ଧରି ଆଚ୍ଛାଦିତ କରି ରଖିଥିବା ଯୁଦ୍ଧ ଘନଘଟାର ଘନକଳାବାଦଲ ଶେଷରେ ହଟିଯାଇଛି। ଇରାନ୍ ସହ ଆମେରିକା ଓ ଇସ୍ରାଏଲ୍ ୨ ସପ୍ତାହ ପାଇଁ ସାମୟିକ ଅସ୍ତ୍ରବିରତି କରିବାକୁ ସହମତି ପ୍ରକାଶ କରିଛନ୍ତି। ୧୧ ଘଣ୍ଟାର ଡିଲ୍ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନୀୟ ସଭ୍ୟତାକୁ ଧ୍ୱଂସ କରିଦେବା ପାଇଁ ଦେଇଥିବା ଧମକରୁ ଓହରିଯାଇଛନ୍ତି। ଟ୍ରମ୍ପ୍ ଶାନ୍ତି ପାଇଁ ୧୫ ସୂତ୍ରୀ ପ୍ରସ୍ତାବ ରଖିଥିବାବେଳେ ଇରାନ୍-୧୦ଟି ଦାବି ଉପସ୍ଥାପନ କରିଛି। ତେବେ ଏହି ଘୋଷଣାର କିଛି ଘଣ୍ଟା ପରେ ଇରାନ୍ ଓ ଉପସାଗରୀୟ ଆରବ ଦେଶଗୁଡ଼ିକରେ ☞ପୃଷ୍ଠା–୪

## ତୈଳ ବ୍ୟାରେଲ ଦର ୯୪ .୨୭ ଡଲାରକୁ ଖସିଲା

**୧ ଡଲାର= ୯୨.୫୫ ଟଙ୍କା**

ନୂଆଦିଲ୍ଲୀ , ୮।୪

ଇରାନ୍ ଉପରେ ଭୟଙ୍କର ଆକ୍ରମଣ କରିବାକୁ ଆମେରିକା ଧମକ ଦେଇଥିଲାବେଳେ ସାରା ବିଶ୍ୱରେ ଆଶଙ୍କା ଦେଖାଯାଇଥିଲା। ଆମେରିକା ଆକ୍ରମଣ କଲେ ବୈଶ୍ୱିକ ଅର୍ଥନୀତି ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ମଙ୍ଗଳବାର ରାତିରେ ଉଭୟ ପକ୍ଷ ମଧ୍ୟରେ ୧୫ ଦିନିଆ ଯୁଦ୍ଧ ବିରତି ଘୋଷଣା କରାଯିବା ପରେ ଏହାର ଅନୁକୂଳ ପ୍ରଭାବ ବିଶ୍ୱ ବଜାର ଉପରେ ତତ୍କାଳ ଅନୁଭୂତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ଅନ୍ୟୂନ ୧୫ ପ୍ରତିଶତ ହ୍ରାସ ଘଟିବା ସହ ବ୍ରେଣ୍ଟ୍ କ୍ରୁଡ୍ ବ୍ୟାରେଲ ପିଛା ମୂଲ୍ୟ ୧୦୦ ଡଲାର ତଳକୁ ଖସି ୯୪.୨୭ ଡଲାର ରହିଛି। ପ୍ରାୟ ୬ ବର୍ଷ ପରେ ଗୋଟିଏ ଦିନରେ ଅଶୋଧିତ ତୈଳ ମୂଲ୍ୟରେ ଏହି ହ୍ରାସ ସର୍ବାଧିକ ବୋଲି କୁହାଯାଇଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ତୈଳ ଦର ବ୍ୟାରେଲ ପିଛା ମୂଲ୍ୟ ୭୩ ଡଲାର ରହିଥିଲା। ପ୍ରାୟ ସପ୍ତାହ ତଳେ ବ୍ୟାରେଲ ପିଛା ମୂଲ୍ୟ ୧୨୦ ଡଲାର ନିକଟବର୍ତ୍ତୀ ହୋଇଥିଲା। ତେବେ ମଙ୍ଗଳବାର ତୈଳ ବ୍ୟାରେଲ ପିଛା ମୂଲ୍ୟ ୧୦୯.୨୭ ଡଲାର ରହିଥିଲାବେଳେ ଯୁଦ୍ଧ ବିରତି ଘୋଷଣା ପରେ ଏହା ୯୪ .୨୭ ଡଲାରକୁ ଖସି ଆସିଛି। ବିଶେଷକରି ଯୁଦ୍ଧ ବିରତି ସହ ହର୍ମୁଜ୍ ଷ୍ଟ୍ରେଟ୍‌ରେ ତୈଳ ପରିବହନ ସ୍ୱାଭାବିକ ହେବା ସମ୍ଭାବନା ବଢ଼ିବାରୁ ତୈଳ ମୂଲ୍ୟ ଆଶାତୀତ ଭାବେ ହ୍ରାସ ପାଇଥିବା କୁହାଯାଇଛି। ତୈଳ ଦର ହ୍ରାସ ପାଇବାରୁ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି। ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୨.୯୬ ରହିଥିଲା। କିନ୍ତୁ ବୁଧବାର ଟଙ୍କା ମୂଲ୍ୟରେ ୪୧ ପଇସା ବୃଦ୍ଧି ସହ ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୨.୫୫ ରହିଛି।

**ଆଜିର ସମ୍ପାଦକୀୟ**

**ଆଦ୍ୟ ମନ୍ଦିର**












ଲେବାନନ୍‌ର ବିରୁଟ୍‌ସ୍ଥିତ ଅଲ୍‌ମଜରା ଅଞ୍ଚଳ ବୁଧବାର ଇସ୍ରାଏଲ୍ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। (ଫଟୋ: ଗାର୍ଡିଆନ୍)

# ୨୯୬ ଆସନ ପାଇଁ ପ୍ରସ୍ତୁତି ଶେଷ

## ଆଜି କେରଳମ୍‌ର ୧୪୦, ଆସାମ ୧୨୬, ପଣ୍ଡିଚେରୀ ୩୦ ଆସନରେ ଭୋଟ

ନୂଆଦିଲ୍ଲୀ,୮।୪

କେରଳମ୍, ଆସାମ ଓ ପଣ୍ଡିଚେରୀର ମୋଟ ୨୯୬ ଆସନରେ ଗୁରୁବାର ଗୋଟିଏ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସେଥିରୁ କେରଳମ୍‌ର ୧୪୦, ଆସାମ ୧୨୬ ଓ ପଣ୍ଡିଚେରୀର ୩୦ ଆସନରେ ଭୋଟ ଗ୍ରହଣ ପାଇଁ ପୋଲିସ ପ୍ରଶାସନ ଓ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଏହା ପୂର୍ବରୁ କେରଳମ୍, ଆସାମ ଓ ପଣ୍ଡିଚେରୀରେ ମଙ୍ଗଳବାର ନିର୍ବାଚନ ପ୍ରଚାର ଶେଷ ହୋଇଥିଲା।

କେରଳମ୍‌ରେ ମୁଖ୍ୟମନ୍ତ୍ରୀ ପିନାରୟୀ ବିଜୟନ୍‌ଙ୍କ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ତୃତୀୟ ଥର ପାଇଁ କ୍ଷମତା ଦଖଲ ଉଦ୍ୟମ ଚଳାଇଛି। ଏଭଳି ସଫଳତା ପୂର୍ବରୁ କୌଣସି ମେଣ୍ଟକୁ ମିଳି ନ ଥିବାରୁ ଏଲ୍‌ଡିଏଫ୍ ଏଥର ପୁନଃ ବିଜୟ ସୁନିଶ୍ଚିତ କରିବା ପାଇଁ ଧୂଆଁଧାର ପ୍ରଚାର କରିଥିଲା। ଏହାର ସ୍ଲୋଗାନ ରହିଥିଲା, ଏଲ୍‌ଡିଏଫ୍‌ର କୌଣସି ବିକଳ୍ପ ନାହିଁ। ଅନ୍ୟପକ୍ଷେ ଭାଜପାର ଅଭ୍ୟୁଦୟ ଉଭୟ ଏଲ୍‌ଡିଏଫ୍ ଏବଂ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ସ୍ଥିତିକୁ ଦୁର୍ବଳ କରିପାରେ ବୋଲି କୁହାଯାଉଛି। କାରଣ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ଖାତା ଖୋଲି ଗୋଟିଏ ଆସନ ଦଖଲ କରିବାରେ ସକ୍ଷମ ହୋଇଥିଲା। ୟୁଡିଏଫ୍ ମଧ୍ୟ ଲୋକ ସଭା ଓ ପୌର ନିର୍ବାଚନରେ ମିଳିଥିବା ସଫଳତାକୁ ଦୋହରାଇବାକୁ ଉଦ୍ୟମ ଚଳାଇଛି। ଏଲ୍‌ଡିଏଫ୍ ଗତ ୧୦ ବର୍ଷ ସରକାରରେ ହୋଇଥିବା ଜନମଙ୍ଗଳକାରୀ ଯୋଜନାଗୁଡ଼ିକର ଅବତାରଣା କରି ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଛି। କଂଗ୍ରେସ ଏଥର କଲେଜ ଛାତ୍ରୀଛାତ୍ର ଓ ମହିଳା ଭୋଟରଙ୍କୁ ଭୋଟ ହାତେଇବା ପାଇଁ ଅନେକ ମନଲୋଭା ପ୍ରତିଶ୍ରୁତି ଦେଇଛି।

ଉତ୍ତର ପୂର୍ବାଞ୍ଚଳର ପ୍ରମୁଖ ରାଜ୍ୟ ଆସାମରେ ଭାଜପା ତୃତୀୟ ଥର ପାଇଁ କ୍ଷମତା ଦଖଲ ଉଦ୍ୟମ ଚଳାଇଥିବାବେଳେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଦ୍ୱିତୀୟ ଥର ଶାସନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ସେ ମୁସ୍‌ଲିମ ବିରୋଧୀ ମନ୍ତବ୍ୟ, ହିନ୍ଦୁତ୍ୱ ଏଜେଣ୍ଡା ଓ ସ୍ଥାନୀୟ ନେତୃତ୍ୱ ରାଜନୀତିକୁ ଜୋର୍ ଦେଇଛନ୍ତି। ହିମନ୍ତ ବିଶେଷକରି ୪୦ ଲକ୍ଷ ମହିଳା ଭୋଟରଙ୍କୁ ଓରୁନୋଦୋଇ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣରେ ଲାଭ ଦେଇ ସେମାନଙ୍କ ମନ ଜିଣିବାକୁ ଉଦ୍ୟମ କରିଛନ୍ତି। ଭାଜପାର ଅନ୍ୟ ପ୍ରମୁଖ ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରେ ରହିଥିଲା, ବେଆଇନ ଜବରଦଖଲ ଉଚ୍ଛେଦ, ଆସାମରୁ ପ୍ରବାସୀଙ୍କୁ ବିତାଡ଼ନ, ଏକକ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ ଏବଂ ୨ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। କଂଗ୍ରେସ ନେତା ଗୌରବ ଗୋଗୋଇଙ୍କ ପାକିସ୍ତାନ ଲିଙ୍କ୍ ଥିବା ଅଭିଯୋଗ ଆଣି ହିମନ୍ତ ବିରୋଧୀ ଦଳକୁ ହରଡ଼ଘଣାରେ ପକାଇବାକୁ ଚେଷ୍ଟା କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ହିମନ୍ତଙ୍କ ସ୍ତ୍ରୀ ୟୁଏଇ, ଆଣ୍ଟିଗୁଆ, ବରମୁଡା ଓ ଇଜିପ୍ଟ ପାସ୍‌ପାର୍ଟ ରଖିଥିବା ଅଭିଯୋଗ ଆଣିଛି। ହିମନ୍ତ ପରାଜିତ ହେଲେ ତାଙ୍କ ସ୍ତ୍ରୀ ଏହି ଦେଶଗୁଡ଼ିକୁ ପଳାୟନ କରିପାରନ୍ତି ବୋଲି ସମାଲୋଚନା କରିଛି। ଆସାମରେ କଂଗ୍ରେସ ୬ଟି ଦଳକୁ ନେଇ ଗଠିତ ମେଣ୍ଟର ନେତୃତ୍ୱ ନେଉଛି। ସେହିପରି ପଣ୍ଡିଚେରୀରେ ୨୦୨୧ରୁ ଅଲ୍ ଇଣ୍ଡିଆ ଏନ୍.ଆର୍. କଂଗ୍ରେସ (ଏଆଇଏନ୍‌ଆର୍‌ସି) ନେତା ଏନ୍. ରଙ୍ଗାସ୍ୱାମୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଚାଲିଛି। ଏହି କେନ୍ଦ୍ରଶାସିତ ଅଞ୍ଚଳର ମାତ୍ର ୩୦ ଆସନରେ ଭୋଟ ଗ୍ରହଣ କରାଯିବ। ଏଠି ଜାତୀୟ ରାଜନୀତି ତୁଳନାରେ ପ୍ରାର୍ଥୀମାନଙ୍କ ବ୍ୟକ୍ତିଗତ ଲୋକ ସମ୍ପର୍କ ଏକ ବଡ଼ ଭୂମିକା ନେଇପାରେ ବୋଲି କୁହାଯାଉଛି। ଏହି ୨ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ସରକାର ବିରୋଧୀ ହାୱା ନ ଥିବା କୁହାଯାଉଛି। ତେବେ କେଉଁ ରାଜ୍ୟ କିଏ ଦଖଲ କରିବ ତାହା ମେ' ୪ରେ ଭୋଟ ଗଣତି ପରେ ଜଣାପଡ଼ିବ।



କେରଳମ୍ ବିଧାନସଭା ଭୋଟ ଅବ୍ୟବହିତ ପୂର୍ବରୁ ଏର୍ନାକୁଲମ୍‌ରେ ପୋଲିଂ ଅଫିସରମାନେ ନିର୍ବାଚନ ସାମଗ୍ରୀ ଯାଞ୍ଚ କରୁଛନ୍ତି।

# ଇରାନ୍‌କୁ ଅସ୍ତ୍ର ଯୋଗାଇଥିବା ଦେଶକୁ ୫୦% ଟାରିଫ୍: ଟ୍ରମ୍ପ୍

ୱାଶିଂଟନ୍,୮।୪



ଡୋନାଲ୍ଡ ଟ୍ରମ୍ପ୍

ଇରାନ୍ ଓ ଆମେରିକା ମଧ୍ୟରେ ୨ ସପ୍ତାହ ପାଇଁ ଅସ୍ତ୍ରବିରତି ସହମତି ପ୍ରକାଶ ପାଇଛି। କିନ୍ତୁ କୌଣସି ପକ୍ଷ ପରସ୍ପର ପ୍ରତି ଶତ୍ରୁଭାବ ଛାଡ଼ିନାହାନ୍ତି। ଏହି କ୍ରମେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଇରାନ୍‌କୁ ଅସ୍ତ୍ର ଯୋଗାଣକାରୀ ଦେଶଗୁଡ଼ିକୁ ଉଚ୍ଚ ଟାରିଫ୍‌ର ଚେତାବନୀ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଯୁଦ୍ଧବେଳେ ଯେଉଁ ଦେଶଗୁଡ଼ିକ ଇରାନ୍‌କୁ ଅସ୍ତ୍ର ଯୋଗାଇଛନ୍ତି ବା ଆଗକୁ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ଯାଉଛନ୍ତି, ସେମାନଙ୍କ ସାମଗ୍ରୀ ଉପରେ ଆମେରିକା ତତ୍କାଳ ୫୦% ଟାରିଫ୍ କଷିବ। ଏଥିରେ କୌଣସି ବ୍ୟତିକ୍ରମ ବା ଛାଡ଼ ରହିବ ନାହିଁ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଉଲ୍ଲେଖ କରିଛନ୍ତି। ଅନ୍ୟ ଏକ ପୋଷ୍ଟରେ ସେ ଆହୁରି ଉଲ୍ଲେଖ କରିଛନ୍ତି, ତାଙ୍କ ପ୍ରଶାସନ ଇରାନ୍ ଉପରୁ ଟାରିଫ୍ ଓ କଟକଣା ହଟାଇବା ନେଇ ଆଲୋଚନା ଜାରି ରଖିଛି। ଏହା ବଦଳରେ ତେହରାନ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସାମୟିକ ଭାବେ ଖୋଲିବ। ଏହା ୱାଶିଂଟନ୍‌ର 'ସମ୍ପୂର୍ଣ୍ଣ ବିଜୟ' ବୋଲି ଟ୍ରମ୍ପ୍ ଅଭିହିତ କରିଛନ୍ତି।

# ଅଲ୍ ଫଲାହ ଅଧ୍ୟକ୍ଷଙ୍କ ୩୯ କୋଟିର ସମ୍ପତ୍ତି ବାଜ୍ୟାପ୍ତ

ନୂଆଦିଲ୍ଲୀ,୮।୪ (ପି.ଟି.)

ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ଇଡି ଅଲ୍ ଫଲାହ ଗ୍ରୁପ୍‌ର ଅଧ୍ୟକ୍ଷ ଜୱାଦ ଅହମଦ ସିଦ୍ଦିକିଙ୍କ ୩୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ଏହି ସମ୍ପତ୍ତି ମଧ୍ୟରେ ରହିଛି ଦିଲ୍ଲୀର ଜାମିଆ ନଗରରେ ଥିବା ଘର, ଫରିଦାବାଦରେ ଥିବା ଚାଷଜମି ଏବଂ ବିଭିନ୍ନ ବ୍ୟାଙ୍କରେ ଥିବା ଜମାରାଶି। ପିଏମ୍‌ଏଲ୍‌ଏ ବଳରେ ସମ୍ପତ୍ତି ଜବତ କରିବା ପାଇଁ ଇଡି ନିର୍ଦ୍ଦେଶନାମା ଜାରି କରିଥିଲା।

# ୨୫ କୋଟିର ଡ୍ରଗ୍ସ ଜବତ

ଅହମଦାବାଦ,୮।୪

ଗୁଜରାଟ ଓ ରାଜସ୍ଥାନର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ୟୁନିଟ୍ ପକ୍ଷରୁ ମିଳିତ ଚଢ଼ାଉ ବେଳେ ଏକ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚୋରାଚାଲାଣ ମଡ୍ୟୁଲ୍‌ର ପର୍ଦ୍ଦାଫାଶ ହୋଇଛି। ସ୍କ୍ୱାଡ୍ ଜାତୀୟ ରାଜପଥ ୬୮ରେ ୨ ଜଣ କୋରିୟରଙ୍କୁ ଅଟକାଇ ତଲାସି ନେବାବେଳେ ସେମାନଙ୍କଠାରୁ ୨୫ କୋଟି ଟଙ୍କା ମୂଲ୍ୟର ମିଥାମ୍‌ଫେଟାମାଇନ୍ ଜବତ କରିଛି। ଡ୍ରଗ୍ସ ଚୋରାଚାଲାଣ ସମ୍ପର୍କରେ ଏଟିଏସ୍ ପୋଲିସ ଇନ୍ସପେକ୍ଟର ଜେ.ଏମ୍. ପଟେଲଙ୍କୁ ଗୋପନ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ଗୁଜରାଟ ଏବଂ ରାଜସ୍ଥାନ ଏଟିଏସ୍ ପକ୍ଷରୁ ଜାତୀୟ ରାଜପଥ ୬୮ରେ ତଲାସି ବେଳେ ଏକ ଗାଡ଼ି ଭିତରୁ ସନ୍ଦିଗ୍ଧ ସାମଗ୍ରୀ ମିଳିବା ସହ ସେଥିରେ ଥିବା ୨ ଅଭିଯୁକ୍ତ ଶଙ୍କରରାମ ରାମେଶ୍ରାମ ଏବଂ ସଲମାନ ଲାଲାଖାନ୍‌ଙ୍କୁ ଅଟକ ରଖାଯାଇଥିଲା। ଜବତ ସାମଗ୍ରୀ ବେଆଇନ ଡ୍ରଗ୍ସ ମିଥାମ୍‌ଫେଟାମାଇନ୍ ବୋଲି ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତଙ୍କୁ ଜେରା ବେଳେ ଉକ୍ତ ଡ୍ରଗ୍ସ କାରବାରର ଚେର ବିଦେଶକୁ ଲମ୍ବିଥିବା ଜଣାପଡ଼ିଥିଲା।

# ଭବାନୀପୁରରୁ ନାମାଙ୍କନ କଲେ ମମତା

କୋଲକାତା,୮।୪

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିନ ହେଉଛି ଗୁରୁବାର। ଏହାର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ଭବାନୀପୁର ପ୍ରାର୍ଥୀ ହୋଇଛନ୍ତି। ନାମାଙ୍କନପତ୍ର ଦାଖଲ ପୂର୍ବରୁ ଟିଏମ୍‌ସି ସୁପ୍ରିମୋ ମମତା ଏକ ବିଶାଳ ରୋଡ୍ ଶୋ' କରିଥିଲେ। ଏହି ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ଶୁଭେନ୍ଦୁ ଅଧିକାରୀ ଗତ ସପ୍ତାହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଅନ୍ୟ ସମର୍ଥକମାନଙ୍କ ସହ ନାମାଙ୍କନପତ୍ର ଦାଖଲ କରିଥିଲେ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କୋଲକାତାରେ ଭବାନୀପୁର ନିର୍ବାଚନମଣ୍ଡଳୀ ପାଇଁ ଟିଏମ୍‌ସିରୁ ନାମାଙ୍କନପତ୍ର ଦାଖଲ କରୁଛନ୍ତି। (ଫଟୋ: ପି.ଟି.)

ରାଜ୍ୟ ଖବର

# ତଦନ୍ତ କରି ଫେରିଲା ୬ ଜଣିଆ କେନ୍ଦ୍ରୀୟ ଟିମ୍



୬ ଜଣିଆ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଯାଉଛନ୍ତି।

**ଏସ୍‌ସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣା**

- ଟ୍ରମା ଆଇସିୟୁରେ ଅଧଘଣ୍ଟାର ତନାଘନା
- ମେଡିକାଲ କର୍ତ୍ତୃପକ୍ଷ, ଡାକ୍ତର, ନର୍ସ ଓ ବିଭାଗୀୟ ଅଧିକାରୀଙ୍କୁ ପଚରାଉଚରା

କଟକ,୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ବୁଧବାର ମେଡିକାଲରେ ପହଞ୍ଚିଛନ୍ତି ୬ ଜଣିଆ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ। ମେଡିକାଲ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଟିମ୍ ପ୍ରାୟ ୨ଘଣ୍ଟା ଘଟଣା ସମୟରେ ଥିବା ଅଧିକାରୀଙ୍କୁ ପଚରାଉଚରା କରିବା ପରେ ଟିମ୍ ଜଳି ଯାଇଥିବା ଟ୍ରମା ଆଇସିୟୁରେ ପ୍ରାୟ ଅଧଘଣ୍ଟା ଯାଞ୍ଚ କରିଥିଲା। ଯାଞ୍ଚ ପରେ ଟିମ୍ ଫେରି ଯାଇଥିବାବେଳେ କେନ୍ଦ୍ର ସରକାରଙ୍କୁ ରିପୋର୍ଟପ୍ରଦାନ କରିବ ବୋଲିସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଜାତୀୟ ବିପର୍ଯ୍ୟୟ ପରିଚାଳନା ଅଥରିଟି କମାଣ୍ଡାଣ୍ଟ ଆଦିତ୍ୟ କୁମାର, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଡ. ଅରବିନ୍ଦ କୁମାର, ଡିଏମ୍ ମୁଖ୍ୟ ଡା. ଯୋଗେଶ, ଭାରତ ସରକାରଙ୍କ ସିଭିଲ ଡିଫେନ୍ସ ଏବଂ ହୋମଗାର୍ଡ ବିଭାଗର ପରାମର୍ଶଦାତା ପ୍ରଶାନ୍ତ ଲୋନକର, ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ନଗେନ୍ଦ୍ର ଶର୍ମାଙ୍କ ସମେତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟିର ସାଧାରଣ ପରିଚାଳକ ସୁନୀଲ କୁମାର ସାହୁ ପ୍ରମୁଖ ୬ ଜଣିଆ ଟିମ୍ ମେଡିକାଲ କଲେଜ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ମେଡିକାଲ କର୍ତ୍ତୃପକ୍ଷ, ଆଇସିୟୁରେ ଡ୍ୟୁଟିରେ ଥିବା ଡାକ୍ତର ଓ ନର୍ସଙ୍କୁ ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚରା କରିଥିଲା। କେଉଁ ସମୟରେ ନିଆଁ ଲାଗିଲା, ନିଆଁ ଲାଗିବା ପରେ ସ୍ପ୍ରିଙ୍କଲର କାମ କରିଥିଲା କି ନାହିଁ, ସାଇରନ ବାଜିଥିଲା ନା ନାହିଁ, ଘଟଣାସ୍ଥଳରେ କିଏ କିଏ ଉପସ୍ଥିତ ଥିଲେ। ପ୍ରଥମେ କେତେଜଣ ରୋଗୀଙ୍କୁ ଉଦ୍ଧାର କରାଯାଇଥିଲା, ଉଦ୍ଧାର କାର୍ଯ୍ୟରେ କିଏ କିଏ ନିୟୋଜିତ ରହିଥିଲେ ଏବଂ ମୁଖ୍ୟତଃ ଅଗ୍ନିଶମ ବାହିନୀକୁ କେତେବେଳେ ଖବର ଦିଆଯାଇଥିଲା। ଏହି ସମସ୍ତ ବିଷୟରେ ତନ୍ନତନ୍ନ କରି ଟିମ୍ ପଚରାଉଚରା କରିଥିବା ଜଣାପଡ଼ିଛି। ଏହାସହ ଅଗ୍ନିଶମ ଓ ଜିଇଡି ଅଧିକାରୀମାନଙ୍କ ରିପୋର୍ଟ ସଂଗ୍ରହ କରିବେ ବୋଲି ସୂଚନା ମିଳିଛି। ତେବେ ଏହି ଟିମ୍ ଯାଞ୍ଚ ଓ ରିପୋର୍ଟ ପ୍ରଦାନ କରିବା ପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଏହା ଉପରେ ନଜର ରହିଛି। ଅନ୍ୟପଟେ କେବଳ ଟିମ୍ ଯାଞ୍ଚ କରି ଫେରିଥିବା ମେଡିକାଲ ଅଧୀକ୍ଷକ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ କହିଛନ୍ତି। ତଦନ୍ତ ବେଳେ ଜିଲା ପ୍ରଶାସନ, ଜିଇଡି, ଅଗ୍ନିଶମଙ୍କ ସମେତ ଅନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ୬ ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା, ଜଣେ ଗୁରୁତର

ଯୋଡ଼ା,୮।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ଗୋଠଛଡ଼ା ଦନ୍ତା ଉତ୍ପାତ କରୁଛି। ମଙ୍ଗଳବାର ରାତିରେ ୬ଟି ଘର ଭାଙ୍ଗିଥିବା ବେଳେ କାନ୍ଥ ପଡ଼ି ଜଣେ ଗୁରୁତର ହୋଇଛନ୍ତି। ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ହାତୀ ଘରେ ଥିବା ଚାଉଳ ଖାଇବା ସହ ଆସବାବପତ୍ର ନଷ୍ଟ କରିଛି।

ପ୍ରକାଶ ଯେ, ଗତ ୧ ସପ୍ତାହ ଧରି ଏହି ଗୋଠଛଡ଼ା ଦନ୍ତାହାତୀ, ଚମ୍ପୁଆ ରେଞ୍ଜର ବିଭିନ୍ନ ଗାଁରେ ଉପଦ୍ରବ କରୁଛି। ବ୍ୟାପକ ଘର ଭାଙ୍ଗିଥିବା ବେଳେ ପନିପରିବା ଚାଷ ନଷ୍ଟ କରୁଛି। ଗୋଠଛଡ଼ା ଦନ୍ତା ମଙ୍ଗଳବାର ରାତିରେ ଯୋଡ଼ା ସେକ୍ସନର ଭଣ୍ଡାରିଡ଼ିହି ଗ୍ରାମରେ ପଶି ଉପଦ୍ରବ କରିଥିଲା। ଗ୍ରାମରେ ୩ଟି ଘର ଭାଙ୍ଗିଥିବା ବେଳେ ପତ୍ତୁଲୁ ମୁଣ୍ଡା ଘରେ ଶୋଇବା ଅବସ୍ଥାରେ ଘର କାନ୍ଥ ପଡ଼ି ସେ ଆହତ ହୋଇଛନ୍ତି। ତାଙ୍କୁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ବାମେବାରୀ ସେକ୍ସନର ଜଗନ୍ନାଥପୁର ଗ୍ରାମରେ ୨ଟି ଓ ଉଚ୍ଚବାଲି ଗାଁରେ ୧ଟି ଘର ଭାଙ୍ଗିଛି। ଘର ଭିତରେ ଚାଉଳ ଖାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଜଗନ୍ନାଥପୁର ଗ୍ରାମର ସୁରୁ ମାଝୀ ମଧ୍ୟ ଘର କାନ୍ଥ ପଡ଼ି ଗୁରୁତର ହୋଇଛନ୍ତି। ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ହାତୀ ସୋମବାର ରାତିରେ ମଧ୍ୟ ଯୋଡ଼ା ସେକ୍ସନର ଗୁରୁଡୁଆଁ ଗ୍ରାମରେ ପଶି କ୍ଷୀରୋମଣି ନାଏକଙ୍କ ଘର ଭାଙ୍ଗିଥିଲା। ସେ ସମୟରେ ଘରେ ଥିବାରୁ କ୍ଷୀରୋମଣି ଆହତ ହୋଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି। ଭଣ୍ଡାରଡିହି ଗ୍ରାମର କାନ୍ଦରା ମୁଣ୍ଡା, ଗଣେଶ ମୁଣ୍ଡା, ଶାନ୍ତି ମୁଣ୍ଡା ଓ ବିଜେନ୍ଦ୍ର ମୋହନ ମୁଣ୍ଡାଙ୍କ ଘର ଆଂଶିକ ଭାଙ୍ଗିଥିବା ନେଇ ରିପୋର୍ଟ ପ୍ରସ୍ତୁତ କରିବା ସହ ସେମାନଙ୍କୁ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ, ଶସ୍ୟ ବାକ୍ସ ପ୍ରଦାନ କରାଯାଇଥିବା ବନପାଳ ଜେନା ସୂଚନା ଦେଇଛନ୍ତି।

# ଗଛରେ ବାଇକ୍ ପିଟିହୋଇ ୨ ମୃତ, ଜଣେ ଗୁରୁତର

ରାଜକନିକା,୮।୪(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ନମତରା ପଟଣାଗାଁର ୩ ଯୁବକ ବୁଧବାର ଓଳାଭର ମାର୍କେଟକୁ ଆସିଥିଲେ। ଅପରାହ୍ନ ୪ଟାରେ ଓଳାଭର ମାର୍କେଟରୁ କାମସାରି ବୁଲେଟ(ଓଡି ୨୯ ପି ୩୯୩୧) ଯୋଗେ ଗାଁକୁ ଫେରୁଥିବାବେଳେ ସିହପଡା-ହାଟସାହି ରାସ୍ତା ଫାର୍ମହାଉସ୍ ନିକଟରେଏକ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ମାନସ ବଳ(୨୬) ଓ ମିକୁଲ ଦାସ(୨୧)ଙ୍କର ମୃତ୍ୟୁ ହୋଇଛି। ଅନ୍ୟଜଣେ ବିକାଶ ବେହେରା(୨୪) ଆହତ ହୋଇ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୯/୨୦୨୬ | Bhubaneswar, Thursday, April 9/2026




ଆର୍ଟେମିସ୍-୨ ମିଶନର ମହାକାଶଚାରୀମାନେ ଚନ୍ଦ୍ର ପରିକ୍ରମା କରୁଥିବା ସମୟରେ ଚନ୍ଦ୍ର ପଛରେ ପୃଥିବୀ ଅସ୍ତ ହେବା ଦୃଶ୍ୟକୁ ଉତ୍ତୋଳନ କରୁଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଦ୍ୱାରା ଏହି ଚିତ୍ର ଜାରି କରାଯାଇଛି।

# ଗିରଫ ଭୟରେ ୩ ଗାଁ ଖାଲି

## ବେଦାନ୍ତ ପାଇଁ ଲୋକଙ୍କୁ ଦମନ ଘଟଣା

### ମରିବୁ ପଛେ ବେଦାନ୍ତକୁ ସିଜିମାଳି ପାହାଡ଼ ଦେବୁନାହିଁ : ଗ୍ରାମବାସୀ

ବେଦାନ୍ତ ପାଇଁ ରାୟଗଡ଼ା ଜିଲା କାଶୀପୁର ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ବେଦାନ୍ତ କମ୍ପାନୀ ପକ୍ଷରୁ ନିର୍ମାଣ ହେଉଥିବା ରାସ୍ତା କାମକୁ ଜୋରଜବରଦସ୍ତ କରିବା ପାଇଁ କମ୍ପାନୀ ସ୍ଥାନୀୟ ଜିଲା ପ୍ରଶାସନ ଏବଂ ପୋଲିସକୁ ବ୍ୟବହାର କରୁଛି। ଏହାକୁ ଅଞ୍ଚଳବାସୀ ବିରୋଧ କରିବାରୁ କାଶୀପୁର ବ୍ଲକର ଶାଗବାରୀ ଗ୍ରାମରେ ମଙ୍ଗଳବାର ସକାଳେ ପୋଲିସ-ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଥିବାବେଳେ ୫୮ ପୋଲିସ କର୍ମୀ ଆହତ ହୋଇଥିବା କୁହାଯାଉଛି। ବେଦାନ୍ତ ପାଇଁ ପୋଲିସର ଲୋକଙ୍କୁ ଦମନଲୀଳା ପରେ ଗିରଫ ଭୟରେ ଅଞ୍ଚଳବାସୀ ଏବେ ଜଙ୍ଗଲମୁହାଁ ହୋଇଛନ୍ତି। ୩ ଗାଁ କଣ୍ଟାମାଳ, ବଣ୍ଡେଲ ଓ ସିଜିମାଳି ପାହାଡ଼ର ସୀମାନ୍ତବର୍ତ୍ତୀ ଗ୍ରାମ ପ୍ରାୟତଃ ଖାଲି ହୋଇଯାଇଛି। ହେଲେ ସିଜିମାଳି ପାହାଡ଼ର ସୁରକ୍ଷା ପାଇଁ ଆଦିବାସୀ ମହିଳାପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ମରିବୁ ପଛେ ନିଜର ଭିଟାମାଟି ତଥା ସେମାନଙ୍କୁ ଜୀବିକା ନିର୍ବାହର ମାଧ୍ୟମ ସାଜିଥିବା ସିଜିମାଳି ପାହାଡ଼ ବେଦାନ୍ତକୁ ଦେବୁ ନାହିଁ ବୋଲି ଅଡ଼ି ବସିଛନ୍ତି ସ୍ଥାନୀୟ ଗ୍ରାମବାସୀ।



ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ସିଜିମାଳି ପାହାଡ଼ର ସୁରକ୍ଷା ପାଇଁ ବୁଧବାର ଆଦିବାସୀ ମହିଳାମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ଏକାଠି ହୋଇଛନ୍ତି।

ରାୟଗଡ଼ା,୮।୪
(ଆଶିଷ ରଞ୍ଜନ ପଣ୍ଡା)

ଗତ ୩ବର୍ଷ ହେବ ବେଦାନ୍ତ ସିଜିମାଳିର ବକ୍ସାଇଟ୍ ଖଣି ଖନନ ପାଇଁ ଲିଜ୍ ନେଇଛି। ହେଲେ ବେଦାନ୍ତ ଏଠାକୁ ଆସୁନାହିଁ। ବେଦାନ୍ତଠାରୁ କାମ ନେଇଥିବା ଏକ ଠିକା ସଂସ୍ଥା ସିଜିମାଳି ଅଞ୍ଚଳରେ ଧସେଇ ପଶୁଛି। ଲୋକେ ବିରୋଧ କଲେ ଗୁଣ୍ଡାବାହିନୀ ଓ ପୋଲିସ ଲଗାଇ ଅତ୍ୟାଚାର କରୁଛି । ତେଣୁ ଏହାକୁ ଆମେ ଘୋର ବିରୋଧ କରିବୁ ବୋଲି ଅଞ୍ଚଳବାସୀ କହିଛନ୍ତି। ପ୍ରଶାସନିକ ଅଧିକାରୀ ଆସନ୍ତୁ, ଆମ ସହିତ ଆଲୋଚନା କରନ୍ତୁ। ଏଠାରେ ଖଣି ଖନନ ପୂର୍ବରୁ କାରଖାନା ସ୍ଥାପନା କରି ଅଞ୍ଚଳବାସୀଙ୍କୁ କାମ ଦେବାପରେ ଆମେ ପୂର୍ଣ୍ଣ ସମର୍ଥନ କରିବୁ ବୋଲି ସେମାନେ କହିଛନ୍ତି । ନଚେତ୍ କୁଲି ବୃତ୍ତି କରି ବଞ୍ଚିବୁ ପଛେ ବିନା କାରଖାନାରେ ଖଣି ଖନନ କରିବାକୁ ଦେବୁ ନାହିଁ। ଅନ୍ୟପଟେ ବର୍ତ୍ତମାନ ଉକ୍ତ ଅଞ୍ଚଳରେ ଶାନ୍ତି ବଜାୟ ରହିଛି ବୋଲି ରାୟଗଡ଼ା ଉପଜିଲାପାଳ ରମେଶ ଚନ୍ଦ୍ର ଜେନା କହିଛନ୍ତି।

ସୂଚନାଥାଉ କି, କାଶୀପୁର ବ୍ଲକରେ ବକ୍ସାଇଟ୍ ଖଣି ରହିଛି। ବାଫଲିମାଳି ଖଣି ଖନନ ଚାଲିଥିବାବେଳେ ସିଜିମାଳିରେ ଖଣି ଖନନ ପାଇଁ ଲିଜ୍ ପାଇଛି ବେଦାନ୍ତ ଆଲୁମିନା। ହେଲେ ଗତ ୩ବର୍ଷ ହେଲାଣି ଖଣି ଖନନକୁ ବିରୋଧ କରୁଛନ୍ତି ଅଞ୍ଚଳବାସୀ । ଏ ନେଇ ୨୦୨୩ରେ ଉତ୍ତେଜନା ତୀବ୍ର ହେବାରୁ ପୋଲିସ ପ୍ରାୟ ୨୬ଜଣ ଗ୍ରାମବାସୀଙ୍କୁ ଗିରଫ କରିଥିଲା। ତଥାପି ସିଜିମାଳି ପାହାଡ଼ ନିକଟସ୍ଥ ପ୍ରଭାବିତ ଗାଁର ଲୋକେ ଏବେ ମଧ୍ୟ ଖଣି ଖନନକୁ ବିରୋଧ କରିଆସୁଛନ୍ତି। ଗତ ୩ ତାରିଖରୁ ଅଞ୍ଚଳବାସୀ ଓ ପୋଲିସ ମଧ୍ୟରେ ଏକ ପ୍ରକାର ବାକ୍‌ଯୁଦ୍ଧ ଆରମ୍ଭ ହୋଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ସେଠାରେ ୧୬୩ ଧାରା ଜାରି କରାଯାଇଛି। ମଙ୍ଗଳବାର ଏହି ଘଟଣାକୁ ନେଇ ପୋଲିସ ଓ ☞ପୃଷ୍ଠା-୪

# ପାଠ୍ୟକ୍ରମ କମିଟି ପୁନର୍ଗଠନ କଲା ଏନ୍‌ସିଇଆର୍‌ଟି

## ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ପଦକ୍ଷେପ

ନୂଆଦିଲ୍ଲୀ, ୮।୪ (ପି.ଟି.)

ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ 'ବିଚାର ବିଭାଗରେ ଦୁର୍ନୀତି' ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ନ୍ୟାଶନାଲ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ନିଜର ପାଠ୍ୟକ୍ରମ କମିଟିକୁ ପୁନର୍ଗଠନ କରିଛି। ବୁଧବାର ଅଧିକାରୀଙ୍କ ସୂତ୍ରରୁ ଏହି ସୂଚନା ମିଳିଛି। ଏହି ଉଚ୍ଚସ୍ତରୀୟ ୨୦ ଜଣିଆ 'ନ୍ୟାଶନାଲ ସିଲାବସ୍ ଆଣ୍ଡ୍ ଟିଚିଂ ଲର୍ନିଂ ମ୍ୟାଟେରିଆଲ କମିଟି' (ଏନ୍‌ଏସ୍‌ଟିସି)ରେ ଆଇଆଇଟି ମାଡ୍ରାସ ନିର୍ଦ୍ଦେଶକ ଭି. କାମାକୋଟି, ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦ (ଆଇସିଏଚ୍‌ଆର୍)ର ଅଧ୍ୟକ୍ଷ ରଘୁଭେନ୍ଦ୍ର ତନୱାର, ନ୍ୟାଶନାଲ ଲ' ସ୍କୁଲ ଅଫ୍ ଇଣ୍ଡିଆ ୟୁନିଭର୍ସିଟିର ପୂର୍ବତନ କୁଳପତି ଆର୍. ଭେଙ୍କଟରାଓ ଏବଂ ଏନ୍‌ସିଇଆର୍‌ଟିର ଯୁଗ୍ମ ନିର୍ଦ୍ଦେଶକ ଅମରେନ୍ଦ୍ର ପ୍ରସାଦ ବେହେରାଙ୍କୁ ସାମିଲ କରାଯାଇଛି।

ପୂର୍ବରୁ ଏହି ପ୍ୟାନେଲରେ ୨୨ ଜଣ ସଦସ୍ୟ ରହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ତିନିଜଣ ସଦସ୍ୟଙ୍କୁ ଏନ୍‌ଏସ୍‌ଟିସିରୁ ବାଦ୍ ଦିଆଯାଇଛି। ସେମାନେ ହେଲେ ଆଇଆଇଟି ଗାନ୍ଧୀନଗରର ପୂର୍ବତନ ଅତିଥି ଅଧ୍ୟାପକ ମାଇକେଲ ଦାନିନୋ, ସେଣ୍ଟର ଫର୍ ପଲିସି ଷ୍ଟଡିଜ୍ ଅଧ୍ୟକ୍ଷ ଏମ୍.ଡି. ଶ୍ରୀନିବାସ ଏବଂ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରିଷଦର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ବିବେକ ଦେବରାୟ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆବଶ୍ୟକୀୟ ଅପ୍‌ଡେଟ୍ ମାଧ୍ୟମରେ ଏନ୍‌ଏସ୍‌ଟିସିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହି ପୁନର୍ଗଠନ କରାଯାଇଛି। ଏହି କମିଟିକୁ ୩ୟରୁ ୧୨ଶ ଶ୍ରେଣୀ ପର୍ଯ୍ୟନ୍ତ ସିଲାବସ୍ ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ କ୍ଷମତା ଦିଆଯାଇଛି। ଏହାସହ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀର ପାଠ୍ୟପୁସ୍ତକକୁ ସଂଶୋଧନ କରିବାର ଦାୟିତ୍ୱ ମଧ୍ୟ କମିଟି ଉପରେ ନ୍ୟସ୍ତ କରାଯାଇଛି। ସୂଚନାଯୋଗ୍ୟ, ଗତ ଫେବୃଆରୀରେ ସୁପ୍ରିମକୋର୍ଟ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ବିଚାର ବିଭାଗକୁ ନେଇ ଥିବା ଟିପ୍ପଣୀ ଉପରେ ନିଜଆଡ଼ୁ ମାମଲା ଗ୍ରହଣ କରିଥିଲେ। ପରେ କୋର୍ଟ ଏହି ପୁସ୍ତକର ସମସ୍ତ କପି ଉପରେ 'ସମ୍ପୂର୍ଣ୍ଣ ପ୍ରତିବନ୍ଧକ' ଲଗାଇଥିଲେ।

# ୧୦ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୮।୪
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୧୦ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ୩୮ତମ ରାଜ୍ୟ କ୍ୟାବିନେଟ୍ ବୈଠକକୁ ୫ରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ, ନିର୍ମାଣ, ରାଜସ୍ୱ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସାଧାରଣ ପ୍ରଶାସନ ବିଭାଗ ଭଳି ଆଉ କେତେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ଆଲୋଚନା ହେବା ସହିତ ଅନୁମୋଦନ ଲାଭ କରିବ। ତେବେ କ୍ୟାବିନେଟ୍‌ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମଧ୍ୟରେ ରହିଛି ପଞ୍ଚାୟତିରାଜ ଏବଂ ନିର୍ମାଣ ବିଭାଗ। ଆଗାମୀ ଦିନରେ ରାଜ୍ୟବାସୀଙ୍କ ନିକଟରେ ଶତପ୍ରତିଶତ ପାଇପ୍ ଯୋଗେ ପାନୀୟଜଳ ☞ପୃଷ୍ଠା-୪

# ସମୟ ଲାଗୁ ପଛେ ଗଣତିମଣତି ଭଲରେ ହେଉ: ଗଜପତି



ଗଜପତି ମହାରାଜା ଦିବ୍ୟସିଂହ ଦେବ ରତ୍ନଭଣ୍ଡାରର ଗଣତିମଣତି ତଦାରଖ କରି ଫେରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଦ୍ୱିତୀୟ ପର୍ଯ୍ୟାୟ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ଆରମ୍ଭ

ପୁରୀ,୮।୪(ଅଜିତ୍ କୁମାରମହାନ୍ତି)

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଗଣତିମଣତିର ଦ୍ୱିତୀୟ ପର୍ଯ୍ୟାୟ ବୁଧବାର ଠାରୁ ଆରମ୍ଭ ହୋଇଯାଇଛି। ସକାଳୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ପୁନଃ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନର ଗଣତିମଣତି ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ କିଛି ଠିକ୍‌ଠାକ୍ ଚାଲିଛି। ସମୟ ଲାଗୁ ପଛେ ମହାପ୍ରଭୁଙ୍କ କାମ ଭଲରେ ହେଉ।

ଗଜପତି ମହାରାଜ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଶୁଭ ଦିବସରେ ବାହାର ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ ହୋଇଛି। ସମସ୍ତେ ମହାପ୍ରଭୁଙ୍କ ଦର୍ଶନ ସରିଲା ପରେ ବାହାର ରତ୍ନଭଣ୍ଡାର ଅନୁଧ୍ୟାନ କରିଥିଲୁ। ସରକାରଙ୍କ ଦ୍ୱାରା ଗଠିତ କମିଟି, ଅଧିକାରୀ ଏବଂ ସେବାୟତ ଏଥିରେ ଉପସ୍ଥିତ ଥିଲେ। ଏସ୍‌ଓପି ଅନୁସାରେ ଗଣତିମଣତି ଆରମ୍ଭ ହୋଇଛି। ପ୍ରତ୍ୟେକ ମୂଲ୍ୟବାନ ଜିନିଷ ଥ୍ରୀଡି ମ୍ୟାପିଂ କରାଯାଉଛି। ଏହାଦ୍ୱାରା ପୂର୍ଣ୍ଣ ଛବି ମିଳିପାରିବ। ମହାପ୍ରଭୁଙ୍କର ଅଳଙ୍କାର ମୂଲ୍ୟାଙ୍କନ ପାଇଁ ଯୋଜନା ନାହିଁ। ମହାପ୍ରଭୁଙ୍କ ଗହଣାର ବିସ୍ତୃତ ବିବରଣୀ ରଖାଯାଉଛି, ଯାହାଦ୍ୱାରା ଭବିଷ୍ୟତରେ କୌଣସି ଅସୁବିଧା ହେବ ନାହିଁ। ବାହାର ରତ୍ନଭଣ୍ଡାର ଗଣତିମଣତି ପରେ ଭିତର ରତ୍ନଭଣ୍ଡାରର ଗଣତି ହେବ। ଆଜି ମହାପ୍ରଭୁଙ୍କ ଦର୍ଶନରେ କୌଣସି ଅସୁବିଧା ନାହିଁ। ମହାପ୍ରଭୁଙ୍କ କୃପାରୁ ସବୁକିଛି ଠିକ୍‌ଠାକ୍ ଚାଲିଛି। ଗଣତିମଣତିର ସମୟ ସୀମା ନାହିଁ। ଶ୍ରଦ୍ଧାଳୁମାନେ ଭଲଭାବରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି, ମହାପ୍ରଭୁଙ୍କ ଇଚ୍ଛା ☞ପୃଷ୍ଠା-୪

# ତେଲ ପ୍ରେସର କମ୍ ଯୋଗୁ ହୋଇଥିଲା ଦୁର୍ଘଟଣା

## ରାଉରକେଲା ବିମାନ ଦୁର୍ଘଟଣା ରିପୋର୍ଟ ଆସିଲା

ରାଉରକେଲା,୮।୪
(ସଙ୍ଗୀତା ଜେନା)

ଗତ ଜାନୁଆରୀ ୧୦ତାରିଖରେ ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ୯ ଆସନ ବିଶିଷ୍ଟ ସେସନା ଏୟାରକ୍ରାଫ୍ଟ (ଇଣ୍ଡିଆ ୱାନ୍ ଏୟାର କମ୍ପାନୀ) ବିମାନ ଜଲଦାଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଥିଲେ। ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ



ମନ୍ତ୍ରାଳୟର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ପକ୍ଷରୁ ଏହି ବିମାନ ଦୁର୍ଘଟଣାର ରିପୋର୍ଟ ବୁଧବାର ପ୍ରକାଶ ପାଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ବିମାନରେ ତୈଳ ଚାପ କମ୍ ଥିବାରୁ ଇଞ୍ଜିନର କାର୍ଯ୍ୟଶକ୍ତି ହ୍ରାସ ପାଇଥିଲା। ଫଳରେ ଏହାକୁ ଜରୁରୀକାଳୀନ ଅବତରଣ କରାଯିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ରାଉରକେଲାଠାରୁ ପ୍ରାୟ ୩୦ ନଟିକାଲ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## ବାଲେଶ୍ୱର

- ଏଫଏମୟୁରେ ୨୩ତମ ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପାଢୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ : ସକାଳ ୮ ଟା ୩୦ ।
- ଭୁଜାଖିଆ ପୀର ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ସୁନହଟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ପୁସ୍ତକ କ୍ରୟ ଓ ଉପହାର କାର୍ଯ୍ୟକ୍ରମ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା ।
- ମିଳିତ ବିରୋଧୀ ଦଳର ବୈଠକ, ସ୍ଥାନ: ସିପିଏମ୍ ଜିଲା କାର୍ଯ୍ୟାଳୟ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଯଶୋବନ୍ତ ବୃଦ୍ଧାଶ୍ରମ ପରିଚାଳନା କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ : ଅପରାହ୍ନ ୩ଟା ।
- ନୂତନ ଡାକ୍ତରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ରୋମି ସଭାଗୃହ, ପୋଲିସ୍ ଲାଇନ୍ ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ।
- ଚନ୍ଦନେଶ୍ୱର ମହାଦେବଙ୍କ ପାଞ୍ଚ ଅର୍ଘ୍ୟ, ସ୍ଥାନ : ଚନ୍ଦନେଶ୍ୱର ଜୀଉଙ୍କ ଅର୍ଘ୍ୟ ପିଣ୍ଡ, ଭୋଗରାଇ, ସମୟ : ରାତି ୮ଟା ।

## ଭଦ୍ରକ

- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା ଅଭିଯାନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱାଗତ ଶୋଭାଯାତ୍ରା, ସ୍ଥାନ: ସର୍କିଟ ହାଉସଠାରୁ ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ସକାଳ ୯ଟା ।

## ମୟୂରଭଞ୍ଜ

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ବାବା ପୂର୍ଣ୍ଣେଶ୍ୱର ମନ୍ଦିର, କୁଚେଇବୁଡ଼ି, ରାଇରଙ୍ଗପୁର,ସମୟ: ସକାଳ ୯ଟା ।
- ରକ୍ତଦାନ ଶିବିର,ସ୍ଥାନ: ବେତନଟୀ ମହାବିଦ୍ୟାଳୟ, ବେତନଟୀ,ସମୟ: ପୂର୍ବାହ୍ନ ୧୦ଟା ।
- ବହି ହାଟ ଓ କବିତା ପାଠ ଉତ୍ସବ,ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ।

## ବ୍ରହ୍ମପୁର

- ଆସ ବହିଟିଏ କିଣିବା, ସ୍ଥାନ: ମହାମାୟୀ ମହିଳା କଲେଜ,ସମୟ: ପୂର୍ବାହ୍ନ ୧୦ଟା ।
- ସିଲ୍କସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ଅପରାହ୍ନ ୫ଟା ।

## କନ୍ଧମାଳ

- ମା' ନାରାୟଣୀଙ୍କ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଫୁଲବାଣୀ ଆଇଟିଡିଏ ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।

## ଢେଙ୍କାନାଳ

- ବଡ଼ସୁଆଳୋ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମୋରୋହ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବଡ଼ସୁଆଳୋ, ସମୟ: ସକାଳ ୮ଟା ।
- ମାନବାଧିକାର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଗୋବିନ୍ଦପୁର, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା ।

## ଅନୁଗୋଳ

- ପୋଲିସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅନୁଗୋଳ ଛେଳିଆପଡ଼ାସ୍ଥିତ ରିଜର୍ଭ ବାଟାଲିୟନ, ସମୟ: ସକାଳ ୮ଟା ।
- ଧୂଳିଦଣ୍ଡ ପରିବେଷଣ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ, ସମୟ: ଅପରାହ୍ନ ୪ଟା ।
- ରାତିଦଣ୍ଡ ପୂଜା ସହିତ ନୃତ୍ୟ ପରିବେଷଣ, ସ୍ଥାନ : ଆଠମଲ୍ଲିକ ଲିପିଲୋଇ, ସମୟ: ରାତି ୧୧ଟା ।

## ଜଗତ୍‌ସିଂହପୁର

- ପାରାଦୀପ ପୌରପାଳିକା ପକ୍ଷରୁ ଓଡ଼ିଆ ପକ୍ଷ, ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ: ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା ।
- ଆମେ ଜାଣିବା ଆପ ବଜେଟ ଶୀର୍ଷକ ଅଭିଯାନ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଶ୍ରୀ ବାୟାବାବା ମହାବିଦ୍ୟାଳୟ, ମହାକାଳପଡା, ସମୟ: ସକାଳ ୯ଟା ।
- ମାଇଁ ଏନ୍‌ସିସି ଆସୋସିଏଶନର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ୍) ପାଣି ସଂକ୍ରାନ୍ତରେ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ।
- ଜିଲାସ୍ତରୀୟ ଟ୍ରାନ୍ସଫର କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା୩୦ ।

## ନବରଙ୍ଗପୁର

- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୨ଟା ।

## କୋରାପୁଟ

- ସରକାରୀ (ଏସ୍‌ଏସ୍‌ଡି) ବାଳିକା ବିଦ୍ୟାଳୟବାର୍ଷିକ ଉତ୍ସବ, ସ୍ଥାନ: ବାଲଡ଼ା, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବୁଢ଼ୀଠାକୁରାଣୀ, ବଣ୍ଡାବାଘ ବଡ଼ବେଣ୍ଟ ଯାତ୍ରା, ସ୍ଥାନ: ଫୁପୁଗାଁ ସଦର ମହକୁମା, କୁନ୍ଦୁରା ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ସମ୍ବଲପୁର

- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : କଚେରି ଛକ ନିକଟ ହନୁମାନ ବାଟିକା, ସମୟ : ସକାଳ ୮ଟା ୩୦ ।
- ଭୀମ ଆର୍ମି ପକ୍ଷରୁ ଘେରାଉ କାର୍ଯ୍ୟକ୍ରମ, ସ୍ଥାନ : ଧନୁପାଲି ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ ଏପଡିଓ ଅଫିସ, ସମୟ : ସକାଳ ୯ଟା ।
- ମା' ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା ।
- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ , ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଖେଳ ପଡିଆ, ସମୟ : ଅପରାହ୍ନ ୪ଟା ୩୦ ।
- ମହାନଦୀ ବଞ୍ଚାଅ ଆନ୍ଦୋଳନର ବୈଠକ, ସ୍ଥାନ : ସାର୍ବଜନୀନ ଗ୍ରନ୍ଥାଗାର ସଭାକକ୍ଷ, ସମୟ : ଅପରାହ୍ନ ୪ଟା ୩୦ ।
- କଲମ ପରିବାର ପକ୍ଷରୁ ସାହିତ୍ୟ ଆସର ଓ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।
- . ମା' ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ।

## ରାଉରକେଲା

- ନୂତନ ଆଇନ ସଂହିତା ସଚେତନତା କର୍ମଶାଳା, ସ୍ଥାନ: କୋଏଲ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଗଣିତ ଅଲିମ୍ପିଆଡ, ସ୍ଥାନ: ଡିପିଏସ୍ ସ୍କୁଲ, ସେକ୍ଟର-୧୪, ସମୟ: ପୂର୍ବାହ୍ନ ୧୦ଟା ।
- କଳିଙ୍ଗ ପରିଷଦ ଆୟୋଜିତ ୧୭ତମ ଆନ୍ତଃ ସ୍କୁଲସ୍ତରୀୟ ନାଟ୍ୟ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା ।

## ସୁନ୍ଦରଗଡ଼

- ଜିଲା ଆଇନ ସେବା ପ୍ରାଧାନ୍ୟ କରଣ ପକ୍ଷରୁ ଆଇନ ସଚେତନତା ଶିବିର,ସ୍ଥାନ:ଆରୋହଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଅରଣ୍ୟ ନଗର, ସୁନ୍ଦରଗଡ:ସମୟ:ପୂର୍ବାହ୍ନ ୧୦ଟା୩୦ ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା ଅଭିଯାନ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ,ସମୟ:ପୂର୍ବାହ୍ନ ୧୦ଟା୩୦ ।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ବାଳଗୋପାଳ ଫୁଡ୍ସ ପ୍ରଡକ୍ଟସ, ଚକରକେନ୍ଦ, ବରଗଡ଼,ସମୟ: ସକାଳ ୯ଟା ।
- ସ୍ୱରାଜ ସଂଗ୍ରାମ ସର୍ବୋଦୟ ଶିବିର, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ।
- ଶିବପୁରାଣ ପଠନ (ଗଣେଶଙ୍କର ବିବାହ ଚରିତ ଓ ମୂଷିକ ବାହନ ପ୍ରାପ୍ତିର ବିବରଣ), ସ୍ଥାନ:ମହାପାତ୍ର କଲ୍ୟାଣ ମଣ୍ଡପ, ସରଣ୍ଡା,ସମୟ: ଅପରାହ୍ନ ୨ଟା ।
- ତୁଳସୀ ରାମାୟଣ ନବାହ ପାରାୟଣ (ଶ୍ରୀରାମ ବନବାସ), ସ୍ଥାନ:ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା, ସମୟ: ସନ୍ଧ୍ୟା ୫ଟା ।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଆଦିବାସୀ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ବିଭାଗୀୟ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ବିଶ୍ୱଶାନ୍ତି ମହାଯଜ୍ଞ କଳସ ଯାତ୍ରା, ସ୍ଥାନ: ରିଆମାଳ ବ୍ଲକ୍ ମଳେହିପଡ଼ା ଗ୍ରାମ, ସମୟ: ସକାଳ ୬ଟା ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର

- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗୁଦଗୁଦା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।
- ଷୋଳ ସୁଆଙ୍ଗ ଦଣ୍ଡନୃତ୍ୟ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୧ଟା ।

## ନୂଆପଡ଼ା

- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ବାଦୀ ଗାଁ, ସମୟ: ସକାଳ ୭ଟା ୨୦ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ କୋଟ୍ରିବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା ୪୫ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଭାଗ୍ୟସ୍ଥାନରେ ରହିଥିବାରୁ ଯାହା ଚାହିଁବେ ତାହା ସୁବିଧାରେ ପ୍ରାପ୍ତ ହେବ । ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି କାର୍ଯ୍ୟକାରୀ କରିବା ପାଇଁ ମନ ବଳାଇପାରନ୍ତି । ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ । ଆନୁଷ୍ଠାନିକ କାର୍ଯ୍ୟ, ସଭାସମିତି, ବାଣିଜ୍ୟ ଓ ପରିବହନରେ ବିବାଦ ବଢ଼ିପାରେ ।

**ବୃଷ** ଦ୍ୱିତୀୟସ୍ଥ ବୃହସ୍ପତି ଯୋଗୁ କର୍ମାରମ୍ଭ, ଯାତ୍ରା, ପରିବହନ, ଅଦାଲତ ସମ୍ପର୍କିତ କ୍ଷେତ୍ର ଶୁଭପ୍ରଦ ରହିବ । ଆର୍ଥିକ ସ୍ଥିତି ଭଲ ରହିବା ସହ ଚେଷ୍ଟା କରୁଥିବା କାମରେ ସଫଳତା ପାଇପାରିବେ । ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ । କାର୍ଯ୍ୟବ୍ୟସ୍ତ ଯୋଗୁ ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ ।

**ମିଥୁନ** ଧନାଧିପ ଚନ୍ଦ୍ର ଦେବଗୁରୁଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରୁ କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଲାଭ କରିବେ । କିନ୍ତୁ ରାହୁ ଯୁକ୍ତ ବୁଧ କାରଣରୁ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ତର୍କ ବିତର୍କ ଲାଗିପାରେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ ।

**କର୍କଟ** ସପ୍ତମାଧିପତି ଭାଗ୍ୟସ୍ଥ ଯୋଗୁ ଇଚ୍ଛା ଓ ଅଭିଳାଷକୁ ପୂରଣ କରିବାରେ ସାହାଯ୍ୟ କରିବ । ଯାହା ମନରେ ଚିନ୍ତା କରୁଛନ୍ତି ତାହା ନିର୍ବିଘ୍ନରେ ହାସଲ କରିପାରିବେ । ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ ଅଥବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି । ଶିଳ୍ପ, ବାଣିଜ୍ୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ ।

**ସିଂହ** ଆଜି ସହଜ ଓ ସୁବିଧାରେ କାମ ହାସଲ ହୋଇପାରିବ ନାହିଁ । ଅର୍ଥପ୍ରାପ୍ତି, ବନ୍ଧୁସମ୍ପର୍କ ସ୍ଥାପିତ ହେବା ସହ ଯାତ୍ରାରେ ସହଜରେ ଅଭିଳଷିତ ଫଳ ପାଇବେ । ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟମାନେ ଦୂରେଇ ରହିପାରନ୍ତି । ଆଲୋଚନା ବ୍ୟତିରେକ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମାନସିକ ଅସ୍ଥିରତା ଲାଗିରହିବ ।

**କନ୍ୟା** ସ୍ୱସ୍ଥାନହନ୍ତା ବୃହସ୍ପତି କର୍ମଭାବସ୍ଥ ହେତୁ ଚେଷ୍ଟା କରୁଥିବା କାମରେ ସଫଳତା ମିଳିବା କଷ୍ଟକର ହେବ । ଅନ୍ୟ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ ସେମାନେ ସହଜରେ ଗ୍ରହଣ କରି ପାରିବେ ନାହିଁ । ଯାତ୍ରାକାଳୀନ ଆଘାତ ପ୍ରାପ୍ତି କିମ୍ବା ଧନହାନିର ସମ୍ଭାବନା ରହିଛି ।

**ତୁଳା** ହିତୈଷୀଙ୍କ ସାହାଯ୍ୟ ଲାଭ କରି ସ୍ଥଗିତ କାମକୁ ସମ୍ପନ୍ନ କରିବେ । ପ୍ରତିଟି କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ । କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ । ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ ।

**ବିଛା** କର୍ମାଧିପ କୋଣଭାବସ୍ଥ ଯୋଗୁ କର୍ମାରମ୍ଭ ସକାଶେ ସିଦ୍ଧାନ୍ତ ନେଇପାରନ୍ତି । ଅତୀତ ଘଟଣାପ୍ରବାହ ମନରେ ଆଲୋଡ଼ନ ସୃଷ୍ଟି କରିବ । କାଳେ ସାହାଯ୍ୟ କରିବାକୁ ବନ୍ଧୁ କହି ପାରନ୍ତି, ଏହି କଥା ମନରେ ଚିନ୍ତାକରି ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ । ତଥାପି ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିପାରେ ।

**ଧନୁ** ଉଚ୍ଚାରୋହୀ ରବିଙ୍କ ଆଶୀର୍ବାଦରୁ ନୂତନ ଯୋଜନା କାର୍ଯ୍ୟକାରୀ ପାଇଁ ପରିବାରରୁ ସହଯୋଗ ପାଇବେ । ଗୃହନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହେବେ । ବନ୍ଧୁଙ୍କ ସହ ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ । କଠିନ ଶ୍ରମ ଓ ଅତ୍ୟଧିକ ଭ୍ରମଣ କାରଣରୁ ସାମୟିକ ଭାବେ ଅପରାହ୍ନରେ ଅସୁସ୍ଥତା ଅନୁଭବ କରିପାରନ୍ତି ।

**ମକର** ରାଶ୍ୟାଧିପତି ତୃତୀୟସ୍ଥ ଯୋଗୁ ନୂତନ ମିତ୍ରତା ସୃଷ୍ଟି କରି ଆଶାକୁ ଚରିତାର୍ଥ କରାଇପାରନ୍ତି । କିନ୍ତୁ କେତେକ କ୍ଷେତ୍ରରେ ହାତପାଆନ୍ତାକୁ ସୁଯୋଗ ଆସିଥିବ କିନ୍ତୁ ନିଜ ଦୋଷରୁ ତାହା ହରାଇ ପାରନ୍ତି । ମନ ବୁଝିଲାଭଳି କଥା କହି ପଡ଼ୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ । ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ ।

**କୁମ୍ଭ** ପାରିବାରିକ ସ୍ଥିରତା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ କାମକୁ ଆଗକୁ ବଢ଼ାଇନେବ । ଖୋଜୁଥିବା ଜିନିଷ ନିକଟରେ ପାଇବା ସହ ଏଥିପାଇଁ ସାମୟିକ ଅସ୍ଥିରତା ମଧ୍ୟରେ ଗତି କରିବେ । କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ । ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ ।

**ମୀନ** ସନ୍ତାନଙ୍କ କାର୍ଯ୍ୟକଳାପକୁ କେନ୍ଦ୍ରକରି ପଡ଼ୋଶୀଙ୍କ ସହ କଳହ ଲାଗିପାରେ । କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିବ । ମାଙ୍ଗଳିକ ଉତ୍ସବ କିମ୍ବା ଆନୁଷ୍ଠାନିକ କାମରେ ଗୁରୁଦାୟିତ୍ୱ ବହନ କରି ପ୍ରସ୍ତୁତିପଥେ କର୍ମମୁଖର ରହିପାରନ୍ତି । ଶୁଣାକଥାକୁ ବିଶ୍ୱାସ ନ କରି ଏବଂ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ ।

ଆଜି ଏପ୍ରିଲ ୯ ତାରିଖ, ବୈଶାଖ କୃଷ୍ଣ ସପ୍ତମୀ ଗୁରୁବାର । ରାଶି ନକ୍ଷତ୍ର-ଦିବା ଘ. ୦୮/୪୮ ଗତେ ପୂର୍ବାଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଅଦ୍ୟ ସର୍ବବେଦୀ ବ୍ରତୋପନୟନା । ସକାଳ ଘ.୦୫।୩୭ ଗତେ ଘ.୦୭।୧୬ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୧ ଗତେ ଘ.୦୨।୫୩ ମଧ୍ୟେ ରାହୁ କାଳ ।

# ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାଣିତ ହୋଇଛି ବୁଢ଼ୀ**
**ଆସିବ କି ଆଉ ବଳ ବୟସ**
**ପିନ୍ଧିବି ମୁଁ ସୁନା ଚୁଡ଼ି।**

ପିଲାଦିନର ଚପଳତା ବୟସ ବଢ଼ିବା ସହ କମି କମି ଯାଇଥାଏ । ବୟସ ଯେତେ ଆଗକୁ ବଢ଼ିଥାଏ ପିଲାଦିନର ସ୍ମୃତି ମନକୁ ସେତେ ଆନ୍ଦୋଳିତ କରିଥାଏ । ବୃଦ୍ଧାର ପରିପକ୍ୱ ବୟସରେ ଯୌବନର ସ୍ମୃତିଚାରଣ କରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଜଗତି ଉପରେ ବସିଲେ କୁଆ**
**ଗରୁଡ଼ ବୋଲି କି ହୋଇବ କୁହା ?**
**ହଜାରେ ଗଧରେ ବାଛିଲେ ଭଲ**
**ହଜାରେ ନୁହନ୍ତି ଘୋଡ଼ାର ତୁଲ।**

କୁଆ ଓ ଗରୁଡ଼ ପକ୍ଷୀ ମଧ୍ୟରେ ଆକାଶ ପାତାଳ ଫରକ ରହିଥାଏ । ଗୁଣ, ପ୍ରକୃତି ତଥା ସଭାରେ ଗରୁଡ଼ପକ୍ଷୀ ଶ୍ରେଷ୍ଠ ବୋଲି ଜଣାଯାଇଥାଏ । ଗୁଣଧର୍ମ ନ ଥିବା ବ୍ୟକ୍ତିଜଣକ ଯେତେ ଉପରକୁ ବା ଉଚ୍ଚ ଆସନକୁ ଗଲେ ସୁଦ୍ଧା ସେ କେବେହେଲେ ଅସଲ ଗୁଣଧାରୀ ବ୍ୟକ୍ତିଙ୍କ ସଙ୍ଗେ ସମାନ ହୋଇପାରି ନ ଥାନ୍ତି । ହଜାରେ ଗଧ ମଧ୍ୟରୁ ବଛାଯାଇଥିବା ଗଧ ଯେମିତି ଗୋଟିଏ ଘୋଡ଼ା ସହ ସମକକ୍ଷ ହୋଇପାରି ନ ଥାଏ ସେମିତି ଗୁଣ ଓ ପ୍ରତିଭା ନଥିଲେ ବ୍ୟକ୍ତି ସମ୍ମାନ ଓ ପ୍ରତିଷ୍ଠା ପାଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଅବଶିଷ୍ଟାଂଶ

## ଇରାନ ମାନୁନି ...

ବୁଧବାର ସାନି ଆକ୍ରମଣର ରିପୋର୍ଟ ଆସିଛି । ଏଭଳି ଅନିଶ୍ଚିତତା ଭିତରେ ଯୁଦ୍ଧବିରତିର ସ୍ଥାୟିତ୍ୱ ଏକ ବଡ଼ ପ୍ରଶ୍ନ ପାଲଟିଛି । ଫେବୃଆରୀ ୨୮ରେ ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍ ଅତର୍କିତ ଏୟାର ଷ୍ଟ୍ରାଇକ୍ କରିଥିଲେ । ନିଜ ସୁପ୍ରିମ ଲିଡର, ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆରଜିସି) ମୁଖ୍ୟଙ୍କ ସମେତ ଅନେକ ନେତା ଓ ଅଧିକାରୀଙ୍କୁ ଯୁଦ୍ଧରେ ହରାଇଦେଇଥିବା ଇରାନ୍ ଶତ୍ରୁପକ୍ଷଙ୍କୁ ମୁହଁତୋଡ଼ ଜବାବ ଦେବାକୁ ପଛାଇ ନ ଥିଲା । ତେହରାନ୍ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନର ପ୍ରମୁଖ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ଅବରୋଧ କରିବାରୁ ଜାହାଜଗୁଡ଼ିକ ସେହି ଅଞ୍ଚଳରେ ଫସିରହିଲା । ଫଳରେ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ସୃଷ୍ଟି ହେଲା । ଇତିମଧ୍ୟରେ ଟ୍ରମ୍ପ୍ ଇରାନ୍‌କୁ ଅନେକ ଥର ଅସ୍ତ୍ରବିରତି, ଡିଲ୍ ଆଦିକୁ ନେଇ ମହଲତ ଦେଇଚାଲିଥିଲେ, ଯାହାକୁ ତେହରାନ୍ ପ୍ରତ୍ୟାଖ୍ୟାନ କରିଆସିଥିଲା । ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଶେଷ ମହଲତର ମିଆଦ ପୂରୁଥିଲା ମଙ୍ଗଳବାର ଇଷ୍ଟର୍ନ ଡେଲାଇଟ୍ ଟାଇମ୍ (ଆମେରିକା) ରାତି ୮ଟା ବା ଭାରତୀୟ ସମୟ ବୁଧବାର ଭୋର ୫ଟା ୩୦ ମିନିଟ୍‌ରେ । କିନ୍ତୁ ଏହାର ଦେଢ଼ଘଣ୍ଟା ପୂର୍ବରୁ ଟ୍ରମ୍ପ୍ ପଛଘୁଞ୍ଚା ଦେଇ ଇରାନ୍ ସହ ୨ ସପ୍ତାହର ଅସ୍ତ୍ରବିରତି ଘୋଷଣାକଲେ । ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି, ଆମେରିକା ଇରାନ୍‌ଠାରୁ ୧୦ ସୂତ୍ରୀ ପ୍ରସ୍ତାବ ଗ୍ରହଣ କରିଛି, ଯାହାକି କାର୍ଯ୍ୟକାରୀ ହୋଇପାରେ । ୨ ସପ୍ତାହର ସିଜ୍‌ଫାୟାର ଅବଧି ମଧ୍ୟରେ ସେଗୁଡ଼ିକ ଉପରେ ଆଲୋଚନା ହେବ । ଏପରି କରାଯିବା ପଛର କାରଣ ହେଉଛି ଆମେ ଉଭୟ ପକ୍ଷ ପରସ୍ପର ସହ ଆଲୋଚନା କରିଛୁ । ଆମେ ନିଜ ନିଜ ସମସ୍ତ ସାମରିକ ଲକ୍ଷ୍ୟ ହାସଲ କରିସାରିଛୁ । ତେଣୁ ଇରାନ୍ ଓ ମଧ୍ୟପ୍ରାଚ୍ୟ ସହ ଦୀର୍ଘକାଳୀନ ଶାନ୍ତି ପାଇଁ ଏକ ନିର୍ଣ୍ଣାୟକ ଚୁକ୍ତି କରିବାକୁ ଯାଉଛୁ । ଏଥିସହ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ସୟେଦ ଅବ୍ବାସ ଅରାଘଚି ଅସ୍ତ୍ରବିରତି ସୁନିଶ୍ଚିତ କରିଥିବା ନେଇ ବିବୃତ୍ତିକୁ ମଧ ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମରେ ଶେୟାର କରିଥିଲେ । ସେଥିରେ ଅରାଘଚି କହିଥିଲେ, ଯଦି ଇରାନ୍ ବିରୋଧରେ ଆକ୍ରମଣ ବନ୍ଦ ହେଉଛି ତେବେ ଆମ ଶକ୍ତିଶାଳୀ ସଶସ୍ତ୍ର ବଳ ନିଜ ପ୍ରତିରକ୍ଷାତ୍ମକ ଅପରେଶନ୍ ବନ୍ଦ କରିବ । ଇରାନୀୟ ସେନାର ସମନ୍ୱୟରେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଯାତାୟାତ ସମ୍ଭବ ହୋଇପାରିବ ।

ସେପଟେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ କହିଛନ୍ତି, ଯଦିଓ କେତେକ ସ୍ଥାନରେ ଆକ୍ରମଣ ଜାରି ରହିଥିବା କୁହାଯାଉଛି ତେବେ ତାହା ଡିଲ୍‌କୁ ଭଙ୍ଗ କରିବାରେ ସକ୍ଷମ ହୋଇ ନ ପାରେ । ଇରାନ୍ ଓ ଆମେରିକା ମଧ୍ୟରେ ଶାନ୍ତି ଚୁକ୍ତି ନେଇ ମଧ୍ୟସ୍ଥତା କରିଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ କହିଛନ୍ତି, ଇସ୍‌ଲାମାବାଦରେ ଆମେରିକା ସହ ଶାନ୍ତି ଆଲୋଚନାରେ ତେହରାନ୍ ସାମିଲ ହୋଇଥିବା ବିଷୟ ଇରାନୀୟ ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍ ନିଶ୍ଚିତ କରିଛନ୍ତି । ହର୍ମୁଜ୍ ପ୍ରଣାଳୀ ଖୋଲିବା ପାଇଁ ଉଭୟ ପକ୍ଷ ସହମତି ପ୍ରକାଶ କରିଛନ୍ତି ।

ଉଭୟ ଇରାନ୍ ଓ ଆମେରିକା ଅସ୍ତ୍ରବିରତିକୁ ନିଜ ନିଜ ବିଜୟ ବୋଲି ଅଭିହିତ କରିଛନ୍ତି । ଇରାନ୍ ଏହାକୁ ଟ୍ରମ୍ପଙ୍କ ଉପରେ ନିଜ ବିଜୟ ବୋଲି ଦାବି କରିଥିବାବେଳେ ତେହରାନ ସମେତ ଦେଶର ବିଭିନ୍ନ ଭାଗରେ ଇରାନୀୟମାନେ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି । ତେହରାନ୍‌ରେ ସରକାର ସପକ୍ଷବାଦୀମାନେ ନିଜ ଜାତୀୟ ପତାକା ଧରି ସ୍ଲୋଗାନ ଦେଇଛନ୍ତି, ଆମେରିକାର ମୃତ୍ୟୁ ଘଟୁ, ଇସ୍ରାଏଲ୍‌ର ମୃତ୍ୟୁ ଘଟୁ, ସାଲିସକର୍ତ୍ତାଙ୍କ ମୃତ୍ୟୁ ଘଟୁ! ଏପରି କି ଆମେରିକା ଓ ଇସ୍ରାଏଲ୍‌ର ପତାକା ମଧ ସେମାନେ ଜାଳୁଥିବାର ଭିଡିଓ ଗଣମାଧ୍ୟମରେ ପ୍ରସାରିତ ହୋଇଛି । ଯୁଦ୍ଧବିରତି ପ୍ରସ୍ତାବକୁ ଭାରତ, ବ୍ରିଟେନ୍, ରୁଷିଆ, ଚାଇନା ସମେତ ଅନେକ ଦେଶ ଓ ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନ ସ୍ୱାଗତ କରିଛନ୍ତି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ଏହି ୧୪ ଦିନିଆ ସିଜ୍‌ଫାୟାର ନାଗରିକଙ୍କ ଜୀବନ ରକ୍ଷା ଓ ମାନବୀୟ ଯନ୍ତ୍ରଣାକୁ ଉପଶମ କରିବ । ଆମେରିକା ଓ ଇରାନ୍‌ର ଅସ୍ତ୍ରବିରତି ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ତେବେ ଏସବୁ ଭିତରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କୁଏଟ୍ ଓ ବାହାରିନ୍‌ର କେତେକ ତୈଳ ଏବଂ ଶକ୍ତି ଭିତ୍ତିଭୂମି ଉପରେ ମିଶାଇଲ୍ ଆକ୍ରମଣ ହୋଇଛି । ଯୁଦ୍ଧବିରତି ସତ୍ତ୍ୱେ ଇସ୍ରାଏଲ୍ ଲେବାନନ୍ ଉପରେ ଆକ୍ରମଣ କରିଛି । ରାଜଧାନୀ ବିରୁଟ୍‌ର ଜନବହୁଳ ବ୍ୟବସାୟିକ ଓ ଆବାସିକ ଅଞ୍ଚଳରେ ବିନା କୌଣସି ଚେତାବନୀରେ ବୁଧବାର ଅପରାହ୍ନରେ ଇସ୍ରାଏଲ୍‌ର ଆକ୍ରମଣ ଲେବାନନ୍‌ବାସୀଙ୍କୁ ଚକିତ ଓ ଆତଙ୍କିତ କରିଛି । ଇସ୍ରାଏଲ୍ କହିଛି, ଇରାନ୍ ସହ ହୋଇଥିବା ଚୁକ୍ତି ଭିତରେ ଲେବାନନ୍ ଆସୁନାହିଁ । ଇରାନ୍ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲା ଉପରେ ଆକ୍ରମଣ ଜାରି ରହିବ । ହେଜ୍‌ବୋଲ୍ଲା ଉପରେ ଆକ୍ରମଣ ଜାରି ରହିଲେ ଏହି ସଙ୍ଗଠନ ମଧ ବିଭିନ୍ନ ତୈଳ ଜାହାଜକୁ ଆକ୍ରମଣ କରିବା ଆଶଙ୍କା ରହିଛି । ତେଣୁ ଯୁଦ୍ଧବିରତି କେତେ ସ୍ଥାୟୀ ହେବ ତାହା ସମୟ କହିବ । ଏହାକୁ ଦୃଷ୍ଟିରେ ରଖି ମଧ୍ୟପ୍ରାଚ୍ୟ ବିଶେଷକରି ଇରାନ୍‌ରେ ଫସିରହିଥିବା ଭାରତୀୟମାନଙ୍କୁ ନୂଆଦିଲ୍ଲୀ ସୁରକ୍ଷିତ ମାର୍ଗ ଦେଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ପରାମର୍ଶ ଦେଇଛି ।

## ୧୩୬୩ ଜୁନିଅର ...

ପାଇଁ ଆବଶ୍ୟକ ସଂରକ୍ଷଣ ନିମନ୍ତେ ଉକ୍ତ ଚିଠିରେ ଉଲ୍ଲେଖ ରହିଛି । ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ସହ ଆଲୋଚନା କରି ଏହି ନିଯୁକ୍ତି ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜସ୍ୱ ପ୍ରଶାସନର କ୍ଷମତା ବୃଦ୍ଧି ସହ ଜନସେବା ଆଭିମୁଖ୍ୟକୁ ଅଧିକ ସୁଦୂରପ୍ରସାରୀ କରିପାରିବ ବୋଲି ବିଭାଗ ଆଶା ରଖିଛି ।

## ସମୟ ଲାଗୁ ପଛେ ...

ଅନୁସାରେ ଏହି କାମ ସମ୍ପାଦିତ ହେବ । ପର୍ବଦିନଗୁଡ଼ିକ ଗଣତିମଣତି ହୋଇପାରିବ ନାହିଁ । ଯେଉଁଦିନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ରହିବ, ସେଦିନ ଗଣତିମଣତି ସ୍ଥଗିତ ରଖାଯିବ । ପୂର୍ବ ନିଷ୍ପତ୍ତି ଅନୁଯାୟୀ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ହୋଇଥିଲା । ଗଣତି ପାଇଁ ପ୍ରାଧିକୃତ ସଦସ୍ୟମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷଠାରେ ଧାର୍ଯ୍ୟ ସମୟରେ ପହଞ୍ଚିଥିଲେ । ପ୍ରାଧିକୃତ ସଦସ୍ୟମାନେ ରତ୍ନଭଣ୍ଡାର ସମ୍ପର୍କିତ ତଥ୍ୟର ଗୋପନୀୟତା ରକ୍ଷା ପାଇଁ ଘୋଷଣାନାମା ଦେବାପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ ନାୟକ, ରତ୍ନଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧୦ଟା ୩୦ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ । ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରିଥିଲେ । ଶୃଙ୍ଖଳାର ସହ ସମ୍ପାଦନ ପାଇଁ ଆଶିଷ ନେବାକୁ ମୁଖ୍ୟ ପ୍ରଶାସକ ସମସ୍ତ ସହଯୋଗୀ ସଦସ୍ୟବୃନ୍ଦଙ୍କ ସହ ମା' ବିମଳା, ମା' ଭୁବନେଶ୍ୱରୀ, ମା' ବେଢ଼ା କାଳୀ ଓ ଶେଷରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ କରି ଆଶିଷ ନେଇଥିଲେ । ପରେ ବେହରଣ ଦ୍ୱାର ନିକଟରେ ସୁରକ୍ଷା ଦୃଷ୍ଟିରୁ ସ୍ଥାପିତ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ପୂର୍ବକ ଗଣତି ପ୍ରକ୍ରିୟାରେ ସାମିଲ୍ ସଦସ୍ୟମାନେ ଭିତରକୁ ପ୍ରବେଶ କରିଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟା ୫୫ରେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା । ବାହାର ରତ୍ନଭଣ୍ଡାରରୁ ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିର ଗଣତି ପ୍ରକ୍ରିୟାରେ ସାମିଲ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନମାପ ଅଧିକାରୀ ସଦସ୍ୟବୃନ୍ଦଙ୍କ ଯାଞ୍ଚ ପୂର୍ବକ ଠିକ୍ ଢଙ୍ଗରେ ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି ସହ ଇ-କାଟାଲଗ୍ କରାଯାଇଥିଲା । ଆଜିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦ୍ୱାର ବନ୍ଦ କରାଯାଇ ମୁଦ ଦିଆଯାଇଥିଲା । ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଛି । ସମସ୍ତ ନିୟମ ପାଳନ ପୂର୍ବକ ଆଜିର ଗଣତି ପ୍ରକ୍ରିୟା ନିର୍ବିଘ୍ନରେ ଶେଷ ହୋଇଥିବାରୁ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତଙ୍କର ଅକୁଣ୍ଠିତ ସହଯୋଗ ପାଇଁ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଗିରଫ ଭୟରେ...

ଅଞ୍ଚଳବାସୀ ମୁହାଁମୁହିଁ ହୋଇଥିଲେ । ପୋଲିସ ଦମନରେ ୫୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଗୁରୁତର ଆହତ ହୋଇଥିବାବେଳେ ଆନ୍ଦୋଳନକାରୀଙ୍କ ଟେକାପଥର ମାଡ଼ରେ ପ୍ରାୟ ୭ଜଣ ବରିଷ୍ଠ ଅଧିକାରୀଙ୍କ ସହ ମୋଟ ୫୮ଜଣ ପୋଲିସ କର୍ମୀ ଆହତ ହୋଇଥିଲେ । ତେବେ ପୋଲିସ ଦ୍ୱାରା ଗିରଫ ଭୟରେ କେହି ଚିକିତ୍ସା ପାଇଁ ଯାଇପାରୁ ନ ଥିବା ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା ପ୍ରକାଶ କରିଛନ୍ତି । ଅପରପକ୍ଷରେ ୫୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଆହତ ହେବା ଘଟଣାକୁ ଏସ୍‌ପି ସ୍ୱାଥି ଏସ୍.କୁମାର ଖଣ୍ଡନ କରିଛନ୍ତି । କଣ୍ଟାମାଳ ଗ୍ରାମର ସୁବାସ ସିଂ ମାଝୀଙ୍କ ନାମରେ ଏକ ମାମଲାରେ ଗିରଫଦାରି ପରୱାନା ରହିଥିଲା । ତେଣୁ ତାଙ୍କୁ ଧରିବା ପାଇଁ ପୋଲିସ କଣ୍ଟାମାଳ ଯାଇଥିବାବେଳେ ଅଞ୍ଚଳବାସୀ ପୋଲିସକୁ ଚାରିପଟୁ ଘେରି ଆକ୍ରମଣ କରିଥିଲେ ବୋଲି ସେ କହିଛନ୍ତି, ଯେଉଁଥିରେ ଅନେକ ପୋଲିସ କର୍ମୀ ଆହତ ହୋଇଛନ୍ତି ।

## ତେଲ ପ୍ରେସର କମ୍ ..

ମାଇଲ ଦୂରରେ ପାଇଲଟ ଏହି ତ୍ରୁଟି ଜାଣିବାକୁ ପାଇଥିଲେ ଏବଂ ସ୍ଥିତି ଜରୁରୀକାଳୀନ ଜାଣି କୋଲକାତା ଏଟିସି ଅଧୀନରେ ଥିବା ରାଉରକେଲା ଏଟିସିକୁ ସୂଚନା ଦେଇଥିଲେ । ନଦୀ ପଠାରେ ଅବତରଣ ପ୍ରୟାସ ସମ୍ଭବ ନ ହେବାରୁ ଜଳଦାର ଏକ ପଡ଼ିଆରେ ବିମାନକୁ ଅବତରଣ କରାଯାଇଥିଲା । ଉକ୍ତ ବିମାନରେ ୪ ଜଣ ଯାତ୍ରୀ ଓ ୨ ଜଣ ପାଇଲଟ ଥିଲେ । ଦୁର୍ଘଟଣା ପରେ ଆହତମାନଙ୍କୁ ଜେପି ଓ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୁକାନ୍ତ ବିଶ୍ୱାଳ ନାମକ ଜଣେ ଯାତ୍ରୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଦୁର୍ଘଟଣାଗ୍ରସ୍ତ ବିମାନକୁ ଯାଞ୍ଚ କରିବା ପାଇଁ ତଦନ୍ତକାରୀ ଟିମ୍ ରାଉରକେଲା ଆସିଥିଲେ । ଯାଞ୍ଚ ପରେ ଏହାକୁ ଖଣ୍ଡ ଖଣ୍ଡ କରି ରାଉରକେଲାରୁ ସ୍ଥାନାନ୍ତର କରାଯାଇଥିଲା ।

# ଅବଶିଷ୍ଟାଂଶ

## ୧୦ରେ ରାଜ୍ୟ ...

ପହଞ୍ଚାଇବା ଏବଂ ଏହାର ରକ୍ଷଣାବେକ୍ଷଣ ଲାଗି ସରକାର ନୂତନ ନୀତି ଆଣିବାକୁ ପ୍ରସ୍ତାବ ରଖିଛନ୍ତି । ଏହାକୁ ଉକ୍ତ ବୈଠକରେ ଅନୁମୋଦନ ମିଳିବା ନେଇ ବିଭାଗ ଆଶାବାଦୀ ରହିଛି । ସେହିପରି ନିର୍ମାଣ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସେତୁର ଟେଣ୍ଡର ପ୍ରସ୍ତାବ ମଧ ଆସିବାକୁ ରହିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଇତିମଧ୍ୟରେ ୩୭ଟି କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇସାରିଛି । ସେଥିମଧ୍ୟରେ ମହିଳାଙ୍କୁ ସଶକ୍ତୀକରଣ ଲାଗି 'ସୁଭଦ୍ରା'ଠାରୁ ଆରମ୍ଭକରି ଚାଷୀଙ୍କ ପାଇଁ ଇନ୍‌ପୁଟ୍ ସବ୍‌ସିଡି, ୮୦ ବର୍ଷରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟମାନଙ୍କ ଲାଗି ୩,୫୦୦ଟଙ୍କାର ଭତ୍ତା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏହାସହ ନିକଟରେ ଅନ୍ନପୂର୍ଣ୍ଣା ଯୋଜନା ସହିତ ଏସ୍‌ଟି/ଏସ୍‌ସି ଛାତ୍ରୀଛାତ୍ରଙ୍କୁ ଡାକ୍ତରୀ ଓ ଅନ୍ୟାନ୍ୟ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମ ଲେଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।




# ନାଲ୍‌କୋ ସିପିପିରେ ଫ୍ଲାଶ୍ ଓଭର, ୫ ଗୁରୁତର

## ବିଦ୍ୟୁତ୍‌ଜନିତ ମରାମତି ବେଳେ ଦୁର୍ଘଟଣା

ବଣ୍ଡଁରପାଳ,୮।୪ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ (ସିପିପି)ରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍‌ଜନିତ ମରାମତି କାର୍ଯ୍ୟବେଳେ ଫ୍ଲାଶ ଓଭର ଘଟିବାରୁ ଏଥିରେ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଟେକ୍ନିକାଲ ଅଫିସର ସୁଶାନ୍ତ କୁମାର ସାମଲ, ଅନିଲ ଗଡ଼ନାୟକ, ସୌଭାଗ୍ୟ ବଳ, କର୍ମଚାରୀ ଗଜେନ୍ଦ୍ର ଛତ୍ରିଆ ଓ ଠିକା କର୍ମଚାରୀ ମନୋଜ ପ୍ରଧାନ। ଉଦ୍ଧାର ପରେ ସମସ୍ତଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକର ଏକ ଘରୋଇ ମେଡିକାଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ନାଲ୍‌କୋ ସିପିପିର ଇଏସ୍‌ପି ସ୍ୱିଚଗିୟାର ଏରିଆରେ ରାତି ପ୍ରାୟ ୧୨ଟାରେ ହଠାତ ବିଦ୍ୟୁତ୍‌ଜନିତ ତ୍ରୁଟି ଦେଖାଦେଇଥିଲା। ପାୱାର ଫେଲ୍ ହେବାରୁ ସମଗ୍ର ୟୁନିଟ୍‌ରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ସ୍ଥିତିର ସମାଧାନ ପାଇଁ ଅଭିଜ୍ଞ ଠିକା କର୍ମଚାରୀ ମନୋଜଙ୍କୁ ଡକାଯାଇଥିଲା। ଟେକ୍ନିକାଲ ଟିମ୍ ଦ୍ୱାରା ଇଏସ୍‌ପି ପାୱାର ସିଷ୍ଟମରେ ମଡ୍ୟୁଲାର ପରିବର୍ତ୍ତନ କାମ କରାଯାଉଥିଲା। ଏହି ସମୟରେ ଫ୍ଲାଶ୍ ଓଭର୍ ହେବାରୁ ସେଠାରେ ଉପସ୍ଥିତ ୫ ଜଣ କର୍ମଚାରୀ ଓ ଠିକା କର୍ମଚାରୀ ପୋଡ଼ିଯାଇ ଗୁରୁତର ହୋଇଥିଲେ। ସହକର୍ମୀମାନେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ନାଲ୍‌କୋ ଡାକ୍ତରଖାନା ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଦୁର୍ଘଟଣା ପରେ ପ୍ଲାଣ୍ଟ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାବେଳେ ତଦନ୍ତ ଆରମ୍ଭ ହୋଇଛି। ପ୍ରାରମ୍ଭିକ ତଦନ୍ତରୁ ଟେକ୍ନିକାଲ ତ୍ରୁଟି କିମ୍ବା ହାଇଭୋଲଟେଜ କାରଣରୁ ଏପରି ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ନାଲ୍‌କୋ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ଦୁର୍ଘଟଣା ସମ୍ପର୍କରେ ମତାମତ ମିଳିପାରି ନାହିଁ।


ଜଣେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

# ବଢ଼ିଛି ବିଦ୍ୟୁତ୍ ଓ ଭୂ-ରାଜସ୍ୱ ; କମିଛି ନିଜସ୍ୱ ଟିକସ

ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ବଜେଟରେ ଯେତିକି ପରିମାଣର ରାଜସ୍ୱ ନିଜସ୍ୱ ଟିକସ କ୍ଷେତ୍ରରୁ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା, ତାହା ଆଶାନୁରୂପ ହୋଇପାରିନାହିଁ। ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସରକାର ନିଜସ୍ୱ ଟିକସ କ୍ଷେତ୍ରରୁ କେବଳ ବିଦ୍ୟୁତ୍ ଏବଂ ଭୂ-ରାଜସ୍ୱରେ ଆଶାଠାରୁ ଅଧିକ ରାଜସ୍ୱ ପାଇଥିବାବେଳେ ଅବକାରୀ, ବାଣିଜ୍ୟ, ଭ୍ୟାଲୁ ଆଡେଡ୍ ଟାକ୍ସ(ଭାଟ୍), ମୋଟର ଭେଇକିଲ, ଆଇଜିଏସ୍‌ଟି ଭଳି କ୍ଷେତ୍ରରୁ କମ୍ ପରିମାଣର ରାଜସ୍ୱ ମିଳିଛି ବୋଲି ଏପ୍ରିଲ ୪ରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଜଣାପଡ଼ିଛି।

ବୈଠକର ତଥ୍ୟ ଅନୁଯାୟୀ, ରାଜ୍ୟ ସରକାର ୨୦୨୪-୨୫ ବର୍ଷରେ ନିଜସ୍ୱ ଟିକସ ବାବଦକୁ ୬୦ ହଜାର କୋଟି ଟଙ୍କାର ରାଜସ୍ୱ ପାଇବାକୁ ଆଶା ବାନ୍ଧିଥିଲେ। ଏହାକୁ ନେଇ ମଧ୍ୟ ବଜେଟ ପ୍ରସ୍ତୁତ ହୋଇଥିଲା। ହେଲେ ଉକ୍ତ ବର୍ଷ ୫୬ ହଜାର ୫୧୫.୮୫ କୋଟି ଟଙ୍କା ସରକାରଙ୍କୁ ନିଜସ୍ୱ ଟିକସ କ୍ଷେତ୍ରରୁ ମିଳିଥିଲା। ଏହାକୁ ନେଇ ୨୦୨୫-୨୬ରେ ସରକାରଙ୍କ ପକ୍ଷରୁ ୬୬ ହଜାର କୋଟି ଟଙ୍କା ଏହି ଉତ୍ସରୁ ପାଇବାକୁ ଲକ୍ଷ୍ୟ ରହିଥିବାବେଳେ ମାର୍ଚ୍ଚ ଶେଷ ସୁଦ୍ଧା ୫୬ ହଜାର ୮୨୦.୬୫ କୋଟି ଟଙ୍କା ମିଳିଛି। ତେବେ ନିଜସ୍ୱ ରାଜସ୍ୱ କ୍ଷେତ୍ର ମଧ୍ୟରେ ବିଦ୍ୟୁତ୍ ଓ ଭୂ-ରାଜସ୍ୱ ଆଶାନୁରୂପ ହୋଇଛି।

୨୦୨୫-୨୬ ବର୍ଷରେ ଭୂ-ରାଜସ୍ୱ ଉତ୍ସରୁ ସରକାର ୩୫୯୦.୩୬ କୋଟି ପାଇବାକୁ ଲକ୍ଷ୍ୟ ରଖିଥିବାବେଳେ ୩ ହଜାର ୯୬୩.୬୧ କୋଟି ଟଙ୍କା ମିଳିଛି, ଯାହାକି ୨୦୨୫ ବର୍ଷ ତୁଳନାରେ ୪୩.୦୧% ଅଧିକ। ସେହିପରି ବିଦ୍ୟୁତ୍ କ୍ଷେତ୍ରରୁ ଗତବର୍ଷ ୪ ହଜାର ୬୩୪.୬୮ କୋଟି ଟଙ୍କା ପାଇବାକୁ ଲକ୍ଷ୍ୟ ରହିଥିବାବେଳେ ବିଭାଗ ପକ୍ଷରୁ ୪ ହଜାର ୭୦୯.୬୬ କୋଟି ଟଙ୍କା ସଂଗ୍ରହ କରାଯାଇଛି। ମାତ୍ର ଅନ୍ୟାନ୍ୟ ଉତ୍ସ ମଧ୍ୟରେ ଅବକାରୀ, ବାଣିଜ୍ୟ ଟିକସ, ଭାଟ୍, ଏସ୍‌ଜିଏସ୍‌ଟି, ଆଇଜିଏସ୍‌ଟି, ଯାନବାହନ ରାଜସ୍ୱ ଆଶାନୁରୂପ ହୋଇପାରିନାହିଁ। ଅବକାରୀ କ୍ଷେତ୍ରରେ ୯ ହଜାର ୭୫୩.୬୨ କୋଟି ମଧ୍ୟରୁ ୮ ହଜାର ୮୧୭.୨୭ କୋଟି ଟଙ୍କା ମିଳିଥିବାବେଳେ ଭାଟ୍‌ରୁ ୧୫ ହଜାର ୯୬୯.୮୮ କୋଟିରୁ ୧୩ ହଜାର ୫୧୮.୪୯ କୋଟି ମିଳିଛି। ଏହାବାଦ୍ ରାଜ୍ୟ ଦ୍ରବ୍ୟ ସେବାକର(ଏସ୍‌ଜିଏସ୍‌ଟି) ଏବଂ ଆଇଜିଏସ୍‌ଟି ଏବଂ ଅନ୍ୟାନ୍ୟ କ୍ଷେତ୍ରରୁ ଅବଶିଷ୍ଟ ରାଜସ୍ୱ ମିଳିଛି।

ଏହି ପରିପ୍ରେକ୍ଷୀରେ ଅଣଟିକସ ଉତ୍ସରୁ ସରକାର ଲକ୍ଷ୍ୟଧାର୍ଯ୍ୟ ପାଖାପାଖି ଛୁଇଁଛନ୍ତି। ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୬୦ ହଜାର କୋଟି ପାଇବାକୁ ଥିବାବେଳେ ୫୯ ହଜାର ୬୦୫.୩୯ କୋଟି ଟଙ୍କା ମାର୍ଚ୍ଚ ଶେଷସୁଦ୍ଧା ମିଳିଛି। ରାଜ୍ୟ ସରକାର ଡିଭିଡେଣ୍ଡ(ଲାଭାଂଶ)ରୁ ଅଧିକ ରାଜସ୍ୱ ପାଇଛନ୍ତି। ସରକାର ଏହି ଉତ୍ସରୁ ୩ ହଜାର ୩୦୦ କୋଟି ପାଇବାକୁ ଲକ୍ଷ୍ୟ ରଖିଥିବାବେଳେ ପାଇଛନ୍ତି ୭ ହଜାର ୪୩.୨୫ କୋଟି ଟଙ୍କା। ମାତ୍ର ଖଣିଜ ଉତ୍ସରୁ ୪୭ ହଜାର ୪୬୭.୯୩ କୋଟି ମଧ୍ୟରୁ ୪୫ ହଜାର ୨୬.୨୩ କୋଟି ଟଙ୍କା ପାଇଥିବାବେଳେ କୋଇଲା ଉତ୍ସରୁ ୨,୭୫୭.୬୫ କୋଟିରୁ ୧୩୬୯.୫୭ କୋଟି, ସୁଧ ବାବଦକୁ ୧୭୦୬.୪୦ କୋଟିରୁ ୮୭୩.୬୦ କୋଟି ଟଙ୍କା ପାଇଛନ୍ତି। ଅନ୍ୟାନ୍ୟ ଉତ୍ସରୁ ୪ ହଜାର ୭୬୮ କୋଟି ଟଙ୍କା ପାଇବାକୁ ଆଶା ବାନ୍ଧିଥିବାବେଳେ ୫ ହଜାର ୨୯୨.୯୪ କୋଟି ଟଙ୍କା ସରକାର ପାଇଥିବା ତଥ୍ୟରୁ ଜଣାଯାଇଛି।

# ୧୦ରେ ନୂଆଦିଲ୍ଲୀ ଗସ୍ତ କରିବେ ନବୀନ



ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ନୂଆଦିଲ୍ଲୀ ଗସ୍ତରେ ଯିବେ। ତାଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କ ମଙ୍ଗଳବାର ଏକ ଗୁରୁତ୍ତର ହାର୍ଟ ସର୍ଜରୀ ହୋଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିବା ଲାଗି ନବୀନ ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନବୀନ କେତେଦିନ ଲାଗି ଗସ୍ତ କରୁଛନ୍ତି ସେନେଇ କିଛି ସୂଚନା ଦିଆଯାଇନାହିଁ।

# ୨୭ ସୁଦ୍ଧା ସବୁ ପିଲାଙ୍କୁ ମିଳିବ ସ୍କୁଲ ୟୁନିଫର୍ମ

## ଗାଇଡ୍‌ଲାଇନ୍ ଜାରି, ଡିଇଓଙ୍କୁ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ଚଳିତ ଶିକ୍ଷାବର୍ଷ ପାଇଁ ପିଲାଙ୍କୁ ଶୀଘ୍ର ସ୍କୁଲ ୟୁନିଫର୍ମ ପୋଷାକ ବଣ୍ଟନ କରାଯିବ। ଆସନ୍ତା ୨୭ ତାରିଖ କିମ୍ବା ଖରାଛୁଟି ହେବା ପୂର୍ବରୁ ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ପୋଷାକ ବଣ୍ଟନ ପ୍ରକ୍ରିୟା ସାରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶ ବୁଧବାର ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବା ସହ ଠିକ୍ ସମୟରେ କାର୍ଯ୍ୟାନ୍ୱୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପୋଷାକ ବଣ୍ଟନ ପାଇଁ କୌଣସି ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ଚୟନ କରାଯିବ ନାହିଁ। ପୂର୍ବ ଶିକ୍ଷାବର୍ଷରେ ପୋଷାକ ଯୋଗାଇଥିବା ସଂସ୍ଥା ଚଳିତ ବର୍ଷ ମଧ୍ୟ ପୋଷାକ ଯୋଗାଇବେ। କଳା ତାଲିକାଭୁକ୍ତ ହୋଇଥିବା ସଂସ୍ଥାକୁ ବିଚାରକୁ ନିଆଯିବ ନାହିଁ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ବସି ପୋଷାକ ବିତରଣ ପାଇଁ ପ୍ରସ୍ତୁତି କରିବେ। ଆସନ୍ତା ୧୦ ତାରିଖ ସୁଦ୍ଧା ଛାତ୍ରୀଛାତ୍ରଙ୍କ ତଥ୍ୟ ବିଦ୍ୟାଳୟଗୁଡ଼ିକ ଦାଖଲ କରିବେ। ୧୨ ତାରିଖ ମଧ୍ୟରେ ଯାଞ୍ଚ ସହ ପୂର୍ବରୁ ମନୋନୀତ ସଂସ୍ଥାକୁ ପୋଷାକ ଯୋଗାଇବାକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ଆସନ୍ତା ୨୭ ତାରିଖ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ସୁନିଶ୍ଚିତ କରାଯିବ। ପୋଷାକ ମାନ ଯାଞ୍ଚ କରିବା ସହ ସମସ୍ତ ଅଭିଯୋଗକୁ ୩୦ ତାରିଖ ମଧ୍ୟରେ ସମାଧାନ କରି ମେ ୨ ସୁଦ୍ଧା ଓସେପାକୁ ରିପୋର୍ଟ ପ୍ରଦାନ କରିବେ। ଏହି ସମୟ ଅବଧିର ଯେପରି ଖିଲାପ ନ ହୁଏ, ସେଥିପାଇଁ କଡ଼ା ତାଗିଦ କରାଯାଇଛି। ଠିକ୍ ସମୟରେ ପୋଷାକ ବଣ୍ଟନ ପାଇଁ ଡିଇଓମାନେ ନିୟମିତ ପ୍ରକ୍ରିୟାର ସମୀକ୍ଷା କରିବେ। ବ୍ଲକ୍ ଶିକ୍ଷା ଅଧିକାରୀମାନେ ପ୍ରତିଦିନ କାର୍ଯ୍ୟାନ୍ୱୟନ ସମ୍ପର୍କିତ ତଥ୍ୟ ଡିଇଓଙ୍କୁ ପ୍ରଦାନ କରିବେ ବୋଲି ଗାଇଡ୍‌ଲାଇନ୍‌ରେ କଡ଼ା ନିର୍ଦ୍ଦେଶ ରହିଛି।

# ଶୋଇଥିବା ଅବସ୍ଥାରେ ଗଛ ପଡ଼ି ଯବାନ ମୃତ

ବଣାଇଁ, ୮।୪(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଂଲଗ୍ନ ଜରେଇକେଲା ଥାନା ଅଞ୍ଚଳର ବାବୁଡେରା ସିଆର୍‌ପିଏଫ୍ କ୍ୟାମ୍ପରେ ମଙ୍ଗଳବାର ରାତିରେ ବିଶ୍ରାମ ନେବା ସମୟରେ ଏକ ଗଛ ପଡ଼ିଯିବାରୁ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ମୃତ ଯବାନ ହେଲେ କୋବ୍ରା ୨୧୦ ନମ୍ବର ବାଟାଲିୟନର କନ୍‌ଷ୍ଟେବଲ ରାକେଶ କୁମାର। ସ୍ଥାନୀୟ ପ୍ରଶାସନ ଏବଂ ଅନ୍ୟାନ୍ୟ ଅଧିକାରୀ ଘଟଣାର ତଦନ୍ତ କରିବା ସହ ଆଗାମୀ ଦିନରେ ଏପରି ଘଟଣା ଯେମିତି ନ ଘଟେ ସେଥିପାଇଁ କ୍ୟାମ୍ପର ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାକେଶ ମଙ୍ଗଳବାର ରାତିରେ କ୍ୟାମ୍ପରେ ଶୋଇଥିଲେ। ଏହି ସମୟରେ ହଠାତ୍ ଏକ ଗଛ ଭାଙ୍ଗିପଡ଼ିବାରୁ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଏହା ଦେଖି ତାଙ୍କ ସହକର୍ମୀମାନେ ରାକେଶଙ୍କୁ ରାଞ୍ଚିର ଏକ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସାଥୀ ଯବାନମାନେ ରାକେଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଏହା ସମସ୍ତ ସୁରକ୍ଷା ବଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି।


ରାକେଶ କୁମାର

# ପବନ ସହ କୁଆପଥର ବର୍ଷା

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

କଟକ, ନୟାଗଡ଼, ଖୋର୍ଦ୍ଧା ସମେତ ରାଜ୍ୟର ବିଭିନ୍ନ ଜିଲାରେ ବୁଧବାର ପ୍ରବଳ ବର୍ଷା ପବନ ସହ କୁଆପଥର ମାଡ଼ ହୋଇଥିଲା। ୫୦ରୁ ୬୦ କିମି ବେଗରେ ପବନ ବହିବା ସହ ବିଭିନ୍ନ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଗୁରୁବାର ମଧ୍ୟ ବିଭିନ୍ନ ଜିଲାକୁ କାଳବୈଶାଖୀ ଭୟ ରହିଛି। କୁଆପଥର ବର୍ଷା ସହ ଝଡ଼ପବନ ପାଇଁ ୫ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଆଦି ରହିଛି। କଟକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେନ୍ଦ୍ରପଡ଼ା, ଜଗତ୍‌ସିଂପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାର ବିଭିନ୍ନ ସ୍ଥାନକୁ ୟେଲୋ ୱାର୍ନିଂ ରହିଛି। ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଲାଗି ରହିବ ଓ ପରବର୍ତ୍ତୀ ୩ଦିନ ଖରା ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ କଳବଲ କରିବ ବୋଲି ସୂଚନା ଦେଇଛି ପାଣିପାଗ କେନ୍ଦ୍ର।

# ପୋଷ୍ଟ-ମାଟ୍ରିକ୍ ସ୍କଲାରଶିପ ପାଇଁ ଶେଷ ପରୀକ୍ଷାରେ ୫୦% ମାର୍କ ଆବଶ୍ୟକ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ପୋଷ୍ଟ-ମାଟ୍ରିକ୍ ସ୍କଲାରଶିପ ପାଇବା ପାଇଁ ଶେଷ ପରୀକ୍ଷାରେ ଅତିକମ୍‌ରେ ୫୦% ମାର୍କ ରହିଥିବା ଆବଶ୍ୟକ। ଏନେଇ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯଦି କୌଣସି ପିଲା ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ୫୦% ଠାରୁ କମ୍ ନମ୍ବର ପାଇଥିବେ, ସେ ତୃତୀୟ ବର୍ଷରେ ସ୍କଲାରଶିପ ପାଇଁ ଯୋଗ୍ୟ ହେବେ ନାହିଁ। ପୂର୍ବରୁ ସେ ଯୁକ୍ତ୨ ପରୀକ୍ଷାରେ ୫୦%ରୁ ଅଧିକ ନମ୍ବର ପାଇଥିଲେ ମଧ୍ୟ ଯୋଗ୍ୟ ବିବେଚିତ ହେବେନାହିଁ। ପୂର୍ବରୁ ପ୍ରଚଳିତ ଏହି ନିୟମକୁ ବଳବତ୍ତର ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ନିୟମକୁ କଡାକଡି ପାଳନ କରିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସରକାରଙ୍କ ଲକ୍ଷ୍ୟ 'ଜିରୋ କନେକ୍ଟିଭିଟ୍' : ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)

ଓଡ଼ିଶାର ପ୍ରତ୍ୟେକ ପଡ଼ାକୁ ଗାଁ ସହିତ ଏବଂ ଗାଁକୁ ସହର ସହ ଯୋଡ଼ାଯିବ। ଗ୍ରାମାଞ୍ଚଳ ଲୋକେ ଯେପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ତାହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ 'ଜିରୋ କନେକ୍ଟିଭିଟ୍' ଲକ୍ଷ୍ୟ ରଖାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି।

ଲୋକସେବା ଭବନରେ ବୁଧବାର ନିଜସ୍ୱ ପ୍ରକୋଷ୍ଠରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୫ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବାକୁ ଲକ୍ଷ୍ୟ ରହିଥିଲା। ହେଲେ ବିଭାଗ ପକ୍ଷରୁ ୫,୨୧୧ କି.ମି.ର ରାସ୍ତା ନିର୍ମାଣ ସରିଛି, ଯାହାକି ଲକ୍ଷ୍ୟଧାର୍ଯ୍ୟଠାରୁ ପ୍ରାୟ ୫ପ୍ରତିଶତ ଅଧିକ ନିର୍ମାଣ ହୋଇଛି। ସେହିପରି ୬୫୮ କିଲୋମିଟର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ମଧ୍ୟରୁ ୬୩୭.୭୮ କି.ମି. ନିର୍ମାଣ ସରିଛି। ୪୫ ସେତୁ ମଧ୍ୟରୁ ୪୪ଟିର ନିର୍ମାଣକାର୍ଯ୍ୟ ଶେଷ ହୋଇଥିବାବେଳେ ଆଉ ଗୋଟିଏର କାମ ଚାଲିଛି। ତେବେ ରାସ୍ତା ସଂଯୋଗ ନ ଥିବା ଅଞ୍ଚଳରେ ୩୧୮ କି.ମି. ସଡ଼କ ନିର୍ମାଣ ହୋଇଥିବାବେଳେ ୨୬୩.୬୬ କି.ମି. ରାସ୍ତାକୁ ଅନୁମୋଦନ ଦିଆଯାଇଛି। ଏ ବାବଦରେ ୧୭୭ କୋଟି ଟଙ୍କା ବିନିଯୋଗ ହୋଇଛି। ଅନ୍ୟପକ୍ଷରେ ସ୍ୱତନ୍ତ୍ର ପ୍ରଭାବିତ ଆଦିବାସୀ ଅଞ୍ଚଳରେ ୧୧୧ କି.ମି. ରାସ୍ତାକାମ ଶେଷ ହୋଇଛି।

ସେହିପରି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୩ ହଜାର ୪୪୯,୯୬ କୋଟିଟଙ୍କା ବ୍ୟୟବରାଦ ହୋଇଥିବାବେଳେ ସେଥିମଧ୍ୟରୁ ୩,୪୪୦.୪୧ କୋଟି ଟଙ୍କା ମିଳିଛି, ଯାହାକି ୯୯.୭୨ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ବିଭାଗ ସକ୍ଷମ ହୋଇଛି। ୨୦୨୪-୨୫ ବର୍ଷରେ ବିଭାଗ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪ହଜାର ୮୪ କି.ମି. ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିଲା ଏବଂ ସେଥିରୁ ୪,୫୦୦ କିମି ଶେଷ କରିଛି।

ମନ୍ତ୍ରୀ ପୁଣି କହିଛନ୍ତି, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ୩୦୧୮.୭୯ କିଲୋମିଟର କାମ ସହ ୫୫ଟି ରାସ୍ତାକାମ ଶେଷ ହୋଇଛି। ସେତୁବନ୍ଧ ଯୋଜନାରେ ୭୫ ହଜାର କିଲୋମିଟର ରାସ୍ତା ତିଆରି କରିବୁ। ୫ ହଜାର ସେତୁ ନିର୍ମାଣ ହେବ। ମୋ ବିଭାଗରେ ୫୦୦ ସେତୁ ନିର୍ମାଣ ପାଇଁ ଦାୟିତ୍ୱ ମିଳିଥିଲା, ସେଥିରୁ ୨୯୪ଟି ବ୍ରିଜ୍ ଶେଷ ହୋଇଛି। ଏହାଛଡ଼ା ୩୭୪ ନୂଆ ବ୍ରିଜ୍ କାମ ପାଇଁ ଅନୁମୋଦନ ଦିଆଯାଇଛି।

ଏହି ଅବସରରେ ମନ୍ତ୍ରୀ ନାଏକ କହିଛନ୍ତି, ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ଶତପ୍ରତିଶତ ପାଇପ୍ ଯୋଗେ ବିଶୁଦ୍ଧ ଜଳ ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଖୁବ୍‌ଶୀଘ୍ର ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଛନ୍ତି।



ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା

# ଆଦ୍ୟ ମନ୍ଦିର



ଦେବଦତ୍ତ ପଟ୍ଟନାୟକ

ଭାରତୀୟ ପରମ୍ପରାରେ ଗଛର ଭୂମିକା ରହିଛି। ବିଭିନ୍ନ ଦେବଦେବୀଙ୍କୁ ନେଇ ପାଳନ କରାଯାଉଥିବା ପର୍ବ ସହ ଗଛର ସମ୍ପର୍କ ଅଛି। ବିଶେଷକରି ନବରାତ୍ରି, ଗୌରୀପୂଜା ଓ ତେଜ୍ ଭଳି ପର୍ବରେ ପୁଷ୍ଟିକାରକ ତଥା ଔଷଧୀୟ ଗଛକୁ ଦେବୀ ବୋଲି ବିବେଚନାକରି ସେମାନଙ୍କୁ ମହିଳାମାନେ ପୂଜା କରନ୍ତି। ଏହିସବୁ ଗଛ ହେଉଛି କଦଳୀ, ଆମ୍ବ, ନଡ଼ିଆ, ଧାନ, ବେଲ, ଅଶୋକା, ଅପରାଜିତା। ଏହି ଗଛଗୁଡ଼ିକ ଦେବୀଙ୍କର ନଅ ପ୍ରକାର ସ୍ୱରୂପ। ଏଗୁଡ଼ିକ ଆମକୁ ଖାଦ୍ୟ ଯୋଗାନ୍ତି ଓ ଆମକୁ ସୁସ୍ଥ ରଖନ୍ତି। କିନ୍ତୁ ଆମେ ଏବେ ପ୍ରକୃତି ଓ ଉଦ୍ଭିଦ ସହ ଆମ ସମ୍ପର୍କ ଭୁଲିଗଲେଣି। ଆମେ ଦେବୀଙ୍କ ସ୍ୱରୂପ ଏହିସବୁ ଗଛକୁ ପୂଜା କିମ୍ବା ରକ୍ଷଣାବେକ୍ଷଣ କରୁନାହୁଁ। ଅନ୍ୟପକ୍ଷରେ ଦେବୀଙ୍କର ପଥର, ଧାତୁ, ପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତିକୁ ପୂଜା କରିବାରେ ଲାଗିଛୁ। ଏଥିପାଇଁ ବୃକ୍ଷକୁ ଗୁରୁତ୍ୱ ଦେଉନାହୁଁ। ଆଧୁନିକ ଯୁଗରେ ବିକାଶ ନାମରେ ରାସ୍ତାଘାଟ, କଳ କାରଖାନା ତିଆରି କରିବା ପାଇଁ ଗଛ କାଟିବାରେ ସମସ୍ତେ ବ୍ୟସ୍ତ। ଏହା ଆମର ଏକ ଅଭ୍ୟାସ ପାଲଟିଗଲାଣି। ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ଯେ, ଅଲଟ୍ରାସୋନିକ୍ ତରଙ୍ଗ ଗଛରୁ ସୃଷ୍ଟି ହୋଇଥାଏ, ଯାହାକୁ ମଣିଷ ଶୁଣିପାରେ ନାହିଁ। ଫଳରେ ମଣିଷ ଏହି ତରଙ୍ଗକୁ ଗୁରୁତ୍ୱ ଦେଉନାହିଁ। ଗୋଟିଏ ସମୟ ଥିଲା ଭାରତରେ ସବୁଆଡ଼େ ଗଛ ଥିଲା ଏବଂ ଜଙ୍ଗଲର ସୁରକ୍ଷା ଆମର ମୁଖ୍ୟ କର୍ତ୍ତବ୍ୟ ଥିଲା। ଜଙ୍ଗଲରେ ଗୋରୁ ଚରାଇବା, ଚାଷ କରିବା, ଫଳମୂଳ କିମ୍ବା ଜାଳେଣି କାଠ ସଂଗ୍ରହ ଉପରେ କଟକଣା ଥିଲା। କାହାକୁ ଏଥିପାଇଁ ଅନୁମତି ବି ନ ଥିଲା। ଜଙ୍ଗଲ ଥିଲା ଭାରତର ଆଦ୍ୟ ମନ୍ଦିର। କିନ୍ତୁ ବର୍ତ୍ତମାନ ଏକଥା କାହାର ମନେନାହିଁ। ସେ ସମୟରେ ପ୍ରଚଳିତ ବୃକ୍ଷପୂଜା ପରମ୍ପରାର ସାକ୍ଷୀ ହେଉଛି ହରପ୍ପା ସଭ୍ୟତା। ସେତେବେଳେ ଏହି ସଭ୍ୟତାରେ ପ୍ରଚଳିତ ମୋହରରୁ ଉଦ୍ଭିଦପୂଜନ ପରମ୍ପରା ଥିଲା ବୋଲି ଜଣାପଡ଼େ। ମୁଦ୍ରାଗୁଡ଼ିକରେ ପୁରୁଷ ଏବଂ ମହିଳାମାନେ ଗଛରୁ ଉଦ୍ଭବ ଦେବୀଙ୍କ ଚାରିପାଖରେ ନୃତ୍ୟ କରୁଥିବା ଦେଖାଯାଏ।

ନର୍ମଦା ନଦୀର ଦକ୍ଷିଣାଞ୍ଚଳରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ପାଇଥିବା ଏକ ଦେବୀଙ୍କ ମୁଣ୍ଡ ଦେଖିବାକୁ ପଦ୍ମଫୁଲ ଆକାରର। ବିଶେଷକରି ସୋମରସ ପ୍ରସ୍ତୁତି ଏବଂ ଦେବତାଙ୍କୁ ଅର୍ପଣ ଉଦ୍ଦେଶ୍ୟରେ ପାଳିତ ପର୍ବପର୍ବାଣି ସ୍ତୋତ୍ରସବୁ ବୈଦିକ ଶାସ୍ତ୍ରଗୁଡ଼ିକରେ ବର୍ଣ୍ଣନା କରାଯାଇଛି।



ଋଗବେଦର ୫୦%ରୁ ଊର୍ଦ୍ଧ୍ୱ ସ୍ତୋତ୍ରରେ ୩ଟି ବିଷୟ ମୁଖ୍ୟତଃ ସୋମ, ଇନ୍ଦ୍ର ଓ ଅଗ୍ନି ବିଷୟ ଉଲ୍ଲେଖ ରହିଛି। ଋଗବେଦର ୧୦ଟି ଅଧ୍ୟାୟ ମଧ୍ୟରୁ ସମ୍ପୂର୍ଣ୍ଣ ୯ମ ଅଧ୍ୟାୟରେ ଗଛରୁ ସୋମରସ ସଂଗ୍ରହ ଓ ତାହାକୁ ଶୁଦ୍ଧକରିବା ବିଷୟ ବର୍ଣ୍ଣନା ରହିଛି। ବୈଦିକ ଲୋକମାନେ ଦୁବଘାସକୁ ଆଦର କରୁଥିଲେ। ଏହା ଗୋଖାଦ୍ୟ ଭାବେ ବ୍ୟବହୃତ ହେଉଥିଲା। ସେତେବେଳେ ଦେବତା ଏବଂ ପୂର୍ବପୁରୁଷଙ୍କୁ ପ୍ରଥମେ ବାର୍ଲି ପିଠା ଅର୍ପଣ କରାଯାଉଥିଲା। ଧାନରୁ ଚାଉଳ ମିଳିବା ପରେ ଚାଉଳ ପିଠା ଦିଆଗଲା। ଅଥର୍ବ ବେଦରେ ଘାସ, ବାର୍ଲି ଓ ଧାନ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହା ମଣିଷ ଏବଂ ଗଛର ନିବିଡ଼ ସମ୍ପର୍କକୁ ସୂଚିତକରେ। ସନ୍ନ୍ୟାସୀ ପରମ୍ପରାରେ ମଧ୍ୟ ଗଛର ଭୂମିକା ରହିଛି। ପ୍ରତ୍ୟେକ ଜୈନ ତୀର୍ଥଙ୍କରଙ୍କ ଏକ ପବିତ୍ର ଗଛ ସହ ସମ୍ପର୍କିତ। ମହାବୀରଙ୍କର ଶାଳଗଛ, ଋଷଭନାଥଙ୍କର ବରଗଛ ସହ ସମ୍ପର୍କ ଥିବାବେଳେ ଭୀମନାଥ ଜାମୁ ଗଛ ସହ ସମ୍ବନ୍ଧିତ। ଏହାସହ ଆମ୍ବଗଛ ସହ ଅରନାଥ, ଅଶୋକ ଗଛ ସହ ମଲ୍ଲିନାଥ, କୋକୁମ ଗଛ ସହ ନେମିନାଥ ଜଡ଼ିତ ଥିବା କୁହାଯାଏ। ଏହି ତାଲିକା ବିଭିନ୍ନ ପରମ୍ପରାରେ ଭିନ୍ନ ହେଲେ ମଧ୍ୟ ଅତି କମ୍‌ରେ ଗୋଟିଏ ଉଦ୍ଭିଦ ଜୈନ ଗୁରୁଙ୍କ ଆତ୍ମାକୁ ଧାରଣ କରିଥାଏ। ବୁଦ୍ଧ ମଧ୍ୟ ଗଛ ଜଡ଼ିତ ରହିଛନ୍ତି। ବୁଦ୍ଧଙ୍କ ମା ତାଙ୍କୁ ଲୁମ୍ବିନିରେ ଜନ୍ମଦେବା ସମୟରେ ଏକ ଶାଳ ଡାଳକୁ ଜାବୁଡ଼ି ଧରିଥିଲେ। ବୁଦ୍ଧ ଦୁଇଟି ଶାଳ ଗଛ ମଧ୍ୟରେ ଦେହତ୍ୟାଗ କରିଥିବା ମଧ୍ୟ ସତ୍ୟ। ବୁଦ୍ଧ ଅଶ୍ୱତ୍ଥ ଗଛ ତଳେ ଜ୍ଞାନପ୍ରାପ୍ତ ହୋଇଥିଲେ। ଜ୍ଞାନପ୍ରାପ୍ତି ପରେ ସେ ବାଉଁଶ ବଣରେ ଦିବ୍ୟବାଣୀ ପ୍ରଦାନ କରିଥିଲେ। ଏହା ବି ବର୍ଣ୍ଣନା କରାଯାଇଛି ଯେ, ଗୌତମ ବୁଦ୍ଧଙ୍କ ପୂର୍ବରୁ ଆଉ ଜଣେ ବିପାସୀ ବୁଦ୍ଧ ଥିଲେ, ଯିଏ ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ଲାଭ କରିଥିଲେ। ସେହି ଅଶ୍ୱତ୍ଥ ଗଛର ଚାରିପାଖରେ ପାଟଳିପୁତ୍ର (ମୌର୍ଯ୍ୟ ସାମ୍ରାଜ୍ୟର ରାଜଧାନୀ) ସହର ଗଢ଼ି ଉଠିଥିଲା, ଯାହା ଏବର ବିହାରର ପାଟନା।

ଗଛ ଥିଲା ବିଭିନ୍ନ ବଂଶ ଏବଂ ରାଜ ପରିବାରର ଧର୍ମୀୟ ପ୍ରତୀକ। ସଙ୍ଗମ କାବ୍ୟରେ ଏହି ରାଜାମାନଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ରାଜାମାନେ ଶତ୍ରୁଙ୍କୁ ଆକ୍ରମଣକରି ସେମାନଙ୍କ ଧର୍ମୀୟ ପ୍ରତୀକ ଗଛକୁ ନଷ୍ଟକରି ଦେଉଥିବା ଏହି କାବ୍ୟରେ ଉଲ୍ଲେଖ କରାଯାଇଛି। ଚେରା ରାଜବଂଶର ନରମୁଦି ଚେରାଲ ତାଙ୍କ ଶତ୍ରୁ ନାନ୍ନା ରାଜବଂଶକୁ ହରାଇ ତାଙ୍କ ଧର୍ମୀୟ ପ୍ରତୀକ ଶିରିଶ ଗଛକୁ କାଟି ଦେଇଥିଲେ। ନାରକାସୁରକୁ ପରାସ୍ତ କରିବାରେ ଇନ୍ଦ୍ରଙ୍କୁ କୃଷ୍ଣ ସାହାଯ୍ୟ କରିବା ସହ ସ୍ୱର୍ଗକୁ ମୁକୁଳାଇଥିଲେ। ପରେ କୃଷ୍ଣ ସ୍ୱର୍ଗରୁ ପାରିଜାତ ଗଛ ନେବାକୁ ଚାହିଁଥିଲେ। ତାଙ୍କ ସ୍ତ୍ରୀ ସତ୍ୟଭାମାଙ୍କୁ ଖୁସି କରିବା ପାଇଁ ସେ ଏହା କରିଥିଲେ। ହେଲେ ଇନ୍ଦ୍ର ପାରିଜାତ ଗଛକୁ ପୃଥିବୀକୁ ନେବାକୁ ରାଜି ନ ଥିଲେ ମଧ୍ୟ କୃଷ୍ଣ ସେହି ଗଛକୁ ଛଡ଼ାଇ ଆଣିଥିଲେ। କୁହାଯାଏ, ହନୁମାନ କଦଳୀବଣରେ, ଗଣେଶ ଆଖୁ କିଆରିରେ, ଦେବୀ ନିମ୍ବ ଏବଂ ତେନ୍ତୁଳି ଜଙ୍ଗଲରେ ରୁହନ୍ତି। ଦେବତାଙ୍କ ସହ ଗଛର କାହିଁ କେଉଁ ଯୁଗରୁ ଏହିଭଳି ସମ୍ପର୍କ ରହିଆସିଛି। ଜଙ୍ଗଲକୁ ଦେବତାଙ୍କ ଆଦ୍ୟ ମନ୍ଦିର ଜାଣି ସୁଦ୍ଧା ଆମେ ନିତିଦିନ ଜଙ୍ଗଲ ନଷ୍ଟ କରିଚାଲିଛୁ। ଯଦି ଏହି ଧାରା ଜାରି ରହେ, ତେବେ ଜଙ୍ଗଲ ନଷ୍ଟ ହେବାକୁ ଆଉ ବେଶିଦିନ ଲାଗିବ ନାହିଁ।

-devduttofficial@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | 5 | |
| | | | | | 4 | | | 9 |
| 6 | 9 | | 5 | | | | | 3 |
| | | | | | 5 | | 4 | |
| 5 | | 1 | 9 | | | | 7 | |
| | | 3 | | 2 | | 8 | | |
| 3 | | | | | | 1 | 6 | |
| 1 | | | 6 | 7 | | 2 | | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 8 | 1 | 9 | 2 | 6 | 7 |
| 7 | 9 | 1 | 5 | 2 | 6 | 3 | 4 | 8 |
| 8 | 6 | 2 | 4 | 7 | 3 | 1 | 9 | 5 |
| 2 | 7 | 8 | 9 | 3 | 5 | 4 | 1 | 6 |
| 9 | 4 | 6 | 1 | 8 | 2 | 5 | 7 | 3 |
| 1 | 5 | 3 | 6 | 4 | 7 | 8 | 2 | 9 |
| 6 | 8 | 4 | 7 | 5 | 1 | 9 | 3 | 2 |
| 5 | 2 | 9 | 3 | 6 | 4 | 7 | 8 | 1 |
| 3 | 1 | 7 | 2 | 9 | 8 | 6 | 5 | 4 |

ଗତକାଲିର ଉତ୍ତର

# ଆସନ୍ତୁ, ଆମ ନାରୀ ଶକ୍ତିକୁ ସଶକ୍ତ କରିବା



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଉ କିଛିଦିନ ପରେ, ସମଗ୍ର ଭାରତବର୍ଷ ଉତ୍ସବମୁଖର ହୋଇଉଠିବ ଏବଂ ଦେଶର କୋଣ ଅନୁକୋଣରେ ହର୍ଷୋଲ୍ଲାସର ସହ ପାର୍ବଣର ପରିବେଶ ଦେଖିବାକୁ ମିଳିବ। ଆସାମର ଲୋକମାନେ ରଙ୍ଗାଲି ବିହୁ ପାଳନ କରିବାକୁ ଯାଉଥିବା ବେଳେ ଓଡ଼ିଶାବାସୀ ମହାବିଷୁବ ପଣା ସଂକ୍ରାନ୍ତି ପାଳିବେ। ପଶ୍ଚିମବଙ୍ଗରେ ପୋଇଲା ବୈଶାଖ ପାଳନ ସହିତ ବଙ୍ଗୀୟ ନବବର୍ଷର ଶୁଭାରମ୍ଭ ହେବ। କେରଳରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହିତ ବିଶୁ ପାଳନ କରାଯିବ। ସେହିପରି ତାମିଲନାଡୁରେ ପୁଥାଣ୍ଡୁ ପାଳନ ହେବାକୁ ଥିବା ବେଳେ ପଞ୍ଜାବ ଓ ଉତ୍ତର ଭାରତର ଅନ୍ୟ ପ୍ରାନ୍ତରେ ବୈଶାଖୀ ପାଳନ କରାଯିବ। ଏସବୁ ପର୍ବପର୍ବାଣି ସକାରାତ୍ମକତା ସହିତ ଆଶାର ଏକ ଭାବନା ସୃଷ୍ଟି କରିବ। ଭାରତ ଓ ବିଦେଶରେ ଏସବୁ ପର୍ବପର୍ବାଣି ପାଳନ କରୁଥିବା ସମସ୍ତଙ୍କୁ ମୋର ଶୁଭକାମନା। ଏସବୁ ପବିତ୍ର ପର୍ବପର୍ବାଣି ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ନେଇ ଆସୁ।

ଏହା ସହିତ, ଏପ୍ରିଲ ୧୧ ତାରିଖରେ ଆମେ ମହାତ୍ମା ଫୁଲେଙ୍କ ୨୦୦ତମ ଜନ୍ମ ବାର୍ଷିକୀ ପାଳନ ଆରମ୍ଭ କରିବା ଏବଂ ୧୪ ତାରିଖରେ ସମଗ୍ର ଭାରତ ଆମ୍ବେଦକର ଜୟନ୍ତୀରେ ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବ।

ଏହି ବିଶେଷ ଅବସରଗୁଡ଼ିକ ସହିତ, ଯେତେବେଳେ ଆମର ହୃଦୟ ଓ ମନରେ ନୂତନ ଜାଗରଣର ଭାବନା ଭରିଯାଏ, ସେତିକି ବେଳେ ଆମ ଦେଶ ଆଉ ଏକ ଐତିହାସିକ ମୁହୂର୍ତ୍ତର ଦ୍ୱାରଦେଶରେ ଛିଡ଼ା ହୋଇଛି। ଆମ ଗଣତନ୍ତ୍ରର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଏବଂ ସମାନତା ଓ ଅନ୍ତର୍ଭୁକ୍ତୀକରଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରିବା ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ।

ଆସନ୍ତା ଏପ୍ରିଲ ୧୬ ତାରିଖରେ, ମହିଳା ସଂରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ଓ ଏହାକୁ ଗୃହୀତ କରିବା ନିମନ୍ତେ ସଂସଦର ଅଧିବେଶନ ବସିବ। ଏହାକୁ କେବଳ ଏକ ଆଇନଗତ କାର୍ଯ୍ୟ ଭାବରେ ବର୍ଣ୍ଣନା କରିବା ନ୍ୟୁନ ହେବ। ଏହା ଭାରତର କୋଟି କୋଟି ମହିଳାଙ୍କ ଆକାଂକ୍ଷାର ପ୍ରତିବିମ୍ବ। ମହିଳାଙ୍କ ଉନ୍ନତି ହେଲେ ସମାଜର ପ୍ରଗତି ହୋଇପାରିବ। ଏହା ହେଉଛି ସେହି ସିଦ୍ଧାନ୍ତର ସୁଦୃଢ଼ୀକରଣ, ଯାହା ଦୀର୍ଘ ସମୟ ଧରି ଆମ ସଭ୍ୟତାଗତ ଭାବନାକୁ ମାର୍ଗଦର୍ଶନ କରିଆସିଛି।

ଭାରତର ଜନସଂଖ୍ୟାର ପ୍ରାୟ ଅଧା ଭାଗ ହେଉଛନ୍ତି ମହିଳା। ଆମ ଦେଶ ଗଠନରେ ସେମାନଙ୍କର ଅବଦାନ ଅତୁଳନୀୟ ତଥା ଅମୂଲ୍ୟ। ଆଜି ଭାରତର ପ୍ରତିଟି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ସଫଳତା ହାସଲ କରୁଥିବାର ଦେଖିବାକୁ ମିଳୁଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ଉଦ୍ୟୋଗ ପର୍ଯ୍ୟନ୍ତ, କ୍ରୀଡ଼ାଠାରୁ ପ୍ରତିରକ୍ଷା ବାହିନୀ ଏବଂ ସଙ୍ଗୀତଠାରୁ କଳା ପର୍ଯ୍ୟନ୍ତ – ସବୁଠି ମହିଳାମାନେ ଭାରତର ପ୍ରଗତିର ଅଗ୍ରଭାଗରେ ରହିଛନ୍ତି। ବିଗତ ବର୍ଷଗୁଡ଼ିକରେ, ମହିଳା ସଶକ୍ତୀକରଣ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ନିରନ୍ତର ପ୍ରୟାସ କରାଯାଇଛି। ଶିକ୍ଷା କ୍ଷେତ୍ରରେ ସୁଯୋଗ, ଉନ୍ନତ ସ୍ୱାସ୍ଥ୍ୟସେବା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା ସାମାଜିକ ଓ ଅର୍ଥନୈତିକ ଜୀବନରେ ମହିଳାମାନଙ୍କ ଭାଗୀଦାରିକୁ ଆହୁରି ସୁଦୃଢ଼ କରିଛି।

ଏହା ସତ୍ତ୍ୱେ, ରାଜନୀତି ଏବଂ ବିଧାନପାଳିକା କ୍ଷେତ୍ରରେ ସେମାନଙ୍କର ପ୍ରତିନିଧିତ୍ୱ ସମାଜରେ ସେମାନଙ୍କର ଭୂମିକା ଅନୁସାରେ ସମାନ ହୋଇପାରିନାହିଁ। ଏହା ବିଶେଷ ଭାବରେ ଦୁର୍ଭାଗ୍ୟଜନକ, କାରଣ ଯେତେବେଳେ ମହିଳାମାନେ ପ୍ରଶାସନ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ସେମାନେ ନିଜ ସହିତ ଏପରି ଅଭିଜ୍ଞତା ଏବଂ ଦୂରଦୃଷ୍ଟି ଆଣିଥାନ୍ତି ଯାହା ସାଧାରଣ ଆଲୋଚନାକୁ ସମୃଦ୍ଧ କରିବା ସହ ଶାସନ ପ୍ରଣାଳୀର ଗୁଣବତ୍ତାରେ ଉନ୍ନତି ଆଣିଥାଏ। ମହିଳାଙ୍କ ଭାଗୀଦାରି ବଢ଼ାଇବା କେବଳ ପ୍ରତିନିଧିତ୍ୱର ବିଷୟ ନୁହେଁ, ଏହା ଆମ ଗଣତନ୍ତ୍ରକୁ ଅଧିକ ସମ୍ବେଦନଶୀଳ, ସନ୍ତୁଳିତ ଏବଂ ଉତ୍ତରଦାୟୀ କରିବାର ପ୍ରୟାସ।

ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସହିତ ୨୦୨୯ ଲୋକ ସଭା ନିର୍ବାଚନ ଏବଂ ଆଗାମୀ ସମୟରେ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ କରାଯିବା ଅତ୍ୟନ୍ତ ଜରୁରୀ। କିଛି ଦଶନ୍ଧି ଧରି, ପୂର୍ବ ସରକାରମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକରେ ମହିଳାମାନଙ୍କୁ ଉପଯୁକ୍ତ ସ୍ଥାନ ଦେବା ପାଇଁ ବାରମ୍ବାର ପ୍ରୟାସ କରାଯାଇଛି। କମିଟି ଗଠନ ହୋଇଛି, ଚିଠା ବିଲ୍ ମଧ୍ୟ ପ୍ରସ୍ତୁତ ହୋଇଛି, କିନ୍ତୁ ସେଗୁଡ଼ିକ କେବେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରି ନାହିଁ। ବିଧାନପାଳିକାଗୁଡ଼ିକରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇବା ନେଇ ବ୍ୟାପକ ସହମତି ହାସଲ କରାଯାଇପାରି ନାହିଁ। ତେବେ ସେପ୍ଟେମ୍ବର ୨୦୨୩ରେ ସର୍ବସମ୍ମତିକ୍ରମେ ସଂସଦ 'ନାରୀ ଶକ୍ତି ବନ୍ଦନ ଆଇନ'କୁ ଅନୁମୋଦନ କରିଥିଲା। ଏହାକୁ ମୁଁ ମୋ ଜୀବନର ସବୁଠୁ ସ୍ୱତନ୍ତ୍ର ମୁହୂର୍ତ୍ତ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରିଥାଏ।

ମହିଳା ସଂରକ୍ଷଣ ସୁନିଶ୍ଚିତ କରିବାର ଏହି ସୁଯୋଗ ଆମ ସମ୍ବିଧାନର ମୂଳଭାବନା ସହିତ ଗଭୀର ଭାବରେ ଜଡ଼ିତ। ଆମ ସମ୍ବିଧାନର ନିର୍ମାତାମାନେ ଏପରି ଏକ ସମାଜର ପରିକଳ୍ପନା କରିଥିଲେ ଯେଉଁଠି ସମାନତା କେବଳ ସମ୍ବିଧାନରେ ସୀମିତ ରହିବ ନାହିଁ ବରଂ ଏହା ବାସ୍ତବ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ। ବିଧାନପାଳିକା ପ୍ରତିଷ୍ଠାନରେ ମହିଳାମାନଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସେହି ପରିକଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଏପରି ଏକ ସମାଜ ଗଠନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କ ରାଷ୍ଟ୍ରର ଭାଗ୍ୟ ଗଠନରେ ସମାନ ଭୂମିକା ରହିବ।

ଏହା ଏପରି ଏକ ମୁହୂର୍ତ୍ତ ଯାହାକୁ ଆଉ ସ୍ଥଗିତ ରଖାଯାଇପାରିବ ନାହିଁ। ମହିଳା ପ୍ରତିନିଧିତ୍ୱକୁ ଆଗକୁ ବଢ଼ାଇବାରେ ଡେରି କରିବାର ଅର୍ଥ ହେଉଛି ବାସ୍ତବରେ ଆମର ଗଣତନ୍ତ୍ରର ଗୁଣବତ୍ତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବାର ନିଷ୍ପତ୍ତିକୁ ଟାଳିଦେବା। ଅନେକ ଦଶନ୍ଧି ଧରି, ବିଧାନପାଳିକା ପ୍ରତିଷ୍ଠାନଗୁଡ଼ିକରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ଆବଶ୍ୟକତାକୁ ସ୍ୱୀକାର କରି ଆଲୋଚନା ଏବଂ ବିଚାରବିମର୍ଶ ହୋଇଛି। ଏହାକୁ କାର୍ଯ୍ୟରେ ପରିଣତ କରିବାରେ ଆଉ ବିଳମ୍ବ କରାଯିବା ଉଚିତ ହେବ ନାହିଁ। ଏହାକୁ ସ୍ୱୀକାର କରି ସଂଶୋଧନ କରିବାର କ୍ଷମତା ଆମ ପାଖରେ ରହିଛି। ଅଧିକ ବିଳମ୍ବର ଅର୍ଥ ହେଉଛି ପୁରୁଣା ଅସନ୍ତୁଳନକୁ ଆଗକୁ ବଢ଼ାଇବା। ଭାରତ ଏବେ ଆତ୍ମବିଶ୍ୱାସ ସହିତ ସ୍ପଷ୍ଟ ଉଦ୍ଦେଶ୍ୟ ନେଇ ଆଗକୁ ବଢ଼ୁଛି। ଆମ ପ୍ରତିଷ୍ଠାନଗୁଡ଼ିକରେ ସବୁ ନାଗରିକ, ବିଶେଷ କରି ଅଧା ଜନସଂଖ୍ୟାର ଆକାଂକ୍ଷା ପ୍ରତିଫଳିତ ହେବା ଜରୁରୀ। ଏହା ପ୍ରକୃତରେ ଆମର ଗଣତନ୍ତ୍ରକୁ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାର ଏକ ଐତିହାସିକ ସୁଯୋଗ।

ଏହି ମୁହୂର୍ତ୍ତ ଆମ ସମସ୍ତଙ୍କର ସାମୂହିକ ପ୍ରୟାସ ନିମନ୍ତେ ଆହ୍ୱାନ କରୁଛି। ଏହା କୌଣସି ନିର୍ଦ୍ଦିଷ୍ଟ ସରକାର, ଦଳ ବା ବ୍ୟକ୍ତିବିଶେଷର ବିଷୟ ନୁହେଁ; ବରଂ ଏହି ପଦକ୍ଷେପର ଗୁରୁତ୍ୱକୁ ସମଗ୍ର ଦେଶ ହୃଦୟଙ୍ଗମ କରି ଏହାର ସଫଳ ରୂପାୟନ ପାଇଁ ଏକଜୁଟ ହେବାର ସମୟ। ଆମର 'ନାରୀ ଶକ୍ତି' ପ୍ରତି ଏହା ହିଁ ହେବ ପ୍ରକୃତ ସମ୍ମାନ। ସେଥିପାଇଁ, ମହିଳା ସଂରକ୍ଷଣ ବିଲ୍ ଅନୁମୋଦିତ ହେବା ସମୟରେ ବ୍ୟାପକ ସହମତି ପ୍ରକାଶ ପାଇବା ଆବଶ୍ୟକ ଏବଂ ଏହା ବୃହତ୍ ଜାତୀୟ ସ୍ୱାର୍ଥ ଦ୍ୱାରା ପରିଚାଳିତ ହେବା ଉଚିତ। ଏଭଳି ସୁଯୋଗ ଆମକୁ ନିଜ ପାଇଁ ନୁହେଁ ବରଂ ଆଗାମୀ ପିଢ଼ି ଲାଗି କାର୍ଯ୍ୟ କରିବାକୁ ପ୍ରେରଣା ଦିଏ। ଏହା ଆମକୁ ମନେପକାଇ ଦିଏ ଯେ, ସମୟ ସହିତ ପରିବର୍ତ୍ତିତ ହେବା ଏବଂ ସମସ୍ତଙ୍କୁ ସାମିଲ କରି ଅଧିକ ସମାବେଶୀ ହେବା ମଧ୍ୟରେ ହିଁ ଏକ ଗଣତନ୍ତ୍ରର ପ୍ରକୃତ ଶକ୍ତି ନିହିତ।

ଏହି ଐତିହାସିକ ସଂସଦୀୟ ଅଧିବେଶନ ପୂର୍ବରୁ ମୁଁ ସମସ୍ତ ରାଜନୈତିକ ଦଳର ସାଂସଦମାନଙ୍କୁ ନିବେଦନ କରୁଛି ଯେ, ଭାରତର ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମସ୍ତେ ମିଳିମିଶି ସମର୍ଥନ କରନ୍ତୁ। ଆସନ୍ତୁ, ଏହି ସୁଯୋଗକୁ ଏକ ଦାୟିତ୍ୱବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ଗ୍ରହଣ କରିବା। ଆମେ ଏପରି ଭାବରେ କାର୍ଯ୍ୟ କରିବା, ଯାହା ଆମ ଗଣତନ୍ତ୍ରର ସର୍ବୋଚ୍ଚ ପରମ୍ପରାକୁ ପ୍ରତିଫଳିତ କରିବ।

ଭାରତ ସର୍ବଦା ଏହା ପ୍ରମାଣିତ କରିଛି ଯେ, ଯେତେବେଳେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆସେ, ଦେଶ ସମସ୍ତ ମତଭେଦରୁ ଊର୍ଦ୍ଧ୍ୱକୁ ଉଠି ଏକଜୁଟ ହୋଇ କାର୍ଯ୍ୟ କରିଥାଏ। ଏହା ସେହିଭଳି ଏକ ମୁହୂର୍ତ୍ତ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆଗକୁ ବଢ଼ିବା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଦେଶର ପ୍ରଗତି ପାଇଁ ଆମର 'ନାରୀ ଶକ୍ତିକୁ' ସଶକ୍ତ କରିବା।

# ଗାଁରେ ରହୁଥିବା ମା'



ଜଗନ୍ନାଥ ବେହେରା

ଅଫିସ ମୁହଁରେ ପହଞ୍ଚିଛି କି ନାହିଁ, ହଠାତ୍ ମୋବାଇଲ ରିଂ ହେଲା। ଚେୟାର ଉପରେ ବସିବା ଆଗରୁ ଅନ୍ୟମନସ୍କ ଭାବରେ କାନ୍ଧ ଓ ମୁଣ୍ଡ ତଳେ ମୋବାଇଲ ଧରି ହାଲୋ କହିଲି। ଗାଁରେ ରହୁଥିବା ମା' ଫୋନ କରିଥିଲେ। କିରେ କ'ଣ ଖାଇଲୁ କି ନାହିଁ। ଟାଇମ୍‌ରେ ଖାଉଥା'। ଦେହଟା ଆଗେ, ତା'ପରେ ଅଫିସ। ମୁଁ ଜାଣିଛି ତୁ କିଛି ଖାଇ ନ ଥିବୁ। ଖାଇବାକୁ ତୋ ପାଖରେ ସମୟ କାହିଁ! ମା' ଆଉ କିଛି କହିବା ପୂର୍ବରୁ ହଁ ରହୁଛି ମା' କହି ଫୋନ୍‌ଟି କାଟିଦେଲି। ଭାବିଲି, ମା' ଯାହା କହୁଛନ୍ତି ଠିକ୍ କଥା। ଯେତେବେଳେ ଫୋନ୍ କରିବ, ପ୍ରଥମେ ପଚାରିବ ଖାଇଛୁ ନା ନାହିଁ। ଦେହ କେମିତି ଅଛି। ପିଲାମାନେ ଭଲ ଅଛନ୍ତି ତ?

ଆଖିରୁ ମୋ ଅଜାଣତରେ ଦୁଇଟୋପା ଲୁହ ଆସିଗଲା। ଚିନ୍ତାକଲି ସ୍ତ୍ରୀ କଥା। ଯେତେବେଳେ ଫୋନ୍ କରିବ, କହିବ ମୋ କଥା ମନେଅଛି ତ! ମୋର ସେହି କାମଟା କରି ଫେରିବ। ପଡ଼ିଶାଘର ଲୋକ କରିଦେଲା, ତମ ଦ୍ୱାରା ହୋଇପାରୁନି। ତମେ ମଣିଷ କି ଆଉ କିଛି ମୁଁ ବୁଝିପାରୁନି। ସବୁବେଳେ ସେହି ଗୋଟିଏ କଥା କହୁଥିବେ। ତୁମ ଦ୍ୱାରା ଏଇଟା ହେଉନି, ସେଇଟା ହେଉନି। ତୁମେ କିଛି ଜାଣିନ। ତୁମ ଦ୍ୱାରା ଶାଗ ସିଝିବ ନାହିଁ। ମୁଁ ବିବାହ ହେବା ଦିନଠାରୁ କୌଣସି ଦିନ ବିନା କାରଣରେ ଫୋନ୍ କରିବ ନାହିଁ।

ଅବଶ୍ୟ ଦୁଇଟି ଫୋନ୍ କଲ୍‌ରେ ଦୁଇଟି ଲକ୍ଷ୍ୟ ରହିଛି। ଗୋଟିଏ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ, ଅନ୍ୟଟି ସମ୍ପଦ ସମ୍ବନ୍ଧୀୟ। ଗୋଟିଏ ଜନନୀର ସ୍ନେହ ଏବଂ ଅନ୍ୟଟି ଜାୟାର ମୋହ। ଗୋଟିଏ ବାତ୍ସଲ୍ୟମମତା, ଅନ୍ୟଟି ମାୟାର ବନ୍ଧନ। ଆମେ ମାନିବାକୁ ବାଧ୍ୟ ଯେ, ଦୁଇଟି ଫୋନ୍ କଲ ହିଁ ଏ ପୁରୁଷସମାଜକୁ ସ୍ୱାସ୍ଥ୍ୟବାନ୍ ଏବଂ ସମୃଦ୍ଧିଶାଳୀ କରିଛି। ପାଦେ ପାଦେ ସଚେତକ ଭାବରେ ଠିଆ ହୋଇ ଦିଗ୍‌ଦର୍ଶକ ସାଜି ଖରାପ ରାସ୍ତାରେ ଚାଲିବାଠାରୁ ଦୂରେଇ ରଖୁଛି।

ବାସ୍ତବରେ ବର୍ତ୍ତମାନର ବ୍ୟସ୍ତତା ଭିତରେ ମଣିଷ ଜୀବନ ହେଉଛି ଏକ ଅସୂତ୍ର ଗଣିତ। କୌଣସି କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ଧାରା ଅନୁଯାୟୀ ଆଉ ହୋଇପାରୁନାହିଁ। ରାତ୍ରିରେ ଶୋଇବାରେ ଲେଟ୍। ସମୟାନୁଯାୟୀ ଖାଇବା ଲେଟ୍। ସକାଳୁ ଉଠିବା ଲେଟ୍। ଶାରୀରିକ ବ୍ୟାୟାମରେ ଅଭାବ। ବନ୍ଧୁ ବାନ୍ଧବ ସମ୍ପର୍କରେ ଫାଟ ସୃଷ୍ଟି। ବିବାହ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ପାଇଁ ସମୟ ଅଭାବ। ସାଙ୍ଗସାଥୀଙ୍କ ସହ ବସି ହସଖୁସି ପାଇଁ ପର୍ଯ୍ୟାପ୍ତ ସମୟ ଅଭାବ। ଅନିୟମିତ ଖାଦ୍ୟ ଗ୍ରହଣ। ଶୃଙ୍ଖଳିତ ଜୀବନଯାପନରେ ବାଧା ସୃଷ୍ଟି ହେଉଛି।



ମଣିଷ ପ୍ରତିଦିନ ସକାଳୁ ସନ୍ଧ୍ୟାଯାଏ ଦୌଡ଼ୁଛି, କିନ୍ତୁ କିଛି କାମ ହେଉପାରୁନାହିଁ। କୁହାଯାଏ 'ବିଜି ଫର୍ ନଥିଂ'। ଆଗକାଳ ମଣିଷ କୁକୁଡ଼ା ଡାକିଲେ ଉଠି ଯାଉଥିଲେ। ନିତ୍ୟକର୍ମ ସାରି ଯେ ଯାହା କାମରେ ଯାଉଥିଲେ। ସନ୍ଧ୍ୟା ଛ'ଟା ବେଳେ ପୁଣି ଘରକୁ ଫେରି ଆସୁଥିଲେ। ପରିବାର ସହିତ ସମୟ ବିତାଉଥିଲେ। ସୁଖ ଦୁଃଖ ହେଉଥିଲେ। ବଡ଼ ପରିବାର ଥିଲା। ସମସ୍ତେ ସମସ୍ତଙ୍କ ଠାରୁ କିଛି ଶିକ୍ଷାଲାଭ କରୁଥିଲେ। ଅବାଟ ଧରିଲେ ଘରର ମୁରବିମାନେ ରାଗୁଥିଲେ। ନୀତିଶିକ୍ଷା ଦେଉଥିଲେ। ଭଲ ଖରାପ କ'ଣ ଜଣାଉଥିଲେ।

ମଣିଷସମାଜ, ମା'ଙ୍କ ଆଡ଼ୁ ଆକଟରୁ ସାମାଜିକ ଶିକ୍ଷା ପ୍ରାପ୍ତ କରିଥାଏ। ମା' ହିଁ ତା'ର ପ୍ରଥମ ଗୁରୁ। ମା'ଙ୍କ ଗାଳି ତାଙ୍କୁ ଦୁଷ୍ଟ କାମଠାରୁ ନିବୃତ କରିଛି। ମା' ସ୍ନେହ ତାଙ୍କୁ ବଢ଼ିବାକୁ ପ୍ରେରଣା ଦେଇଛି। ଦୟା, ମାୟା, ମମତା, ଉପକାର, ସେବା, ସବୁ ମା'ଙ୍କଠାରୁ ଶିଖିଥିବା ପାଠ। ରୋଗୀର ସେବା ହେଉ କି ଭିକାରିକୁ ଭିକ୍ଷା ଦେବା, ଅସହାୟକୁ ସାହାଯ୍ୟ କରିବା ହେଉଛି ମା'ଙ୍କ ଦ୍ୱାରା ଦିଆଯାଇଥିବା ପ୍ରଥମ କର୍ଣ୍ଣମନ୍ତ୍ର। ଶାରୀରିକ କଷ୍ଟ ହେଉ କି ମାନସିକ କଷ୍ଟ, ମା' ହିଁ ପ୍ରଥମେ ଆସିଥାଏ ଲାଘବ କରିବା ନିମନ୍ତେ। ମନକଥା ମା' ହିଁ ପ୍ରଥମେ ବୁଝିପାରେ। ମେଡିକାଲ ହେଉ କି ମନ୍ଦିର, ମା' କେବେ ନିଜ ପାଇଁ କିଛି ମାଗେ ନାହିଁ; ବରଂ ପୁଅ ଝିଅ ପାଇଁ ମାଗେ। ପୁଅ ଝିଅର ମଙ୍ଗଳ ପାଇଁ ସ୍ୱାମୀ ଆଗରେ ଶତ୍ରୁ ହୋଇଯାଏ। ପୁଅ ଝିଅ କିଡ୍‌ନୀ ଖରାପ ହେଲେ ମା' ହିଁ ଆଗେଇଆସେ ନିଜ କିଡ୍‌ନୀ ଦେବା ପାଇଁ। କେବଳ ଶ୍ରେଷ୍ଠ ଜୀବ ମାନବ ନିକଟରେ ନୁହଁ, ବରଂ ଏହି ମା'ର ମମତା କଥା ପ୍ରତ୍ୟେକଟି ଜୀବଜନ୍ତୁ ପାଖରେ ଦେଖିବାକୁ ମିଳେ। କୀଟ ପତଙ୍ଗଠାରୁ ଆରମ୍ଭ ହୋଇ ବଡ଼ ବଡ଼ ହାତୀ ପରି ପଶୁ ନିକଟରେ ମା'ର ସ୍ନେହ ଦୃଶ୍ୟମାନ ହୋଇଥାଏ। ଏକ ନିର୍ଜୀବ ଧରଣୀ ମା' ମଧ୍ୟ ଆମର ସବୁ ତାଡ଼ନା ସହି ଆମକୁ ଖାଦ୍ୟ ଦେଇଛି, ଅଳଙ୍କାର ଦେଇଛି, ବସ୍ତ୍ରଠାରୁ ବାସଗୃହଯାଏ ସବୁ ନିଃସ୍ୱାର୍ଥପର ଭାବରେ ଦେଇଛି। କେବେ ପ୍ରତି ବଦଳରେ ସେ ଆମଠାରୁ କିଛି ଆଶା କରିନାହିଁ। ବୃଦ୍ଧା ଆଶ୍ରମରେ ରହି ମଧ୍ୟ ମା' ପୁଅକୁ କେବେ ଅଭିଶାପ ଦେଇନାହିଁ।

ଶିକ୍ଷିତ ମଣିଷସମାଜ କିନ୍ତୁ ବୃଦ୍ଧାବୃଦ୍ଧଙ୍କୁ ଅବହେଳା କରୁଛି। ଜୀବନସାରା ନିଜ ସ୍ୱାର୍ଥ ପାଇଁ ବଳଦ ପରି ଖଟିଛି, କିନ୍ତୁ ପରକ୍ଷଣରେ ହତାଦର କରିଛି। ମଣିଷକୁ ତା' ପିତୃଋଣ ମାତୃଋଣ ନିଶ୍ଚୟ ପରିଶୋଧ କରିବାକୁ ପଡ଼ିବ। ମା'ଙ୍କ ନିକଟରୁ ଆସୁଥିବା ଫୋନ୍ କଲ୍‌କୁ କେବେ ବି ଅବହେଳା କରିବା ଅନୁଚିତ।

**ଗାୟତ୍ରୀ ନଗର, ନବରଙ୍ଗପୁର**
**ମୋ: ୯୪୩୭୭୮୫୧୫୮**

## ଏଇ ଭାରତରେ

ବିହାରର ଏକ ଦମ୍ପତି ସୁରଭି ଓ ପ୍ରଭାତ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ବିବାହ ପୂର୍ବରୁ ଦୁଇଜଣଙ୍କ ଜୀବନର ଗତିପଥ ଭିନ୍ନ ଥିଲା, ହେଲେ ବିବାହ ପରେ ସେମାନେ ଜନକଲ୍ୟାଣକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିଛନ୍ତି। ବିହାର ଗୟା ଜିଲାରେ ଜନ୍ମିତ ସୁରଭି କୁମାରୀ ପାଟ୍‌ନା ମହିଳା ମହାବିଦ୍ୟାଳୟରେ ସାମ୍ବାଦିକତା ପଢୁଥିବା ସମୟରେ ଏକ ଦାରିଦ୍ର୍ୟ ଦୂରୀକରଣ ପ୍ରୋଜେକ୍ଟରେ ଯୋଗଦେଇଥିଲେ। ସେଥିରେ ରହି ସୁରଭି ବିଭିନ୍ନ ଗ୍ରାମକୁ ଯିବା ଅବସରରେ ସେଠାରେ ମହିଳାଙ୍କ ଋତୁସ୍ରାବଜନିତ ଅନ୍ଧବିଶ୍ୱାସ ଓ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ୨୦୧୯ରେ 'ସମ୍ ଆର୍ଥ'ର ସହପ୍ରତିଷ୍ଠାତା ପ୍ରଭାତଙ୍କୁ ସେ ବିବାହ କରିବା ପରେ ତାଙ୍କ କାର୍ଯ୍ୟକୁ ଗତିଶୀଳ କରାଇପାରିଥିଲେ। ସମ୍ ଆର୍ଥ ୩୦ ହଜାର କୃଷକଙ୍କୁ ନେଇ କାର୍ଯ୍ୟ କରୁଛି, ଯେଉଁଥିରେ ଅଛନ୍ତି ୬୦% ମହିଳା। ଏମାନଙ୍କ ଭିତରେ ଥିବା ଋତୁସ୍ରାବଜନିତ ସମସ୍ୟାକୁ ଲକ୍ଷ୍ୟ କରିଥିଲେ ସୁରଭି। ସେ ମହିଳାମାନଙ୍କୁ ଏକାଠି କରି ଋତୁସ୍ରାବ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ 'ସବଳ' ଅର୍ଥାତ୍ 'ସଶକ୍ତ ମହିଳା' ଆରମ୍ଭ କରିଛନ୍ତି। ଏଥିରେ ଏବେ ୨୫,୦୦୦ ମହିଳା ଏବଂ ୫,୦୦୦ କିଶୋରୀ ସାମିଲ ହୋଇଛନ୍ତି। ଏହାସହ ସାନିଟାରି ପ୍ୟାଡ୍ ପ୍ରସ୍ତୁତକରି ଶସ୍ତାରେ ମହିଳାଙ୍କୁ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ଏପ୍ରିଲ ୧୯୭୭

- ଜମ୍ମୁ ଓ କଶ୍ମୀର ବିଧାନସଭାର ପୂର୍ବତନ ବାଚସ୍ପତି ଅବଦୁଲ ଗାନି ଗୋନି କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି।
- ମାଧବ ସିଂହ ସୋଲାଙ୍କିଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ଗୁଜରାଟର କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦାଖଲ କରିଛନ୍ତି।

## ଚିରନ୍ତନୀ

ସନ୍ଧ୍ୟା ରହିଛି ମୋହରି ଆଶାରେ
ରଞ୍ଜିବି ତା'ର ଭାଲ
ପ୍ରଭାତ ଡାକଇ ବିରହ-ଭାଷାରେ
ମୋହରି ପାଇଁ ବିକଳ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ରାଜ୍ୟର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ରାଜ୍ୟ ସରକାର କିମ୍ବା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିର୍ମାଣ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି, ଆଗାମୀ ପିଢ଼ି ବରପୁତ୍ରଙ୍କୁ ସବୁଦିନ ସ୍ମରଣ କରିବ। ଜନମାନସରେ ତାଙ୍କ ଜନ୍ମଦିବସ ଓ ଶ୍ରାଦ୍ଧ ଉତ୍ସବ ବର୍ଷକରେ ଥରେ ଯେଉଁ ବିଭାଗ ଦ୍ୱାରା କରାଯାଉଛି ସେହି ବିଭାଗ ସେସବୁ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ଉଚିତ। କାରଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି, ଯାହାଫଳରେ ଅନେକ ପ୍ରତିମୂର୍ତ୍ତି ରଙ୍ଗର ଫିକା ଓ ଜିର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହାର ଅନେକ ଦୃଷ୍ଟାନ୍ତ ଖବରକାଗଜଗୁଡ଼ିକରେ ବିଭିନ୍ନ ସମୟରେ ପ୍ରକାଶ ପାଇଆସୁଛି। ବର୍ତ୍ତମାନର ସରକାର ବରପୁତ୍ର ଗାଁକୁ ବିକଶିତ କରିବା ପାଇଁ ନୂତନ ଯୋଜନା ପ୍ରସ୍ତୁତକରି ୨୫ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଏହାପରେ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱ ଯେଉଁ ବିଭାଗକୁ ଦିଆଯିବ ତା' ଉପରେ ରାଜ୍ୟ ସରକାର ଦୃଷ୍ଟିଦେବେ। ବର୍ତ୍ତମାନ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୭୬ଟି ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ସେଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ବଚାର କରିବା ଉଚିତ।

**-ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୁଜରାଟର ରୋମାଞ୍ଚକ ବିଜୟ



ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍।

**ନୂଆଦିଲ୍ଲୀ,୮।୪**

ବ୍ୟାଟରଙ୍କ ଜବରଦସ୍ତ ପ୍ରଦର୍ଶନ ଓ ପରେ ରସିଦ ଖାନଙ୍କ ଘାତକ ବୋଲିଂ ବଳରେ ଏଠାରେ ବୁଧବାର ଖେଳାଯାଇଥିବା ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୧ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଦିଲ୍ଲୀ ଦ୍ୱାରା ପ୍ରଦତ୍ତ ୨୧୧ ରନର ଟାର୍ଗେଟ ପିଛା କରୁଥିବା ଦିଲ୍ଲୀ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୨୦୯ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ଗୁଜରାଟର ପ୍ରଥମ ବିଜୟ ହୋଇଥିବା ବେଳେ ଦିଲ୍ଲୀର ଏହା ପ୍ରଥମ ପରାଜୟ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୨୧୦ ରନ କରିଥିଲା। ଦଳ ପାଇଁ ଅଧିନାୟକ ଶୁବମନ ଗିଲ୍ ୪୫ ବଲରେ ୭୦ (୪ ଚୌକା ଓ ୫ ଛକା), ଜୋଶ ବଟଲର ୨୭ ବଲରେ ୫୨ (୩ ଚୌକା ଓ ୫ ଛକା) ଓ ୱାଶିଂଟନ ସୁନ୍ଦର ୩୨ ବଲରେ ୫୫ (୬ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୨ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀକୁ ପଥୁମ ନିଶଙ୍କା ଓ ଲୋକେଶ ରାହୁଲ ୮.୧ ଓଭରରେ ୭୬ ରନର ଆରମ୍ଭ ପ୍ରଦାନ କରିଥିଲେ। ନିଶଙ୍କା ୨୪ ବଲରେ ୪୧ (୬ ଚୌକା ଓ ୧ ଛକା) ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ନୀତୀଶ ରାଣା (୫), ସମୀର ରିଜ୍‌ଭି (୦), ଅଧିନାୟକ ଅକ୍ଷର ପଟେଲ (୨) ଓ ଟ୍ରିଷ୍ଟାନ ଷ୍ଟବ୍ସ (୭) ଫେଲ ହୋଇଥିବା ବେଳେ ରାହୁଲ ୧୭ତମ ଓଭରରେ ଷଷ୍ଠ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ରାହୁଲ ୫୨ ବଲରେ ୧୧ ଚୌକା ଓ ୪ ଛକା ସହିତ ୯୨ ରନ କରି ଆଉଟ୍ ହୋଇଥିଲେ। ପୂର୍ବରୁ ରିଟାୟର୍ଡ ହର୍ଟ ହୋଇଥିବା ଡେଭିଡ୍ ମିଲର ୧୯ତମ ଓଭରରେ ଲଗାତର ୩ ଛକା ସହିତ ୨୩ ରନ କରିଥିଲେ। ଅନ୍ତିମ ଓଭରରେ ଦଳକୁ ଜିତିବା ପାଇଁ ୧୩ ରନ ଦରକାର ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପ୍ରଥମ ବଲକୁ ଚୌକା ମାରିବା ପରେ ବିପ୍ରଜ ନିଗମ ଦ୍ୱିତୀୟ ବଲରେ ଆଉଟ୍ ହୋଇଥିଲେ। ମିଲର ଚତୁର୍ଥ ବଲକୁ ଛକା ମାରିବାରୁ ଅନ୍ତିମ ଦୁଇ ବଲରେ ୨ ରନ ଦରକାର ଥିଲା। ହେଲେ ମିଲର ପଞ୍ଚମ ବଲରେ ସିଙ୍ଗଲ ନେବାକୁ ମନା କରିଥିଲେ। ଓଭରର ଷଷ୍ଠ ତଥା ଅନ୍ତିମ ବଲକୁ ସେ ମିସ କରିଥିଲେ। ଫଳରେ ଦିଲ୍ଲୀ ୨୦ ଓଭରରେ ୮ ଉଇକେଟ ହରାଇ ୨୦୯ ରନ କରିବାକୁ ସକ୍ଷମ ହୋଇଥିଲା। ମିଲର ୨୦ ବଲରେ ୪୧ (୩ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ଗୁଜରାଟ ପାଇଁ ରସିଦ ଖାନ ୩ ଓ ପ୍ରସିଦ୍ଧ କ୍ରିଷ୍ଣା ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୧୦/୪ (ଜୋଶ ବଟଲର-୫୨, ଶୁବମନ ଗିଲ୍-୭୦, ୱାଶିଂଟନ ସୁନ୍ଦର- ୫୫, ମୁକେଶ କୁମାର-୨/୫୫)। ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୦୯/୮ (ପଥୁମ ନିଶଙ୍କା-୪୧, ଲୋକେଶ ରାହୁଲ-୯୨, ଡେଭିଡ୍ ମିଲର-୪୧*, ରଶିଦ ଖାନ-୩/୧୭, ପ୍ରସିଦ୍ଧ କ୍ରିଷ୍ଣା-୨/୫୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୦ | ୬ | +୨.୪୦୩ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୦ | ୧ | ୫ | +୦.୬୩୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୦ | ୪ | +୨.୫୦୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୨ | ୧ | ୦ | ୪ | +୦.୮୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୦ | ୨ | +୦.୨୭୫ |
| ଗୁଜରାଟ ଟାଇଟନ୍ସ | ୩ | ୧ | ୨ | ୦ | ୨ | -୦.୨୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୦ | ୨ | -୦.୫୪୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୦ | ୨ | -୦.୭୧୫ |
| ନାଇଟ ରାଇଡର୍ସ | ୩ | ୦ | ୨ | ୧ | ୧ | -୧.୯୬୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୦ | ୩ | ୦ | ୦ | -୨.୫୧୭ |




ଗୁଜରାଟ ଟାଇଟନ୍ସ-ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ୍ ମ୍ୟାଚ ଅବସରରେ ଦର୍ଶକରେ ଭରା ଅରୁଣ ଜେଟଲୀ ଷ୍ଟାଡିୟମ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ଲକ୍ଷ୍ନୌ**

ସ୍ଥାନ: କୋଲକାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ବେଞ୍ଚ୍‌ରେ ବସିଥିବା ଖେଳାଳିଙ୍କ ଲାଗି ନୂଆ ନିୟମ

**ନୂଆଦିଲ୍ଲୀ, ୮।୪**

ଆଇପିଏଲ୍ ମ୍ୟାଚ୍‌ବେଳେ ବେଞ୍ଚ୍‌ରେ ବସିଥିବା ଖେଳାଳିମାନେ ଗ୍ରାଉଣ୍ଡରେ ଆଉ ଏଣେତେଣେ ବୁଲିପାରିବେ ନାହିଁ। ଏପରିକି ଅତିରିକ୍ତ ଖେଳାଳିମାନଙ୍କୁ ଗ୍ରାଉଣ୍ଡରେ ପ୍ରବେଶ କରିବାକୁ ଅନୁମତି ମିଳିବ ନାହିଁ। କେବଳ ପ୍ରତ୍ୟେକ ମ୍ୟାଚ୍ ଲାଗି ଟିମ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଦିଆଯାଇଥିବା ଖେଳାଳିଙ୍କ ତାଲିକାରେ ସ୍ଥାନ ପାଇଥିବା ୧୬ ଖେଳାଳି ହିଁ ଗ୍ରାଉଣ୍ଡରେ ପ୍ରବେଶ କରିପାରିବେ। ଏ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ବୁଧବାର ନୂଆ ନିୟମ ଜାରି କରାଯାଇଛି। ମ୍ୟାଚ୍ ପ୍ଲେଇଂ କଣ୍ଡିଶନ(ଏମ୍‌ପିସି)ରେ କରାଯାଇଥିବା ଏହି ପରିବର୍ତ୍ତନ ସମ୍ପର୍କରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌କୁ ପୂର୍ବରୁ ଜଣାଇ ଦିଆଯାଇଛି। ତେବେ କେଉଁ କାରଣରୁ ଏହି ନୂଆ ନିୟମ କରାଯାଇଛି, ତାହା ପ୍ରକାଶ କରାଯାଇନାହିଁ। କିନ୍ତୁ ନିକଟରେ ବିସିସିଆଇ ଓ ଆଇପିଏଲ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ବଦଳ ଖେଳାଳିଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯେଉଁଥିରେ ମ୍ୟାଚ୍ ଲାଗି ସ୍ୱୀକୃତିପ୍ରାପ୍ତ ୧୬ ଖେଳାଳିଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଡ୍ରିଙ୍କ୍ସ, ବ୍ୟାଟ୍ସ କିମ୍ବା ମେସେଜ୍ ଦେବାକୁ ଗ୍ରାଉଣ୍ଡ ମଧ୍ୟକୁ ଯାଇପାରିବେ ନାହିଁ। ଏଥିସହିତ ଚୂଡ଼ାନ୍ତ ଦଳର ଅଂଶ ନ ଥିବା ୫ ଖେଳାଳି ମ୍ୟାଚ୍‌ବେଳେ ଟ୍ରେନିଂ ବିବ୍ସ ପିନ୍ଧି ବାଉଣ୍ଡାରି ଆଖପାଖରେ ବୁଲିପାରିବେ ବୋଲି ଉଲ୍ଲେଖ ରହିଥିଲା।

## କୋର୍ଟରେ ର‌୍ୟାକେଟ ଭାଙ୍ଗିଲେ ମେଡଭେଡେଭ



**ମାଡ୍ରିଡ୍,୮।୪**

**ମଣ୍ଟେ କାର୍ଲୋ ମାଷ୍ଟର୍ସ**

ସ୍ପେନର ରୋକବ୍ରୁନ-କ୍ୟାପ ମାର୍ଟିନଠାରେ ଚାଲିଥିବା ମଣ୍ଟେ କାର୍ଲୋ ମାଷ୍ଟର୍ସରେ ବୁଧବାର ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଥିଲା। ୱାର୍ଲ୍ଡ ନଂ. ୧୦ ଡାନିଲ ମେଡଭେଡେଭ ପ୍ରଥମ ରାଉଣ୍ଡରେ ପରାଜିତ ହେବା ପରେ ନିଜ ର‌୍ୟାକେଟକୁ କୋର୍ଟରେ ବାଡ଼େଇ ବାଡ଼େଇ ଭାଙ୍ଗିଥିଲେ। ଏହି ମ୍ୟାଚ୍‌ରେ ସେ ଇଟାଲିର ୱାଇଲ୍ଡକାର୍ଡ ଧାରୀ ମାଟେଓ ବରେଟିନିଙ୍କଠାରୁ ପରାଜିତ ହୋଇଥିବା ବେଳେ ମ୍ୟାଚ୍‌ରେ ସେ ଗୋଟିଏ ହେଲେ ବି ଗେମ୍ ଜିତିପାରି ନ ଥିଲେ। ସେ ୦-୬, ୦-୬ ସେଟ୍‌ରେ ପରାଜିତ ହୋଇଥିଲେ। କ୍ୟାରିୟରରେ ପ୍ରଥମ ଥର ପାଇଁ କୌଣସି ଟୁର ସ୍ତରୀୟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ସେ ଗୋଟିଏ ବି ହେଲେ ଗେମ୍ ଜିତିବାକୁ ବିଫଳ ହୋଇଥିଲେ। ନିଜ ପ୍ରଦର୍ଶନରେ ନିରାଶ ହୋଇ ସେ ର‌୍ୟାକେଟ ଭାଙ୍ଗିବା ପରେ ଅବଶିଷ୍ଟାଂଶକୁ କୋର୍ଟରେ ଥିବା ଡଷ୍ଟବିନରେ ପକାଇଥିଲେ। ଚଳିତ ବର୍ଷ ଦୁବାଇ ଓ ବ୍ରିସବେନରେ ଟାଇଟଲ ଜିତିଥିବା ୩୦ ବର୍ଷୀୟ ମେଡଭେଡେଭ ମ୍ୟାଚ୍‌ରେ ୨୭ଟି ଅନଫୋର୍ସଡ ଏରର କରିଥିଲେ।

ଅନ୍ୟପକ୍ଷରେ ୱାର୍ଲ୍ଡ ନଂ.୩ ଆଲେକଜାଣ୍ଡର ଜ୍ୱେରେଭ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ୧୩ତମ ସିଡ୍ ଆଣ୍ଡି ରୁବଲେଭ ପରାଜୟ ସହ ବିଦାୟ ନେଇଛନ୍ତି। ଜ୍ୱେରେଭ ୪-୬, ୬-୪, ୭-୫ ସେଟ୍‌ରେ କ୍ରିଷ୍ଟିଆନ ଗାରିନଙ୍କୁ ପରାସ୍ତ କରିଥିବା ବେଳେ ରୁବଲେଭ ୪-୬, ୧-୬ ସେଟ୍‌ରେ ଅଣସିଡ୍ ଖେଳାଳି ଜିଜୋ ବର୍ଗସଙ୍କଠାରୁ ପରାସ୍ତ ହୋଇଛନ୍ତି।

## ନୂଆ କୋଚ୍ ନିଯୁକ୍ତିରେ ପାକିସ୍ତାନ ଖେଳାଳି ନିରାଶ

**କରାଚୀ, ୮।୪(ପି.ଟି.)**

ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ତା'ର ଜାତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଅଷ୍ଟ୍ରେଲିଆର କଲିନ୍ ବାଚ୍‌ଙ୍କୁ ବଦଳାଇବାକୁ ନିଷ୍ପତ୍ତି ନେଇଛି। ଆଗାମୀ ଏଫ୍‌ଆଇଏଚ୍ ପ୍ରୋ ନେଶନ୍ସ ଲିଗ୍ ଓ ବିଶ୍ୱକପ୍ ଲାଗି ପୂର୍ବତନ ଅଲିମ୍ପିଆନ୍ ମନଜୁର ଉଲ ହାସନଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ମନଜୁର ୭୦ ଓ ୮୦ ଦଶକର ଜଣେ ଜଣାଶୁଣା ଡିଫେଣ୍ଡର। ତେବେ ଫେଡେରେଶନର ଏଭଳି ହଠାତ୍ ନିଷ୍ପତ୍ତି ଖେଳାଳିଙ୍କୁ ଚକିତ କରିଛି। ଜଣେ ଖେଳାଳି ତାଙ୍କ ନାମ ପ୍ରକାଶ ନ କରିବା ସର୍ତ୍ତରେ କହିଛନ୍ତି, ଆମେ କଲିନ୍‌ଙ୍କ ସହ ଖୁସି ଥିଲୁ, ଯିଏକି ଜଣେ ସ୍ୱୀକୃତିପ୍ରାପ୍ତ କୋଚ୍। ଆଗକୁ ଆସୁଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ସଫଳ ପ୍ରଦର୍ଶନ କରିବା ପାଇଁ ଆମକୁ କ'ଣ ଦରକାର ତାଙ୍କୁ ଭଲ ଭାବେ ଜଣା। କିନ୍ତୁ ବର୍ତ୍ତମାନ ପିଏଚ୍‌ଏଫ୍‌ର ନିଷ୍ପତ୍ତି ଆମ ସଭିଙ୍କୁ ଚକିତ କରିଛି। ଏବେ ଦଳର ପ୍ରାୟ ଖେଳାଳି ବିଦେଶୀ ଲିଗ୍‌ରେ ଖେଳିବା ପାଇଁ ବାହାରେ ଅଛନ୍ତି। ସେମାନେ ଫେରିବା ପରେ ଜଣେ ବିଦେଶୀ କୋଚ୍‌ଙ୍କୁ ନିଯୁକ୍ତ କରିବା ଲାଗି ଆମେ ଫେଡେରେଶନକୁ ବୁଝାଇବାକୁ ଚେଷ୍ଟା କରିବୁ। ଅନ୍ତରୀଣ ପିଏଚ୍‌ଏଫ୍ ପୂର୍ବତନ ଅଲିମ୍ପିଆନ୍ ସାମିଉଲା ଖାନ୍‌ଙ୍କ ନେତୃତ୍ୱରେ ଏକ ଜାତୀୟ ଚୟନ କମିଟି ଗଠନ କରିଛି। ଏଥିରେ ନଇମ ଅଖ୍‌ତର, କଶିଫ ଜୱାଦ୍, ମହମ୍ମଦ ଖାଲିଦ, ନାସିର ଅଲୀ ଓ ଅତିଫ୍ ବଶିର ରହିଛନ୍ତି। ସୂଚନା ଯେ, ପାକିସ୍ତାନ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ହାସଲ କରିଛି।

## ମେ' ୫ରୁ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଚେସ୍

**ଭୁବନେଶ୍ୱର, ୮।୪(ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ସହଯୋଗରେ ପ୍ରଥମଥର ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ୭ ବର୍ଷରୁ କମ୍ ଚେସ୍ ଅନୁଷ୍ଠିତ ହେବ। ଆସନ୍ତା ମେ' ୫ରୁ ୭ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ନୟାପଲ୍ଲୀସ୍ଥିତ 'ପ୍ରୋ-ଚେ-ଷ୍ଟା' ପରିସରରେ ଆୟୋଜନ ହେବ। ପ୍ରତିଯୋଗିତାରେ ରାଜ୍ୟର ସବୁ ଜିଲାର ବାଳିକା ଓ ବାଳକ ଖେଳାଳି ଭାଗ ନେଇପାରିବେ। ପ୍ରଦର୍ଶନଭିତ୍ତିରେ ରାଜ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ୪ ଜଣ ଲେଖାଏ ବାଳିକା ଓ ବାଳକ ଖେଳାଳି ସର୍ବଭାରତୀୟ ସ୍ତରରେ ମହାରାଷ୍ଟ୍ରରେ ହେବାକୁଥିବା ୭ ବର୍ଷରୁ କମ୍ ଚେସ୍ ପାଇଁ ଯୋଗ୍ୟ ବିବେଚିତ ହେବେ। ପ୍ରତିଯୋଗିତା ସମ୍ପର୍କିତ ସୂଚନା ଦେବେନ୍ଦ୍ର ପ୍ରଧାନ ସ୍ମୃତି କମିଟିର ସଭାପତି ତଥା ବରିଷ୍ଠ ଭାଜପା ନେତା ସମୀର ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଅବସରରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ୍ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଆୟୋଜକ କମିଟିର ସଂଯୋଜକ ଲଲାଟ କେଶରୀ ସାମଲ, ବରିଷ୍ଠ ଆଇନଜୀବୀ ଅଶୋକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଗ୍ରହୀ ଖେଳାଳିମାନେ ୩ ତାରିଖ ସୁଦ୍ଧା ଶୁଭାଶିଷ ପଟ୍ଟନାୟକ କିମ୍ବା ଭବେଶ ମହାନ୍ତିଙ୍କ ସହ ଯୋଗାଯୋଗ କରି ସେମାନଙ୍କ ନାମ ପଞ୍ଜୀକରଣ କରିବେ। ୭ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତା ଲାଗି ୬୦୦ ଟଙ୍କା ଏଣ୍ଟ୍ରି ଫି' ରଖାଯାଇଛି। ଟୁର୍ନାମେଣ୍ଟ ପାଇଁ ମୋଟ ୨୦,୦୦୦ ଟଙ୍କା ପୁରସ୍କାର ରାଶି(ଉଭୟ ବର୍ଗ ନିମନ୍ତେ) ସହ ୨୬ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ ବ୍ୟବସ୍ଥା ରହିଛି।



ପ୍ରତିଯୋଗିତାର କାର୍ଯ୍ୟସୂଚୀ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୯/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Thursday, April 9/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 134 | ମୂଲ୍ୟ ₹୭/-


# ଓଡ଼ିଶା ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରୁଛି: ମୁଖ୍ୟମନ୍ତ୍ରୀ

## ଭୂଇଁପୁରରେ ୩୬ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ

- ସୃଷ୍ଟି ହେବ ୫୯ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
- ଶିଳ୍ପପତିଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି

ଖୋର୍ଦ୍ଧା, ୮।୪(ପ୍ରଭାତ ପାଣିଗ୍ରାହୀ)/ ବେଗୁନିଆ (ହରପ୍ରସନ୍ନ ପଣ୍ଡା)



ଖୋର୍ଦ୍ଧା ଜିଲା ବେଗୁନିଆ ନିକଟ ଭୂଇଁପୁରଠାରେ ଏକ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ।

ଶିଳ୍ପ ଅଭିବୃଦ୍ଧି ଓ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଭୂଇଁପୁରଠାରେ ୬ଟି ଜିଲା ପାଇଁ ୪୦,୮୧୧ କୋଟି ଟଙ୍କା ନିବେଶରେ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ ୧୧ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରୁଛି। ୩୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ଦ୍ୱାରା ୫୯,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ୍ ଏନର୍ଜି ଉପକରଣ, ଧାତୁ ଓ ଡାଉନଷ୍ଟ୍ରିମ୍, ବୟନ ଓ ପୋଷାକ, ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟ ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ।

ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ସମୃଦ୍ଧ ଓଡ଼ିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଫର୍ଦ୍ଦ ଯୋଡ଼ିହେଲା। ବର୍ତ୍ତମାନ ଓଡ଼ିଶାରେ ଚାଲିଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବର ଏହା ହେଉଛି ବାସ୍ତବ ପ୍ରତିଫଳନ। ପୂର୍ବରୁ ଆମ ସରକାର ଗତ ୧୮–୨୦ ମାସ ମଧ୍ୟରେ ପ୍ରାୟ ଅଢେଇ ଲକ୍ଷ କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି, ଯଦ୍ୱାରା ୧ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି। ଆମକୁ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ କରିବାକୁ ପଡୁଥିଲା, ସେଗୁଡ଼ିକ ଏବେ ଆମ ମାଟିରେ ତିଆରି ହେବ। ଏହି ସଫଳତା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରକଳ୍ପଗୁଡ଼ିକ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚଳିତ ବଜେଟରେ ଭିତ୍ତିଭୂମି ପାଇଁ ୭୨ହଜାର କୋଟିରୁ ଅଧିକ ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ବର୍ତ୍ତମାନ ଓଡ଼ିଶା ଜିଡିପିର ପ୍ରାୟ ୬.୫ ପ୍ରତିଶତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତିମାନଙ୍କ ସହ ଏକ ସ୍ୱତନ୍ତ୍ର ରାଉଣ୍ଡଟେବୁଲ୍ ବୈଠକରେ ଯୋଗଦେଇ ନୂତନ ପ୍ରକଳ୍ପଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଶିଳ୍ପର ବିକାଶ ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧ ବୋଲି ସେ କହିଥିଲେ। ସଭା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରକଳ୍ପଗୁଡ଼ିକର ପ୍ରଦର୍ଶନୀ ବୁଲି ଦେଖିବା ସହ କମ୍ପାନୀ ପ୍ରତିନିଧିମାନଙ୍କ ସହିତ କଥା ହୋଇଥିଲେ। ଏକ ☞ପୃଷ୍ଠା–୭

# ରାଜ୍ୟ ସଭା ସଂସଦୀୟ ଦଳ ନେତା ପଦରୁ ସସ୍ମିତଙ୍କ ଇସ୍ତଫା

## ବିଜେଡି ଏମ୍‌ପିମାନଙ୍କ ଚିଠି ପରେ ପଦରୁ ଓହରିଲେ

ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)



ସସ୍ମିତ ପାତ୍ର

ରାଜ୍ୟ ସଭାର ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ର ଇସ୍ତଫା ଦେଇଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା ଜଣାପଡ଼ିଛି। କିଛିଦିନ ହେବ ସସ୍ମିତଙ୍କୁ ସଂସଦୀୟ ଦଳ ନେତା ପଦରୁ ହଟାଇବା ଲାଗି ରାଜ୍ୟ ସଭାର ସବୁ ଦଳୀୟ ଏମ୍‌ପି ଚିଠି ମାଧ୍ୟମରେ ନବୀନଙ୍କୁ ଜଣାଇଥିବା ଚର୍ଚ୍ଚା ହେଉଥିଲା। ମାତ୍ର ଏନେଇ ସସ୍ମିତ ବିଧିବଦ୍ଧ ଭାବେ କିଛି ସୂଚନା ଦେଉ ନ ଥିଲେ। ମାତ୍ର ସସ୍ମିତ ବୁଧବାର ଇସ୍ତଫା ଦେବାପରେ ସେହି ଚର୍ଚ୍ଚାର ସତ୍ୟତା ଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି।

ସୂତ୍ରରୁ ମିଳିଥିବା ଖବର ମୁତାବକ, ୱକଫ୍ ବିଲ୍ ସମୟରେ ଭାଜପା ସମର୍ଥିତ ଏନ୍‌ଡିଏ ସରକାରକୁ ବିଜେଡି ଏମ୍‌ପିମାନେ ସମର୍ଥନ ଦେବା ପରେ ଯେଉଁ ବାଦବିବାଦ ଆରମ୍ଭ ହୋଇଥିଲା ସସ୍ମିତଙ୍କ ଇସ୍ତଫା ପଛରେ ଏହା ମଧ୍ୟ ଗୋଟିଏ କାରଣ ବୋଲି କୁହାଯାଉଛି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବାବଦରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟକୁ ନେଇ ରାଜ୍ୟ ସଭାର ଅନ୍ୟ ଏମ୍‌ପିମାନେ ପ୍ରଶ୍ନ ଉଠାଇଥିବା ଚର୍ଚ୍ଚା ହେଉଛି। ଜଣେ ବରିଷ୍ଠ ବିଜେଡି ନେତାଙ୍କ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଦୁବେ ଯେତେବେଳେ ମନ୍ତବ୍ୟ ଦେଲେ କାହା ସହ ଆଲୋଚନା ନ କରି ସସ୍ମିତ ପ୍ରଥମେ ତାଙ୍କ ସାମାଜିକ ଗଣମାଧ୍ୟମରେ ଗୋଟିଏ ପୋଷ୍ଟ ସେହି ଘଟଣାକୁ ନେଇ କରିଦେଲେ। ଏହାପରେ ଯେଉଁ ସୋମବାର ପଡ଼ିଲା, ରାଜ୍ୟ ସଭାରେ କାହାକୁ କିଛି ନ କହି ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଏକୁଟିଆ କକ୍ଷତ୍ୟାଗ କଲେ। ବିଜେଡି ରାଜ୍ୟ ସଭା ଦଳ ନେତା ଭାବେ ଯେତେବେଳେ ସସ୍ମିତ କକ୍ଷତ୍ୟାଗ କଲେ ତାଙ୍କ ପଛରେ ଅନ୍ୟ ଏମ୍‌ପିମାନେ ବାଧ୍ୟହୋଇ ବାହାରକୁ ଚାଲିଗଲେ। ଏହି ଘଟଣାକୁ ନେଇ ମଧ୍ୟ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଲା। ଏହାପରେ ସବୁ ଏମ୍‌ପି ଏ ବାବଦରେ ନବୀନ ନିବାସକୁ ସେମାନଙ୍କ ଅଭିଯୋଗରେ ସସ୍ମିତଙ୍କୁ ରାଜ୍ୟ ସଭା ଦଳ ନେତା ପଦରୁ କାଢ଼ିବା ପାଇଁ ଦାବିକଲେ। ଶେଷରେ ନବୀନ ଏହି କଥାକୁ ଗ୍ରହଣକରି ସସ୍ମିତଙ୍କୁ ପଦରୁ ☞ପୃଷ୍ଠା–୭






ବିଏସ୍ଇ ସେନ୍ସେକ୍ସ
୭୭,୫୬୨(+୨୯୪୬)



୧ ଡଲାର = ୯୨.୫୫ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୪.୨୭ ଡଲାର

# ଜିଡିପି ଅଭିବୃଦ୍ଧି ଆକଳନ ୬.୯%: ଆର୍‌ବିଆଇ

**ନୂଆଦିଲ୍ଲୀ , ୮।୪**



୨୦୨୬-୨୭ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୬.୯ ପ୍ରତିଶତ ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଆକଳନ କରାଯାଇଛି। ବୁଧବାର ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ଶେଷ ହେବା ପରେ ରେପୋ ହାର ଅପରିବର୍ତ୍ତିତ ରଖିବା ନେଇ ଆର୍‌ବିଆଇ ପକ୍ଷରୁ ଘୋଷଣା କରାଯିବା ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ସମ୍ପର୍କରେ ଗଭର୍ନର ସଞ୍ଜୟ ମାଲହୋତ୍ରା ସୂଚନା ଦେଇଥିଲେ। ସେ କହିଥିଲେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ଆକଳନ ୬.୮ ପ୍ରତିଶତ ରହିଥିଲାବେଳେ ଦ୍ୱିତୀୟ ତ୍ରୈମାସରେ ୬.୭ ପ୍ରତିଶତ , ତୃତୀୟ ତ୍ରୈମାସରେ ୭ ପ୍ରତିଶତ ଏବଂ ୪ର୍ଥ ତଥା ଶେଷ ତ୍ରୈମାସରେ ଅଭିବୃଦ୍ଧି ୭.୨ ପ୍ରତିଶତ ରହିଛି। ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତିକୁ ନେଇ ଜାତୀୟ ଅଭିବୃଦ୍ଧି ଧାରା ପ୍ରଭାବିତ ହୋଇଥିଲେ ହେଁ କେତେକ ପ୍ରମୁଖ କ୍ଷେତ୍ରର ଅର୍ଥନୈତିକ ଅଭିବୃଦ୍ଧି ଧାରା ଅବ୍ୟାହତ ରହିବ ବୋଲି ସେ କହିଛନ୍ତି। ଯୁଦ୍ଧ ପୂର୍ବରୁ ୨୦୨୬-୨୭ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ୬.୮ରୁ ୭.୨ ପ୍ରତିଶତ ରହିବ ବୋଲି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଅନନ୍ତ ନାଗେଶ୍ୱରନ୍ ଆକଳନ କରିଥିଲେ। କିନ୍ତୁ ସାମ୍ପ୍ରତିକ ସ୍ଥିତିକୁ ନେଇ ଆର୍‌ବିଆଇ ଏଥିରେ ହ୍ରାସ କରିଛି। ଅନ୍ୟପକ୍ଷରେ ନୂଆ ଜିଡିପି ସିରିଜ୍ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ୭.୬ ପ୍ରତିଶତ ରହିବ ବୋଲି କୁହାଯାଇଛି।

# ରେପୋ ହାର ଅପରିବର୍ତ୍ତିତ

## ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ମହଙ୍ଗା ଭୟ

**ନୂଆଦିଲ୍ଲୀ , ୮।୪**



ସଞ୍ଜୟ ମାଲହୋତ୍ରା

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକକୁ ନେଇ ଯାହା ଆଶା କରାଯାଉଥିଲା ତାହା ହିଁ ଘଟିଛି। ରେପୋ ହାର ଅପରିବର୍ତ୍ତିତ ରଖିବାକୁ ଏମ୍‌ପିସି ବୈଠକରେ ବୁଧବାର ଘୋଷଣା କରାଯାଇଛି। ଚଳିତ ଆର୍ଥିକ ବର୍ଷ(୨୦୨୬-୨୭)ର ପ୍ରଥମ ଏମ୍‌ପିସି ବୈଠକ ଗତ ୬ ତାରିଖରୁ ଆରମ୍ଭ ହୋଇ ବୁଧବାର ଶେଷ ହୋଇଥିଲାବେଳେ ସାମ୍ପ୍ରତିକ ଅର୍ଥ ବ୍ୟବସ୍ଥାକୁ ନେଇ ଏହି ବୈଠକର ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଶେଷକରି ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଜାତୀୟ ଅର୍ଥନୀତି ପ୍ରଭାବିତ ହୋଇଥିବାରୁ ରିଜର୍ଭ ବ୍ୟାଙ୍କ ସୁଧ (ରେପୋ) ହାର କ'ଣ ରହିବ ତାହାକୁ ନେଇ ବିଭିନ୍ନ ମହଲରେ ଉତ୍କଣ୍ଠା ଲାଗି ରହିଥିଲା। ତେବେ ସାମ୍ପ୍ରତିକ ସ୍ଥିତିକୁ ମୁକାବିଲା କରିବା ଏବଂ ଆଗାମୀ ଦିନରେ ଜାତୀୟ ଅଭିବୃଦ୍ଧି ଧାରାକୁ ସ୍ୱାଭାବିକ ରଖିବା ଲକ୍ଷ୍ୟରେ ଏମ୍‌ପିସି କମିଟି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଇରାନ୍ ଓ ଆମେରିକା ମଧ୍ୟରେ ଯୁଦ୍ଧ ବିରତିକୁ ନେଇ କିଛିଟା ବୁଝାମଣା ହେବା ସହ ୧୫ ଦିନ ଲାଗି ଯୁଦ୍ଧବିରତି ଘୋଷଣା କରାଯାଇଛି। ହେଲେ ଯୁଦ୍ଧ ଭୟ ସମ୍ପୂର୍ଣ୍ଣ ଟଳିନାହିଁ। ଏହାକୁ ନେଇ ଜାତୀୟ ଅର୍ଥନୀତି ଉପରେ ଯୁଦ୍ଧର ପ୍ରଭାବ ଅନିଶ୍ଚିତ ହୋଇପଡ଼ିଛି। ସେହିପରି ଚଳିତବର୍ଷ ମୌସୁମୀର ସ୍ୱାଭାବିକତା ଏବଂ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ ଆଶଙ୍କା ସହ ଯୁଦ୍ଧ ସ୍ଥିତି ଭବିଷ୍ୟତରେ ମହଙ୍ଗା ସ୍ଥିତି ଉତ୍ପନ୍ନ କରିବା ଆଶଙ୍କାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଆର୍‌ବିଆଇ 'ୱେଟ୍ ଆଣ୍ଡ ୱାଚ୍' ଭିତ୍ତିରେ 'ନ୍ୟୁଟ୍ରାଲ ଷ୍ଟାନ୍ସ' ନୀତି ଗ୍ରହଣ କରି ରେପୋ ହାର ପୂର୍ବବତ୍ ୫.୨୫ ପ୍ରତିଶତରେ ସୀମିତ ରଖିଛନ୍ତି। ଏ ସମ୍ପର୍କରେ ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା କହିଛନ୍ତି, ଦେଶର ଅର୍ଥନୀତି ବ୍ୟବସ୍ଥା ସୁଦୃଢ଼ ରହିଥିଲେ ହେଁ ଯୁଦ୍ଧ ପରିସ୍ଥିତିକୁ ନେଇ ଅନେକ ଦିଗରେ ଆହ୍ୱାନ ରହିଛି। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ଏବେ ଖାଉଟିଙ୍କଠାରୁ ଆରମ୍ଭକରି ଶିଳ୍ପ କ୍ଷେତ୍ରକୁ ପ୍ରଭାବିତ କରିଥିବାରୁ ବୃହତର ଦୃଷ୍ଟିରେ ଏହାର ପ୍ରଭାବ ଆର୍ଥିକ ଧାରାକୁ ମଧ୍ୟ ପ୍ରଭାବିତ କରିବା ଆଶଙ୍କା ରହିଛି। ତେଣୁ ସବୁ ଦିଗକୁ ବିଚାରକରି ଆର୍‌ବିଆଇ ରେପୋ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି ବୋଲି ମାଲହୋତ୍ରା କହିଛନ୍ତି। ରେପୋ ଅପରିବର୍ତ୍ତିତ ରହିବା ଦ୍ୱାରା ଖାଉଟି ସ୍ତରରେ କୌଣସି ଲାଭ ନ ମିଳିଲେ ମଧ୍ୟ ବ୍ୟାଙ୍କ ସୁଧ ହାର ଏବଂ କିସ୍ତି ଅପରିବର୍ତ୍ତିତ ରହିବ। ଗ୍ରାହକମାନଙ୍କ ଉପରେ କୌଣସି ଉଚ୍ଚ ସୁଧ ହାର ଚାପ ପଡ଼ିବ ନାହିଁ। ଏହାକୁ ମିଶାଇ ଆର୍‌ବିଆଇ କ୍ରମାଗତ ତୃତୀୟ ଥର ପାଇଁ ରେପୋ ଅପରିବର୍ତ୍ତିତ ରଖିଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ପୂର୍ବରୁ ରେପୋ ହାର କ୍ରମାଗତ ୫ ବର୍ଷ ଧରି ୬.୫ ପ୍ରତିଶତ ରହିଥିଲା। କିନ୍ତୁ ସେହି ମାସରେ ଏଥିରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇ ଏହାକୁ ୬.୨୫ ପ୍ରତିଶତ ରଖାଯାଇଥିଲା। ଏହାର ପରବର୍ତ୍ତୀ ଏମ୍‌ପିସି ବୈଠକରେ ଅର୍ଥାତ୍ ୨୦୨୫ ଏପ୍ରିଲରେ ପୁଣି ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇ ଏହାକୁ ୬ ପ୍ରତିଶତ ରଖାଯାଇଥିଲା। ଏହାପରେ ଜୁନ୍‌ରେ ଏହା ୫.୫ ପ୍ରତିଶତକୁ ହ୍ରାସ କରାଯାଇଥିଲାବେଳେ ୨୦୨୫ ଡିସେମ୍ବରରେ ପୁଣି ୨୫ ବେସିସ୍ ପଏଣ୍ଟ ହ୍ରାସରେ ଏହାକୁ ୫.୨୫ ପ୍ରତିଶତ ରଖାଯାଇଥିଲା।

# ଯୁଦ୍ଧବିରତି, ଅପରିବର୍ତ୍ତିତ ରେପୋକୁ ନେଇ ନିବେଶକ ଉତ୍ସାହିତ

## ସେନ୍ସେକ୍ସରେ ୨୯୪୬ ପଏଣ୍ଟ ବୃଦ୍ଧି

**ମୁମ୍ବାଇ , ୮।୪**



ଗତ କିଛିଦିନ ହେଲା ପୂର୍ବ ତୁଳନାରେ ଉତ୍ସାହିତ ରହିଥିବା ଭାରତୀୟ ଶେୟାର ବଜାର ବୁଧବାର ରେକର୍ଡ କରିଛି। ଭିନ୍ନ କାରଣକୁ ନେଇ ନିବେଶକ ଉତ୍ସାହିତ ହୋଇଥିବାବେଳେ ଗୋଟିଏ ପର୍ଯ୍ୟାୟ କାରବାରରେ ବିଏସ୍ଇ ସେନ୍ସେକ୍ସ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ଶେୟାର ଭଲ ପ୍ରଦର୍ଶନ କରିବା ସହ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) କାରବାରରେ ମଧ୍ୟ ଆଖିଦୃଶିଆ ଉନ୍ନତି ଘଟିଛି। ଇରାନ୍ ବିରୋଧରେ ଆମେରିକା ୧୫ ଦିନ ଯୁଦ୍ଧବିରତି ଘୋଷଣା କରିବା ପରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଇଛି। ଏହାକୁ ନେଇ ବିଦେଶୀ ନିବେଶକ ଉତ୍ସାହିତ ହେବା ସହ ବୈଶ୍ୱିକ ସ୍ତରରେ ଷ୍ଟକ୍ କାରବାର ଉନ୍ନତି ଘଟିଛି। ଏହାର ପ୍ରଭାବରେ ଭାରତୀୟ ଶେୟାର ବଜାରରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାର ଅପରିବର୍ତ୍ତିତ ରଖିବା ଘୋଷଣା କରାଯିବା ପରେ ଘରୋଇ ନିବେଶକ ଆହୁରି ଉତ୍ସାହିତ ହୋଇପଡ଼ିଛନ୍ତି। ଏହାକୁ ନେଇ ବୁଧବାର ଉଭୟ ଷ୍ଟକ୍ ଏକ୍ସଚେଞ୍ଜ କାରବାରରେ ବୃଦ୍ଧି ଘଟିଛି। ବିଏସ୍ଇ ସେନ୍ସେକ୍ସରେ ୨୯୪୬ ପଏଣ୍ଟ ବୃଦ୍ଧି ଘଟି କାରବାର ଶେଷ ବେଳକୁ ଏହା ୭୭,୫୬୨ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନିଫ୍ଟି ମଧ୍ୟ ୮୭୩ ପଏଣ୍ଟ ବୃଦ୍ଧିରେ କାରବାର ଶେଷ ସୁଦ୍ଧା ୨୩,୯୯୭ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି। ରେପୋ ହାର ଅପରିବର୍ତ୍ତିତ ରଖାଯାଇଥିବାରୁ ରିଅଲ ଇଷ୍ଟେଟ୍, ବ୍ୟାଙ୍କିଙ୍ଗ୍, ଅଟୋମୋବାଇଲ ଏବଂ ଫାଇନାନ୍ସିଆଲ ଷ୍ଟକ୍ କାରବାରରେ ସର୍ବାଧିକ ବୃଦ୍ଧି ଘଟିଥିବା କୁହାଯାଇଛି।

# ଉତ୍ପାଦର ଗୁଣବତ୍ତା ସହ ବୁଝାମଣା କରନ୍ତୁ ନାହିଁ

**୨୦୨୧ରେ ପ୍ରତିଷ୍ଠିତ ଉଦୟନାଥ ରିଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ୟୁନିଟ୍ 'ଅର୍ଗାନିକ୍ ମା' ୨୦୨୨ରେ ଭୁବନେଶ୍ୱରର ଡିଏନ୍ ରେଗାଲିଆରୁ ଆରମ୍ଭ ହୋଇଥିଲା। କ୍ରମେ ଏହା ରାଜ୍ୟରେ ବ୍ୟବସାୟ ସମ୍ପ୍ରସାରଣ କରିବାରେ ଲାଗିଛି। ଏହାର ପରିଚାଳନା ନିର୍ଦ୍ଦେଶକ ତଥା ଯୁବୋଦ୍ୟୋଗୀ ଇଂ. ସମ୍ବିତ ରଞ୍ଜନ ସାହୁ ପ୍ରତିଷ୍ଠାନର ସଫଳତାକୁ ଆଗେଇନେବାକୁ ପ୍ରୟାସ ଜାରି ରଖିଛନ୍ତି। ସମ୍ବିତଙ୍କ ଔଦ୍ୟୋଗିକ ଯାତ୍ରା ସମ୍ପର୍କରେ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର...**



ଇଂ. ସମ୍ବିତ ରଞ୍ଜନ ସାହୁ





**ପ୍ର- ଅର୍ଗାନିକ୍ ମା' ପ୍ରତିଷ୍ଠା ଚିନ୍ତାଧାରା କିପରି ମନକୁ ଆସିଥିଲା ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଯାତ୍ରା କିପରି ରହିଛି?**

ଉ- ବ୍ୟକ୍ତି ଜୀବନର କିଛି ଘଟଣାକୁ ନେଇ ଏହି ଉଦ୍ୟୋଗ କରିବା ପାଇଁ ନିଷ୍ପତ୍ତି ନେଇଥିଲି। ୨୦୨୨ରେ ମୋ ମା'ଙ୍କର କ୍ୟାନ୍ସରରେ ଦେହାନ୍ତ ହୋଇଥିଲା। ସେତେବେଳେ ସ୍ୱାସ୍ଥ୍ୟ, ଉତ୍ତମ ଗୁଣବତ୍ତାଯୁକ୍ତ ଖାଦ୍ୟ ଏବଂ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବ ସମ୍ପର୍କରେ ଚିନ୍ତା କରିଥିଲି ଏବଂ ମା'ଙ୍କ ଉଦ୍ଦେଶ୍ୟରେ ଅର୍ଗାନିକ୍ ମା' ଆରମ୍ଭ କରିଥିଲି। ଅର୍ଗାନିକ୍ ମା'ର ଲକ୍ଷ୍ୟ ହେଉଛି, ସୁଲଭ ମୂଲ୍ୟରେ ଉଚ୍ଚମାନର ଉତ୍ପାଦ ଯୋଗାଇବା, ଯଦ୍ୱାରା ସ୍ୱାସ୍ଥ୍ୟ ପ୍ରତି ସଚେତନ ଲୋକମାନେ ଆର୍ଥିକ ବୋଝ ବିନା ଉତ୍ତମ ଖାଦ୍ୟ ପାଇପାରିବେ। ସେହିପରି ମହିଳା ସଶକ୍ତୀକରଣ ତଥା ଗ୍ରାମୀଣ ବିକାଶକୁ ଆମେ ଗୁରୁତ୍ୱ ଦେଇଥାଉ। ଆମେ ବିଶ୍ୱାସ କରୁ ଯେ, ଯେତେବେଳେ ଗ୍ରାମୀଣ ସମ୍ପ୍ରଦାୟଗୁଡ଼ିକୁ ଅର୍ଥନୈତିକ ପ୍ରଗତିରେ ସାମିଲ କରାଯାଏ, ସେତେବେଳେ ପ୍ରକୃତ ଅଭିବୃଦ୍ଧି ହୁଏ। ଅର୍ଗାନିକ୍ ମା' ମାଧ୍ୟମରେ ଆମେ ଏପରି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁଠାରେ ମହିଳାମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିପାରିବେ, ଯୋଗଦାନ ଦେଇପାରିବେ ଏବଂ ସମ୍ମାନ ଓ ଆର୍ଥିକ ସ୍ୱାଧୀନତା ସହିତ ଆଗକୁ ବଢ଼ିପାରିବେ।

**ପ୍ର- ଆପଣଙ୍କର ଅର୍ଗାନିକ୍ ମସଲା ଏବଂ ଡ୍ରାଏ ଫ୍ରୁଟସ୍‌ର ଉତ୍ତମ ଗୁଣବତ୍ତା କିପରି ସୁନିଶ୍ଚିତ କରନ୍ତି? ଆଗକୁ ନୂଆ ଉତ୍ପାଦ ବଜାରକୁ ଆଣିବା ଯୋଜନା ରହିଛି କି?**

ଉ- ଅର୍ଗାନିକ୍ ମା'ରେ ସ୍ୱଚ୍ଛତା ଏବଂ ଗୁଣବତ୍ତା ନିୟନ୍ତ୍ରଣ ହେଉଛି ଆମ ବ୍ରାଣ୍ଡର ମୂଳଦୁଆ। ଆମେ ବିଶ୍ୱସ୍ତ ଉତ୍ସରୁ କଞ୍ଚାମାଲ ଚୟନ କରୁ ଏବଂ ସଂଗ୍ରହ, ସଫେଇ, ଗ୍ରେଡିଂ, ପ୍ୟାକେଜିଂ ଓ ସଂରକ୍ଷଣର ପ୍ରତ୍ୟେକ ପର୍ଯ୍ୟାୟ ଉପରେ ନଜର ରଖୁ। ଏହାଦ୍ୱାରା ଉତ୍ପାଦଗୁଡିକର ଶୁଦ୍ଧତା, ସତେଜତା ଏବଂ ପୁଷ୍ଟିକର ମୂଲ୍ୟ ବଜାୟ ରହେ। ଆମେ ଦୈନନ୍ଦିନ ସ୍ୱାସ୍ଥ୍ୟକର ଜରୁରୀ ସାମଗ୍ରୀ, ମୂଲ୍ୟଯୁକ୍ତ ଗ୍ରୋସରି ଓ ପ୍ରାକୃତିକ ଖାଦ୍ୟ ଉତ୍ପାଦଗୁଡ଼ିକର ସମ୍ପ୍ରସାରଣ ଯୋଜନା କରୁଛୁ।

**ପ୍ର- ଭୁବନେଶ୍ୱର ଏବଂ ଓଡ଼ିଶାର ଅନ୍ୟ ସହରରେ ଆପଣଙ୍କର ଦ୍ରୁତ ରିଟେଲ୍ ସମ୍ପ୍ରସାରଣ ପଛରେ କେଉଁ ରଣନୀତି ରହିଛି? ଆଗକୁ ସମ୍ପ୍ରସାରଣ ପାଇଁ କିଛି ନୂଆ ଯୋଜନା ଅଛି କି?**

ଉ- ଗ୍ରାହକମାନେ ଉଚିତ ମୂଲ୍ୟରେ ଉଚ୍ଚମାନର ଉତ୍ପାଦ ପାଇଲେ ବଜାରରେ ଚାହିଦା ସ୍ଥିର ରହିଥାଏ। ଏହି ଆଭିମୁଖ୍ୟ ଓଡ଼ିଶା ସାରା ଅର୍ଗାନିକ୍ ମା'କୁ ଗ୍ରହଣୀୟ କରିବାରେ ସାହାଯ୍ୟ କରିଛି। ବର୍ତ୍ତମାନ ଭୁବନେଶ୍ୱରର ପ୍ରାୟ ୫୦ଟି ଷ୍ଟୋର୍ ଏବଂ ଓଡ଼ିଶାର ରିଲାଏନ୍ସ ରିଟେଲ୍‌ର ୨୫ଟି ଷ୍ଟୋର୍‌ରେ ଆମର ଉତ୍ପାଦ ଉପଲବ୍ଧ। ଆମେ ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ମଧ୍ୟ ବିସ୍ତାର କରିଛୁ। ବର୍ତ୍ତମାନ ଅର୍ଗାନିକ୍ ମା' ଆମାଜନ, ଫ୍ଲିପକାର୍ଟ, ଜିଓମାର୍ଟରେ ଉପଲବ୍ଧ ହେଉଛି। ଆଗକୁ ବ୍ଲିଙ୍କଇଟ୍ ଏବଂ ବିଗ୍ ବାସ୍କେଟ୍ ସହ ଯୋଡ଼ି ହେବା ପାଇଁ ପ୍ରକ୍ରିୟା ଚାଲିଛି, ଯାହା ଆମର ପହଞ୍ଚକୁ ଆହୁରି ମଜଭୁତ କରିବ।

**ପ୍ର- ଅର୍ଗାନିକ୍ ଏବଂ ସ୍ୱାସ୍ଥ୍ୟକର ସ୍ନାକ୍ସ ବର୍ଗରେ ଆପଣ ଗ୍ରାହକଙ୍କର କେଉଁ ପ୍ରକାରର ପସନ୍ଦ ଲକ୍ଷ୍ୟ କରୁଛନ୍ତି?**

ଉ- ଏହି କ୍ଷେତ୍ରରେ ଗ୍ରାହକମାନେ ଉତ୍ପାଦର ଉପାଦାନ, ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଅଧିକ ସଚେତନ ହେଉଛନ୍ତି। ଏବେ ଲୋକମାନେ ସଂରକ୍ଷଣମୁକ୍ତ (ପ୍ରିଜରଭେଟିଭ-ଫ୍ରି), କ୍ଲିନ୍-ଲେଭଲ୍ ଏବଂ ପ୍ରାକୃତିକ ଉପାଦାନରେ ନିର୍ମିତ ସ୍ନାକ୍ସ ପସନ୍ଦ କରୁଛନ୍ତି। ପାରମ୍ପରିକ ଭାରତୀୟ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଯଥା ମିଲେଟ୍ (ମାଣ୍ଡିଆ ଜାତୀୟ ଶସ୍ୟ), ଡ୍ରାଏ ଫ୍ରୁଟସ୍, ନଟସ୍ ଓ ଫ୍ରାଏଡ୍ ଫୁଡ୍‌ର ଲୋକପ୍ରିୟତା ବୃଦ୍ଧି ପାଉଛି।

**ପ୍ର- ଅର୍ଗାନିକ୍ ରିଟେଲ ଶିଳ୍ପରେ କେଉଁ ସବୁ ଆହ୍ୱାନ ରହିଛି ଏବଂ ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ସବୁଠାରୁ ବଡ଼ ଆହ୍ୱାନ ହେଉଛି ମୂଲ୍ୟକୁ ନେଇ ଗ୍ରାହକଙ୍କ ଧାରଣା। ଅନେକ ଭାବନ୍ତି ଯେ ଅର୍ଗାନିକ୍ (ଜୈବିକ) ଉତ୍ପାଦ ସବୁବେଳେ ମହଙ୍ଗା। ଦ୍ୱିତୀୟରେ ସାଧାରଣ ଉତ୍ପାଦ ଏବଂ ଉଚ୍ଚମାନର ଅର୍ଗାନିକ୍ ଉତ୍ପାଦ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ଗ୍ରାହକଙ୍କ ପାଖରେ ଠିକ୍ ଜ୍ଞାନର ଅଭାବ। ଏହାର ସମାଧାନ ପାଇଁ ଆମେ ଗ୍ରାହକଙ୍କ ସଚେତନତା ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱ ଦେଉଛୁ। ପାରିବାରିକ ବ୍ୟବସାୟର ମୂଲ୍ୟବୋଧ ଏବଂ ବ୍ୟକ୍ତିଗତ ଜୀବନର ଅନୁଭୂତିରୁ ମୋତେ ପ୍ରେରଣା ମିଳିଛି। ନୂତନ ଉଦ୍ୟୋଗୀଙ୍କ ପାଇଁ କହିବାକୁ ଚାହିଁବି ଯେ ଗ୍ରାହକଙ୍କ ଆବଶ୍ୟକତାକୁ ବୁଝନ୍ତୁ, ଉତ୍ପାଦର ଗୁଣବତ୍ତା ସହିତ କେବେ ବି ବୁଝାମଣା କରନ୍ତୁ ନାହିଁ, ବିଶ୍ୱାସ ସୃଷ୍ଟି କରନ୍ତୁ, ମୂଲ୍ୟ ବ୍ୟାବହାରିକ ରଖନ୍ତୁ ଏବଂ ଧୈର୍ଯ୍ୟବାନ୍ ରୁହନ୍ତୁ। ପ୍ରକୃତ ସଫଳତା ସମସ୍ୟାର ସ୍ଥାୟୀ ସମାଧାନ ଦ୍ୱାରା ମିଳିଥାଏ।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)**

ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଚଳିତ ବର୍ଷ 'ସ୍ୱାସ୍ଥ୍ୟ ପାଇଁ ଏକତ୍ରିତ ବିଜ୍ଞାନର ପ୍ରୟୋଗ' ବିଷୟବସ୍ତୁ ଉପରେ ଏହି ଦିବସ ପାଳନ କରାଯାଇଥିଲା। ପାରାଦୀପ କମ୍ପ୍ଲେକ୍ସରେ କର୍ମଚାରୀମାନଙ୍କ ପାଇଁ ଜୁମ୍ବା ଫିଟ୍‌ନେସ୍ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଓଡ଼ିଶା ଅପରେଶନ୍ସ ମୁଖ୍ୟ ୟୁଏସ୍ଆର୍ ରାଜୁ, ପାୱାର ପ୍ଲାଣ୍ଟ ମୁଖ୍ୟ ରାଜର୍ଷି ସିହ୍ନା ଏବଂ ଓଡ଼ିଶା ଆସେଟ୍‌ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଜିତ ଜେନା ଯୋଗଦେଇଥିଲେ। ଭୁବନେଶ୍ୱର କାର୍ଯ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ମାନବ ସମ୍ବଳ ବିଭାଗର ପୂର୍ବାଞ୍ଚଳ ମୁଖ୍ୟ ଡ. ଦେବବ୍ରତ ଦାଶ ଉପସ୍ଥିତ ଥିଲେ। କେନ୍ଦୁଝରସ୍ଥିତ ଦାବୁନା ବେନିଫିସିଏଶନ ପ୍ଲାଣ୍ଟରେ ଦାବୁନା ବେନିଫିସିଏଶନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହାଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏଏମ୍/ଏନ୍ଏସ୍ ଇଣ୍ଡିଆର ଖଣି ବିଭାଗ ପକ୍ଷରୁ ଏହାର ସିଏସ୍ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଠାକୁରାଣୀସ୍ଥିତ ଶହୀଦ ରତନ ପ୍ରଧାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସାଗସାହିରକଳମଙ୍ଗ ଗ୍ରାମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ଏବଂ ସ୍କୁଲ ପିଲାମାନେ ଅଂଶ ଗ୍ରହଣ କରିଥିଲେ।

# କଳାହାଣ୍ଡିରେ ଜଳସେଚନ ବ୍ୟବସ୍ଥା କରୁଛି ବେଦାନ୍ତ



**ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)**

ବେଦାନ୍ତ ଆଲୁମିନିୟମ ଓଡ଼ିଶାର କଳାହାଣ୍ଡି ଜିଲାରେ କୃଷିଜୀବିକା ଓ ଜଳ ନିରାପତ୍ତାକୁ ସୁନିଶ୍ଚିତ କରିଛି। କମ୍ପାନୀ ନିଜର ପ୍ରକଳ୍ପ ସଙ୍ଗମ ମାଧ୍ୟମରେ ୪୧ଟି ଗାଁରେ ପ୍ରାୟ ୮୦୦ ଏକର କୃଷିଜମିରେ ଜଳସେଚନ ସୁବିଧା ପ୍ରଦାନକରି ୯ ହଜାରରୁ ଅଧିକ ଲୋକଙ୍କୁ ଉପକୃତ କରିଛି। ଏହି ପଦକ୍ଷେପରେ ୬୧ଟି ଜଳ ସଂରଚନାର ବିକାଶ ମାଧ୍ୟମରେ ୧୧ ଲକ୍ଷ ଘନ ମିଟରରୁ ଅଧିକ ଜଳ ପୁନର୍ଭରଣ କ୍ଷମତା ସୃଷ୍ଟି କରାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ନିରନ୍ତର ବିକାଶ ପାଇଁ ଜଳ ସଂରକ୍ଷଣ ଏକ ମୌଳିକ ବିଷୟ। ବିଶେଷକରି କଳାହାଣ୍ଡି ଭଳି ଅଞ୍ଚଳରେ ଯେଉଁଠାରେ ଲୋକମାନେ କୃଷି ଉପରେ ଗଭୀର ଭାବରେ ନିର୍ଭରଶୀଳ, ସେଠାରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରୋଜେକ୍ଟ ସଙ୍ଗମ ମାଧ୍ୟମରେ ଆମେ ସ୍ଥାୟୀ ଜଳ ସମ୍ପଦ ସୃଷ୍ଟି କରିବା ପାଇଁ ବୈଜ୍ଞାନିକ ଜଳବିଭାଜିକା ପରିଚାଳନାକୁ ସାମ୍ପ୍ରଦାୟିକ ଅଂଶଗ୍ରହଣ ସହ ସମନ୍ୱିତ କରୁଛୁ। ପ୍ରୋଜେକ୍ଟ ସଙ୍ଗମ ହେଉଛି ବେଦାନ୍ତ ଲାଞ୍ଜିଗଡ଼ର ଜଳବିଭାଜିକା ଏବଂ ଆଜୀବିକା ବିକାଶ କାର୍ଯ୍ୟକ୍ରମ, ଯାହା କଳାହାଣ୍ଡି ଜିଲାରେ ଜଳଭିତ୍ତିକ ସମ୍ପତ୍ତି ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା-କେନ୍ଦ୍ରିତ ଯୋଜନାକୁ ଉପଯୋଗ କରିଥାଏ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସାରା ବର୍ଷ ଉଭୟ କୃଷି ଏବଂ ପାନୀୟ ଉଦ୍ଦେଶ୍ୟରେ ପାଣିର ଉପଲବ୍ଧତା ସୁନିଶ୍ଚିତ କରିବା ସହ ୩୫୦୦ ଏକରରୁ ଅଧିକ ଜମିରେ ଜଳସେଚନ ସୁବିଧାର ସମ୍ପ୍ରସାରଣ କରିବା।

# ଏଣିକି ହ୍ୱାଟ୍ସଆପ୍‌ରେ ହେବ ବିଦ୍ୟୁତ୍ ବିଲ୍ ପୈଠ

## ପେ-ଲୋକାଲ, ଟିପିସିଓଡିଏଲ୍‌ର ସହଭାଗିତା

**ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)**

ରାଜ୍ୟରେ ପ୍ରଥମ ଥର ପାଇଁ ହ୍ୱାଟ୍ସଆପ୍ ଜରିଆରେ ବିଦ୍ୟୁତ୍ ବିଲ୍ ପୈଠ ସୁବିଧା ଆରମ୍ଭ ହୋଇଛି। ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ଓ ପେ-ଲୋକାଲ ଫିନ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏନେଇ ସହଭାଗିତା ହୋଇଛି। ଏହା ଫଳରେ ଉପଭୋକ୍ତାମାନେ ଏବେ ସିଧାସଳଖ ହ୍ୱାଟ୍ସଆପ୍ ମାଧ୍ୟମରେ ସେମାନଙ୍କର ବିଦ୍ୟୁତ୍ ବିଲ୍ ଦେଖିପାରିବେ ଏବଂ ବିଲ୍ ପୈଠ ମଧ୍ୟ କରିପାରିବେ, ଯାହାଦ୍ୱାରା ସେମାନଙ୍କୁ ପେମେଣ୍ଟ ସେଣ୍ଟରକୁ ଯିବାକୁ କିମ୍ବା ଅଲଗା ଅଲଗା ଆପ୍ ବ୍ୟବହାର କରିବାକୁ ପଡ଼ିବ ନାହିଁ। ଏହି ବ୍ୟବସ୍ଥା ଏକ ସହଜ, ସୁରକ୍ଷିତ ଏବଂ ଉପଭୋକ୍ତାଙ୍କ ବ୍ୟବହାର ପାଇଁ ଅନୁକୂଳ ଇଣ୍ଟରଫେସ୍ ପ୍ରଦାନ କରିବ। ଉପଭୋକ୍ତାମାନେ ବିଲ୍ ବିବରଣୀ ଦେଖିବା ସହ ପେମେଣ୍ଟ ରିମାଇଣ୍ଡର ପାଇପାରିବେ ଏବଂ ଏକାଧିକ ପେମେଣ୍ଟ ବିକଳ୍ପ ବ୍ୟବହାରକରି ତୁରନ୍ତ ଟଙ୍କା ଜମା କରିପାରିବେ। ବିଶେଷକରି ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଏହି ଅଭିଯାନକୁ ଆହୁରି ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, ଲୋକପ୍ରିୟ ମାଧ୍ୟମ ହ୍ୱାଟ୍ସଆପ୍‌କୁ ବ୍ୟବହାରକରି ଆମେ ଡିଜିଟାଲ କ୍ଷେତ୍ରରେ ଥିବା ବ୍ୟବଧାନକୁ ଦୂରକରିବାକୁ ଚାହୁଁଛୁ ଏବଂ ଉପଭୋକ୍ତାମାନଙ୍କୁ ସରଳ ପେମେଣ୍ଟ ସୁବିଧା ମାଧ୍ୟମରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ପେ-ଲୋକାଲ୍‌ର ସିଇଓ ବିବେକାନନ୍ଦ ତ୍ରିପାଠୀ କହିଛନ୍ତି, ହ୍ୱାଟ୍ସଆପ୍ ପରି ଏକ ଶକ୍ତିଶାଳୀ ଏବଂ ପରିଚିତ ମାଧ୍ୟମ ସାହାଯ୍ୟରେ, ଆମେ ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ସେମାନଙ୍କର ବିଦ୍ୟୁତ୍ ବିଲ୍ ସହଜରେ, ସୁରକ୍ଷିତ ଭାବେ ଏବଂ ବିନା କୌଣସି ଅସୁବିଧାରେ ପୈଠ କରିବାର ସୁଯୋଗ ପ୍ରଦାନ କରୁଛୁ। ଭବିଷ୍ୟତରେ ଟିପିସିଓଡିଏଲ୍ ଡିଜିଟାଲ ସେବାର ପ୍ରସାର ପାଇଁ କ୍ୟୁଆର କୋଡ୍, ଚାଟ୍‌ବଟ୍ ସେବା ଏବଂ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ଯୋଗାଯୋଗ ବ୍ୟବସ୍ଥା ଭଳି ସୁବିଧାକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

# ମାଲାବାରର ସିଏସ୍ଆର୍ କାର୍ଯ୍ୟକ୍ରମର ଶୁଭାରମ୍ଭକଲେ ଉପମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)**

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏହାର ପୂର୍ବାଞ୍ଚଳ ବୃତ୍ତି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଏହାର ୨୦୦ କୋଟି ଟଙ୍କାର ଜାତୀୟ ସିଏସ୍ଆର୍ ପ୍ରତିଶ୍ରୁତିର ଅଂଶ ସ୍ୱରୂପ ଏହି ପଦକ୍ଷେପ ୧.୮ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସହ ୨,୦୦୦ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରିବ। ଏହି ଜାତୀୟ ସିଏସ୍ଆର୍ କାର୍ଯ୍ୟକ୍ରମ ୧୯ଟି ରାଜ୍ୟରେ ୩,୦୦୦ରୁ ଅଧିକ ସ୍ଥାନରେ ୨ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଓଡ଼ିଶାରେ ୧୮୩ଟି ମାଇକ୍ରୋ-ଲର୍ନିଂ ସେଣ୍ଟର ୫,୭୩୮ ଛାତ୍ରୀଛାତ୍ରଙ୍କୁ ସହାୟତା କରୁଛି। ଏହା ସହ ୫ଟି ସ୍ଥାନରେ ଦୈନିକ ୫,୦୧୭ ଭୋଜନ ଦିଆଯାଉଛି। ୧୩୨ଟି ପାନୀୟ ଜଳ କୂପ ଦ୍ୱାରା ୨,୫୧୧ ଜଣ ଉପକୃତ ହୋଇଛନ୍ତି। ପଶ୍ଚିମବଙ୍ଗରେ ଗ୍ରୁପ୍ ୧୯୨ଟି ମାଇକ୍ରୋ-ଲର୍ନିଂ ସେଣ୍ଟର ଚଳାଉଛି ଯାହା ୭,୫୦୧ ଛାତ୍ରୀଛାତ୍ରଙ୍କୁ ସହାୟତା ଦିଆଯାଉଛି। ୨ଟି ସ୍ଥାନରେ ଦୈନିକ ୬,୨୯୨ଟି ଭୋଜନ ପ୍ରଦାନ କରାଯାଉଥିବାବେଳେ ୪୦୨ଟି ପାନୀୟ ଜଳ କୂପ ନିର୍ମାଣ କରାଯାଇଛି ଯାହା ୯,୪୪୬ ଜଣ ଉପକୃତ ହେଉଛନ୍ତି। କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଜ୍ୟୋତ୍ସ୍ନା କେ.ବି. ରାଉତ, ସିଡିସି ପ୍ରଫେସର ଚଣ୍ଡୀ ଚରଣ ରଥ, ରେଜିଷ୍ଟ୍ରାର ମନସ୍ୱିନୀ ସାହୁ, ଉତ୍କଳ ବିଲ୍ଡରର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଭୁରା, ମାଲାବାର ଗୋଲ୍ଡ ଡାଇମଣ୍ଡର ଡିଜିଏମ୍ (ଅପରେଶନ ଆଣ୍ଡ ବିଜ୍‌ନେସ୍ ଡେଭେଲପ୍‌ମେଣ୍ଟ) ଅମିତ ରାଉତ, ରିଜିଓନାଲ ହେଡ୍ (ଇଷ୍ଟ) ଥାହସିଲ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ସିଏସ୍ଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ଉଭୟ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟିକରିବା ପାଇଁ ଶିକ୍ଷା ଏକ ଅତି ପ୍ରଭାବଶାଳୀ ମାଧ୍ୟମ।

# ଟ୍ରାୟମ୍ଫ ଡିଲର ସମ୍ମିଳନୀରେ ଆର୍‌ଏମ୍ ମୋଟର୍ସ ସମ୍ମାନିତ

**ଭୁବନେଶ୍ୱର,୮।୪ (ଅନୁରାଧା ମହାରଣା)**



ପ୍ରୋବାଇକିଂ ଇଣ୍ଡିଆର ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ପ୍ରତି ଟ୍ରାୟମ୍ଫ ଡିଲର ସମ୍ମିଳନୀରେ ସମ୍ବଲପୁରର ଆର୍‌ଏମ୍ ମୋଟର୍ସ ଏକ ପ୍ରତିଷ୍ଠିତ ପୁରସ୍କାରରେ ସମ୍ମାନିତ ହୋଇଛି। ଡିଲରଶିପର ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇ ଆର୍‌ଏମ୍ ମୋଟର୍ସ ପକ୍ଷରୁ ପ୍ରୋବାଇକିଂ ସମ୍ବଲପୁରର ବ୍ୟବସାୟ ମୁଖ୍ୟ ଗୁରୁଦେବ ପ୍ରଧାନ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ ସମ୍ମିଳନୀରେ ସମ୍ପୂର୍ଣ୍ଣ ନୂତନ ଟ୍ରାକର ୪୦୦ ମଡେଲ ଲଞ୍ଚ ହୋଇଥିଲା। ଏହା ସହ ଟ୍ରାୟମ୍ଫ ଏହାର ନୂତନ ୩୫୦ସିସି ମଡେଲଗୁଡ଼ିକର ପରିସରକୁ ମଧ୍ୟ ଉନ୍ମୋଚନ କରିଛି, ଯାହା ମଧ୍ୟମ କ୍ଷମତା ବିଶିଷ୍ଟ ମୋଟରସାଇକେଲ ସେଗ୍‌ମେଣ୍ଟରେ ଏହାର ପୋର୍ଟଫୋଲିଓକୁ ଆହୁରି ମଜଭୁତ କରିଛି। ଏହି ଅବସରରେ ଆର୍‌ଏମ୍ ମୋଟର୍ସ ପକ୍ଷରୁ ଟ୍ରାୟମ୍ଫ ମୋଟରସାଇକେଲ ଇଣ୍ଡିଆକୁ କୃତଜ୍ଞତା ଜଣାଯାଇଛି। ସୂଚନା ଥାଉକି, ଆର୍‌ଏମ୍ ମୋଟର୍ସ ରାଉରକେଲା, ସମ୍ବଲପୁର ଏବଂ ବଲାଙ୍ଗୀରରେ ମୋଟର ସାଇକେଲ ବିକ୍ରି ଓ ସେବା ପ୍ରଦାନ କରୁଛି।

## ସଂକ୍ଷେପରେ

### ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋକସରା,୮।୪ (ଦୁଷ୍ମନ୍ତ କୁମାର ପାଇଯୋଷୀ): କଳାହାଣ୍ଡି ଜିଲା କୋକସରା ଥାନା ବୋବରିଆ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ନିଜ ଘର ଭିତରୁ ଜବତ ହୋଇଛି। ମୃତକ ହେଲେ ଲୋଚନ ମାଝୀ। ସୂଚନା ଅନୁସାରେ, ବୁଧବାର ସକାଳେ ଲୋଚନଙ୍କ ମୃତଦେହ ଘର ଭିତରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଲୋଚନ ଗତ କିଛିଦିନ ହେଲା ମାନସିକ ଚାପରେ ରହୁଥିବା ପରିବାର ଓ ପଡ଼ୋଶୀ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ତେବେ ମାନସିକ ଚାପରେ ଆସି ସେ ଏଭଳି ନିଷ୍ପତ୍ତି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ନୂଆପଡ଼ା,୮।୪ (ମକାରୁ ବେମାଲ): ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ଅଁଳାଯୁବା ଗାଁରେ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ଜୋଙ୍କ ପୋଲିସ ଜବତ କରିଛି। ସେ ହେଲେ ବରଗଡ ଜିଲା ପାଇକମାଲ ଥାନା ଝିଟିକି ପଞ୍ଚାୟତ ପଥରେଲ ଗାଁର ମଇନି ବରିହା (୩୦)। ସୂଚନା ଅନୁଯାୟୀ ମଇନି କିଛିବର୍ଷ ପୂର୍ବେ ପଥରେଲ ଗାଁର ଜୈପାଳ ବରିହାଙ୍କୁ ବିବାହ କରିଥିଲେ। ସେଠାରେ କାମଧନ୍ଦା ଅଭାବରୁ ସେ ବାପଘର ଅଁଳାଯୁବା ଗାଁକୁ ଆସି ମହାମାୟା ବାଳକ ହଷ୍ଟେଲ ପଛପଟେ ଜଣେ ବ୍ୟକ୍ତିଙ୍କ ଇଟା ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ୬ ବର୍ଷର ଏକ ଶିଶୁକନ୍ୟା ମଧ୍ୟ ରହିଛି। ମଙ୍ଗଳବାର ସ୍ୱାମୀ ସ୍ତ୍ରୀ ମଧ୍ୟରେ କିଛି କଥାକୁ ନେଇ ମତାନ୍ତର ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ସନ୍ଧ୍ୟା ସମୟରୁ ମଇନି କେଉଁଆଡେ ଚାଲିଯାଇ ଆଉ ଫେରି ନ ଥିଲେ। ସ୍ୱାମୀ ଓ ତାଙ୍କ ବାପଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା । ବୁଧବାର ସକାଳେ ମହାମାୟା ବାଳକ ହଷ୍ଟେଲ ପଛପଟେ ଏକ ଚାର ଗଛରେ ସେ ବେକରେ ଶାଢି ଲଗାଇ ଆତ୍ମହତ୍ୟା କରିଥିବା ଦେଖି ଲୋକେ ଖରିଆର ରୋଡ ଜୋଙ୍କ ଥାନା ପୋଲିସକୁ ଖବର କରିଥିଲେ । ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଜୋଙ୍କ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ କହିଛନ୍ତି ।

# ପ୍ଲାଷ୍ଟିକ ସାମଗ୍ରୀ ଯୋଗୁ ବୁଡୁଛି ବେଉସା

- କୌଳିକବୃତ୍ତି ଛାଡିଲେଣି ବାଉଁଶ କାରିଗର
- ପରିବାରକୁ ଦାନା ଯୋଗାଡ଼ ପାଇଁ ଦାଦନମୁହାଁ ଗ୍ରାମବାସୀ

ଭବାନୀପାଟଣା,୮।୪(ଉତ୍ତମ କୁମାର ଦାଶ)


ଜଣେ କାରିଗର ବାଉଁଶରେ ସାମଗ୍ରୀ ତିଆରି କରୁଛନ୍ତି।

ଦିନକୁ ଦିନ ଲୋକେ ଆଧୁନିକ ଚାକଚାକ୍ୟକୁ ଆପଣାଉଛନ୍ତି। ସ୍ୱଦେଶୀ ଅପେକ୍ଷା ବିଦେଶୀ ସାମଗ୍ରୀ ଉପରେ ବେଶି ନିର୍ଭର କରୁଛନ୍ତି। ଏଥିଯୋଗୁ କୌଳିକ ବୃତ୍ତି କରି ପରିବାର ପ୍ରତିପୋଷଣ କରୁଥିବା କାରିଗରମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ଲାଷ୍ଟିକ ସାମଗ୍ରୀ ବଜାରକୁ ଆସୁଥିବାରୁ ବାଉଁଶ କାରିଗର ସେମାନଙ୍କ ବେଉସା ବା କୌଳିକ ବୃତ୍ତି ଛାଡିବାକୁ ଏକପ୍ରକାର ବାଧ୍ୟ ହୋଇଛନ୍ତି। ଫଳରେ ପରିବାରକୁ ଦାନା ଯୋଗାଇବା ପାଇଁ ଏବେ ଦାଦନ ମୁହାଁ ହେଉଛନ୍ତି ଗ୍ରାମବାସୀ। ଏଭଳି ଦୃଶ୍ୟ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ରାଜପୁର ପଞ୍ଚାୟତ କାର୍ଲି ଗାଁରେ ଦେଖିବାକୁ ମିଳିଛି।

ଏହି ଗାଁର ଲୋକେ ଆଗରୁ ବାଉଁଶରେ ଝୁଡ଼ି, ଡ଼ଲା, ଟୋପା, ଚାଙ୍ଗୁଡ଼ି, କୁଲା, ଦାନ୍ଦର, ବିସର, ଡୁଟି, ପାଳ ଆଦି ସାମଗ୍ରୀ ତିଆରି କରୁଥିଲେ। ଏହି ସାମଗ୍ରୀକୁ ଧର୍ମଗଡ଼, ବୋଡେନ, ସନ୍ଧିକୁଳିହାରି, ଛତିଶଗଡ଼ ରାଜ୍ୟର ଦେଭୋଗ, ନୂଆପଡ଼ା ଓ ବଲାଙ୍ଗୀର ଜିଲାର ଅନେକ ବେପାରୀ ଆସି କ୍ରୟ କରି ଅନ୍ୟତ୍ର ବିକ୍ରି କରୁଥିଲେ। ଏଥିରେ ପରିବାର ପ୍ରତିପୋଷଣ ସାଙ୍ଗକୁ ଦୁଇ ପଇସା ରୋଜଗାର କରିପାରୁଥଲେ। ବର୍ତ୍ତମାନ ପ୍ଲାଷ୍ଟିକ ସାମଗ୍ରୀ ବଜାରକୁ ଆସୁଥିବା ବେଳେ ଆଧୁନିକ ଚାକଚକ୍ୟରେ ବେଉସା ବୁଡିବାକୁ ବସିଛି। ପରିସ୍ଥିତି ଏଭଳି ହୋଇଛି ବାଉଁଶ କାରିଗର ନିଜ ହସ୍ତଶିଳ୍ପକୁ ଛାଡି ପରିବାର ପ୍ରତିପୋଷଣ ପାଇଁ ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟରେ କାମକରି ଗୁଜୁରାଣ ମେଣ୍ଟାଉଛନ୍ତି। ଗତବର୍ଷ କାର୍ଲି ଗ୍ରାମର ଲକ୍ଷ୍ମଣ ମାଝୀ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଗ୍ରାମର ୮୦ ପ୍ରତିଶତ ଲୋକ ଦାଦନ ଖଟିବାକୁ ଯାଇଛନ୍ତି ବୋଲି ବାଉଁଶ କାରିଗର ଦିର୍ବୀ ମାଝୀ, ଉମ୍ବରୁଧର ନାଗ, କଛିଆ ମାଝୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜିଲାର ଗୋଲାମୁଣ୍ଡା, ଜୁନାଗଡ଼, କୋକସରା, ଭବାନୀପାଟଣା, ଜୟପାଟଣା, ମଦନପୁର ରାମପୁର, ଲାଞ୍ଜିଗଡ଼ ବ୍ଲକ ଭଳି ୭ ବ୍ଲକରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଗ୍ରାମସଭା ଅଛି। ଏହି ଗ୍ରାମସଭା ରାଜ୍ୟ ସରକାରଙ୍କଠାରୁ ସ୍ୱୀକୃତିପ୍ରାପ୍ତ। ଏମାନେ କେନ୍ଦୁପତ୍ର ହେଉ କି ବାଉଁଶ କିମ୍ବା ଲଘୁବନଜାତ ଦ୍ରବ୍ୟ ସିଧାସଳଖ କମ୍ପାନୀକୁ ବିକ୍ରି କରି ପରିବାର ପ୍ରତିପୋଷଣ କରିବା ସହ ସ୍ୱାବଲମ୍ବୀ ମଧ୍ୟ ହେଉଛନ୍ତି। ହେଲେ କାର୍ଲି ଗ୍ରାମବାସୀଙ୍କ ପାଇଁ ଏହା ସ୍ୱପ୍ନ ହୋଇ ରହିଛି। ବେଉସା ଛାଡି ଏବେ ଦାଦନ ଖଟୁଛନ୍ତି। ତୁରନ୍ତ ରାଜ୍ୟ ସରକାର ପ୍ଲାଷ୍ଟିକ ସାମଗ୍ରୀ ମୁକ୍ତ କରିବା ସହିତ କାର୍ଲି ଗ୍ରାମବାସୀଙ୍କୁ ଗ୍ରାମସଭା ମାଧ୍ୟମରେ ବାଉଁଶ ତିଆରି ସାମଗ୍ରୀ ବିକ୍ରି କରିବାକୁ ସ୍ୱୀକୃତି ପ୍ରଦାନ କରି ପରିବାର ପ୍ରତିପୋଷଣ ପାଇଁ ସୁଯୋଗ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କେନ୍ଦୁପତ୍ର ତୋଳାଳିଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ

ନୂଆପଡ଼ା, ୮।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଧବାର ଖଡ଼ିଆଳ କେନ୍ଦୁପତ୍ର ଡିଭିଜନର ୭୯ ଜଣ ତୋଳାଳିଙ୍କୁ ସାମାଜିକ କଲ୍ୟାଣ ଯୋଜନାରେ ମୃତ୍ୟୁକାଳୀନ ସହାୟତା ଅର୍ଥ ଦୁଇଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ଭୁବନେଶ୍ୱର ଉମା ନାନ୍ଦୁରୀ ଦେବୀ ମୁଖ୍ୟ ଅତିଥି, ସିସିଏଫ୍ ବଲାଙ୍ଗୀର ସର୍କଲ ରଞ୍ଜିତ ମଲ୍ଲିକ, ଖଡ଼ିଆଳ କେନ୍ଦୁପତ୍ର ଡିଏଫ୍‌ଓ ଏ ମାଧବୀଲତା ଦେବୀ, ଜିଲା ସ୍କିଲ ଡେଭଲପମେଣ୍ଟ ଅଫିସର ଲାକ୍ରା ବାବୁ, ଖଡ଼ିଆଳ ଏସ୍‌ବିଆଇ ଚିଫ୍ ମ୍ୟାନେଜର ଦୀନେଶ କୁମାର ମିଶ୍ର, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସହାୟତା ରାଶି ପ୍ରଦାନ କରିଥିଲେ। ଷ୍ଟେଟ ବ୍ୟାଙ୍କ ତରଫରୁ କର୍ପୋରେଟ ଦାୟିତ୍ୱ ପାଣ୍ଠିରୁ ଚିଫ ମ୍ୟାନେଜର ସମସ୍ତ ୭୯ ହିତାଧିକାରୀଙ୍କ ପାଇଁ ଗୋଟିଏ ଲେଖାଏ କମ୍ବଳ ପ୍ରଦାନ କରିଥିଲେ।

## ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଁ କାର୍ଯ୍ୟ କର


ସୁବାସ ଚନ୍ଦ୍ର ଦୀପଙ୍କୁ ରାଜସ୍ୱ ମିତ୍ର ପୁରସ୍କାର ପ୍ରଦାନ କରାଯାଉଛି।

ନୂଆପଡ଼ା,୮।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ସମସ୍ତଙ୍କୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ବିଭିନ୍ନ ବିଭାଗର ରାଜସ୍ୱ ସଂଗ୍ରହ ଓ ପ୍ରଗତିର ସମୀକ୍ଷା କରାଯାଇଥିଲା। ସମୀକ୍ଷା ଅନୁସାରେ ସିଟି ଓ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ୪୫୬ ଲକ୍ଷ ଟଙ୍କା ଥିବାବେଳେ ୨୦୨୬ ମାର୍ଚ୍ଚ ସୁଦ୍ଧା ୩୮୪ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଛି। ସେହିପରି ଆର୍‌ଟିଓ ନୂଆପଡ଼ାକୁ ବାର୍ଷିକ ୧୬.୫୦ କୋଟି ଟଙ୍କା ଲକ୍ଷ୍ୟ ଥିବାବେଳେ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ୧୫.୯୩ କୋଟି ଟଙ୍କା ସଂଗ୍ରହ କରାଯାଇଛି। ରେଜିଷ୍ଟ୍ରେଶନ ଓ ଷ୍ଟାମ୍ପ ଶୁଳ୍କ ସଂଗ୍ରହରେ ମଧ୍ୟ ସନ୍ତୋଷଜନକ ପ୍ରଗତି ହୋଇଛି। ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଁ ସମନ୍ୱୟ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ କହିଥିଲେ। ଏହି ଅବସରରେ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟରେ ଲୋକଙ୍କୁ ସାହାଯ୍ୟ କରୁଥିବା ସିନାପାଲି ବ୍ଲକ୍‌ର ସୁବାସ ଚନ୍ଦ୍ର ଦୀପଙ୍କୁ ରାଜସ୍ୱ ମିତ୍ର ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବୈଠକରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର କୁମାର ସାହୁ, ଉପଜିଲାପାଳ ସୁର୍ମି ସୋରେନ, ଡେପୁଟି ଜିଲାପାଳ ଶୁଚିସ୍ମିତା ମହାନ୍ତି, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ବିଭାଗର ପ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ ।

## କର୍ମଚାରୀଙ୍କ ପାଇଁ ହେଲ୍‌ମେଟ୍ ବାଧ୍ୟତାମୂଳକ

ନୂଆପଡ଼ା,୮।୪ (ମକାରୁ ବେମାଲ)


ବୈଠକରେ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଉଛି।

ନୂଆପଡ଼ା ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର କର୍ମଚାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ସମସ୍ତ କର୍ମଚାରୀ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସିବା ଓ ବାୟୋମେଟ୍ରିକ୍ ଉପସ୍ଥାନ ନିୟମିତ କରିବା ସହ ଅନୁଶାସନ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ସମସ୍ତଙ୍କୁ ସମର୍ପିତ ଭାବରେ କାମ କରିବାକୁ ଜିଲାପାଳ ଆହ୍ୱାନ କରିଥିଲେ। ବାଇକ୍‌ରେ ଆସୁଥିବା ସମସ୍ତ କର୍ମଚାରୀଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ କରାଯାଇଛି। ନିୟମ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଇଣ୍ଡେକ୍ସ ରେଜିଷ୍ଟର, ଲଗ୍‌ବୁକ୍, କ୍ୟାଶ୍‌ବୁକ୍ ଓ ସିଏଲ୍ ରେଜିଷ୍ଟରକୁ ନିୟମିତ ଯାଞ୍ଚ ସହ କାର୍ଯ୍ୟାଳୟର ସମସ୍ତ ରେକର୍ଡ ସୁଚାରୁରୂପେ ପରିଚାଳନା ଉପରେ ସେ ଜୋର ଦେଇଥିଲେ। କାର୍ଯ୍ୟଦକ୍ଷତାକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିମାସ ୨ ଶ୍ରେଷ୍ଠ କର୍ମଚାରୀଙ୍କୁ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଥିଲା। ସଭାରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲାପାଳ ସୁର୍ମି ସୋରେନ ସହ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଶ୍ରୀରାମ ନବମୀର ୭୫ ବର୍ଷ ପୂର୍ତ୍ତି

ରିଷିଡ଼ା, ୮।୪ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ପଞ୍ଚାୟତ ବିନ୍ଧାଣି ଗ୍ରାମରେ ପବିତ୍ର ରାମନବମୀ ପାଳନର ୭୫ ବର୍ଷ ପୂର୍ତ୍ତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଦନପୁର ରାମପୁର ରାଜପରିବାର ସଦସ୍ୟ ତଥା ଯୁବନେତା ନୀଳମାଧବ ସିଂଦେଓ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନାକରିବା ସହ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀରାମଜୀ କମିଟି ସଭାପତି ବିଦେଶ ଘିଭେଲା, ଉପସଭାପତି ସୁମନ୍ତ ମାଝୀ, ସମ୍ପାଦକ ସୁରେଶ ଚନ୍ଦ୍ର ଘିଭେଲା ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁମନ୍ତ ମାଝୀ। ଖବରଦାତା ସୁଶାନ୍ତ ମଲ୍ଲିକ, ଅମିୟ ଶତପଥୀ, ସାମାଜିକ କର୍ମୀ ପିଣ୍ଟୁ ରଣା ସମ୍ମାନିତ ଅତିଥି ଥିଲେ। ଆସନ୍ତା ୧୦ ତାରିଖରୁ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହେବ।

## ସହାୟତାର ହାତ ବଢ଼ାଇଲେ ବ୍ଲକ୍ ଅଧ୍ୟକ୍ଷ

ଗୋଲାମୁଣ୍ଡା/କେଗାଁ, ୮।୪ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି): ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ପରେ ମୃତଦେହ ଫେରାଇ ଆଣିବାରେ ପରିବାର ଅସମର୍ଥ ଥିବାବେଳେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସହାୟତାର ହାତ ବଢ଼ାଇଛନ୍ତି। ସୂଚନାମତେ, ମହାଲିଙ୍ଗ ଗ୍ରାମର ଲିଙ୍ଗରାଜ ଅଘରିଆ (୩୫) ନାମକ ଯୁବକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ରାୟପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ମୃତଦେହ ଗାଁକୁ ଫେରାଇ ଆଣିବା ପାଇଁ ପରିବାର ଅସାମର୍ଥ୍ୟ ପ୍ରକାଶକରି ଏ ନେଇ ସୋସିଆଲ ମିଡିଆରେ ସହଯୋଗର ହାତ ବଢ଼ାଇବା ପାଇଁ ବ୍ଲକ୍ ଅଧ୍ୟକ୍ଷ ଓ ଜୁନାଗଡ଼ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଜାଣିବା ପରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପରିବାର ସହ ଯୋଗାଯୋଗ କରି ସମବେଦନା ଜଣାଇବା ସହ ମୃତଦେହ ଫେରାଇଆଣିବା ପାଇଁ ତୁରନ୍ତ ଆବଶ୍ୟକ ବ୍ୟବସ୍ଥା କରିଥିଲେ। ସେ ନିଜେ ଏହି ପ୍ରକ୍ରିୟାର ତଦାରଖକରି ଆବଶ୍ୟକ ପାଣ୍ଠି ମଧ୍ୟ ଯୋଗାଇଥିଲେ। ଫଳରେ ମୃତଦେହ ଗାଁକୁ ଫେରାଇ ଅଣାଯାଇଥିଲା। ତାଙ୍କର ଏହି କାର୍ଯ୍ୟ ପାଇଁ ବ୍ଲକ୍‌ବାସୀଙ୍କ ପାଇଁ ସେ ପ୍ରଶଂସାର ପାତ୍ର ହୋଇଛନ୍ତି। ପୂର୍ବରୁ ମଧ୍ୟ ମହାନନ୍ଦ ନିଜସ୍ୱ ଖର୍ଚ୍ଚରେ ବିଶାଖାପାଟଣା, ରାୟପୁର, ଭବାନୀପାଟଣା, ନାଗପୁର ଭଳି ସହରରୁ ଗରିବ ଅସହାୟ ପରିବାର ସଦସ୍ୟଙ୍କ ମୃତଦେହ ଗାଁକୁ ଆଣିବାରେ ପୂର୍ଣ୍ଣ ସହଯୋଗ କରିଛନ୍ତି।

No. 10001/24/2627

## ଅଂଶୁଘାତ ସତର୍କତା

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/26-27/0002

## ଅଣଦେଖା ନେଇ ସରପଞ୍ଚ ସଂଘର ବୈଠକ ବର୍ଜନ



ବୈଠକରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ଅଧିକାରୀମାନେ।

- ଲାଞ୍ଜିଗଡ଼ରେ ଦ୍ୱାଦଶ ପଞ୍ଚାୟତ ସମିତି ବୈଠକ

ଲାଞ୍ଜିଗଡ଼,୮।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର, ତହସିଲଦାର ବନମାଳୀ ମେହେର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାଏକ, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, କଳାହାଣ୍ଡି ସାଂସଦ ପ୍ରତିନିଧି ନରେନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିରଣ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ସହିତ ବିବରଣୀ ପାଠ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି, କୃଷି ଆଦି ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗର ଅଧିକାରୀ ଯୋଗଦେଇ ନିଜର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ୨୬ ପଞ୍ଚାୟତର ସରପଞ୍ଚମାନଙ୍କୁ ପ୍ରଶାସନ ତରଫରୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଅଧାରୁ ସରପଞ୍ଚମାନେ ବୈଠକ ବର୍ଜନ କରି କକ୍ଷ ତ୍ୟାଗ କରିଥିଲେ। ପରେ ଲାଞ୍ଜିଗଡ ବିଧାୟକ ଦିଶାରୀ ବିଳମ୍ବରେ ପହଞ୍ଚି ବୈଠକରେ ଯୋଗଦେଇଥିଲେ। ବିଧାୟକ ବ୍ଲକର ଦୁର୍ଗମ ଅଞ୍ଚଳରେ ବିଜୁଳି ସଂଯୋଗ ନ ଥିବାରୁ ସେହିପରି ଅଘୋଷିତ ବିଦ୍ୟୁତ କାଟ ସମସ୍ୟା ସମାଧାନ କରିବାକୁ ବିଭାଗକୁ ଜଣାଇଥିଲେ। ସେହିପରି ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଯୋଗାଣ ଓ ଖରାପ ଥିବା ନଳକୂପ ଶୀଘ୍ର ତିଆରି କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଏଥିରେ ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ରାସ୍ତା ମରାମତି କାମ ନିମ୍ନମାନର ଅଭିଯୋଗ

ଗୋଲାମୁଣ୍ଡା/କେଗାଁ, ୮।୪ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)

ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁଠାରୁ ସିନାପାଲି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶେଷରେ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଉକ୍ତ ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯାଇଥିଲା। ସୂଚନା ଅନୁଯାୟୀ, ୨ କି.ମି. ୮୦୦ ମିଟର ରାସ୍ତା ମରାମତି ସକାଶେ ୩୮ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ କାର୍ଯ୍ୟ ଆରମ୍ଭ ହେବା ପରେ ଏହା ନିମ୍ନମାନର ନେଇ ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା କଥା, ରାସ୍ତା ମରାମତି କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ମାନ ଅତ୍ୟନ୍ତ ନିକୃଷ୍ଟ ଏବଂ ନିର୍ମାଣଶୈଳୀ ମଧ୍ୟ ତ୍ରୁଟିପୂର୍ଣ୍ଣ। ଏଭଳି ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାଟି ଅଳ୍ପଦିନ ମଧ୍ୟରେ ପୁଣି ପୂର୍ବାବସ୍ଥାକୁ ଫେରିଯିବା ଆଶଙ୍କା ରହିଛି। ଜନସାଧାରଣଙ୍କ ସୁବିଧା ପାଇଁ ଆସୁଥିବା ଅନୁଦାନକୁ ଠିକ୍ ଭାବେ ବିନିଯୋଗ କରିବା ବଦଳରେ କେତେଜଣ ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏ ନେଇ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କାନନ ପ୍ରଧାନଙ୍କୁ ପଚାରିବାରୁ ସେ ନିଜେ ଯାଇ କାର୍ଯ୍ୟର ତଦାରଖ କରିବେ ବୋଲି ମତପ୍ରକାଶ କରିଥିଲେ।

# ସ୍ୱାସ୍ଥ୍ୟ ପାଇଁ ସୂଚନାପ୍ରଦ ନିଷ୍ପତ୍ତି ଆବଶ୍ୟକ



କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତା ଏବଂ ଅନ୍ୟମାନେ।



ଏନ୍‌ଟିଆଇରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଭାରତ) ପକ୍ଷରୁ ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। 'ସ୍ୱାସ୍ଥ୍ୟ ପାଇଁ ଏକାଠି ହୁଅନ୍ତୁ, ବିଜ୍ଞାନ ସହିତ ଠିଆ ହୁଅନ୍ତୁ' ଶୀର୍ଷକ ଉପରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମୋଡ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇଇଜିଏର୍‌ର ପ୍ରାକ୍ତନ ମୁଖ୍ୟ ଡାକ୍ତର ପି. କେ. ମହାପାତ୍ର ବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ଇଂ. ସନ୍ତୋଷ କୁମାର ପୋଲକି ଅଧ୍ୟକ୍ଷତା କରିଥିବାବେଳେ ଅବୈତନିକ ସଚିବ ଇଂ. ହିମାଂଶୁ ଶତପଥୀ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ଆଧୁନିକ ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ। ରୋଗୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଟିକା, ଔଷଧ ଏବଂ ଚିକିତ୍ସା କଠୋର ଭାବେ ପରୀକ୍ଷା କରାଯାଏ । ପ୍ରତ୍ୟେକ ଚିକିତ୍ସା ଉନ୍ନତ ପଦ୍ଧତି ଏବଂ ସମକକ୍ଷ ସମୀକ୍ଷା ଗବେଷଣା ଉପରେ ଆଧାରିତ। ସୂଚନାପ୍ରଦ ସ୍ୱାସ୍ଥ୍ୟ ନିଷ୍ପତ୍ତି ନେବା ପାଇଁ ମତାମତ ଓ ପ୍ରମାଣ ଉପରେ ବିଶ୍ୱାସ କରିବା ଏବଂ ଯାଞ୍ଚ ନ ହୋଇଥିବା ସାମାଜିକ ଗଣମାଧ୍ୟମ ଦାବି ଅପେକ୍ଷା ଯୋଗ୍ୟ ଡାକ୍ତରୀ ବୃତ୍ତିଗତଙ୍କ ଉପରେ ନିର୍ଭର କରିବା ଅତ୍ୟନ୍ତ ଜରୁରୀ। ଯେତେବେଳେ ଆମେ ବିଜ୍ଞାନ ସହିତ ଠିଆ ହେଉ, ଆମେ ଭୟ ଉପରେ ତଥ୍ୟ, ଧାରଣା ଉପରେ ବିଶେଷଜ୍ଞତା ଏବଂ ସମ୍ଭାବ୍ୟ କ୍ଷତିକାରକ ଭୁଲ ସୂଚନା ଉପରେ ପ୍ରମାଣିତ ଚିକିତ୍ସା ବାଛୁ। ଉଦୀୟମାନ ଗବେଷଣା ଆହୁରି ସୂଚାଇ ଦିଏ ଯେ ଭଲ ସ୍ୱାସ୍ଥ୍ୟ ବଜାୟ ରଖିବା କେବଳ ନିଷ୍କ୍ରିୟ ନୁହେଁ ବରଂ ଏକ ସଚେତନ ପସନ୍ଦ। ବ୍ୟକ୍ତିମାନେ ସୁସ୍ଥ ଆଚରଣ ଗ୍ରହଣ କରି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରି ସକ୍ରିୟ ଭାବେ ସେମାନଙ୍କର ମଙ୍ଗଳ କରିପାରିବେ। ତେଣୁ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ସୂଚନାପ୍ରଦ ନିଷ୍ପତ୍ତି, ସ୍ଥିର କାର୍ଯ୍ୟ ଏବଂ ବ୍ୟକ୍ତିଗତ ଦାୟିତ୍ୱ ଆବଶ୍ୟକ ବୋଲି ଡା. ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ମୋଟ ୪୫ ଜଣ ସଦସ୍ୟ ଏବଂ ଅତିଥି ଅଂଶଗ୍ରହଣ କରିଥିଲେ।

ସେହିପରି ଆଇଜିଏଚ୍ ଅଧୀନ ସେବିକା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏନ୍‌ଟିଆଇ) ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ଅତିରିକ୍ତ ସିଏମ୍‌ଓ ଡା. କେ. ଏଲ. ହେମ୍ବ୍ରମ୍ ଅଧ୍ୟକ୍ଷତା କରିଥିଲେ। ଏଥିସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡା. ହେମ୍ବ୍ରମ୍ ସଚେତନତା, ଅନୁଶାସନ ଏବଂ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ପଦ୍ଧତି ଅନୁସରଣରେ ଉତ୍ତମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଶୀର୍ଷକ 'ସ୍ୱାସ୍ଥ୍ୟ ପାଇଁ ଏକତା, ବିଜ୍ଞାନ ସହିତ ଆମେ' ରହିଛି। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଅତିରିକ୍ତ ସିଏମ୍‌ଓ ଡା. ସୁଶୀଲ କୁମାର ଏବଂ ଏନ୍‌ଟିଆଇ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତପ୍ରଭା ଗୋଠ୍ ବିଚାରକ ଥିଲାବେଳେ ଏନ୍‌ଟିଆଇର ଦ୍ୱିତୀୟ ବର୍ଷର ଛାତ୍ର ଶୁଭମ କୁମାର ପ୍ରଧାନ ବିଜେତା ହୋଇଥିଲେ। ଏହି ଅବସରରେ ଇଂରାଜୀ, ହିନ୍ଦୀ ଏବଂ ଓଡିଆରେ ଏକ ତ୍ରିଭାଷୀ ସ୍ଲୋଗାନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏନ୍‌ଟିଆଇ ଉପାଧ୍ୟକ୍ଷା ସୁଶ୍ରୀ ନବନୀତା ଜେନା ଏବଂ ଡିଏନ୍‌ଏସ୍ ସୁଶ୍ରୀ ଗୃହଲକ୍ଷ୍ମୀ ପଲେଇ ବିଚାରକ ଥିଲେ। ପ୍ରଥମ ବର୍ଷ ଛାତ୍ରୀ ସୁଶ୍ରୀ ଆଦ୍ୟାଶା ରାୟ ବିଜେତା ହୋଇଥିଲେ। ସିନିୟର ନର୍ସିଂ ଟ୍ୟୁଟର ସୁଶ୍ରୀ ଜ୍ୟୋତିର୍ମୟୀ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ବକ୍ତାଙ୍କ ମତ**

## ବର୍ଜ୍ୟଜଳ ଗୁଣବତ୍ତା ପାଇଁ ଲାଗୁନ୍, ସ୍ଲୁଇସ୍ ଗେଟ୍ ମରାମତି

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଏହାର ବର୍ଜ୍ୟଜଳ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ଲାଗୁନ୍ ଏବଂ ସ୍ଲୁଇସ୍ ଗେଟ୍‌ଗୁଡ଼ିକରୁ ପଙ୍କୋଦ୍ଧାର କରିବା ସହିତ ମରାମତି କାର୍ଯ୍ୟ ଆରମ୍ଭ କରିଛି। ଏହି କାର୍ଯ୍ୟ ବର୍ତ୍ତମାନ ଜଳ ପରିଚାଳନା ବିଭାଗର ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି। ଲାଗୁନ୍ ପରିଷ୍କାର କରିବା ଦ୍ୱାରା କାରଖାନାରୁ ନିର୍ଗତ ଜଳର ଗୁଣବତ୍ତା ବଜାୟ ରଖିବାରେ ଯଥେଷ୍ଟ ସହାୟତା ମିଳିବ। ଏହା ବ୍ୟତୀତ ସ୍ଲୁଇସ୍ ଗେଟ୍‌ଗୁଡ଼ିକରେ ଆବଶ୍ୟକ ମରାମତି ମଧ୍ୟ କରାଯିବ, ଯାହା ମୌସୁମୀ ବର୍ଷା ସମୟରେ କାରଖାନା ପରିସରରେ ଜଳ ପ୍ଲାବନକୁ ରୋକିବାରେ ସାହାଯ୍ୟ କରିବା ସହ କାର୍ଯ୍ୟ ସୁରକ୍ଷା ନିଶ୍ଚିତ କରିବ। ସୂଚନାଯୋଗ୍ୟ, ଏହି ମରାମତି କାର୍ଯ୍ୟଭାର ଏନ୍‌ବିସିସିକୁ ୪.୭୫ କୋଟି ଟଙ୍କାରେ ଦିଆଯାଇଛି। ଏହି ପ୍ରକଳ୍ପର ପ୍ରମୁଖ ପରିସର ମଧ୍ୟରେ ୧,୨୭,୫୦୦ ଘନ ମିଟର ପଙ୍କୋଦ୍ଧାର, ୮୦ହଜାର ବର୍ଗ ମିଟର ଅଞ୍ଚଳରୁ ଦଳ ନିଷ୍କାସନ ସହ ତିନୋଟି କ୍ଷତିଗ୍ରସ୍ତ ସ୍ଲୁଇସ୍ ଗେଟ୍‌ର ପରିବର୍ତ୍ତନ ଅନ୍ତର୍ଭୁକ୍ତ।



ସ୍ଲୁଇସ୍ ଗେଟ୍ ମରାମତି କରାଯାଉଛି।

## ଗୋଟିଏ କୋଠରିରେ ପଢୁଛନ୍ତି ୩ ଶ୍ରେଣୀ ପିଲା

**ମଧୁପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ନୂଆଗାଁ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ମଧୁପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଶ୍ରେଣୀ କୋଠରୀ ଅଭାବ ଯୋଗୁ ପିଲାମାନଙ୍କ ପାଠପଢାରେ ସମସ୍ୟା ହେଉଛି। ବିଭାଗୀୟ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ସୂଚନା ଅନୁସାରେ, ମଧୁପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ଯାଏ ମୋଟ ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ଉନ୍ନତମାନର ଶ୍ରେଣୀଗୃହ ନାହିଁ। ଗୋଟିଏ ଗୋଟିଏ ଶ୍ରେଣୀରେ ତିନୋଟି ଶ୍ରେଣୀର ପିଲା ଏକାଠି ବସୁଥିବା ଯୋଗୁ ଠିକ୍ ଭାବେ ଶିକ୍ଷାଦାନ ହୋଇପାରୁନାହିଁ। ୧ମ,୨ୟ ଏବଂ ୩ୟ ଶ୍ରେଣୀ ପିଲା ଗୋଟିଏ ଶ୍ରେଣୀ କୋଠାରେ ଅଧ୍ୟୟନ କରୁଥିବା ବେଳେ ୪ର୍ଥ, ୫ମ ଏବଂ ୬ଷ୍ଠ ଶ୍ରେଣୀର ପିଲାମାନେ ମଧ୍ୟ ଗୋଟିଏ ଶ୍ରେଣୀ କୋଠାରେ ଅଧ୍ୟୟନ କରୁଛନ୍ତି। କେବଳ ୭ମ ଓ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପୃଥକ ଶ୍ରେଣୀ କୋଠା ରହିଛି। ସ୍କୁଲରେ ଦୀର୍ଘ ବର୍ଷ ଧରି ଶ୍ରେଣୀ କୋଠରୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲେ ସୁଦ୍ଧା ଏହାର ପୁନରୁଦ୍ଧାର ହେଉନାହିଁ। ଏହି ବିପର୍ଯ୍ୟସ୍ତ କୋଠାର ରଡ୍ ସବୁ ବାହାରି ଯାଇଥିବା ବେଳେ ଛାତ ଧସି ଗଲାଣି। ଏମିତିରେ କେତେବେଳେ ଯେ ଅଘଟଣ ନ ଘଟିବ ତାହା ମଧ୍ୟ କହିହେବନାହିଁ। ଏ ନେଇ ନୂଆଗାଁ ଗୋଷ୍ଠୀ ଶିକ୍ଷାଧିକାରିଣୀ ସାଲେଗମଣି ଟୁଡୁଙ୍କୁ ପଚାରିବାରୁ ସେ କହିଥିଲେ, ମଧୁପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ନିମିତ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଡିଏମ୍‌ଏଫ୍ ଅନୁଦାନରୁ ସ୍କୁଲର ଅତି ଆବଶ୍ୟକ ଥିବା ଉନ୍ନତୀକରଣ କାର୍ଯ୍ୟ ସମ୍ପାଦନ ହେବ ବୋଲି ସେ କହିଥିଲେ।



ସ୍କୁଲର ଜରାଜୀର୍ଣ୍ଣ ଶ୍ରେଣୀ କୋଠରି ।

## ବସ୍‌ଷ୍ଟାଣ୍ଡରେ ଅବ୍ୟବସ୍ଥା, ଲୋକେ ହୀନସ୍ତା

ରାଉରକେଲା,୮।୪(ସଙ୍ଗୀତା ଜେନା)

ରାଉରକେଲା ବସଷ୍ଟାଣ୍ଡର ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି। ଲୋକେ ଚାହିଁଲେ ମଧ୍ୟ ଦୁଇ ଚକିଆ କିମ୍ବା ଚାରି ଚକିଆ ଯାନ ନେଇ ବସଷ୍ଟାଣ୍ଡ ମଧ୍ୟକୁ ଯିବା ସମ୍ଭବ ହୋଇ ପାରୁନାହିଁ। ବର୍ଷ ବର୍ଷ ଧରି କେତେକ ଗାଡ଼ି ମାଲିକ ଚାଲୁ ନ ଥିବା ବସ୍‌ଗୁଡ଼ିକ ସେଠାରେ ଅନାବଶ୍ୟକ ଭାବେ ପାର୍କିଂ କରି ରଖିଛନ୍ତି। ସମସ୍ତ ନାଇଟ କୋଚ୍‌ଗୁଡ଼ିକ ମଧ୍ୟ ସେଠାରେ ପାର୍କିଂ କରାଯାଉଛି। ପ୍ରତିଦିନ ଜିଲା ତଥା ଜିଲା ବାହାରକୁ ଅନେକ ବସ୍ ଯିବା ଆସିବା କରୁଥିଲା ବେଳେ ସାଧାରଣ ଲୋକେ ବସ୍‌ଷ୍ଟାଣ୍ଡ ମଧ୍ୟକୁ ଯିବା କଷ୍ଟସାଧ ହେଉଛି। ଏହି ଅବ୍ୟବସ୍ଥା ମଧ୍ୟରେ ସେଠାରେ କାର୍ଯ୍ୟରତ ପରିବହନ ଶ୍ରମିକ ଯାତାୟାତରେ ସମସ୍ୟା ଓ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବସ୍‌ଷ୍ଟାଣ୍ଡର ଅବ୍ୟବସ୍ଥା ନେଇ ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ, ରାଉରକେଲା ମିନି ବସ୍ ଆସୋସିଏଶନ ପକ୍ଷରୁ ଅତିରିକ୍ତ ଜିଲାପାଳ, ଆର୍‌ଟିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଜୋର ଜବରଦସ୍ତ ଗାଡ଼ି ପାର୍କିଂ କରିଥିବା ଗାଡ଼ିଗୁଡ଼ିକୁ ଚିହ୍ନଟ କରି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବସ୍‌ଷ୍ଟାଣ୍ଡ ମଧ୍ୟକୁ ଜନସାଧାରଣଙ୍କ ଯାତାୟାତକୁ ସୁରକ୍ଷିତ କରିବା ପାଇଁ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଉଭୟ ୟୁନିୟନର ସଭାପତି ବିଷ୍ଣୁ ମହାନ୍ତି, ସାଧାରଣ ବିମାନ ମାଇତି, ଉପ ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏଥିସହ ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଯିବ ବୋଲି ସେମାନେ ବୁଧବାର ଏକ ବିବୃତିରେ କହିଛନ୍ତି।

## ମାରପିଟ୍ ମାମଲା, ଜଣେ ଗିରଫ

ରାଉରକେଲା,୮।୪(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ରେ ମଙ୍ଗଳବାର ପୂର୍ବାହ୍ନରେ ମାଡପିଟ୍ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସାମାଜିକ କର୍ମୀ ନବୀନ ଗୁପ୍ତା। ତାଙ୍କୁ ବୁଧବାର ମଧ୍ୟାହ୍ନ ୧୨ଟାରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ଉଦିତନଗର ଥାନାରେ ଏକ ମାମଲା (ନଂ. ୧୭୩/୨୬) ରୁଜୁ ହୋଇଛି।

## ୧୧ରେ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ମହାସଭା

ସୁନ୍ଦରଗଡ଼, ୮।୪(ଜୟ ନାରାୟଣ ମେଣ୍ଡୁଲି)

ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜର ୨ଦିନିଆ ବାର୍ଷିକ ମହାସଭା ଏପ୍ରିଲ ୧୧ ଏବଂ ୧୨ ତାରିଖରେ ସୁନ୍ଦରଗଡ଼ ମାଦ୍ରି କାଲୋ ଭବନରେ ଅନୁଷ୍ଠିତ ହେବ। ଏହି ମହାସଭାରେ ସର୍ବଭାରତୀୟସ୍ତରରୁ ପ୍ରାୟ ପାଞ୍ଚହଜାର ସାମାଜିକ ବନ୍ଧୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭୂୟାଁ ମହାସମାଜର କେନ୍ଦ୍ରୀୟ ସମ୍ପାଦକ ରାମଚନ୍ଦ୍ର ଅମାତ ବୁଧବାର ଏକ ପ୍ରେସ୍ ବିବୃତିରେ ସୂଚିତ କରିଛନ୍ତି। ଏହି ୨ଦିନିଆ ମହାସଭାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏବଂ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ସାମାଜିକ ସମୀକ୍ଷା, ସାଙ୍ଗଠନିକ ଆଲୋଚନା ସହ ଯୁବ ମହିଳା ଅଧିବେଶନ ହେବ ବୋଲି କେନ୍ଦ୍ରୀୟ ସଭାପତି ମେଘନାଦ ନାଏକ, ସମ୍ପାଦକ ରାମଚନ୍ଦ୍ର ଅମାତ, ଅଭ୍ୟର୍ଥନା ସମିତିର ଉପଦେଷ୍ଟା ରବିରତ୍ନ ପଟେଲ, ପୂର୍ଣ୍ଣଚନ୍ଦ୍ର ଗୁରୁ ପ୍ରମୁଖ ସୂଚନା ଦେଇଛନ୍ତି।

## ଅବ୍ୟବସ୍ଥା ଯୋଗୁ ମୁହଁ ଫେରାଉଛନ୍ତି ଯାତ୍ରୀ

**ରାଉରକେଲା ରେଳ ଷ୍ଟେଶନ ଦ୍ୱିତୀୟ ପ୍ରବେଶ ଦ୍ୱାର**



ଅବ୍ୟବସ୍ଥିତ ରେଳବାଇ ଦ୍ୱିତୀୟ ପ୍ରବେଶ ଦ୍ୱାର।

ରାଉରକେଲା,୮।୪(ସଙ୍ଗୀତା ଜେନା)

ସୁନ୍ଦରଗଡ଼, ରାଉରକେଲା ସମେତ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ରାଉରକେଲା ରେଲୱେ ଷ୍ଟେଶନର ପ୍ରଥମ ଦ୍ୱାର ଉପରେ ନିର୍ଭର କରୁଥିଲେ। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨୦୧୮-୧୯ରେ ଗୋପବନ୍ଧୁପାଲୀ ନିକଟରେ ଦ୍ୱିତୀୟ ପ୍ରବେଶ ଦ୍ୱାର ନିର୍ମାଣ କରାଯାଇଥିଲା। ଏଥିସହ ଫୁଟ୍ ଓଭରବ୍ରିଜ୍‌କୁ ଉକ୍ତ ଦ୍ୱାର ସହ ସଂଯୁକ୍ତ କରାଯାଇଥିଲା। ଏଠାରେ ଆରକ୍ଷିତ ଓ ଅନାରକ୍ଷିତ ବୁକିଂ କାଉଣ୍ଟର, ଶୌଚାଳୟ, ପାନୀୟ ଜଳବ୍ୟବସ୍ଥା, ଲିଫ୍ଟ ଆଦି ସୁବିଧା ରହିଥିଲା। ହେଲେ କୋଭିଡ଼ ସମୟରେ ଉକ୍ତ ଟିକେଟ ବୁକିଂ ସେଣ୍ଟରକୁ ବନ୍ଦ କରିଦିଆଗଲା। ଅଳ୍ପ କିଛିଦିନ ତଳେ ଏହାକୁ ପୁନଃ ଚାଲୁ କରାଯାଇଛି। ଉକ୍ତ କାଉଣ୍ଟର ସକାଳ ୬ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ଖୋଲା ରହୁଥିବାବେଳେ ଏହାର ପରିବେଶ ଶୋଚନୀୟ ହୋଇପଡିଛି। ସେହିପରି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଅନୁରୂପ ରହିଛି। ଶୌଚାଳୟରେ ତାଲା ପଡିଛି। ଲିଫ୍ଟ ଅର୍ଦ୍ଧେକ ସମୟ ବନ୍ଦ ରହୁଛି। ଦ୍ୱିତୀୟ ପ୍ରବେଶ ଦ୍ୱାରରେ ଏଣେତେଣେ ବର୍ଜ୍ୟବସ୍ତୁ ଜମା ହୋଇ ରହିଛି। ସେହିପରି ସଂଗୃହୀତ ବର୍ଜ୍ୟବସ୍ତୁକୁ ଫୁଟ୍ ବ୍ରିଜ୍ ତଳେ ଫିଙ୍ଗି ଦିଆଯାଉଥିବା ଅଭିଯୋଗ ହେଉଛି।

ଏ ନେଇ ଜଣେ ଯାତ୍ରୀ ରାମହରି ଦାସ କହିଛନ୍ତି, ଉକ୍ତ ପ୍ରବେଶ ଦ୍ୱାର ଦେଇ ବାସନ୍ତୀ କଲୋନୀ, ଛେଣ୍ଡ କଲୋନୀ, ମାଲଗୋଦାମ ସମେତ ସେକ୍ଟରର ଯାତ୍ରୀମାନେ ରେଳ ଷ୍ଟେଶନକୁ ଯାଆସ କରିଥାନ୍ତି। ଲିଫ୍ଟ ଅଚଳ ସହ ଓ ସଫେଇ ଅବ୍ୟବସ୍ଥା ଯୋଗୁ ଯୋଗୁ ଯାତ୍ରୀମାନେ ଦ୍ୱିତୀୟ ପ୍ରବେଶ ଦ୍ୱାରକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି ବୋଲି ଦାସ କହିଥିଲେ। ସେହିପରି ଯାତ୍ରୀ ସୁଦୀପ ଜୈନ କହିଛନ୍ତି, ଦ୍ୱିତୀୟ ପ୍ରବେଶ ଦ୍ୱାର ବିକଶିତ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ପ୍ରଥମ ଦ୍ୱାର ଉପରେ ଚାପ କମ୍ କରିବା। ତେଣୁ ଏଥିରେ ଆନୁଷଙ୍ଗିକ ବ୍ୟବସ୍ଥା ସକ୍ରିୟ କରିବା ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ରାଉରକେଲା ରେଳ ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ପଚରାଯିବାରୁ ସେ କହିଲେ, ଦକ୍ଷିଣ ପୂର୍ବ ରେଲୱେ ମହାପ୍ରବନ୍ଧକ (ଜିଏମ୍) ସୌମିତ୍ର ମଜୁମଦାର ରେଳ ଷ୍ଟେଶନ ପରିଦର୍ଶନ କରିବାକୁ ଆସିଥିଲେ। ଏହି ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଛି। ଯଥାଶୀଘ୍ର ବିକାଶ କାର୍ଯ୍ୟ ପାଇଁ ପ୍ରସ୍ତାବ ଆଗତ କରାଯିବ। ସୁରକ୍ଷା ଦୃଷ୍ଟିକୋଣରୁ ଯଥାସାଧ୍ୟ ପାଟ୍ରୋଲିଂ କରାଯାଉଛି ବୋଲି ତ୍ରିପାଠୀ କହିଥିଲେ।

No. 10001/24/2627

ଓଡ଼ିଶା ଶାସନ

**ଅଂଶୁଘାତ ସତର୍କତା**

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

OIPR-10001/10003/2/26-27/0002

National Health Mission
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

# ୨୦୦୦ ବୋତଲ କଫ ସିରପ୍ ଜବତ, ୨ ଗିରଫ

ଅମରପାଲି,୮।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ପୋଲିସ ସୋନପୁର-ରେଢାଖୋଲ ରାସ୍ତାର ଦୁରଦୁରା ଛକ ନିକଟରୁ ଏକ କାରରୁ ବ୍ୟାପକ ପରିମାଣର କଫ ସିରପ୍ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। କଟକରୁ ବଲାଙ୍ଗୀରକୁ ବୀରମହାରାଜପୁର ଦେଇ କଫସିରପ ଚାଲାଣ ହେଉଥିବା ସୂଚନା ସୁବଳୟା ପୋଲିସ ପାଇଥିଲା। ଏସଆଇ ମୋହିତ କୁମାର ସୁନାନିଙ୍କ ନେତୃତ୍ୱରେ ପୋଲିସ ଦୁରଦୁରା ଛକ ନିକଟରେ ଛକି ରହିଥିଲା। ଏହି ସମୟରେ ଓଡି ୧୪ଏ ୦୯୯୩ ନମ୍ବର ବିଶିଷ୍ଟ ଏକ ଦାମୀ କାରକୁ ଅଟକାଇ ତନଖି କରିବା ବେଳେ ଗାଡ଼ିରୁ ବ୍ୟାପକ ପରିମାଣର କଫ ସିରପ



ଦୁରଦୁରା ନିକଟରୁ ପୋଲିସ ଜବତ କରିଥିବା କଫସିରପ୍ ବୋତଲ।

ମିଳିଥିଲା। ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଖସି ପଳାଇଥିବା ବେଳେ ଗାଡ଼ିକୁ ଏସକର୍ଟ କରୁଥିବା ଏକ କାର(ନଂ.ଓଡି ୫ଏ ୮୨୧୧୪)କୁ ଅଟକାଇ ସେଥିରେ ଥିବା ୨ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଥାନା ବରପାଲିପଡ଼ାର ରାଜ ମେହେର (୨୬) ଓ ରୋହନ ଜେନା (୨୫) ବୋଲି ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ତଲାସୀ ସମୟରେ ଗାଡ଼ିରୁ ପ୍ରାୟ ୨ ହଜାର ବୋତଲ କଫସିରପ୍ ଜବତ କରାଯାଇଥିଲା। ପରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଣତି କରାଯାଇ ସମସ୍ତ କଫସିରପକୁ ଜବତ କରାଯାଇଥିଲା। ଏନେଇ ସୁବଳୟା ଥାନାରେ ଏକ ମାମଲା(ନଂ.୬୬/୨୬)ରୁଜୁ ହୋଇଛି। ଉଭୟ ଗାଡ଼ିକୁ ଜବତ କରିବା ସହ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ତହସିଲଦାରଙ୍କୁ ବରିଷ୍ଠ ନାଗରିକ ସଙ୍ଗଠନର ଦାବିପତ୍ର



ଖଣ୍ଡହତାର ବରିଷ୍ଠ ନାଗରିକ ସଙ୍ଗଠନ ସଭ୍ୟ ମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅମରପାଲି,୮।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ବରିଷ୍ଠ ନାଗରିକ ସଙ୍ଗଠନ ତରଫରୁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖଣ୍ଡହତାରେ ବରିଷ୍ଠ ନାଗରିକ ସଙ୍ଗଠନର ଏକ କାର୍ଯ୍ୟାଳୟ କରିବା ପାଇଁ ସରକାରୀ ଜମି ଯୋଗାଇ ଦେବାକୁ ଏଥିରେ ଅନୁରୋଧ କରାଯାଇଛି। ସୂଚନା ଅନୁସାରେ ଏହି ଅନୁଷ୍ଠାନ ଗତ ତା ୩୦।୧୨।୨୦୨୫ରେ ପଞ୍ଜୀକରଣ ହୋଇଛି। ସ୍ଥାୟୀ ଘର ନିର୍ମାଣ ପାଇଁ ଘରଡିହ ଆବଶ୍ୟକ। ଏଣୁ ତହସିଲଦାରଙ୍କୁ ଲିଖିତ ଆକାରରେ ଅନୁରୋଧ କରାଯାଇଛି। ଏହାପରେ ସଙ୍ଗଠନ ସଭ୍ୟମାନେ ବୀରାମହରାଜପୁର ଡାକ୍ତରଖାନା ଯାଇ ରୋଗୀଙ୍କୁ ଫଳ, ବିସ୍କୁଟ ଆଦି ବଣ୍ଟନ କରିଥିଲେ। ସଭାପତି ବ୍ରଜଗୋପାଳଙ୍କ ନେତୃତ୍ୱରେ ଅନୁଷ୍ଠାନର ସଦସ୍ୟ ମୁରାରୀ ମିଶ୍ର, ଘାସିରାମ ମଲ୍ଲିକ, ଗଙ୍ଗାଧର ସାହୁ, ପ୍ରହଲ୍ଲାଦ ନାୟକ, ଜନ୍ମେଜୟ ମିଶ୍ର, ବେଣୁଧର ବାରିକ,ହୃଷିକେଶ ନାୟକ, ଟୀକାଇ କର୍ମୀ, ଗଦାଧର ବାରିକ, ପ୍ରହଲ୍ଲାଦ ପଧାନ, ବରିଷ୍ଠ ନାଗରିକ ସଙ୍ଗଠନ ବୀରାମହରାଜପୁରର ସଭାପତି ଦୟାନିଧି ହୋତା, କୋଷାଧକ୍ଷ ଅକ୍ଷୟ କୁମାର ମିଶ୍ର ପ୍ରମୁଖ ତହସିଲ କାର୍ଯ୍ୟାଳୟ ଯାଇ ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ୫୩ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ




ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ ଉପଲକ୍ଷେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

ବିନିକା,୮।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଗୃହ ବଣ୍ଟନ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ସୁବାସ ଚନ୍ଦ୍ର ଭୁଏଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଭାଜପା ଜିଲା ସଭାପତି ବେଣୁଧର ଦାସ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ମହାକୁଡ଼, ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲା, ଆଡ଼ଭୋକେଟ ପ୍ରଶାନ୍ତ ଦଣ୍ଡାସନା, ଉପାଧକ୍ଷା ତପସ୍ୱିନୀ ମେହେର ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ମୋଟ ୫୩ଜଣ ହିତାଧିକାରୀଙ୍କୁ ଆବାସ ଘର ନିର୍ମାଣ କାର୍ଯ୍ୟାଦେଶ ଓ ନୂତନ କରି ପାଇଥିବା ୮ ଜଣଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ଡିଏମଏମ ସୁଧାଂଶୁ ଶେଖର ଦାସ ମଞ୍ଚ ପରିଚାଳନା କରିଥିଲେ। ସିଓ ସୁମିତା ବାରିକ ଧନ୍ୟବାଦ ଦେଇଥିଲେ। ଏନଏସି କର୍ମଚାରୀ ପୃଥ୍ୱୀରାଜ ପଧାନ, ସରୋଜ ସାହୁ, ସରୋଜ ମେହେର, ସରୋଜ ମେହେର, ସାନିଟାରୀ ଏକ୍ସପର୍ଟ୍ସ ସାଗରିକା ପାତ୍ରୋ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁର ପଣ୍ଡରା ମାଳି ସମାଜର ବୈଠକ

ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ସ୍ଥିତ ଛନ୍ଛାନ ଡୁଙ୍ଗୁରି ଯୋଗେଶ୍ୱର ପୀଠଠାରେ ସୁବର୍ଣ୍ଣପୁର ମହାକେନ୍ଦ୍ର ପଣ୍ଡରା ମାଳି ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ସୋନପୁର ଉପକେନ୍ଦ୍ର ସଭାପତି ରଘୁ ମଲ୍ଲିକଙ୍କ ଆହ୍ୱାନକ୍ରମେ ଏହି ସଭା ଆୟୋଜିତ ହୋଇଥିଲା। ଏଥିରେ ପଣ୍ଡରା ସମାଜର ୮ଟି ଉପକେନ୍ଦ୍ରର ସଭାପତି ଓ ସମ୍ପାଦକ ତଥା ଶତାଧିକ ପଣ୍ଡରା ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମା' ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସମାଜରେ ଏକତା ବଜାୟ ରଖିବା ପାଇଁ ମିଳିତ ଉଦ୍ୟମ ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଏଥିରେ ସମାଜର ସୁପରିଚାଳନା ପାଇଁ ଏକ ୩୦ଜଣିଆ କମିଟି ଗଠନ ହୋଇଛି। ଚେରୁପାଲି ଉପକେନ୍ଦ୍ରର ସୁରେନ୍ଦ୍ର ଖମାରୀଙ୍କୁ ସଭାପତିଭାବେ ଚୟନ କରାଯାଇଛି।

# ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ବାର୍ଷିକ ସାଧାରଣ ସଭା

ଅତାବିରା, ୮।୪(ଯୁଧିଷ୍ଠିର ମହାପାତ୍ର)

ଭାରତ ବର୍ଷରେ ଚାଷୀ ସର୍ବଦା ଶୋଷିତ, ଉପେକ୍ଷିତ। ଦେଶରେ ୭୫ ପ୍ରତିଶତ ଚାଷୀ କୃଷି ଉପରେ ନିର୍ଭର କରୁଥିବା ବେଳେ ଏ ବୃହତ୍ ବର୍ଗର ଲୋକ ଅଣଦେଖାର ଶିକାର ହେଉଛନ୍ତି। ୫୦ ପ୍ରତିଶତ ଚାଷୀ ଋଣଗ୍ରସ୍ତ ହୋଇଗଲେଣି। ଚାଷୀ ନିଜକୁ ଚାଷୀ ବୋଲି କହିବାକୁ କୁଣ୍ଠାବୋଧ କରୁଛନ୍ତି। ଚାଷୀ ନିଜ ନା' ଆଗରେ କିମ୍ବା ପଛରେ ଭୂମିପୁତ୍ର ଲେଖି ସମ୍ମାନ ଓ ଗର୍ବ ସହ ବଞ୍ଚିବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରାର ବାର୍ଷିକ ସାଧାରଣ ସଭାରେ ଚାଷୀନେତାମାନେ ମତବ୍ୟକ୍ତ କରିଥିଲେ। ଲାଦରପାଲିସ୍ଥିତ ରାମଚଣ୍ଡୀ କଲ୍ୟାଣମଣ୍ଡପରେ ସଂଗଠନର ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଗତ ମଙ୍ଗଳବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଜିଲାର ୧୨ଟି ବ୍ଲକର କୃଷକ ସଂଗଠନ ସହ ସମ୍ବଲପୁର ଓ ସୋନପୁର ଜିଲାର ଚାଷୀ ସଂଗଠନ ଯୋଗଦେଇଥିଲେ। ରାଜ୍ୟରେ ମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି, ସରକାର ଧାନ କିଣିବାକୁ ଅରାଜି ହେଉଛନ୍ତି। ବଂଶାବଳୀ,



ରାଜ୍ୟ କୃଷକ ସଂଗଠନର ବାର୍ଷିକ ସାଧାରଣ ସଭାରେ ଯୋଗ ଦେଲେ ୩ ଜିଲାର ଚାଷୀନେତା।

ସାଟେଲାଇଟ୍ ଆଳରେ ଜମି ପରିମାଣ କାଟିବାକୁ ହୀନ ପ୍ରୟାସ କରୁଛନ୍ତି। ପଞ୍ଜୀକରଣ କରିଥିବା ପାଖାପାଖି ୧୪ ହଜାର ଚାଷୀଙ୍କ ଟୋକନ ନ ଆସିବାରୁ ଧାନ ବିକ୍ରି କରିପାରିନାହାନ୍ତି। ପ୍ରାକୃତିକ ଦୁର୍ବିପାକରେ ସରକାରଙ୍କ ଜଟିଳ ନୀତି ଯୋଗୁ ଚାଷୀଙ୍କୁ ଫସଲବୀମା କିମ୍ବା ଇନ୍‌ପୁଟ୍ ସହାୟତ ମିଳିପାରୁନାହିଁ। ରାଜ୍ୟ ସରକାର ନିକଟରେ ଅନ୍ନପୂର୍ଣ୍ଣା ଯୋଜନା ନାଁରେ ଖାଉଟିଙ୍କୁ ଅଧିକ ୫ କେଜି ଚାଉଳ ଦେବାକୁ ଘୋଷଣା କରିଛନ୍ତି। ହେଲେ ଧାନ କିଣିବାକୁ ରାଜି ହେଉନାହାନ୍ତି। ଆଗାମୀ ରବି ଫସଲ ଧାନ ସଂଗ୍ରହ ଜଟିଳ ହେବା ସମ୍ଭାବନା ରହିଛି। ତେଣୁ ସାମୂହିକ ସମସ୍ୟା ପାଇଁ ସମସ୍ତ ଚାଷୀ ସଂଗଠନ ଏକତ୍ର ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ରବି ଫସଲରେ ସମସ୍ତ ଚାଷୀଙ୍କ ଟୋକନ ଦେଇ ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ ଉଠାଇବାର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଦାବି ହୋଇଥିଲା। ବୈଠକରେ ସମ୍ବଲପୁର କୃଷକ ସଂଗଠନର ବ୍ୟୋମକେଶ ଠାକୁର, ବିପିନ ଭୋଇ, ସୋନପୁରର କୃଷକ ନେତା ପ୍ରଦ୍ୟୁମ୍ନ ପାଢ଼ୀ, ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଆଇନ ପରାମର୍ଶଦାତା ଅଜିତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ଜଙ୍ଗଲରେ ଚାଲିଥିଲା ଜୁଆ ଆଡ୍ଡା, ୧୬ ଗିରଫ

## ଲକ୍ଷାଧିକ ଟଙ୍କା ସହ ୨କାର୍, ୧୫ବାଇକ ଜବତ

ବରପାଲି,୮।୪(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଥାନା ବରମକେଲା ଗ୍ରୀଣ୍ଡୋଲା ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡାରେ ବୁଧବାର ଘୁଡୁଘୁଡୁପଟି ଜୁଆଖେଳ ଚାଲିଥିଲା। ଖବର ପାଇ ବରପାଲି ଥାନା ପୋଲିସ ସେଠାରେ ଚଢାଉ କରିଥିଲା। ଚଢାଉରେ ୧୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ, ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ଜାଣ୍ଡୋଲ ଗ୍ରାମର ସଦାଶିବ ମେହେର, ବରପାଲି ଥାନା ବରମକେଲାର କ୍ଷିରୋଦ୍ର ବାଗ, ବରଗଡ଼ ସଦର ଥାନା ସହରାପାଲିର ପ୍ରଦିପ ଖାଙ୍କର, ଅତାବିରା ଥାନା ଡାଲବୀର ଉପେନ୍ଦ୍ର ରଣା, ଗ୍ରୀଣ୍ଡୋଲାର ଗୋପାଳକୃଷ୍ଣ ସାହୁ, ଭେଡେନ ଥାନା ଲିମଟିକ୍ରାର ହେମବନ୍ତ ଗରିଆ, ବରମକେଲାର ନିର୍ମଳ ପ୍ରଧାନ, ବରଗଡ଼ ସଦର ଥାନା କଣ୍ଟେଶ୍ୱର ମନବୋଧ ନାଗ, ବରପାଲି ଥାନା ଗ୍ରୀଣ୍ଡୋଲାର ବନବସ ଓରଫ ଲମ୍ବୋଦର ଭୋଇ, ବରଗଡ଼ ସଦର ଥାନା ନୂଆଗଡ଼ର କେଶବ ସାହୁ, ସୋମ ସାଥୁଆ, ଛତିଶଗଡ଼ ରାଜ୍ୟ ଯଶପୁର ଜିଲା ତୁମୁଲା ଥାନା ସକଜୋର ଗ୍ରାମର ସୁନିଲ ଭରଦ୍ୱାଜ, ଭେଡେନ ଥାନା ଡାଲବର ଶ୍ୟାମ ସେଠ, ସୁନ୍ଦରଗଡ଼ ଜିଲା କିନ୍ଜିରକେଲା ଥାନା କରୁଆବାହାଲ ଗ୍ରାମର ଅନିଲ ରୋହିଦାସ, ଭେଡେନ ଥାନା ବହଲପାଲିର ଡାକ୍ତର ପ୍ରଧାନ ଏବଂ ସୁନ୍ଦରଗଡ଼ ଜିଲା କିନ୍ଜିରକେଲା ଥାନା କରୁଆବାହାଲର ମହେନ୍ଦ୍ର ରୋହିଦାସ। ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୯ହଜାର ୩୮୦ଟଙ୍କା, ୨ଟି କାର, ୧୫ଟି ବାଇକ୍, ୧୨ଟି ମୋବାଇଲ ଏବଂ ଜୁଆଖେଳରେ ବ୍ୟବହୃତ ଘୁଡୁଘୁଡୁ ପଟି ଜବତ ହୋଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା (ନଂ.୧୪୯/୨୬) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ମହିଳାଙ୍କ ବେକରୁ ସୁନାହାର ଝାମ୍ପି ନେଲେ

## ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା

ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟାଭାଡି ଅଞ୍ଚଳରୁ ଦୁର୍ବୃତ୍ତମାନେ ମହିଳାଙ୍କ ବେକରୁ ସୁନାହାର ଲୁଟି ନେଇଛନ୍ତି। ମଙ୍ଗଳବାର ରାତି ୮ଟା୩୦ରେ ପଟାଭାଡି ଅଞ୍ଚଳର ୪ ଜଣ ମହିଳା ଏକ ଫେନ୍‌ସି ଷ୍ଟୋରକୁ କିଣିବାକୁ ଯାଉଥିଲେ। ସେମାନେ ଫେନସି ଷ୍ଟୋର ସମ୍ମୁଖରେ ଛିଡା ହୋଇଥିବା ସମୟରେ ହିଁ ଛିନ୍‌ତାଇ ଘଟଣା ଘଟିଛି। ପଟାଭାଡିରେ ଭଡାଘରେ ରହୁଥିବା ବୌଦ୍ଧ ଜିଲା ମନମୁଣ୍ଡା ଥାନା କୁର୍ଣ୍ଣପାଲି ଗ୍ରାମର ସ୍ୱର୍ଗତ ପ୍ରଶାନ୍ତ ଦାଶଙ୍କ ସ୍ତ୍ରୀ ଜୋସ୍ନାମୟୀ ମିଶ୍ର(୩୦)ଙ୍କ ବେକରୁ ସୁନା ହାର ଝାମ୍ପି ନେଇ ଦୁର୍ବୃତ୍ତମାନେ ବାଇକ୍‌ରେ ଫେରାର ହୋଇ ଯାଇଛନ୍ତି। ଜୋସ୍ନାମୟୀ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜୋସ୍ନାମୟୀଙ୍କ ଅଭିଯୋଗ ଅନୁଯାୟୀ, ଅନ୍ୟ ମହିଳାଙ୍କ ସହ ସେ ଚାଲି କରି ଫେନ୍‌ସି ଷ୍ଟୋରକୁ ଯାଉଥିଲେ। ପୂର୍ବରୁ ଏକ ବାଇକ୍‌ରେ ଆସି ଦୁଇ ଜଣ ଛିଡା ହୋଇଥିଲେ। ମୋବାଇଲରେ କଥା ହେବା ଆଳରେ ପଛରେ ବସିଥିବା ଯୁବକ ହଠାତ୍ ବାଇକ୍‌ରୁ ଓହ୍ଲାଇ ଥିଲେ। ସେ ପିନ୍ଧିଥିବା ସୁନା ହାରକୁ ଛିଣ୍ଡାଇ ପୁଣି ବାଇକ୍‌ରେ ବସି ଫେରାର ହୋଇଯାଇଥିଲେ। ଆରୋହୀ ବାଇକ୍‌କୁ ଷ୍ଟାର୍ଟ ଅବସ୍ଥାରେ ରଖିଥିଲେ। ଛିନ୍‌ତାଇ ପରେ ଦୁର୍ବୃତ୍ତମାନେ ପଟାଭାଡି ଛକ ପଟକୁ ଚାଲି ଯାଇଥିଲେ। ଏସଆଇ ସୁକାନ୍ତ ଜେନା ଏହି ମାମଲାର ତଦନ୍ତ କରୁଛନ୍ତି।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ତରଭା,୮।୪ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ପଞ୍ଚାୟତ ସମିତି ସଭାଗୃହରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ଜନଶୁଣାଣି କମିଟ ଅଧକ୍ଷ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ସମୀକ୍ଷା ଅବଧି(୧।୪।୨୦୨୫ରୁ ୩୦।୯।୨୦୨୫) ମଧ୍ୟରେ ବ୍ଲକରେ ମୋଟ ୧,୦୮,୪୬୯ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ଏଥିପାଇଁ ୨୯୬.୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ସମୟ ମଧ୍ୟରେ ୫୫୨୬ ଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ବେଳେ ୫୫ ଜଣ ଜବକାର୍ଡଧାରୀ ସଫଳତାର ସହ ୧୦୦ ଦିନର କାର୍ଯ୍ୟ ସମ୍ପାଦନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ଶିବାନନ୍ଦ କର୍ମୀ, ପଞ୍ଚାୟତ ସମିତି ଅଧକ୍ଷ ସରୋଜ କମ୍ପ




ସାମାଜିକ ସମୀକ୍ଷାରେ ମଞ୍ଚାସୀନ ଜନ ପ୍ରତିନିଧି ଓ ଅଧିକାରୀ।

ଉପସ୍ଥିତ ରହି ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ସାମାଜିକ ସମୀକ୍ଷକ ଗୋପକୃଷ୍ଣ ରାଉତ ସମୀକ୍ଷା ଅବଧି ମଧ୍ୟରେ ହୋଇଥିବା ୪୨ଟି କାର୍ଯ୍ୟର ତ୍ରୁଟି ବିଚ୍ୟୁତି ଉପସ୍ଥାପନ କରିଥିଲେ। ଏହି ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ଅଧକ୍ଷ ମାଝୀ ପଞ୍ଚାୟତସ୍ତରୀୟ କର୍ମଚାରୀଙ୍କୁ ୧୫ଦିନର ମହଲତ ପ୍ରଦାନ କରିଛନ୍ତି।

ଏହି ଅବସରରେ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଶିବତୁଲା ପଞ୍ଚାୟତର ପଙ୍କଜ ସା, ଝାରତରଭାର ଅଙ୍କୁର ବିଶି, ବାଲି ଖମାର ପଞ୍ଚାୟତର କୀର୍ତ୍ତନ ଦୀପ, ରାଣୀସର୍ଡାଙ୍ଗର ଗୁଦାମ ବାଘଙ୍କ ସହ ୧୭ ଜଣ ଅଣକୁଶଳୀ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଉତ୍ତମ ପ୍ରଦର୍ଶନ ପାଇଁ ବାଲିଖମାର ଗ୍ରାମ ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା। ଏପିଓ ସମିତ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।ଅଶ୍ୱିନୀ ମିଶ୍ର ଓ ଉତ୍ତମ ନାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ଭିଆରପି, ଜନପ୍ରତିନିଧି, ଜବକାର୍ଡଧାରୀ ଓ ମେଟ ଉପସ୍ଥିତ ଥିଲେ।

No. 10001/24/2627

ଓଡ଼ିଶା ଶାସନ

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0002

National Health Mission
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ନବୀକରଣ କରାଯାଉ

ସମ୍ବଲପୁର, ୮।୪(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ସହିତ ନବୀକରଣ କରିବାକୁ ଦାବି ହୋଇଛି। ଏହିପରି ଦାବି କରି ସମ୍ବଲପୁର ବିଚାର ମଞ୍ଚର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇଙ୍କୁ ସାକ୍ଷାତ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମଞ୍ଚ ପକ୍ଷରୁ କୁହାଯାଇଛି, ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ସାଲିସବିହୀନ ସଂଗ୍ରାମ କରି ଦେଶପାଇଁ ସର୍ବସ୍ୱ ତ୍ୟାଗ କରିଥିବା ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଭାଗୀରଥି ପଟ୍ଟନାୟକ, ଜମ୍ବୁବତୀ ଦେବୀ, ପ୍ରଫୁଲ୍ଲ ପଟ୍ଟନାୟକ, ଦୟାନନ୍ଦ ଶତପଥୀ ଓ ଚନ୍ଦ୍ରଶେଖର ବେହେରାଙ୍କ ଭଳି ମହାନ ସଂଗ୍ରାମୀମାନେ ସମ୍ବଲପୁରର ଗର୍ବ ଓ ଗୌରବ। ଏହି ପ୍ରତିମୂର୍ତ୍ତିଗୁଡ଼ିକ ଆଜିର ଯୁବପୀଢ଼ି ପାଇଁ ପ୍ରେରଣାର ଉତ୍ସ। ଏଗୁଡ଼ିକର ସମୁଚିତ ଯତ୍ନ ନେବା ଜରୁରୀ ବୋଲି ମଞ୍ଚ କହିଛି। ବିଶେଷ କରି ପ୍ରତିମୂର୍ତ୍ତିଗୁଡ଼ିକର ନିୟମିତ ସଫେଇ, ରାତ୍ରିକାଳୀନ ଆଲୋକୀକରଣ ପାଇଁ ଏଲ୍ଇଡ଼ି ଲାଇଟ୍‌ର ବ୍ୟବସ୍ଥା ଏବଂ ସଂଗ୍ରାମୀଙ୍କ ଅବଦାନ ସମ୍ପର୍କିତ ସୂଚନା ଫଳକ ଲଗାଇବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ବେଣୁଧର ଦାଶ, ଅମୂଲ୍ୟ କୁମାର ମିଶ୍ର, ଦୁର୍ଗାମାଧବ ମିଶ୍ର, ସଞ୍ଜୟ ବର୍ମା, ବୀରେନ୍ଦ୍ର ରାୟ, ଅରୁଣ କୁମାର ଦାସ, ପ୍ରଦୋଷ ମହାନ୍ତି, ସଞ୍ଜୀବ କୁମାର ବେହେରା, ଦିଲୀପ କୁମାର କୁଅଁର, ସୁକେଶ ସିଂ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସମ୍ବଲପୁର ବିଚାର ମଞ୍ଚ ସଦସ୍ୟମାନେ।

# ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୮।୪(ବି.ଶଙ୍କର)

ସମ୍ବଲପୁରର ଯୁବ ରେଡକ୍ରସ ଆନୁକୂଲ୍ୟରେ ବୁଧବାର ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ଗରୁଡଧ୍ୱଜ ବାରିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଷ୍ଠାନର ସହକାରୀ ପ୍ରଫେସର କ୍ଷୀତିଶ ଚନ୍ଦ୍ର ପାତ୍ର, ଡ.ମଞ୍ଜୁଶ୍ରୀ ବାଗଙ୍କ ନେତୃତ୍ୱରେ ଏବଂ ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମର ସମନ୍ୱୟକାରୀ (ସଂଯୋଜିକା) ସହକାରୀ ପ୍ରଫେସର ଡ. ମମତା ପ୍ରିୟଦର୍ଶିନୀ ସାହୁଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ହୋଇଥିଲା। ସମ୍ବଲପୁର ଜିଲା ସଦର ମହକୁମା ଚିକିତ୍ସାଳୟର ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ପ୍ରତିଷ୍ଠାନର ବିଇଡି, ଏମ୍ଇଡି ଛାତ୍ରୀଛାତ୍ର ଓ କର୍ମଚାରୀଙ୍କଠାରୁ ୪୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ମୁଡୁଲପାଲିସ୍ଥିତ ପାର୍ବତୀ ଗିରି ସ୍ନାତକ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ କର୍ମଚାରୀ ଯୋଗଦାନ କରିଥିଲେ। ଏତଦ୍‌ବ୍ୟତୀତ ଧନକଉଡା ଚିକିତ୍ସାଳୟ ଚିକିତ୍ସାଧିକାରୀ ଡାକ୍ତର ଦିଲ୍ଲୀପ ମୁଦୁଲିଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାନର ସହକାରୀ ପ୍ରଫେସର ସୀତା ମହାନ୍ତ, ସରିତା ଆଚାର୍ଯ୍ୟ, ସିପ୍ରା ପ୍ରଧାନ, ସମସ୍ତ ଶୈକ୍ଷିକ ଓ ଅଣଶୈକ୍ଷିକ କର୍ମଚାରୀ ତଥା ଛାତ୍ର ସଂସଦ ସଭାପତି ଏମଇଡି ଦ୍ୱିତୀୟ ବର୍ଷ ଛାତ୍ର ତୁଷାର ପଶାୟତ, ଯୁବ ରେଡ଼କ୍ରସ ସେକ୍ରେଟାରୀ ବିଇଡି ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଙ୍କା ସାହୁ ଓ ବିଇଡି ପ୍ରଥମ ବର୍ଷ ଛାତ୍ର ଶ୍ରୀତମ ବର୍ଗେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଶିବିରରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ

## ଇଥାନଲ କାରଖାନାକୁ ନେଇ ଅସନ୍ତୋଷ

ସମ୍ବଲପୁର,୮।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧମା ପଞ୍ଚାୟତ ଅନ୍ତର୍ଗତ ଦେଓଗାଁ ମହାନଦୀ କୂଳରେ ଥିବା ଇଥାନଲ୍ କାରଖାନାକୁ ନେଇ ତେଜିଛି ଜନଅସନ୍ତୋଷ। ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବୁଧବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ଆସିଫ ଅଲ୍ଲୀ ଖାନ ଦାବିପତ୍ର ପ୍ରଦାନ ଅବସରରେ କହିଛନ୍ତି, କାରଖାନା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳରେ ଜଳ, ବାୟୁ ତଥା ମୃତ୍ତିକା ପ୍ରଦୂଷିତ ହୋଇଯିବ। ପରିବେଶ ମନ୍ତ୍ରଣାଳୟ ନିୟମ ଅନୁଯାୟୀ କାରଖାନାର ୧୦ କିଲୋମିଟର ପରିଧି ମଧ୍ୟରେ କୌଣସି ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ କିମ୍ବା ଜନବସତି ରହିବା ଅନୁଚିତ୍। କିନ୍ତୁ ଏଠାରେ ମାତ୍ର ଅଧ କିଲୋମିଟର ଦୂରରେ ମହାନଦୀ ଓ ୫୦ମିଟର ଦୂରରେ ସଂରକ୍ଷିତ ହାତୀ ଚଲାପଥ ଥିବାସତ୍ତ୍ୱେ ଏହି କାରଖାନା ପ୍ରତିଷ୍ଠା ପାଇଁ ଅନୁମତି ମିଳିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଶ୍ଚିମ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଲୁଟ୍ କରାଯାଉଥିବା ବେଳେ ଏହାର ପରିବେଶକୁ ଧ୍ୱଂସ କରିବା ପାଇଁ ଏହା ଏକ ବଡ଼ ଷଡ଼ଯନ୍ତ୍ର। ଯଦି ପ୍ରଶାସନ ତୁରନ୍ତ ଏହାର ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ଅବସରରେ ପୂର୍ବତନ ସରପଞ୍ଚ ମନବୋଧ ଭୋଇ, ଝାରୁ କୁମ୍ଭାର ପ୍ରମୁଖ ସାମିଲ ହୋଇଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପ୍ରତିନିଧି ଦଳ।

# ଜନଗଣନା ତାଲିମ ଶିବିର ଉଦ୍‌ଯାପିତ

ରେଙ୍ଗାଲି, ୮।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ଚାଲିଥିବା ଜନଗଣନା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ନୂଆରମ୍ପେଲା ହାଇସ୍କୁଲ ପରିସରରେ ଗତ ୪ ତାରିଖରୁ ଶିବିର ଆରମ୍ଭ ହୋଇଥିଲା। ରେଙ୍ଗାଲି ତହସିଲଦାର ତକ୍ଷରାଜ ଭିତିରିଆ, ଅତିରିକ୍ତ ତହସିଲଦାର କିଶୋର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ତାଲିମ କାର୍ଯ୍ୟକ୍ରମ ରେ ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧ୍ୟାପକ ନରେନ୍ଦ୍ର ବେହେରା, ରେଙ୍ଗାଲି ସରକାରୀ ପଲିଟେକନିକ ଅଧ୍ୟାପକ ସଞ୍ଜୟ ଗୋପାଳ ତ୍ରିପାଠୀ ଫିଲ୍ଡ ଟ୍ରେନର ଭାବେ ଯୋଗଦେଇ ୪୫ ଜଣ ସୁପରଭାଇଜର ଓ ୪୪ଜଣ ଏନୁମୁରେଟରଙ୍କୁ ତାଲିମ ଦେଇଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ ବିଡିଓ ପ୍ରୀତମ କୁମାର ତନ୍ତିଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

# ଯୁଯୁମୁରାରେ ଅଷ୍ଟଶମ୍ଭୁ ମହାମିଳନ ମହୋତ୍ସବ

ସମ୍ବଲପୁର,୮।୪(ବି.ଶଙ୍କର)

ଅଷ୍ଟଶମ୍ଭୁ ମହାମିଳନ ମହୋତ୍ସବ ସମ୍ବଲପୁର ଜିଲା ଯୁଯୁମୁରା ଗ୍ରାମରେ ଭକ୍ତିମୟ ପରିବେଶ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଉତ୍ସବରେ ବିଭିନ୍ନ ଶିବ ମନ୍ଦିରରୁ ଅଷ୍ଟଶମ୍ଭୁ ଠାକୁରଙ୍କ ମହାମିଳନ ହୋଇଥିଲା। ଏଥିରେ ରଶ୍ମିତା ଦେହୁରୀ ଓ ବରୁଣ ଦେହୁରୀ କର୍ତ୍ତା ଭୂମିକା ନିଭାଇଥିଲେ। ପଣ୍ଡିତ କିଶୋର ପାଣିଗ୍ରାହୀ ଓ ଚମ୍ପେଶ୍ୱର ହୋତାଙ୍କ ଦ୍ୱାରା ରୀତିନୀତି ଏବଂ ପରମ୍ପରାନୁସାରେ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ଏହି ମହାମିଳନରେ ଯୁଯୁମୁରାର କପିଳେଶ୍ୱର ବାବା, ତେନ୍ତୁଲି ମହଦାର ଜମ୍ବେଶ୍ୱର ବାବା, ପଲସପାଟର ଯୁଗେଶ୍ୱର ବାବା, ପତରାପାଲିର ସିଦ୍ଧେଶ୍ୱର ବାବା, ଠେଙ୍ଗୋର ରାମେଶ୍ୱର ବାବା, ଚୌକାର ଭୁବନେଶ୍ୱର ବାବା, ଖୋଲଗଡ଼ର ନୀଳକଣ୍ଠେଶ୍ୱର ବାବଙ୍କ ବିଗ୍ରହ ଉପସ୍ଥିତ ହୋଇଥିଲେ। ଭକ୍ତମାନେ ଛତର ବୈରଗ ସହ ଠାକୁରଙ୍କୁ ଶୋଭାଯାତ୍ରାରେ ଯୁଯୁମୁରାକୁ ଆଣିଥିଲେ। ସମସ୍ତ ଦେବଦେବୀଙ୍କୁ ଏକ ସ୍ଥାନରେ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ରେଢାଖୋଲ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ ପ୍ରମୁଖ ଯୋଗଦେଇ ବାବାଙ୍କ ଦର୍ଶନ କରିଥିଲେ।


ଅଷ୍ଟଶମ୍ଭୁ ମହାମିଳନ ମହୋତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

# ନାନ୍ଦେଡ, ଇରୋଡ୍ ଟ୍ରେନ୍ ଏସ୍‌ସି କୋଚ୍ ସଂଖ୍ୟା ବୃଦ୍ଧି

ସମ୍ବଲପୁର,୮।୪(ପ୍ରମୋଦ ବହିଦାର)

**ଯୋଡ଼ାଯିବ ଗୋଟିଏ ଲେଖାଏ ଅତିରିକ୍ତ ପ୍ରଥମ ଶ୍ରେଣୀ ଏସି କୋଚ୍**

ସମ୍ବଲପୁରରୁ ଚାଳାଚଳ କରୁଥିବା ଦୁଇଟି ପ୍ରମୁଖ ଟ୍ରେନରେ ଏଣିକି ଯାତ୍ରୀମାନେ ଅଧିକ ଆରାମଦାୟକ ଯାତ୍ରାର ସୁବିଧା ପାଇପାରିବେ। ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ଟ୍ରେନ୍ ନମ୍ବର ୨୦୮୦୯ ଓ ୨୦୮୧୦ ସମ୍ବଲପୁର-ନାନ୍ଦେଡ-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସ ସହିତ ଟ୍ରେନ୍ ନମ୍ବର ୦୮୩୧୧ ଓ ୦୮୩୧୨ ସମ୍ବଲପୁର-ଇରୋଡ-ସମ୍ବଲପୁର ଏକ୍ସପ୍ରେସରେ ସ୍ଥାୟୀଭାବେ ଗୋଟିଏ ଲେଖାଏ ଅତିରିକ୍ତ ପ୍ରଥମ ଶ୍ରେଣୀ ଶୀତତାପ ନିୟନ୍ତ୍ରିତ(ଏସି) କୋଚ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ଆସନ୍ତା ଏପ୍ରିଲ ୧୦ ଓ ୧୧ ତାରିଖରୁ ଉଭୟ ଦିଗରରୁ ନାନ୍ଦେଡ-ସମ୍ବଲପୁର ଓ ସମ୍ବଲପୁର-ଇରୋଡ ଏକ୍ସପ୍ରେସରେ ଯାତ୍ରୀମାନେ ଅତିରିକ୍ତ ଗୋଟିଏ ପ୍ରଥମ ଶ୍ରେଣୀ ଏସ୍ କୋଚର ସୁବିଧା ପାଇବେ। ସେହିପରି ଆସନ୍ତା ଏପ୍ରିଲ ୧୫ ଓ ୧୭ ତାରିଖରୁ ଇରୋଡ-ସମ୍ବଲପୁର ଓ ସମ୍ବଲପୁର-ଇରୋଡ ଏକ୍ସପ୍ରେସ୍ ଟ୍ରେନ୍‌ରେ ମଧ ଗୋଟିଏ ଅତିରିକ୍ତ ପ୍ରଥମ ଶ୍ରେଣୀ ଏସି କୋଚ୍ ଯୋଡ଼ାଯିବ। ପୂର୍ବତଟ ରେଳପଥର ଏହି ପଦକ୍ଷେପ ଦ୍ୱାରା ଯାତ୍ରୀମାନେ ଉନ୍ନତ ସେବା ପାଇବା ସହ ଭିଡ଼ ସମୟରେ ଟିକେଟ ପାଇବାରେ ସୁବିଧା ହେବ ବୋଲି ଆଶା କରାଯାଉଛି। ଏହି ସୁବିଧାର ଲାଭ ଉଠାଇବା ପାଇଁ ରେଳବାଇ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ସ୍ୱାନିସ ପାରା ବ୍ୟାଡମିଣ୍ଟନରେ କୁଳଦୀପଙ୍କୁ ବ୍ରୋଞ୍ଜ ପଦକ


କୁଳଦୀପ ମହାକୁଳ

କୁଚିଣ୍ଡା, ୮।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ବିଜ୍ଞାନ ବିଭାଗ ଶେଷବର୍ଷ ଛାତ୍ର କୁଳଦୀପ ମହାକୁଳ ସ୍ୱାନିସ ପାରାବ୍ୟାଡମିଣ୍ଟନ ଇଣ୍ଟରନ୍ୟାଶନାଲରେ ଓଡ଼ିଶାର ଦୀପ ରଞ୍ଜନ ବିଶୋଇଙ୍କ ସହ ପୁରୁଷଡବଲ୍ସ ଏସଏଲ ୩-ଏସୟୁ ୫ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟାଡମିଣ୍ଟନ ୱାଲର୍ଡ ଫେଡେରେଶନ ଆନୁକୂଲ୍ୟରେ ସ୍ପେନରେ ମାର୍ଚ୍ଚ ୧୬ରୁ ୨୨ତାରିଖ ପର୍ଯ୍ୟନ୍ତ ହୋଇଥିବା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଳଦୀପ ଡବଲ ମିକ୍ସରେ ସାଥୀ ଖେଳାଳିଙ୍କ ସହ ଏହି ସଫତା ହାସଲ କରିଛନ୍ତି। ୨୧ ବର୍ଷୀୟ କୁଳଦୀପ କୁଚିଣ୍ଡା ନିକଟ ଭୋଜପୁର ନିବାସୀ ରମାକାନ୍ତ ମହାକୁଳ ଓ ସୁପ୍ରଭା ମହାକୁଳଙ୍କ ସୁପୁତ୍ର। ସହଯୋଗ ମିଳିଲେ ସେ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିବା ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ଏହି ସଫଳତା ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ସରକାରୀ ବସ୍ ନଚାଲିଲେ ହନୁମାନ ଚାଳିଶା ପାଠ ଚେତାବନୀ

**ରାଜଧାନୀକୁ ବସ୍ ଚଳାଚଳ ଦାବି**

କୁଚିଣ୍ଡା,୮।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲାର କୁଚିଣ୍ଡା ଏକ ମାତ୍ର ଉପଖଣ୍ଡ ଯେଉଁଠୁ ଭୁବନେଶ୍ୱର କିମ୍ବା ସମ୍ବଲପୁର ଜିଲା ସଦର ମହକୁମାକୁ ସରକାରୀ ବସ୍ ଚଳାଚଳ କରୁନାହିଁ। କୁଚିଣ୍ଡା ଜନସାଧାରଣଙ୍କ ବାରମ୍ବାର ଦାବି ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ସତ୍ତ୍ୱେ କୁଚିଣ୍ଡା ଉପଖଣ୍ଡକୁ ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ବୈମାତୃକ ମନୋଭାବ ପୋଷଣ କରାଯାଉଛି। ପ୍ରଶାସନିକ ଅବହେଳା ପ୍ରତିବାଦରେ କେତେକ ବରିଷ୍ଠ ନାଗରିକ ବିଭିନ୍ନ ସ୍ଥାନରେ ହନୁମାନ ଚାଳିଶା ପାଠ କରିବା ପାଇଁ ନିଷ୍ପତ୍ତି ନେଇ ପ୍ରଶାସନକୁ ଜଣାଇଛନ୍ତି। ସୂଚନା ଅନୁଯାୟୀ, ୯୦ ଦଶକରେ ଏହି ଉପଖଣ୍ଡରୁ ପାରାଦ୍ୱୀପ, ଭୁବନେଶ୍ୱର, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ଦେବଗଡ଼, ରାଉରକେଲା ଆଦି ସ୍ଥାନକୁ ସରକାରୀ ବସ୍ ଚଳାଚଳ କରୁଥିଲା। କୁଚିଣ୍ଡାରେ ଓଡିଶା ପରିବହନ ବିଭାଗର ଏକ ଡିଟିଏମ ଅଫିସ ମଧ୍ୟ ରହିଥିଲା। ଦୁଇ ବର୍ଷ ତଳେ ଗରପୋଷରୁ କୁଚିଣ୍ଡା ଦେଇ ସମ୍ବଲପୁର, ଝାରସୁଗୁଡ଼ା ଜିଲା କୋଟାରେ ରହିଥିବା ଜଗନ୍ନାଥ ବସ୍ କୁଚିଣ୍ଡା ଦେଇ ଯାତାୟାତ କରୁଥିଲା। ମାତ୍ର ପରିତାପର ବିଷୟ ବର୍ତ୍ତମାନ କୁଚିଣ୍ଡାରୁ ଏକ ମାତ୍ର ସିଟି ବସ୍ ଭାୟା ଲଇଡା ଦେଇ ସମ୍ବଲପୁର ଜିଲା ସଦର ମହକୁମାକୁ ଯାତାୟାତ କରୁଥିବା ବେଳେ ଅନ୍ୟ ସବୁ ବସ୍ ବନ୍ଦ ରହିଛି। ଏ ନେଇ ଗତ ୬ତାରିଖରେ କୁଚିଣ୍ଡାରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବରିଷ୍ଠ ନାଗରିକ ଜଗଦୀଶ ଖଣ୍ଡେଲୱାଲ, ସତ୍ୟନାରାୟଣ ଅଗ୍ରୱାଲ, ପର୍ଶୁରାମ ଦେବ ଏବଂ ଅମୂଲ୍ୟ ଜିତଙ୍କ ସମେତ କେତେକ ବ୍ୟକ୍ତି ପ୍ରଶାସନିକ ଅଧିକାରୀଙ୍କୁ ସାକ୍ଷାତ୍ କରି ଦାବି ଜଣାଇଥିଲେ। ଏଥରକ ବସ ନ ଚାଲିଲେ ସେମାନେ ଆଉ ଅଭିଯୋଗ କରିବେ ନାହିଁ ବରଂ ଭଗବାନଙ୍କୁ ଭରସା କରି ହନୁମାନ ଚାଳିଶା ପାଠ କରିବେ ବୋଲି ଚେତାବନୀ ଦେଇଛନ୍ତି।

No. 10001/24/2627

ଓଡ଼ିଶା ଶାସନ

## ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0002

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ୧୦ରୁ ରାଉରକେଲା ଦିବସ ସମାରୋହ

ରାଉରକେଲା,୮।୪(ସଙ୍ଗୀତା ଜେନା)

ଏପ୍ରିଲ ୧୦, ୧୧ ଓ ୧୨ ତାରିଖରେ ସେକ୍ଟର-୧୩ ମେଳଣ ପଡିଆରେ ହେବାକୁ ଯାଉଛି ରାଉରକେଲା ଦିବସ। ଏ ନେଇ ବୁଧବାର ପୂର୍ବାହ୍ନ ୧୧ଟାରେ କାନଭାସ୍ ପକ୍ଷରୁ ସେକ୍ଟର-୧ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ୧୯୫୪ରେ ରାଉରକେଲା ଇସ୍ପାତ କାରଖାନା ପ୍ରତିଷ୍ଠା ଦିବସକୁ ନେଇ କାନଭାସ୍ ପକ୍ଷରୁ ରାଉରକେଲା ଦିବସ ଭାବେ ପାଳନ କରାଯାଇଆସୁଛି। ଏହି ଦିବସ ଅବସରରେ ରାଉରକେଲା ପାଇଁ ପ୍ରାଣବଳି ଦେଇଥିବା ସମାଜସେବୀଙ୍କ ଏକ ଗ୍ୟାଲେରୀ ସ୍ଥାପନ କରାଯିବ। ଏଥିସହିତ ରାଉରକେଲାର ସାମାଜିକ, ସାଂସ୍କୃତିକ ଓ ସାମାଜିକ ଏବଂ ଅନ୍ୟାନ୍ୟ ସଙ୍ଗଠନମାନଙ୍କୁ ରାଉରକେଲା ଦିବସ ପାଳନ ସମାରୋହରେ ସ୍ଥାନ ଦେବାକୁ ବିଚାର କରାଯିବ ବୋଲି ସମ୍ମିଳନୀରେ ପ୍ରକାଶ କରାଯାଇଛି। ରାଉରକେଲା ଦିବସ ପାଳନ ସମାରୋହର ପ୍ରଥମ ଦିନ କାର୍ଯ୍ୟକ୍ରମକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଉଦ୍‌ଘାଟନ କରିବେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଏବଂ କାନଭାସର ଅଧ୍ୟକ୍ଷ ତଥା ରାଜ୍ୟସଭା ସଦସ୍ୟ ଦିଲ୍ଲୀପ ରାୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ଆବାହକ ସୁରେଶ ପ୍ରଧାନ ସୂଚନା ଦେଇଛନ୍ତି। ସମ୍ମିଳନୀରେ କାନଭାସ୍‌ର ଉପସଭାପତି ହରିହର ରାଉତରାୟ, ସତ୍ୟାନନ୍ଦ ମହାନ୍ତି, ଅରବିନ୍ଦ ଦାସ, ଭବାନୀ ଶଙ୍କର କବି, ପ୍ରଶାନ୍ତ ନାୟକ, ନଚିକେତା ମହାପାତ୍ର ଉପସ୍ଥିତ ଥିଲେ।



ରାଉରକେଲା ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ବୁଧବାର ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ନାଟ୍ୟ ମହୋତ୍ସବରେ ପରିବେଷିତ ନାଟକର ଦୃଶ୍ୟ।

# 'ମାଟିର ଫୁଲ'ରେ ନାରୀର ତ୍ୟାଗ

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା କଳିଙ୍ଗ କଳା ସାଂସ୍କୃତିକ ପରିଷଦ ପକ୍ଷରୁ ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ବୁଧବାର ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ନାଟ୍ୟ ମହୋତ୍ସବ-୨୦୨୬ ଆରମ୍ଭ ହୋଇଛି। ପରିଷଦର ସଭାପତି ପି. କେ. ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସମାରୋହରେ ଏକତ୍ର ନାଟ୍ୟ ଅନୁଷ୍ଠାନର ସଭାପତି ରାଜୀବ ପାଣି ଓ ଆଇଜିଏଚ୍ ନିର୍ଦ୍ଦେଶକ ଡା. ଜୟନ୍ତ କୁମାର ଆଚାର୍ଯ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଛାତ୍ର ସମାଜ ଶିକ୍ଷା ସହିତ ନାଟ୍ୟ କ୍ଷେତ୍ରରେ ମଧ୍ୟ ମନୋନିବେଶ କରିବା ଜରୁରୀ ବୋଲି କହିଥିଲେ। ଅନୁଷ୍ଠାନର ପରାମର୍ଶଦାତା ଏସ୍. ପି. ସାମନ୍ତରାୟ, ସାଧାରଣ ସମ୍ପାଦକ ଉମାକାନ୍ତ ବିଷୋୟୀ ଏବଂ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ବିକାଶ ପାଇଁ ନାଟକର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପରେ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଆର୍‌ଇସି କ୍ୟାମ୍ପସ, ଏନ୍‌ଆଇଟିର ଛାତ୍ରୀଛାତ୍ରୀଙ୍କମାନଙ୍କ ଦ୍ୱାରା ନାଟକ 'ମାଟିର ଫୁଲ' ପରିବେଷଣ କରାଯାଇଥିଲା। ନାଟକରେ ନାରୀ ଜନ୍ମ ଏକ ଅମୃତ ଅନୁଭବ। ପୁରୁଷର ବିନା ସାହାଯ୍ୟରେ ନାରୀଟିଏ ବରଗଛ ପାଲଟିପାରେ, ପୁଷ୍ପ ହୋଇ ମହକିଯାଏ ବହୁ ଦୂରକୁ। ତାର ମହକରେ ସମସ୍ତଙ୍କୁ ଉଲ୍ଲସିତ କରାଏ। ତା ଡାଳରେ କେତେ ରଙ୍ଗବେରଙ୍ଗର ବିହଙ୍ଗମାନଙ୍କୁ ଆଶ୍ରୟ ଦିଏ, ବହୁ ସଂଘର୍ଷ ଓ ସଂଗ୍ରାମକୁ ସାମ୍ନା କରେ ସତ କେବେ ହାରେ ନାହିଁ, ଯେତେ ସଙ୍କୁଚିତ କଲେ ବି ସେ କେବେ ଧରାଶାୟୀ ହୁଏ ନାହିଁ। ସେ ଜାଣେ ସୁଖର ଚାବିକାଠି କେବଳ ବିବାହ ବା ମାତୃତ୍ୱ ନୁହେଁ, ନିଜର ଅନ୍ତଃଚେତନାର ପରିପ୍ରକାଶ କରିବାର ସୌଭାଗ୍ୟରେ ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଅହରହ ଏ ସମାଜ ତଥା ରୀତିନୀତି ସହିତ ସାଲିସ କରେ। ମାତୃଗର୍ଭରୁ ଭ୍ରୁଣଠାରୁ କନ୍ୟାବସ୍ଥା ପର୍ଯ୍ୟନ୍ତ ଅନେକ ଦୁଃଖ କଷ୍ଟ, ଯନ୍ତ୍ରଣାର ଶିକାର ହୋଇଥାଏ। ତେବେ ନାରୀର ସ୍ୱାଧିକାର, ଅସ୍ତିତ୍ୱ ପ୍ରାପ୍ତ କରିବାକୁ ହେଲେ କିଭଳି ନିଜକୁ ଜଳିବାକୁ ହେବ, ତାହା ନାଟକରେ ପରିସ୍ଫୁଟ ହୋଇଥିଲା। ଏହି ନାଟକକୁ ରଚନା କରିଥିଲେ ମନୋଜ ମଲ୍ଲିକ, ନିର୍ଦ୍ଦେଶନା ଦେଇଥିଲେ ଅମରେଶ ବେହେରା। ସୁଦିପ୍ତା ବେହେରା ପ୍ରଯୋଜନା ଏବଂ ନିରୁପମା ପତି ସହଯୋଗ କରିଥିଲେ। ନାଟକରେ ଜିଆ, ରଶ୍ମି, ପ୍ରତିମା, ଶୀତଲ, ଉମେଶ, ରୂପେଲି, ଚାନ୍ଦିନୀ, ପ୍ରୀତି, ଦୀପିକା, ସଂଜନା, ଅଂଶିକା, ପ୍ରତିଶା, ରିତିକା, କଳ୍ପନା, ଶ୍ରଦ୍ଧା, ଶାଳିନୀ, ନୀତେଶ, ସିଦ୍ଧାର୍ଥ ଅଭିନୟ କରିଥିଲେ।

# ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ପକ୍ଷ ପାଳନ ଅବସରରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍, ଏନ୍‌ସିସି, ଜାତୀୟ ସେବା ଯୋଜନା ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ ଶୁଭାରମ୍ଭ କରିଥିଲେ। ବରିଷ୍ଠ ଅଧ୍ୟାପକ ମାୟାଧର ବାରିକ, ଯୁବ ରେଡ୍‌କ୍ରସ୍ ସଂଯୋଜିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ର ଓ ସଦସ୍ୟ ଡ. ପ୍ରିୟବ୍ରତ ବେହେରା, ଜାତୀୟ ସେବା ଯୋଜନା ସଂଯୋଜିକା ଡ. ସୋନିଆ, ଏନ୍‌ସିସିର ଭାରପ୍ରାପ୍ତ ଅଧିକାରୀ ତରଣୀ ମେହେର ଓ କ୍ରୀଡ଼ା ପ୍ରଶିକ୍ଷିକା କ୍ୟାପ୍‌ଟେନ ମୀନା ଦାସ ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଷମା ମୋଦିଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ଆର୍‌ଜିଏଚ୍ ରକ୍ତଭଣ୍ଡାରର ଭାରପ୍ରାପ୍ତ ଅଧିକାରୀ ଡା. ମୟାସା ସୋରେନଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା। ଓଡ଼ିଆ ଅଧ୍ୟାପକ ଶୁଭନାଥ ସା, ଡ. ମାନସ ମୁଖାର୍ଜୀ, ବିଶ୍ୱରଞ୍ଜନ ଦାସ, ଅଧ୍ୟାପିକା ରଜନୀ କିଷାନ, ସୁଚିସ୍ମିତା ମୁଆଳ ଓ ପ୍ରିୟଙ୍କା କଂସାରୀ ପ୍ରମୁଖ ସହଯୋଗ କରିଥିଲେ।

# ଆଇନ ସଚେତନତା କାର୍ଯ୍ୟକ୍ରମ



ପିଲାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଉଛି।

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଆପରାଧିକ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ରାଉରକେଲା ପୋଲିସ ପକ୍ଷରୁ ଝିରପାଣି ହାଇସ୍କୁଲରେ ବୁଧବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବିତର୍କ ଓ କୁଇଜ୍ ପ୍ରତିଯୋଗିତାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଆଇନଗତ ସାକ୍ଷରତା ଏବଂ ସଚେତନତାକୁ ଉତ୍ସାହିତ କରିବା ପାଇଁ ବିଜେତାମାନଙ୍କୁ ପୋଲିସ ପକ୍ଷରୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଆଇଜିଏଚ୍‌ରେ ଅଗ୍ନି ନିର୍ବାପନ, ଉଦ୍ଧାର ପ୍ରଦର୍ଶନୀ



ଅଗ୍ନିଶମ କର୍ମଚାରୀ ଡେମନଷ୍ଟ୍ରେଶନ କରୁଛନ୍ତି।

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଅଧୀନ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ରେ ଜରୁରୀକାଳୀନ ପରିସ୍ଥିତିରେ ହସ୍ପିଟାଲ କର୍ମଚାରୀଙ୍କ ପ୍ରସ୍ତୁତି ଏବଂ କ୍ଷମତା ମୂଲ୍ୟାଙ୍କନ ନିମନ୍ତେ ପୁରୁଷ ସର୍ଜିକାଲ୍ ୱାର୍ଡରେ ଅଗ୍ନି ନିର୍ବାପନ ଓ ଉଦ୍ଧାର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡା. ଜୟନ୍ତ ଆଚାର୍ଯ୍ୟ, ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର, ଆଡିଶନାଲ୍ ସିଏମ୍‌ଓ ଡା. ସୁଶୀଲ କୁମାର, ଡା. ଏ. ମିଞ୍ଜ୍, ଡେପୁଟି ସିଏମ୍‌ଓ ଡା. କେ. ସି. ତାଣ୍ଡି, ଡା. ଶାହିଦ ୟାହ୍ୟାଙ୍କ ସମେତ ଏମ୍‌ଆଣ୍ଡଏଚ୍‌ଏସ୍‌ର ବହୁ ବରିଷ୍ଠ ଡାକ୍ତର, ନର୍ସ, କର୍ମଚାରୀ ଏବଂ ଦର୍ଶକ ଉପସ୍ଥିତ ଥିଲେ। ଏହି ଅଭ୍ୟାସର ଏକ ଅଂଶ ସ୍ୱରୂପ ଗୁରୁତ୍ୱପୂର୍ଣ୍ଣ ସମୟରେ କର୍ମଚାରୀଙ୍କ ତୁରନ୍ତ ପ୍ରତିକ୍ରିୟା ଏବଂ ସମନ୍ୱୟର ମୂଲ୍ୟାଙ୍କନ କରିବା ସକାଶେ ଅଗ୍ନିଶମ ସେବା ଦଳ ଆସିବା ପୂର୍ବରୁ ହସ୍ପିଟାଲ ପରିସରରେ ଏକ କୃତ୍ରିମ ଅଗ୍ନି ପରିସ୍ଥିତି ସୃଷ୍ଟି କରାଯାଇଥିଲା। ଏହି ପ୍ରଦର୍ଶନରେ କର୍ମଚାରୀମାନେ ଅଗ୍ନିଶମ, ଉଦ୍ଧାର ଏବଂ ସମରକାଳୀନ ଦଳ ଭଳି ବିଭିନ୍ନ ଦଳରେ ବିଭକ୍ତ ହୋଇ ରୋଗୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ସଫଳତାର ସହିତ ଅଭ୍ୟାସ ସମାପ୍ତ କରିଥିଲେ। ଏହି ପ୍ରଦର୍ଶନରେ ସତର୍କତା, ସ୍ଥାନାନ୍ତରଣ ପ୍ରକ୍ରିୟା, ଅଗ୍ନି ନିରାପତ୍ତା ଉପକରଣର ବ୍ୟବହାର ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ପରୀକ୍ଷା କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଏହାଦ୍ୱାରା ରୋଗୀ, ଆଟେଣ୍ଡାଣ୍ଟ ଏବଂ କର୍ମଚାରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷିତ ପରିଚାଳନା କରାଯାଇପାରିଥିଲା। ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶୁଭବ୍ରତ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସଂଯୋଜନା ହୋଇଥିଲା। ଆଇଜିଏଚ୍‌ର ବରିଷ୍ଠ ପରାମର୍ଶଦାତା ତଥା ଡିଏସ୍‌ଓ ଡା. ରିଚା ସୁରିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁଆଁରମୁଣ୍ଡା ବ୍ରହ୍ମାକୁମାରୀ ଶାଖାରେ ବିଶ୍ୱ ଏକତା ଦିବସ

କୁଆଁରମୁଣ୍ଡା,୮।୪(ମହେନ୍ଦ୍ର କୁମାର ସାହୁ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୁଆଁରମୁଣ୍ଡା ଶାଖାରେ ବୁଧବାର ସନ୍ଧ୍ୟାରେ ବିଶ୍ୱ ଏକତା ଦିବସ ପାଳିତ ହୋଇଯାଇଛି। ପରସ୍ପର ମଧ୍ୟରେ ଭାଇଚାରା, ସ୍ନେହ, ମମତା ଭାବନା ସୃଷ୍ଟି ହେଲେ ଆମର ଏକତା ଓ ଅଖଣ୍ଡତା ବଜାୟ ରହିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସାମାଜିକ କର୍ମୀ ଶୈଳେଶ ତିୱାରୀ(ରାଜୁ ଭାଇ), ଖବରଦାତା ମହେନ୍ଦ୍ର କୁମାର ସାହୁ, ସନ୍ତୋଷ ଜୟସ୍ୱାଲ, ବିକେ ସୁମନ ଦିଦି, ଅନୁପ୍ରିୟା ତିୱାରୀ, ଦୀପକ କୁମାର ସାହୁ, ଅମୂଲ୍ୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମାକୁମାରୀ ଶାଖାର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଟ୍ରାଫିକ୍ ଗେଟ୍‌ରେ ଜଳିଗଲା ୫ ଦୋକାନ



ରାଉରକେଲା,୮।୪(ସଙ୍ଗୀତା ଜେନା)

ରାଉରକେଲା ଟ୍ରାଫିକ୍ ଗେଟ୍ ମାର୍କେଟରେ ବୁଧବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ ହୋଇଯାଇଛି। ଘଟଣାସ୍ଥଳରେ ରାଜ୍ୟ ଅଗ୍ନିଶମର ୩ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରତ୍ୟକ୍ଷଦର୍ଶୀମାନଙ୍କ ସୂଚନା ଅନୁଯାୟୀ, ଭୋର୍ ସମୟରେ କୌଣସି କାରଣରୁ ରାଶନ ଓ ପରିବା ଦୋକାନରେ ନିଆଁ ଲାଗି ଯାଇଥିଲା। ଦୋକାନଗୁଡ଼ିକ ପାଖାପାଖି ଥିବା ଯୋଗୁ ତାହୁଁ ତାହୁଁ ନିଆଁ ବ୍ୟାପୀ ଯାଇଥିଲା। ଏହାକୁ ଆୟତ୍ତ କରା ନ ଯାଇଥିଲେ ଅଧିକ ଦୋକାନ କ୍ଷତିଗ୍ରସ୍ତ ହୋଇଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡ଼ା
Email Id: eonacballiguda@yahoo.in

ପତ୍ର ସଂଖ୍ୟା: 597 — ତାରିଖ: 31.03.2026

### ବିଜ୍ଞାପନ

No. 13001/92/2627: ଏତଦ୍ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡ଼ାରେ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡ଼ା ଦ୍ୱାରା ପରିଚାଳିତ ସମ୍ପଦ କେନ୍ଦ୍ର (MCC/MRF) ଓ ମଳ ଉପଚାର କେନ୍ଦ୍ର (FSTP) ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ତା୦୨।୦୪।୨୦୨୬ରିଖଠାରୁ ୧୦।୦୪।୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ। ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆବେଦନ ନିମନ୍ତେ ଏତଦ୍ଦ୍ୱାରା ଜଣାଇ ଦିଆଗଲା।

**ଆବେଦନ କରିବା ପାଇଁ ଯୋଗ୍ୟତା:**
୧. ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରୁ ସଭାପତି/ସମ୍ପାଦକଙ୍କ ନାମରେ ସ୍ମାର୍ଟ ଫୋନ ଥିବ।
୨. ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରୁ ସଭାପତି/ସମ୍ପାଦକଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ଼, ପାନ୍ କାର୍ଡ଼ ଥିବ।
୩. ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଭାପତି, ସମ୍ପାଦକ ଓ ସଦସ୍ୟାମାନେ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟକ୍ରମରେ ଲିପ୍ତ ନଥିବେ ଯଥା (ସ୍ୱଚ୍ଛ ଭାରତ ମିଶନ)।
୪. ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଭାପତି, ସମ୍ପାଦକ ଓ ସଦସ୍ୟାମାନେ ଦିନକୁ ୮ଘଣ୍ଟା କାର୍ଯ୍ୟରେ ସମୟ ଦେଇ ପାରୁଥିବେ।
୫. ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଭାପତି, ସମ୍ପାଦକ ଓ ସଦସ୍ୟାମାନଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୀତି ସମ୍ପୃକ୍ତି ନଥିବ।
୬. ଚୟନ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସର୍ବନିମ୍ନ ୨ମାସ ବିନା ପାରିଶ୍ରମିକରେ ତାଲିମ ସମୟରେ କାର୍ଯ୍ୟ କରିବା ନିମନ୍ତେ ସହମତି ହେବେ।
୭. ସ୍ୱୟଂ ସହାୟକ ଗୋଷ୍ଠୀ କୌଣସି ବ୍ୟାଙ୍କ ଋଣ ଖିଲାପ କରି ନ ଥିବ କିମ୍ବା କଳା ତାଲିକା ଭୁକ୍ତ ହୋଇନଥିବ।
୮. ଆବେଦନ ପତ୍ରଗୁଡ଼ିକ ତା୧୫।୦୪।୨୦୨୬ରିଖ ୧୧.୩୦ ସମୟରେ ଏହି କାର୍ଯ୍ୟାଳୟରେ ଖୋଲାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡ଼ା
OIPR-13001/13097/1/26-27/0001



## INTEGRATED TRIBAL DEVELOPMENT AGENCY: GUNUPUR
ST & SC DEVELOPMENT DEPARTMENT, ODISHA
e-mail Id: itdagnp@od.gov.in, DISTRICT: RAYAGADA

Letter No.860/2026 — Date:06.04.2026

No.26001/3/2627: The Project Administrator, ITDA, Gunupur invited from interested reputed Travel Agencies/ Tour Operators or private individuals as per office memorandum no.15836/ FIN-COD-MV-0004-2018/F, dated 27.05.2025 of Finance Department, Govt. of Odisha for providing 02 (Two) nos. of BS-VI emission compliant Mahindra Scorpio N-2025 Model Vehicle having sitting capacity not more than seven including driver, which shall conform to the Terms and Conditions (Annexure-A) and General BID information (Annexure-B) for official use in integrated Tribal Development Agency, Gunupur on monthly rent basis which can be seen in the website **https://rayagada.odisha.gov.in.**

1. No. of Vehicles required: 2
2. BID Identifcation No: 842/2026
3. Last date & time for receipt of BIDs in portal: 20.04.2026 at 01.30 PM
4. BIDs received online shall be opened on: 20.04.2026 at 03.00 P.M.

Sd./- Project Administrator
ITDA, Gunupur
OIPR-26001/26072/1/26-27/0001



## OFFICE OF THE MUNICIPAL COUNCIL, JAGATSINGHPUR
No. 13001/78/2627

e-Procurement Notice
e-Mail: JSMunicipality@gmail.com

1. Bid Reference No. : JSM-01/2025-26/Dt.31.03.2026
2. Tender Call Notice No. : 2099 Dtd.31.03.2026
3. No. of Works : 01 (One)
4. Bid Value : Rs.83,75,814/-
5. Period of Completion : 180 days

Date and time Schedule

| Start | End | Opening |
|---|---|---|
| 11.00 A.M. of 02.04.2026 | 5.00 P.M. of 16.04.2026 | 4.30 P.M. of 17.04.2026 |

6. Tender details can be seen for the e-Procurement portal https://www.tendersodisha.gov.in.

Sd./- Executive Officer
Jagatsinghpur Municipality
OIPR-13001/13087/1/26-27/0002



## OFFICE OF THE SUPERINTENDING ENGINEER UI RIGHT CANAL DIVISION NO.I, MUKHIGUDA, KALAHANDI,ODISHA
e-mail: eeuircd1@gmail.com

QUOTATION CALL NOTICE
NO.-SE, RCD-I-02 (01)/2026-27, Dt.06.04.2026
FOR HIRING VEHICLE

No.32001/25/2627: Sealed quotations are invited from Interested reputed travel agencies/tour operators or private individuals for providing 01 (One) no. of Diesel driven vehicle (TUV300/ Bolero/ Sumo Gold/ Ertiga) for office use in the following officers on monthly rent basis.
1. Office of the Chief Construction Engineer, UIP Mukhiguda, Dist-Kalahandi.
The quotation booklets will be available in the office of the Superintending Engineer, UI Right Canal Division No.I, Mukhiguda, office of the SDO, UI Right Canal Sub-Division No-II, Kalampur & office of the SDO, UI Right Canal Sub Division No-IV, Junagarh from 09.04.2026 to 18.04.2026 during office hours. The quotations shall be opened on 20.04.2026 at 11.30 AM in the office of the undersigned.
Further details can be obtained from the Quotation booklets.

Sd./- Superintending Engineer
Right Canal Divn.No.I
Mukhiguda, Kalahandi
OIPR-32001/32193/1/26-27/0001



## ଚୌଦ୍ୱାର ପୌରପରିଷଦ କାର୍ଯ୍ୟାଳୟ, ଚୌଦ୍ୱାର
OFFICE OF THE MUNICIPAL COUNCIL, CHOUDWAR
Govt. of Odisha (H&U.D. Deptt.) Cuttack, (Odisha), PIN - 754071
Phone No.: 0671-2394272(O), e-mail: choudwarmunicipality@gmail.com

No. Dev/2086 — Date: 04.04.2026

QUOTATION CALL NOTICE

No. 13001/90/2627: Sealed quotations are invited from the intending Authorized Firms/Suppliers & Agencies having upto date GST Registration copy, PAN Card copy and valid regsitration copy for Supply & Installation of Sound and Illumination system for Conference Hall Choudwar Municipality as mentioned in quotation paper & office website.

| Sl. No. | Description |
|---|---|
| 1 | Supply & Installation of Sound and Illumination system for Conference Hall Choudwar Municipality. Company - Reputed Brand |

The prescribed quotation schedule can be obtained from the office of the Choudwar Municipality, Choudwar during office hours on all working days from Dt.07.04.2026 to Dt.17.04.2026 within 1.00 P.M. on payment of Rs.5000/- (Rupees five thousand) only in the shape of Cash towards the paper cost which is non-refundable. The quotation paper will be received upto 1.00 P.M. by this office within Dt.17.04.2026 through Regd. Post/Speed Post or in person and the same will be opened on the same date at 3.00 P.M. in the Office of Choudwar Municipality in the presence of the quotationer or their authorised representative who whises to remain present. The quotation delay in postal delivery after due date and time will not be taken into consideration. The authority reserves right to reject any or all quotations without assigning any reason thereof.

Sd./- Executive Officer
Choudwar Municipality
OIPR-13001/13138/1/26-27/0003



## DISTRICT PROJECT OFFICE, SAMAGRA SHIKSHA, SHIKSHASADAN, KORAPUT - 764020
ସମଗ୍ର ଶିକ୍ଷା / समग्र शिक्षा / Samagra Shiksha
Email: dpckoraputssa.opepa@od.gov.in

Letter No. 1803/CW/2026 — III-CW-176/25 — Dated: 06.04.2026

INVITATIONS FOR BIDS (I.F.B.)
27001/7/2627 — E-Procurement Notice
IDENTIFICATION NO. IFB-DPC SS KPT ACR 98-134 OF 2024-25

1. The District Project Coordinator, Samagra Shiksha, Koraput on behalf of Collector-cum-Chairman, Koraput invites Percentage Rate Bid in Single Cover System in Online Mode for the construction of Building Works as details in the Detailed Tender Call Notice (D.T.C.N) from the legible class of contractors.
2. No. of works : 37 (Thirty Seven) Nos.
3. Cost of Tender Paper : Rs.6000/-
4. Class of Contractor : "B" & "C" (for Double ACR Building) & "C" & "D" (for Single ACR Building)
5. Date & time of available in website & receipt of bids : 11.00 A.M. of 09.04.2026 to 5.30 P.M. of 27.04.2026
6. Date of opening of online tender bid: 28.04.2026 at 11.30 A.M.
7. The bidders have to participate in Online bidding only. Further details can be seen from the State Govt. portal website **https://tendersodisha.gov.in**.
8. Any corrigendum/addendum will be displayed in the website **https://tendersodisha.gov.in**.
9. The authority reserves the right to reject any or all the tenders without assigning any reason thereof.

By the order of Collector-cum-Chairman,
Samagra Shiksha, Koraput
Sd./- District Project Coordinator
Samagra Shiksha, Koraput
OIPR-27001/27207/1/26-27/0001



## OFFICE OF THE MUNICIPAL COUNCIL, KEONJHARGARH
email: keonjharm.hud@rediffmail.com

Invitation for Bids (IFB)
'e' Procurement NOTICE
Bid Identification No. ODULB_KGM-23/2025-26

Letter No. 5420/KGM — Date: 26.03.2026

No. 13001/67/2627: On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system, through e-Procurement.

1. Nature of Work : Civil Work
2. No. of Work : 02 Nos.
3. Value of Works : Rs.27,27,800/- to 27,27,900/-
4. Date & time of availability of Bid document in the portal : From 30.03.2026 at 11.00 A.M. upto 07.04.2026 at 5.30 P.M.
5. Date of opening of bid in portal : 08.04.2026 at 11.00 A.M.
6. Name & address of the Officer in Inviting Bid : EO, Keonjhargarh Municipality

Further details can be seen from website: **www.tendersorissa.gov.in.**

Sd./- Executive Officer
Keonjhargarh Municipality
OIPR-13001/13115/1/26-27/0002



## OFFICE OF THE MUNICIPAL COUNCIL, BHAWANIPATNA
No. 1226/BPM — Date: 30.03.2026

EXPRESSION OF INTEREST

No. 13001/86/2627: Sealed applications in the prescribed format are invited from interested persons residing within the jurisdiction of Kalahandi district who have attained the age of 21 years as on 01.01.2026, for participation in the allotment of shops in the NEWLY CONSTRUCTED FOOD COURT LOCATED NEAR BAYANIKA.
The application shall be accompanied by a non-refundable application fee of Rs.1,000/- (Rupees one thousand only) and an Earnest Money Deposit (EMD) of Rs.5,000/- (Rupees five thousand only). The application must be submitted through Registered Post/Speed Post only and must reach the undersigned on or before 17.04.2026 upto 5.00 P.M. and same will open on 18.04.2026 at 11.00 A.M. in the office of the undersigned in presence of the applicant or their authorised representative. Applications submitted through any other mode shall not be considered. Applications received beyond the stipulated date shall be rejected summarily without any further correspondence.
The detailed terms & conditions and other particulars of this notice are available on the official website of Kalahandi district administration **(https://kalahandi.odisha.gov.in)** from 31.03.2026 to 16.04.2026.
The sealed envelope containing the application and required documents must be superscribed at the top as:
**"APPLICATION FOR ALLOTMENT OF SHOPS (FOOD COURT) LOCATED NEAR BANAYANIKA".**
The complete application along with required documents in a closed and sealed envelope must be addressed to Executive Officer, Bhawanipatna Municipality - 766001.
The authority reserves the right to cancel or reject the tender at any stage without assigning any reason thereof.

Sd./- Executive Officer
Bhawanipatna Municipality
OIPR-13001/13100/1/26-27/0002



## NOTICE INVITING TENDER (NIT)

No. 24001/8/2627: Collector & District Magistrate, Kalahandi ("CLIENT") invites sealed proposal from all interested Bidder/s for 'SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES (CFMS)' at Circuit House, Bhawanipatna.

**A- Indicative Scope:**
The Board Scope of services required through this RFP, shall be inter alia as indicated below:
a) Housekeeping Cleaning Services.
b) Security Services & Parking Management.
c) Landscaping & Garden & Lawn Maintenance.
d) Help Desk & Receiption Services.
e) Catering Services (Paid Service).
f) Pest Control.
g) Reporting and Complaint Management
h) Coordination with other service providers
i) Minor repair of electrical & PHED fittings
j) AMC of all electronic items
k) Laundry Service (Paid)

**B. Contract Period: 03 years**
**C. Bid Processing Fee (INR):** 10000/- (Circuit House, Bhawanipatna) Draft should be prepared in favour of collector, Kalahndi)
**D. Earnest Money Deposit (INR):** Bid security declaration as per Finance Department Circular No. 8943/F Dtd.18.03.2021 & No. 8484 dated:05.04.2022.
The RFP document can be downloaded from 09.04.2026 from website: **https://kalahandi.odisha.gov.in** to clarity the queries of the Bidder/s a pre-bid meeting is scheduled to be held on Dt.23.04.2026 at 11.00 A.M. in the Conference Hall of Collector Office, Kalahndi. Duly completed proposal along with other prerequisites documents in support of eligibility criteria and the required information as perform at must be submitted through **Registered Post/Speed Post/Courier** latest by 08.05.2026 at 1.00 P.M. as specified in the critical date sheet below. Or details please refer to the RFP documents.

**A. Critical Date Sheet**

| | |
|---|---|
| RFP Issue Date | 09.04.2026 |
| Last Date and Time for submission of Pre-Bid queries email | 18.04.2026 |
| Pre Bid Meeting Date and Time | 23.04.2026 and 11.00 A.M. |
| Upload of Pre Bid Clarification Date and Time | 30.04.2026 and 1.00 P.M. |
| Last date and time of submission of Bid | 08.05.2026 and 1.00 P.M. |
| Technical bid opening date and time | 14.05.2026 and 11.00 A.M. |
| Financial bid opening date and time | 21.05.2026 and 1.00 A.M. |

**B. Contact Person:**
1. Additional District Magistrate, Collectorate, Kalahandi - 9437193651, Email: **nizaratkld@gmail.com**.
2. Asst. Collector, Nizarat Section, Collectorate, Kalahandi - 7008390889.

**C. Complete Address for Submission of Bid:**
**Office of the Collector and District Magistrate, Kalahandi**
**At/P.O.: Bhawanipatna, Dist.: Kalahandi, State: Odisha, PIN No. - 766001**

OIPR-24001/24180/1/26-27/0001 — Sd./- Collector, Kalahandi

**ବିନୋଦଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା**

ପଦ୍ମପୁର (ପ୍ରଦୀପ୍ତ ଦାଶ): ବରଗଡ଼ ଜିଲାର ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ରାସମୁଣ୍ଡା ଗ୍ରାମର ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗୀୟ ବିନୋଦ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇଲ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱ କରିଥିଲେ। ସଭାରେ ନେହେରୁ ତ୍ରିପାଠୀ, ସନାତନ ଭୋଇ, ଗୌନ୍ତିଆ କୁମାର ସାହୁ, ବିଷ୍ଣୁ ପ୍ରସାଦ ବାଜପେୟୀ, ପୀତାମ୍ବର ସାହୁ, ମହେନ୍ଦ୍ର କୁମାର ସାହୁ ଓ ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଅରକ୍ଷିତ ପଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ସଂକ୍ଷେପରେ

### ପ୍ରୋଜେକ୍ଟ କଲୋନୀ ଜବରଦଖଲ ଉଚ୍ଛେଦ

ବରପାଲି, ୮।୪(ଚିତ୍ତରଞ୍ଜନ ସାହୁ): ବରପାଲି ସହରରେ ଗତ କିଛିମାସ ହେଲା ସରକାରୀ ଜମି ଉପରେ ଥିବା କୋଠା, ଦୋକାନ ଆଦି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଗତ ମଙ୍ଗଳବାର ନୁର୍ ମହମ୍ମଦ ଧର୍ମଶାଳା ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ପରେ ପ୍ରଶାସନ ପକ୍ଷରୁ ବୁଧବାର କଲେଜ ସଂଲଗ୍ନ ପ୍ରୋଜେକ୍ଟ କଲୋନୀ ଭିତରେ ଥିବା ଗୃହଗୁଡ଼ିକ ଭାଙ୍ଗି ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ବରପାଲି ତହସିଲଦାର ରୁକ୍ମଣୀ ମେହେର, ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାୟକ, ସୁପରଭାଇଜର କବିତା ବହିଦାରଙ୍କ ସମେତ ଏନ୍ଏସି କର୍ମଚାରୀ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ।

### ଶିବିରରେ ୩୨ୟୁନିଟ ରକ୍ତ ସଂଗୃହୀତ



ବରଗଡ଼,୭।୪(ପ୍ରେମାନନ୍ଦ ଖମାରୀ): ଓଡ଼ିଶା ପକ୍ଷ ପାଳନ ଅବସରରେ ବୁଧବାର ବରଗଡ଼ ଜିଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଏବଂ ରୋଗୀ କଲ୍ୟାଣ ସମିତି ତରଫରୁ ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପ୍ରଶାସନିକ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇ ରକ୍ତର ଆବଶ୍ୟକତା ପୂରଣ ପାଇଁ ନିଜ ସାମାଜିକ ପ୍ରତିବଦ୍ଧତାକୁ ଦୃଢ଼ କରିବା ସହ ରକ୍ତଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

ବରଗଡ଼,୮।୪ (ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଇଓ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୀମାନ୍ତ ବିଶି, ପୂର୍ବତନ ସ୍କୁଲ କମିଟି ଅଧ୍ୟକ୍ଷ ନିତ୍ୟାନନ୍ଦ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଟିକେଶ୍ୱରୀ ହୋତା, ମନବୋଧ ଲୁହୁରା, ଅଂଗ୍ରୋଜ ଦଣ୍ଡସେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଗାଁ ଗାଁରେ ଚୋରାମଦ, ତାତିଲେ ଲୋକେ

- ହାତ ବାନ୍ଧି ବସିଛନ୍ତି ଅବକାରୀ, ପୋଲିସ
- ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)





ନିଶା କାରବାର ବନ୍ଦ ପାଇଁ ତାଳପଦର ଗ୍ରାମର ମହିଳାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି। ନିଶା କାରବାର ବନ୍ଦ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଘନାମାଲ ଗ୍ରାମର ଗ୍ରାମବାସୀବୃନ୍ଦ।

ବରଗଡ଼ ଜିଲାରେ ନିଶା କାରବାର ବଢ଼ିଚାଲିଛି। ଗାଁଠୁ ସହର ସବୁଆଡ଼େ ଚୋରାମଦ ସହିତ ଗଞ୍ଜେଇ, କଫ ସିରପ୍ ଅବାଧରେ ବିକ୍ରି ହେଉଛି। ସେହିପରି କେତେକ ସ୍ଥାନରେ ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ କାରବାର ମଧ୍ୟ ଚାଲିଥିବା ଅଭିଯୋଗ ହେଉଛି। ତେବେ ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ କିମ୍ବା ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ବିଭିନ୍ନ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଗ୍ରାମବାସୀ ପୋଲିସ ଏବଂ ଅବକାରୀ ବିଭାଗ ଉପରୁ ଆସ୍ଥା ହରାଇ ଜିଲାପାଳଙ୍କୁ ଫେରାଦ ହେଉଛନ୍ତି।

ଏଭଳି ଅଭିଯୋଗ ନେଇ ବୁଧବାର ଜିଲାର ବିଜେପୁର ଥାନା ଅନ୍ତର୍ଗତ ତାଳପଦର ଗ୍ରାମର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଗ୍ରାମରେ ଚାଲିଥିବା ଚୋରାମଦ କାରବାର ରୋକିବା ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଉକ୍ତ ଗ୍ରାମରେ ନିଶା ନିବାରଣ ଅଭିଯାନ ଯୋଗୁ ୨୦୧୨ରୁ ୨୦୨୨ ମସିହା ପର୍ଯ୍ୟନ୍ତ ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ ଥିଲା। ମାତ୍ର ଗତ କିଛିବର୍ଷ ହେଲା ତାଳପଦର ତଥା ଆଖପାଖ ଗ୍ରାମରେ ଦେଶୀ, ବିଦେଶୀ ମଦ ସମେତ କଫ ସିରପ୍ କାରବାର ଅବାଧରେ ଚାଲୁଥିବାରୁ ସ୍ଥାନୀୟ ଲୋକେ ଅସୁରକ୍ଷିତ ମଣୁଥିବାବେଳେ ଯୁବପିଢ଼ି ମଧ୍ୟ ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଗ୍ରାମରେ ନାନା ବିଶୃଙ୍ଖଳା ଏବଂ ଅପରାଧ ବଢ଼ିଚାଲିଥିବା ଗ୍ରାମବାସୀ କହିଛନ୍ତି। ଏହି ଦୃଷ୍ଟିରୁ ତୁରନ୍ତ ଉକ୍ତ ଗ୍ରାମରେ ନିଶା କାରବର ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। କୁମୁଦିନୀ ଭୋଇ, ଅଞ୍ଜଳି ବର୍ଗୋଙ୍କ ସମେତ ଅନେକ ମହିଳା ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

ଜିଲାର ମେଲ୍ଛାମୁଣ୍ଡା ଥାନା ଅନ୍ତର୍ଗତ ଘନାମାଲ ଗ୍ରାମବାସୀ ମଧ୍ୟ ଅନୁରୂପ ଅଭିଯୋଗ କରି ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଉକ୍ତ ଗ୍ରାମରେ ଦେଶୀମଦ ରାନ୍ଧି ଗ୍ରାମର ବିଦ୍ୟାଳୟ, ମନ୍ଦିର, ରାସ୍ତାଘାଟ, ପୋଖରୀ ହିଡ଼ ଆଦି ସର୍ବସାଧାରଣ ସ୍ଥାନରେ ଅବାଧରେ ବିକ୍ରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଅଭିଯୋଗ କଲେ ସୁଦ୍ଧା ପୋଲିସ କିମ୍ବା ଅବକାରୀ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଉନାହାନ୍ତି। ତେବେ ଚୋରାମଦର କୁପ୍ରଭାବ ଗ୍ରାମବାସୀଙ୍କ ଉପରେ ପଡୁଥିବା ଯୋଗୁ ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ଗ୍ରାମ୍ୟ କମିଟି ନିଷ୍ପତ୍ତି ନେଇଛି। ଫଳରେ ଏଥିରେ ସହଯୋଗ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଗ୍ରାମର ସନ୍ତୋଷ ଗଡ଼ତିଆ, ଚୂଡ଼ାମଣି ବାରିକ ପ୍ରମୁଖ ଦାବିପତ୍ର ଦେବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତେବେ କେବଳ ଉପରୋକ୍ତ ୨ ଗ୍ରାମ ନୁହେଁ, ଜିଲାର ଅଧିକାଂଶ ଗ୍ରାମରେ ଖୋଲାଖୋଲି ନିଶା କାରବାର ଚାଲିଛି। ନିଶାଜନିତ ଅପରାଧ ମଧ୍ୟ ବଢୁଛି। ଏହାସତ୍ତ୍ୱେ ଏଥିପ୍ରତି ପୋଲିସ ଏବଂ ଅବକାରୀ ବିଭାଗ ଆଖିବୁଜି ଦେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଉଭୟ ବିଭାଗର କାର୍ଯ୍ୟଦକ୍ଷତା ପଦାରେ ପଡ଼ିଛି।

### ଛାତ୍ରୀଛାତ୍ର ପାଳିଲେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମ୍ଶ୍ରୀ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ମଙ୍ଗଳବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ରେଡକ୍ରସ କାଉନସେଲର ସଞ୍ଜୟ ଖମାରୀ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅମ୍ବାଭୋନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡା. ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ନିଶା ଦ୍ରବ୍ୟଠାରୁ ଦୂରେଇ ରହି ପୋଷକତତ୍ତ୍ୱଯୁକ୍ତ ସନ୍ତୁଳିତ ଆହାର ଗ୍ରହଣ କରିବା, ନିର୍ଦ୍ଦିଷ୍ଟ ସମୟ ଭିତରେ ନିଜ ଶରୀରର ନିୟମିତ ପରୀକ୍ଷା କରାଇବା ଏବଂ ମନରେ ଶାନ୍ତ ଓ ସକାରାତ୍ମକ ଚିନ୍ତାଧାରା ରଖି ଖାଦ୍ୟ ଖାଇବା ଆବଶ୍ୟକ ବୋଲି ମତ ଦେଇଥିଲେ। ବୈଠକରେ ଚଳିତ ବର୍ଷର ପ୍ରସଙ୍ଗ ସ୍ୱାସ୍ଥ୍ୟ ପାଇଁ ଏକାଠି ହେବା, ବିଜ୍ଞାନ ସହ ଠିଆ ହେବା ଶୀର୍ଷକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ରାଜ କୁମାରୀ ଭୁଏ, ଶିକ୍ଷକ ତେଜରାମ ସା, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ସୁବାସ ଚନ୍ଦ୍ର ଖମାରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)



ଏଏପି ପ୍ରତିନିଧିଙ୍କଠାରୁ ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗତ ସୋମବାର କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷା ଓ କରାମାଡ଼ରେ ବ୍ୟାପକ ଫସଲ କ୍ଷତି ହୋଇଛି। ଏଥିରେ ଜିଲାର ଅତାବିରା, ଭଟଲି, ବରଗଡ଼ ବରପାଲି ଓ ଅନ୍ୟ ବ୍ଲକ ଗୁଡ଼ିକରେ ଧାନ, ପନିପରିବା ଫସଲ ଉଜୁଡ଼ିବା ସହିତ ଗରିବ ଲୋକଙ୍କ ଖପରିଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି କେତେକ ସ୍ଥାନରେ ଗୃହପାଳିତ ପଶୁମାନଙ୍କର ଜୀବନହାନୀ ହୋଇଥିବା ଆମ ଆଦମୀ ପାର୍ଟି (ଏଏପି) ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ବୁଧବାର ଏଏପିର ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଫସଲକ୍ଷତିର ସଠିକ ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଏକର ପ୍ରତି ୨୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଏଏପି ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଏହାପରେ ରାଜ୍ୟ ସମ୍ପାଦକ ଭବାନୀ ସାହୁ, ବରଗଡ଼ ଜିଲା ସଭାପତି ଯଦୁମଣି ପ୍ରଧାନ, ସ୍ୱରୂପ ଭୋଇ, ଜୟକ୍ରିଷ୍ଣା ଛୁରିଆ, ପ୍ରଦୀପ ବିଶ୍ୱାଳ, ମିଲୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅନ୍ତର୍ଗତ ଏନ. ଜାମପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ମହାକୁଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ ଲୋକସଭା ଏମ୍ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଗ୍ରୀବର ବିଶି, ସରୋଜ କୁମାର ସାହୁ, ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷା ବିକାଶ ସମିତି ପୂର୍ବ କ୍ଷେତ୍ର ସେବା ପ୍ରମୁଖ ରାମଚନ୍ଦ୍ର ଡନସେନା ମୁଖ୍ୟବକ୍ତାଭାବେ ଯୋଗ ଦେଇ ଶିଶୁ ବିଦ୍ୟା ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଇଁ ୧ ଏକର ୯ଡେସିମିଲ ଭୂମିଦାନ କରିଥିବା ସରୋଜ କୁମାର ସାହୁ ଓ ସ୍ୱାସ୍ଥ୍ୟ ସେବକ ତଥା ଚିକିତ୍ସକ ପ୍ରଭାତ ପ୍ରଧାନ ୨୦୧୪ରୁ ଅଦ୍ୟାବଧି ନିଜ ବାସଭବନରେ ଶିଶୁ ବିଦ୍ୟା ମନ୍ଦିରର ପାଠ୍ୟଦାନ କାର୍ଯ୍ୟ ପାଇଁ ବିନା ମୂଲ୍ୟରେ ଅନୁମତି ପ୍ରଦାନ କରିଆସୁଥିବାରୁ ଉଭୟଙ୍କ ନିଃସ୍ୱାର୍ଥ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଟ୍ରାକ୍ଟର ଧକ୍କାରେ କଲେଜ ଛାତ୍ରୀ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର।

ବରପାଲି, ୮।୪(ଚିତ୍ତରଞ୍ଜନ ସାହୁ)

ବରପାଲି ସହରରେ ବୁଧବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ କଲେଜ ଛାତ୍ରୀ ଗୁରୁତର ହୋଇଛନ୍ତି। ସେ ହେଲେ ଜଗବନ୍ଧୁ ଦାସ ମହିଳା ମହାବିଦ୍ୟାଳୟର ଯୁକ୍ତ୩ ଶେଷବର୍ଷ ଛାତ୍ରୀ କୁସନ ପୁରୀ ଗ୍ରାମର ସୁରୁଚି ମେହେର। ସୁରୁଚି ୩ୟ ସେମିଷ୍ଟର ପରୀକ୍ଷା ଦେଇ ମହାବିଦ୍ୟାଳୟ ଗେଟ୍ ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ବରପାଲି ବରଗଡ଼ ରୋଡ୍‌ରେ ଥିବା ଏକ ରାଇସ୍ ମିଲ୍‌ର ନମ୍ବରବିହୀନ ଟ୍ରାକ୍ଟର ରଙ୍ଗ୍ ସାଇଡ୍‌ରୁ ଆସି ଛାତ୍ରୀଙ୍କୁ ଧକ୍କା ଦେଇଥିଲା। ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବରପାଲି ହସ୍ପିଟାଲ ନିଆଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ଟ୍ରାକ୍ଟର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ଜଣାପଡ଼ିଥିଲା। ପରେ ଲୋକମାନେ ଉତ୍ତ୍ୟକ୍ତ ହୋଇ

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

ବରପାଲି ମହାବିଦ୍ୟାଳୟ ପାଖ ବରଗଡ଼ ରୋଡ୍‌କୁ କିଛି ସମୟଧରି ବନ୍ଦ ରଖିଥିଲେ। ଫଳରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ବରପାଲି ଥାନା ଆଇଆଇସି ପ୍ରମୋଦ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ନିଶାସକ୍ତ ଚାଳକଙ୍କୁ ଗିରଫ କରିବା ସହିତ ଉକ୍ତ ଟ୍ରାକ୍ଟରକୁ ଜବତ କରିଥିଲେ। ଏହାପରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧରୁ ହଟିଥିଲେ। ସହରରେ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରିବାରୁ ଅନେକ ନିରୀହ ଲୋକ ଦୁର୍ଘଟଣାର ଶିକାର ହେବା ସାଙ୍ଗକୁ ଜୀବନ ମଧ୍ୟ ହରାଉଛନ୍ତି। ତେବେ ଏତେବଡ଼ ଘଟଣା ଘଟିଯାଇଥିଲେ ମଧ୍ୟ ଘଟଣାସ୍ଥଳରୁ ମାତ୍ର ୫୦୦ ମିଟର ଦୂରରେ ଉକ୍ତ ରାଇସ୍ ମିଲ୍ ଥିଲେ ମଧ୍ୟ ଏହାର ମାଲିକ ଆସି ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ପଦ୍ମପୁରରେ ମିଲେଟ ଆଉଟଲେଟ ଉଦ୍‌ଘାଟିତ

ପଦ୍ମପୁର,୮।୪(ପ୍ରଦୀପ୍ତ ଦାଶ)



ମିଲେଟ ଆଉଟଲେଟକୁ ପଦ୍ମପୁର ବିଡିଓ ଉଦ୍‌ଘାଟନ କରୁଛନ୍ତି।

ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ଏକ ମିଲେଟ ଆଉଟଲେଟ ଉଦ୍‌ଘାଟନ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ମନୋଜ କୁମାର ଦେବତା ଯୋଗ ଦେଇ ଆଉଟଲେଟ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଉଦ୍‌ବୋଧନରେ ମିଲେଟ ଉତ୍ପାଦନ ଓ ବ୍ୟବହାରର ଗୁରୁତ୍ୱ ଉପରେ ଜୋର ଦେଇ କହିଥିଲେ ଯେ, ଏହା ଚାଷୀଙ୍କ ଆୟ ବୃଦ୍ଧି କରିବା ସହିତ ଲୋକମାନଙ୍କ ସ୍ୱାସ୍ଥ୍ୟ ସୁଧାରରେ ସାହାଯ୍ୟ କରିବ। କାର୍ଯ୍ୟକ୍ରମରେ ତ୍ରିରଙ୍ଗ ଯୁବକ ସଂଘର ଅଧ୍ୟକ୍ଷ ହୃଦାନନ୍ଦ ନାୟକ, ବିପିସି ପରେଶ କୁମାର ବେହେରା ଓ ବିଏମ୍‌ସି ଯୋଗେଶ୍ୱରୀ ଧରୁଆ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ତାରାଣୀସେନ ଦ୍ୱାରୀ ଓ ସିଆର୍‌ପି ପ୍ରମୋଦ କୁମାର ସାହୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଏବଂ ଆଉଟଲେଟର ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ବିଷୟରେ ମତାମତ ପ୍ରକାଶ କରିଥିଲେ। ମିଶନ ଶକ୍ତି ଅଧୀନ ରାଜବୋଡ଼ାସମ୍ବର ବ୍ଲକ ସ୍ତରୀୟ ମହାସଂଘର ଡବ୍ଲ୍ୟୁଏସ୍‌ଏଚ୍‌ଜି ସଦସ୍ୟମାନେ ବ୍ୟାପକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତ କେନ୍ଦ୍ରଠାରେ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ଡ଼ ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ପଦ୍ମହଂସା ଦୋରା, ରକ୍ତ ଭଣ୍ଡାର ଅଧିକାରୀ ଡା ମାନସ ରଞ୍ଜନ ଦାଶ, ଡିପିଏମ୍ ଏନ୍‌ଏଚ୍‌ଏମ ରୂପକ କୁମାର ମହାପାତ୍ର, ଏଡିପିଏଚ୍‌ସିଓ ବୃନ୍ଦାବନ ସାହୁ ଯୋଗଦେଇ ରକ୍ତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ସହ ନିଜ ସ୍ୱାସ୍ଥ୍ୟକୁ ସୁସ୍ଥ ରଖି ପରିବା ବୋଲି କହିଥିଲେ। ସ୍ୱଚ୍ଛ ଭାରତ ସଙ୍ଗଠନ ସଭାପତି ଅଲିମୁଲ ଇସଲାମ, ମହାନଦୀ ଧାରାର ପ୍ଲାବନ ମହାପାତ୍ର, ବୁଢାରଜା ଯୁବକ ସଂଘର ଶିବ ଶଙ୍କର ନାଏକ ଓ ନର୍ସିଂ ସ୍କୁଲଟ ଛାତ୍ରୀଙ୍କ ସହ ସମସ୍ତ ସଙ୍ଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ.। ହସ୍ପିଟାଲ ମ୍ୟାନେଜର ବି.କେ.ସାଗରିକା, ରକ୍ତ ଭଣ୍ଡାରର ଜଗତ ଦରୱାନ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଜ୍ଞାନଜିତ ଶତପଥୀ ଉପସ୍ଥିତ ଥିଲେ.। ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ଜୁନିୟର ରେଡକ୍ରସ ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ସୋନପୁର ରକ୍ତ କେନ୍ଦ୍ରରେ ୧୦ ୟୁନିଟ ଓ ବୀରମହାରାଜପୁର କେନ୍ଦ୍ରରେ ୧୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଜିଲାପାଳଙ୍କୁ ଫେରାଦ ହେଲେ କ୍ଷତିଗ୍ରସ୍ତ ଚାଷୀ

ବରଗଡ଼, ୮।୪(ପ୍ରେମାନନ୍ଦ ଖମାରୀ)



କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

କାଳବୈଶାଖୀ ପ୍ରଭାବରେ ଗତ ସୋମବାର ଅପରାହ୍ନରେ ହୋଇଥିବା ଝଡ଼ବର୍ଷା, କରାମାଡ଼ରେ ବରଗଡ଼ ଜିଲାର ବିଭିନ୍ନ ବ୍ଲକରେ ଚାଷୀଙ୍କ ଫସଲ କ୍ଷତି ହୋଇଛି। ପ୍ରାରମ୍ଭିକ ଭାବେ କୃଷି ବିଭାଗ ଜିଲାର ୨୮୦୦ ହେକ୍ଟର ଜମିର ଧାନ ଓ ଅଣଧାନ ଫସଲ ଏଥିରେ ପ୍ରଭାବିତ ହୋଇଥିବା ଆକଳନ କରିଛି। ମାତ୍ର ଫସଲ କ୍ଷତି ନେଇ ଚାଲିଥିବା ଯୁଗ୍ମ ତଦନ୍ତ ପରେ ଏହାର ପରିମାଣ ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଫସଲ କ୍ଷତି ପରେ ଜିଲାର ଚାଷୀମାନେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଫସଲ ଅମଳ ଆଶା ମଉଳି ଯାଇଥିବାବେଳେ ସରକାରୀ କ୍ଷତିପୂରଣ ସହାୟତାକୁ କ୍ଷତିଗ୍ରସ୍ତ ଚାଷୀମାନେ ଚାହିଁ ବସିଛନ୍ତି। ଏହି କ୍ରମରେ ବୁଧବାର ବରଗଡ଼ ବ୍ଲକ ଅନ୍ତର୍ଗତ ବରଗାଁ, ସରଳା ଆଦି ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ପ୍ରଭାବିତ ଫସଲର ନମୁନା ଧରି ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଫସଲ କ୍ଷତି ବାବଦକୁ କ୍ଷତିପୂରଣ ସହାୟତା ପ୍ରଦାନ ଦାବିରେ ସେମାନେ ଜିଲାପାଳ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଝଡ଼ବର୍ଷା ଓ କରାମାଡ଼ ଯୋଗୁ ସେମାନଙ୍କ ଉଭୟ ଧାନ ଓ ପରିବା ଫସଲ ନଷ୍ଟ ହୋଇଯାଇଛି। ପରିବା ଫସଲ ଧୂଳିସାତ୍ ହୋଇଯାଇଛି। ସେହିପରି ଧାନ ଗର୍ଭ ଅବସ୍ଥାରେ କେଣ୍ଡା ଧରୁଥିବାବେଳେ କରାମାଡ଼ ଯୋଗୁ ତାହା ଅଧିକ ପ୍ରଭାବିତ ହୋଇଛି। ଧାନକେଣ୍ଡାରୁ ଧାନ ବଦଳରେ ଅଗାଡ଼ି ବାହାରିବା ଏବେଠାରୁ ସ୍ପଷ୍ଟ ହୋଇଯାଇଛି। ଫଳରେ ଏଥର ଫସଲ ଭଲ ହୋଇଥିଲେ ହେଁ କରାମାଡ଼ ଯୋଗୁ ସେମାନେ ଅମଳ ଆଶା ହରାଇ ଦେଇଛନ୍ତି ବୋଲି ଚାଷୀମାନେ କହିଛନ୍ତି।

- ପ୍ରଭାବିତ ଫସଲର ନମୁନା ଦେଖାଇଲେ
- କ୍ଷତିପୂରଣ ସହାୟତା ପାଇଁ ଦାବିକଲେ

ଅଣଧାନ ତଥା ପରିବା ଫସଲ ମଧ୍ୟ ଅନୁରୂପ ଭାବେ ପ୍ରଭାବିତ ହୋଇଛି। ଲଙ୍କା, ବାଇଗଣ, ଟମାଟୋ, କଲରା ଆଦି ଫସଲ ନଷ୍ଟ ହୋଇଯାଇଛି। ତାହା ମଧ୍ୟ ଆଉ ଅମଳ ପରେ ବିକ୍ରି କରିବା ସମ୍ଭବ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ଏଭଳି ସ୍ଥିତିରେ ଚାଷକାର୍ଯ୍ୟ ସମୟରେ ଫସଲ ପାଇଁ ଖର୍ଚ୍ଚ କରିଥିବା ଟଙ୍କା ଅସୁଲି ତ ଦୂରର କଥା, ପରିବାର ଗୁଜରାଣ ମେଣ୍ଟାଇବା ମଧ୍ୟ କଷ୍ଟସାଧ୍ୟ ହୋଇପଡ଼ିବ ବୋଲି ଚାଷୀମାନେ କହିଛନ୍ତି। ଫଳରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି। ବରଗାଁର ଡାକ୍ତର ପ୍ରଧାନ, ରାଜେନ୍ଦ୍ର ଖମାରୀ, ସରଳାର ଦିଲୀପ ପ୍ରଧାନ, ପ୍ରମୋଦ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

### ଛାତ୍ରୀଛାତ୍ର ପାଳିଲେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ): ଅମ୍ବାଭୋନା ବ୍ଲକ ପିଏମ୍ଶ୍ରୀ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ମଙ୍ଗଳବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ରେଡକ୍ରସ କାଉନସେଲର ସଞ୍ଜୟ ଖମାରୀ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅମ୍ବାଭୋନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡା. ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ନିଶା ଦ୍ରବ୍ୟଠାରୁ ଦୂରେଇ ରହି ପୋଷକତତ୍ତ୍ୱଯୁକ୍ତ ସନ୍ତୁଳିତ ଆହାର ଗ୍ରହଣ କରିବା, ନିର୍ଦ୍ଦିଷ୍ଟ ସମୟ ଭିତରେ ନିଜ ଶରୀରର ନିୟମିତ ପରୀକ୍ଷା କରାଇବା ଏବଂ ମନରେ ଶାନ୍ତ ଓ ସକାରାତ୍ମକ ଚିନ୍ତାଧାରା ରଖି ଖାଦ୍ୟ ଖାଇବା ଆବଶ୍ୟକ ବୋଲି ମତ ଦେଇଥିଲେ। ବୈଠକରେ ଚଳିତ ବର୍ଷର ପ୍ରସଙ୍ଗ ସ୍ୱାସ୍ଥ୍ୟ ପାଇଁ ଏକାଠି ହେବା, ବିଜ୍ଞାନ ସହ ଠିଆ ହେବା ଶୀର୍ଷକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ରାଜ କୁମାରୀ ଭୁଏ, ଶିକ୍ଷକ ତେଜରାମ ସା, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ ସହଯୋଗ କରିଥିଲେ।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ

ବନାମ

ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨

୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା **ଟ.୫୩,୫୮,୯୦୪.୦୦** ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

## ସଂକ୍ଷେପରେ

### ପାଣି ପାଇଁ ଉପ ଜିଲାପାଳଙ୍କୁ ଘେରାଉ

ଟିଟିଲାଗଡ଼,୮।୪(ଶରତ ମିଶ୍ର)

ଟିଟିଲାଗଡ ସହର ଉପକଣ୍ଠସ୍ଥ ଚାହାଁରଭଟା ତଥା ବୁର୍ଡପଡା ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି । ମାତ୍ର ଦୁଇ ତିନି କିଲୋମିଟର ଦୂରରେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଏକ ପ୍ରକଳ୍ପ ନିର୍ମାଣ ହୋଇଛି । ହେଲେ ସେଥିରୁ ଉଭୟ ଗ୍ରାମବାସୀଙ୍କୁ ବାରମ୍ବାର ଦାବି ସତ୍ତ୍ୱେ ମୁନ୍ଦାଏ ପାନୀୟ ଜଳ ମିଳୁନାହିଁ । ଏଭଳି ପରିସ୍ଥିତିରେ ପ୍ରଶାସନ ନିଦାବିଷ୍ଟ ସାଜିବା ପ୍ରତିବାଦରେ ମହିଳାମାନେ ବୁଧବାର ଉପଜିଲାପାଳ ପଦ୍ମନାଭ ସାମନ୍ତରାୟଙ୍କୁ ଘେରି ସମସ୍ୟା ଜଣାଇଥିଲେ। ସାମନ୍ତରାୟ ମହିଳାମାନଙ୍କୁ ସାନ୍ତ୍ୱନା ଦେବା ସହ ଉଭୟ ଗ୍ରାମକୁ ପ୍ରତ୍ୟହ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ପାନୀୟ ଜଳ ସମସ୍ୟାର ଶୀଘ୍ର ସ୍ଥାୟୀ ସମାଧାନ ନ ହେଲେ ଗରା, ବାଲ୍‌ଟି ଧରି ପ୍ରତ୍ୟହ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପାଣି ସଂଗ୍ରହ ପାଇଁ ଆସିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

### ଶିଶୁ କଥା ଦିବସ ପାଳନ

ଟିଟିଲାଗଡ,୮।୪(ଶରତ ମିଶ୍ର)

ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦାଶରଥି ଘିଭେଲାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଓଡ଼ିଆ ପକ୍ଷ ଅବସରରେ ଶିଶୁ କଥା ଦିବସ ପାଳିତ ହୋଇଯାଇଛି । ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଗଳ୍ପ ମାଧ୍ୟମରେ ଶିକ୍ଷା ଓ ସମାଜରେ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କିପରି କରାଯାଇ ପାରିବ ସେ ବିଷୟରେ କହିଥିଲେ । ବିଦ୍ୟାଳୟର ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ଲେଖାର ନିୟମ ଏବଂ ସମାଜ ସଂସ୍କାର ଦିଗରେ କିପରି ସହଯୋଗ ହୋଇପାରିବ ସେ ସମ୍ପର୍କରେ ଶିଶୁମାନଙ୍କୁ କହି ଲେଖାଲେଖି ପାଇଁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ପ୍ରଶ୍ନ ମଞ୍ଚ କରାଯାଇଥିଲା। କୃତୀ ଶିଶୁମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଗୁରୁଜୀ ନୃପରାଜ ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭାଜପାର ପ୍ରତିଷ୍ଠା ଦିବସ ପାଳିତ

ବେଲପଡା,୮।୪ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଭାଜପାର ୪୭ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପାର୍ଟିର ବେଲପଡା ସଭାପତି ଆନନ୍ଦ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ଏକତ୍ରିତ ହୋଇଥିଲେ । ଏହାପରେ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହ ଯୋଜନାରୁ ବଞ୍ଚିତ ପରିବାରକୁ ସାମିଲ କରିବା ପାଇଁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବେଲପଡା ଜୋନ ସଭାପତି ଅନୁପ ବନଛୋର, ପ୍ରଦୀପ ବୁଡେକ, ପ୍ରବୀଣ ଦେଓ, ଆଲୋକ ବେହେରା, ଟିକେ ମେହେର ମେଘନାଦ ସାହୁ, ଅଶୋକ ମେହେର, କୈଳାସ ମେହେର, ଶ୍ୟାମଳ ମେହେର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ସିଲେଇ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଟିଟିଲାଗଡ,୮।୪(ଶରତ ମିଶ୍ର)

ଟିଟିଲାଗଡ ଲାୟନ୍ସ କ୍ଲବ ତରଫରୁ ସିଲେଇ ଶିକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟିଟିଲାଗଡ ପୌର ପରିଷଦର ଅଧ୍ୟକ୍ଷା ମମତା ଦେବୀ ଜୈନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହିଳା ଓ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଲାୟନ୍ସ କ୍ଲବର ଏଭଳି ପ୍ରଚେଷ୍ଟାକୁ ମୁଖ୍ୟଅତିଥି ଜୈନ ପ୍ରଶଂସା କରିଥିଲେ। ଏହି ଶିବିର ୨ମାସ ଧରି ଚାଲିବାକୁ ଥିବା ବେଳେ ପ୍ରତ୍ୟେକ ଦିନ ସକାଳ ୮ଟାରୁ ୧୦ ଟା ଯାଏ ଯାଏଁ ଦୁଇ ଘଣ୍ଟା ଧରି ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରଶିକ୍ଷଣ ଦେବା ପାଇଁ ଖୋଲାନରୁ ପ୍ରଶିକ୍ଷକ ଭାଗିରଥୀ ନାଗ ଆସିଛନ୍ତି। କ୍ଲବ ସଭାପତି ଲାୟନ ସଞ୍ଜୟ ସୋନିଙ୍କ ସଭାପତିତ୍ୱରେ ଶିବିର ହୋଇଥିଲା। ଏହାକୁ ପରିଚାଳନା କରିବାରେ କ୍ଲବ ସମ୍ପାଦକ ଲାୟନ ପଙ୍କଜ କୁମାର ନାମଦେବ ସହଯୋଗ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ବିକ୍ଷୋଭ

ବଲାଙ୍ଗୀର,୮।୪(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଉଛି।

**ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଦାବି**

ଦେଓଗାଁ ଚିନିକଳ ସଂଘର୍ଷ ସମିତି ପକ୍ଷରୁ ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ଦାବିରେ ବୁଧବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବଲାଙ୍ଗୀର ଏକ ଶିଳ୍ପବିହୀନ ଜିଲା ଭାବେ ପରିଗଣିତ। ଦୀର୍ଘବର୍ଷ ହେଲା ଦେଓଗାଁ ଚିନିକଳ ବନ୍ଦ ହୋଇ ପଡିରହିଛି। ଏହି ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବହୁ ବର୍ଷ ହେଲା ଜିଲାର ଚାଷୀ ଏବଂ ଜନସାଧାରଣ ଦାବି କରି ଆସୁଛନ୍ତି। ମାତ୍ର ଚିନିକଳ ଖୋଲାଯାଉନାହିଁ। ଗତ ସାଧାରଣ ନିର୍ବାଚନ ସମୟରେ ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ କରାଯିବା ପ୍ରସଙ୍ଗ ଚର୍ଚ୍ଚାରେ ରହିଥିଲା। ଭାଜପା ଏହାକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରିଥିଲା। ଭାଜପା ସରକାର ଗଢ଼ିବା ପରେ ଚିନିକଳ କାର୍ଯ୍ୟକ୍ଷମ ହେବା ଆଶା ଉଜ୍ଜୀବିତ ହୋଇଥିଲା। ବଲାଙ୍ଗୀର ପଥରଚେପୋଠାରେ ଅନୁଷ୍ଠିତ କୃଷକ ଶକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଚିନିକଳ ଶୀଘ୍ର ଖୋଲାଯିବା ନେଇ ଘୋଷଣା କରିଥିଲେ। ଏହାକୁ ଜିଲାର ଚାଷୀ, ଶ୍ରମିକ, କର୍ମଚାରୀ ଏବଂ ବୁଦ୍ଧିଜୀବୀ ସ୍ୱାଗତ କରିଥିଲେ। ସେହିପରି କିଛିଦିନ ତଳେ କେନ୍ଦ୍ର ଗୃହ ଓ ସମବାୟ ବିଭାଗ ମନ୍ତ୍ରୀ ଅମିତ ଶାହା ଭୁବନେଶ୍ୱରଠାରେ ଏକ ସଭାରେ ଯୋଗଦେଇ ନୟାଗଡ ଓ ବଡମ୍ବା ଚିନିକଳ ଖୋଲାଯିବା ନେଇ ସବୁଜ ସଙ୍କେତ ଦେଇଥିଲେ ମଧ୍ୟ ଦେଓଗାଁ ଚିନିକଳ କଥା କହିଲେ ନାହିଁ। ଫଳରେ ବଲାଙ୍ଗୀର ସମେତ ପଡୋଶୀ ଜିଲାର ଚାଷୀ ମହଲରେ ଚିନିକଳ ଖୋଲାଯିବା ନେଇ ଯେଉଁ ଆଶା ସଞ୍ଚାର ହୋଇଥିଲା ତାହା ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦେଓଗାଁ ଚିନିକଳ ସଂଘର୍ଷ ସମିତି ପକ୍ଷରୁ ପୁଣି ଥରେ ଆନ୍ଦୋଳନ ଆରମ୍ଭ କରାଯାଇଛି। ସଂଘର୍ଷ ସମିତି ମୁଖ୍ୟ ଆବାହକ ବିଭୁଦତ୍ତ ମିଶ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ସରକାରକୁ କଡା ଭାଷାରେ ସମାଲୋଚନା କରାଯାଇଛି। ଅନ୍ୟତମ ଆବାହକ ସତ୍ୟ ବନଛୋରଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ବିକ୍ଷୋଭ ସଭାରେ ନୀଳମଣି ଯୋଷୀ, ରାଜେଶ ବଗର୍ତ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଶିଷ ପାଣ୍ଡେ, ସନ୍ଦୀପ ବାଗ, ମଧୁସୂଦନ କ୍ଷେତୀ, ପ୍ରୀତମ ଠାକୁର, ପ୍ରଦ୍ୟୁମ୍ନ ବାବୁ, ପିଣ୍ଟୁ ସେଠ୍, ସୁଧୀର ପଟେଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହାପରେ ଜିଲାପାଳଙ୍କ ଜରିଆରେ ୪ ଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଶୀଘ୍ର ଦାବିପୂରଣ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

# କରୁଆଁଝର କୋଉ ପୋଲ ତଳୁ ମୃତଦେହ ଜବତ

ଲାଠୋର,୮।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ କରୁଆଁଝର କୋଉ ପୋଲ ତଳକୁ ଖସି ପଡ଼ି ଜଣେ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଘଟିଛି । ମୃତକ ହେଲେ ହେମନ୍ତ ଶବର(୫୫) ଓ ତାଙ୍କ ଘର ଫୁଲଝର ଗ୍ରାମରେ । ବୁଧବାର ମୃତଦେହ ପୋଲ ତଳେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ଥାନା ଅଧିକାରୀ ଅବିନାଶ ପ୍ରଧାନ ସଦଳବଳେ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ହେମନ୍ତ ନିଜ ପରିବାରବର୍ଗଙ୍କ ସହ ନୂଆପଡ଼ା ଜିଲା କୋମନା ଥାନା ଅଧୀନ ସେମେଲପାଲି ଗ୍ରାମକୁ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଇଥିଲେ । ବାହାଘର ସରିବା ପରେ ମଙ୍ଗଳବାର ସନ୍ଧ୍ୟାରେ ପରିବାରବର୍ଗଙ୍କୁ ଏକ ଅଟୋ ଯୋଗେ ଘରକୁ ପଠେଇ ଦେଇ ନିଜେ ସାଇକେଲ ଯୋଗେ ଘରକୁ ଫେରୁଥିଲେ । କୌଣସି କାରଣବଶତଃ ସେ କରୁଆଁଝର କୋଉ ପୋଲ ଉପରେ ସାଇକେଲ ଥୋଇ ବିଶ୍ରାମ ନେଇଥିଲେ। ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ସ୍ଥାନୀୟ ଲୋକେ ହେମନ୍ତ ପୋଲ ଉପରେ ବସିଥିବା ଦେଖିଥିବା ପ୍ରକାଶ କରିଛନ୍ତି। ହେଲେ ବୁଧବାର ସକାଳେ ତାଙ୍କ ମୃତଦେହ ପୋଲ ତଳେ ପଡିଥିବା ଦେଖିବାକୁ ମିଳିଥିଲା। ମୃତକଙ୍କ ପୁଅ ପ୍ରକାଶ ଶବରଙ୍କ ଏତଲାକୁ ଆଧାର କରି ପୋଲିସ ଲାଠୋର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୨/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ତଦନ୍ତ ଏସ୍‌ଆଇ ଶେଷଦେବ ସେଠ କରୁଛନ୍ତି। ତେବେ ଏହା ହତ୍ୟା ନା ଦୁର୍ଘଟଣାଜନିତ ମୃତ୍ୟୁ ଜଣା ପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ପ୍ରଧାନ କହିଛନ୍ତି।

# ରାସ୍ତା କାମରେ ଅନିୟମିତତା ଅଭିଯୋଗ: ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ଲୋଇସିଂହା,୮।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲୋଇସିଂହା ଓ ଆଗଲପୁର ବ୍ଲକରେ ରାସ୍ତା ଓ କୋଠାବାଡି କାମ ହେଉଛି। ହେଲେ ଅଧିକାଂଶ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏହି ସବୁ କାମ କରାଯାଉଛି। ଏଣୁ ନୂତନ ରାସ୍ତା ନିର୍ମାଣ ହେଉ କି, ପୁରଣା ରାସ୍ତା ମରାମତି କିମ୍ବା କୋଠାବାଡି କାମରେ ବ୍ୟାପକ ଅନିୟମିତତା ହେଉଛି। ଏଥିଯୋଗୁ ପ୍ରକଳ୍ପଗୁଡିକର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଫେବୃଆରୀ ମାସ ମଧ୍ୟଭାଗରେ ଲୋଇସିଂହା ବ୍ଲକର ବୁର୍ଡା-ପନେସରା ରାସ୍ତା ମରାମତି କରାଯାଇଥିଲା। ୨ ମାସ ନ ପୂରୁଣୁ ମେଟାଲ ଉଠି ରାସ୍ତା ସାରା ବିଛାଡି ହୋଇ ପଡିଛି। ଫଳରେ ଏ ବାବଦରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିବା ସାର ହୋଇଛି। ଉକ୍ତ ରାସ୍ତାରେ ଯାତାୟତ କରୁଥିବା ଲୋକେ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ଗତ ଫେବୃଆରୀ ମାସରେ ଲୋଇସିଂହା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବ୍ଲକ ଅଧୀନ ବିଭିନ୍ନ ଆରଡି ରାସ୍ତାକୁ ମରାମତି କରାଯାଇଛି। ଏହି କ୍ରମରେ ବୁର୍ଡା-ପନେସରା ରାସ୍ତା ମଧ୍ୟ ମରାମତି ହୋଇଛି। ବୁର୍ଡା ରେଳ ଫାଟକ ପରେ ପ୍ରାୟ ୩ ଶହ ମିଟର ସମ୍ପୂର୍ଣ୍ଣ ରାସ୍ତା କାମ ହୋଇଛି। ଏହାପରେ ମଝିରେ ମଝିରେ



ମେଟାଲ ଉଠି ଯାଇଥିବା ବୁର୍ଡା- ପନେସରା ରାସ୍ତା ।

ରାସ୍ତା ମରାମତି କରାଯାଇଛି। ତେବେ କାମ ଠିକ୍ ଭାବରେ ହୋଇ ନ ଥିବାରୁ ରାସ୍ତାରୁ ମେଟାଲ ଉଠିଯାଇ ଯାତାୟତ ଅନୁପଯୋଗୀ ହୋଇପଡିଛି। ହୀରାପୁର ସରପଞ୍ଚ ଏବଂ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଏହାଛଡା ଯୋଗୀସର୍ଡା -ନେଗିପାଲି ରାସ୍ତା ମଧ୍ୟ ମରାମତି ହୋଇଛି। ଏହି ରାସ୍ତାର ୩ ଶହ ମିଟର ଯାଏ ଭଲ କାମ ହୋଇଥିବା ବେଳେ ବାକି କାମ ଠିକ ଭାବରେ ହୋଇନାହିଁ । ଫଳରେ ବାଇକ୍‌ରେ ଯିବା ଆସିବା କଷ୍ଟକର ହେଉଛି। ଅପରପକ୍ଷେ ବ୍ଲକ ଅଧୀନ ଗୁର୍ଜିଭଟା-ବାଦିବାହାଲ ରାସ୍ତା ପ୍ରଶସ୍ତି ଓ ଉନ୍ନତୀକରଣ କାମ ହୋଇଛି। ବିଳମ୍ବରେ ଏହି କାମ ସରିଛି। ପ୍ରାୟ ୧ମାସ ହେବ ରାସ୍ତା କାମ ସରିଯାଇଛି। କିନ୍ତୁ ରାସ୍ତା ପାର୍ଶ୍ୱରେ ମୋରମ ପକାଇ ଡ୍ରେସିଂ କରାଯାଇନାହିଁ। ଏଣୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାବାଦ ଉକ୍ତ ରାସ୍ତାର ଗୁର୍ଜିଭଟା ଆଡେନ କଟାଁ ନିକଟରେ ଏକ କଲଭର୍ଟ ନିର୍ମାଣ ହେବାର ଥିଲା। ସେଠାକାର ଏକ ଚାଷ ଜମିରେ ୪ଟି ହୋମ ପକାଇ ଏବେ ବି ପଡିଛି। କିନ୍ତୁ ଠିକେଦାର କ୍ୟାମ୍ପ ଉଠାଇ ନେଇଥିବାରୁ କଲଭର୍ଟ ନିର୍ମାଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏବଂ ଜିଲା ପ୍ରଶାସନ ପକ୍ଷରୁ କାମଗୁଡିକର ତଦାରଖ କରାଯାଉ ନ ଥିବରୁ ଏସବୁ ଉନ୍ନୟନ କାମରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ମୁକୁନ୍ଦ କିଷାନଙ୍କୁ ଯୋଗାଯୋଗ କରିବାରେ ମରାମତି ହୋଇଥିବା ବୁର୍ଡା-ପନେସରା ରାସ୍ତା ଯଦି ଖରାପ ହୋଇଯାଇଛି , ତେବେ ପୁଣି ପ୍ରସ୍ତାବ ଦେଇ କାମ କରାଯିବ ବୋଲି କହିଥିଲେ। ଲୋଇସିଂହା ଆରଡି ବିଭାଗ ଅଧୀନରେ ହେଉଥିବା କାମର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି

**ପାଟଣାଗଡ଼ରେ କାଳବୈଶାଖୀ ତାଣ୍ଡବ**

**ଦୁଃଖ ବୁଝିବାକୁ ପ୍ରଶାସନର ଦେଖାନାହିଁ**

ପାଟଣାଗଡ଼,୮।୪(ସଚ୍ଚିଦାନନ୍ଦ ମହାକୁର)

ନିକଟରେ ହୋଇଥିବା କାଳବୈଶାଖି ପ୍ରଭାବରେ ପାଟଣାଗଡ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ପ୍ରବଳ କୁଆପଥର ବୃଷ୍ଟି ହେବା ଯୋଗୁ ବିଶେଷ କରି ଯୋଗୀମୁଣ୍ଡା, ଠକପଡା, ବାଙ୍କୀବାହାଲ ଓ ପାଡେଲ ଗ୍ରାମରେ ବିଭିନ୍ନ ଫସଲ ନଷ୍ଟ ହୋଇଛି। କ୍ଷେତରେ ଏବେ ବି ପାଣି ଜମି ରହିଛି। ଉଜୁଡ଼ା କ୍ଷେତରୁ ଚାଷୀମାନେ ଲଗାଇଥିବା ବିଭିନ୍ନ ଫସଲ ସଂଗ୍ରହ କରିବାରେ ଲାଗି ପଡିଛନ୍ତି। ଅନେକ ଲୋକଙ୍କ ଘର ଭାଙ୍ଗିଛି। କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। ଖାଲି ଚାଷ ନୁହେଁ, କାହାର ଚାଳ ଛପର ଉଡିଯାଇଛି ତ କାହାର ଆଜବେଷ୍ଟସ, ଖପର ଛାତ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଛି। ସରକାରୀ ସାହାଯ୍ୟକୁ ଅପେକ୍ଷା କରି ବସିଛି ଚାଷୀ ଓ କ୍ଷତିଗ୍ରସ୍ତ ପରିବାର। ହେଲେ ଏଭଳି ପରିସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କ ଦେଖା ନାହିଁ। ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ପରିବାର ଦାବି କରିଛନ୍ତି।

# ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



ଶିବିରରେ ଜଣେ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି ।

ଲୋଇସିଂହା,୮।୪(ସୁଶାନ୍ତ ବାରିକ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର, ପ୍ରସାର ପାଇଁ ପାଳିତ ହେଉଥିବା ଓଡ଼ିଆ ପକ୍ଷ ଅବସରରେ ଆଗଲପୁର ବ୍ଲକ ରୋ୍ କଲେଜରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁଥ ରେଡକ୍ରସ, ରେଡ୍ ରିବନ କ୍ଲବ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦ୍ୱାରା ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠିତ ସଭାରେ ରକ୍ତଦାନର ଉପକାରିତା ଓ ତାର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇ ଥିଲା। ଏହି ଶିବିରରେ ମହାବିଦ୍ୟାଳୟର ୩୦ ଜଣ ଛାତ୍ରୀଛାତ୍ର ଅଧ୍ୟାପକ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ବଲାଙ୍ଗୀର ରକ୍ତଭଣ୍ଡାରର ଡ଼ା. ଅଶୋକ କୁମାର ମିଶ୍ର, ଜ୍ୟୋର୍ତିମୟୀ ନାଏକ, ଶେଖ ଅବଦୁଲ ଆସରଫ, ଦେବାଶିଷ ମିଶ୍ର, ସଜନ ରଣା ଓ ସୁଶୀଲ ସୁନା ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତାମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦୈତାରୀ ଶବର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଲେଫ୍ଟନାଣ୍ଟ ଗୋପାଳ ସାହୁ, ଯୁଥ ରେଡକ୍ରସର ସଂଯୋଜକ ଡ. ଲିଙ୍ଗରାଜ ମେହେର ଓ ରୂପେଶ ଷାଣ୍ଡଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ବଲାଙ୍ଗୀର ସଦର ବ୍ଲକ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦ୍‌ଘାଟିତ

ବଲାଙ୍ଗୀର,୮।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ବୁଧବାର ସନ୍ଧ୍ୟାରେ ବ୍ଲକ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୌରାଧ୍ୟକ୍ଷ ଲିକା ସାହୁ, ବିଡିଓ ହୃଷୀକେଶ ଗଣ୍ଡ, ସଦର ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ଜିଲା ପରିଷଦ ସଦସ୍ୟା ଅନାମିକା ହୋତା ଓ ସଙ୍ଗୀତା ସୁନା



ସଦର ବ୍ଲକ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପକୁ ବିଧାୟକ କଳିକେଶ ନାରାୟଣ ସିଂଦେଓ ଉଦ୍‌ଘାଟନ କରୁଛନ୍ତି।

ମଞ୍ଚାସୀନ ହୋଇଥିଲେ। ସୌନ୍ଦର୍ଯ୍ୟକରଣ ପ୍ରକଳ୍ପରେ ଏକ ଆକର୍ଷଣୀୟ ଗେଟ୍ ନିର୍ମାଣ କରାଯାଇଛି। ବ୍ଲକ ପରିସରରେ ଗଛ ଲଗାଯିବା ସହ ଅନ୍ୟାନ୍ୟ ଆନୁସଙ୍ଗିକା କାର୍ଯ୍ୟ କରାଯାଇଛି। ପୂର୍ବରୁ ବ୍ଲକ ଅଫିସକୁ ବୁଲିକରି ଯିବାକୁ ପଡୁଥିଲା। ଏବେ ଏହି ବ୍ଲକର ରାସ୍ତାକୁ ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ରାଜ୍ୟ ରାଜପଥ ପଟେ ଖୋଲାଯାଇ ଆକର୍ଷଣୀୟ ଗେଟ୍ ତିଆରି କରାଯାଇଥିବାରୁ ମୁଖ୍ୟ ରାସ୍ତାରୁ ବ୍ଲକ ଅଫିସ ଦୃଶ୍ୟମାନ ହେଉଛି। ଏହି ନୂଆ ରାସ୍ତାରେ ବ୍ଲକକୁ ଆସୁଥିବା ଲୋକମାନେ ସୁବିଧାରେ ଯିବା ଆସିବା କରିପାରିବେ ବୋଲି ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ କହିଛନ୍ତି। ସଭାକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ପରିଚାଳନା କରିଥିଲେ। ବିଡିଓ ହୃଷୀକେଶ ଗଣ୍ଡ ଆଗକୁ ଆହୁରି ଅନେକ କାମ କରାଯିବ ବୋଲି କହି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ, ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦାନ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ସଇଁତଲା,୮।୪(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ଢ଼େଙ୍ଗ ଗ୍ରାମଠାରେ ନବନିର୍ମିତ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ପାଇଁ ମଙ୍ଗଳବାର ଦିନ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ପରେ ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ଗ୍ରାମବାସୀ ଶୋଭାଯାତ୍ରାରେ କଳସ ନେଇ ସ୍ଥାନୀୟ ପୁଷ୍କରିଣୀକୁ ଯାଇଥିଲେ । ପୂଜାର୍ଚ୍ଚନା ପରେ ପାଣି ନେଇ ପ୍ରହରୀ ମଣ୍ଡପକୁ ଆସି ସେଠାରେ କଳସ ସ୍ଥାପନ କରିଥିଲେ। ଯଜ୍ଞ କର୍ତ୍ତା ଭାବରେ ଜୟକୃଷ୍ଣ ଭୋଇ ଏବଂ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳୀ ଭୋଇ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ମୁଖ୍ୟ ପୂଜକ ଆଚାର୍ଯ୍ୟ ସୁରେଶ ମିଶ୍ରଙ୍କୁ ପୂଜକ ପ୍ରମୋଦ ପଣ୍ଡା, ଜୟପ୍ରକାଶ କର, ସାଧୁଚରଣ ଦାଶ, ରାଜେଶ ଦାଶ ସହଯୋଗ କରୁଛନ୍ତି । ବୁଧବାର ନୂତନ ମାଉସୀ ମା' ମନ୍ଦିରର ଧ୍ୱଜା ସ୍ଥାପନ କରାଯାଇଥିବା ଗ୍ରାମର ଜଗନ୍ନାଥ ପରିଚାଳନା କମିଟି ସୂତ୍ରରୁ ପ୍ରକାଶ। ଏହି ଧାର୍ମିକ କାର୍ଯ୍ୟ ପାଇଁ ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି ।

# 'ପ୍ରସ୍ତାବିତ ସିକୁଆଁ ବ୍ୟାରେଜ ଶୀଘ୍ର ନିର୍ମାଣ କର'

ବଲାଙ୍ଗୀର/ଦେଓଗାଁ,୮।୪(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

- ଜରାସିଂହା, ଦେଓଗାଁଠାରେ ନୂଆ ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ ଦେଲେ
- କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଦେଓଗାଁ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସି ପ୍ରସ୍ତାବିତ ସିକୁଆଁ ବ୍ୟାରେଜର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଦାବି କରିଛନ୍ତି। ଏହାସହିତ ଦେଓଗାଁ ବ୍ଲକର ଦେଓଗାଁ ଏବଂ ଜରାସିଂହାଠାରେ ସୋନଗଡ ନଦୀରେ ନୂଆ ବ୍ୟାରେଜ ନିର୍ମାଣ କରାଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ମରୁଡି ପ୍ରପୀଡିତ ବଲାଙ୍ଗୀର ଜିଲାର ଦେଓଗାଁ ବ୍ଲକରେ କୃଷିର ଉନ୍ନତି ପାଇଁ ଜଳସେଚନର ଆବଶ୍ୟକତା ରହିଛି। ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କ ସମୟରେ ସିକୁଆଁଠାରେ ଏକ ବ୍ୟାରେଜ୍ ନିର୍ମାଣ ପ୍ରସ୍ତାବ ଦିଆଯାଇଥିଲା। ତତ୍କାଳୀନ



କଂଗ୍ରେସ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସରକାର ଏହାକୁ ସମସ୍ତ ପ୍ରକାର ବୈଷୟିକ ଓ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ। ମାତ୍ର ନୂଆ ସରକାର ଦୁଇବର୍ଷ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପ୍ରସ୍ତାବିତ ସିକୁଆଁ ବ୍ୟାରେଜ କାମ ଆରମ୍ଭ କରିପାରିନାହିଁ। ସ୍ଥାନୀୟ ବିଧାୟକ ଓ ସ୍ଥାନୀୟ ଏମ୍‌ପିଙ୍କ ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ଦେଓଗାଁ ଚାଷୀ ଓ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହି ପ୍ରକଳ୍ପ ଶୀଘ୍ର କାର୍ଯ୍ୟକ୍ଷମ ହେବା ନିହାତି ଜରୁରୀ। ଆସନ୍ତା ୭ ଦିନ ମଧ୍ୟରେ ଏହି ତିନି ପ୍ରକଳ୍ପ ପାଇଁ ସରକାର ପଦକ୍ଷେପ ନହେଲେ କଂଗ୍ରେସ ଦଳ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ଓ ଦେଓଗାଁ ଠାରେ ଜାତୀୟ ରାଜପଥ ଅବରୋଧ କରିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଦେଓଗାଁ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପ୍ରଧାନ, ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ସିକୁଆଁ ସରପଞ୍ଚ ରାଜକୁମାର ଭୋଇ, ବଡବନ୍ଧ ସରପଞ୍ଚ ଜଗବନ୍ଧୁ ମେହେର, ସାରସମାଲ ସରପଞ୍ଚ ଗୋପାଳକୃଷ୍ଣ ବାଗ, ଜିଲା ଏସ୍‌ଟି ସେଲ ସଭାପତି ମୟ ପ୍ରଧାନୀ, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, କଂଗ୍ରେସ ନେତା କୈଳାଶ ମିଶ୍ର, ପ୍ରଦୀପ ପ୍ରଧାନ, ଅନନ୍ତ ଚୌହାନ, ମନବୋଧ ହରପାଲ ପ୍ରମୁଖ ଜିଲାପାଳ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ଦେଇଥିଲେ।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**

ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା

ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ

ବନାମ

ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨

୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା ଟ.୫୩,୫୮,୯୦୪.୦୦ ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

# ବୈଠକ ବର୍ଜନ କଲେ ଅଧ୍ୟକ୍ଷା, ସଭ୍ୟାସଭ୍ୟ

■ପ୍ରସ୍ତାବ କାର୍ଯ୍ୟକାରୀ କରାଯାଉ ନ ଥିବା ପ୍ରତିବାଦ
■ସୁନ୍ଦରଗଡ଼ ଜିଲା ପରିଷଦର ୮ମ ବୈଠକ

ସୁନ୍ଦରଗଡ,୮।୪(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ୬ଷ୍ଠତମ ଜିଲାପରିଷଦର ୮ମ ବୈଠକ ବୁଧବାର ହୋହଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ହେଲେ ପୂର୍ବ ବୈଠକରେ ନିଆଯାଇଥିବା ପ୍ରସ୍ତାବ କାର୍ଯ୍ୟକାରୀ କରା ନ ଯିବା ଓ ଅନ୍ୟାନ୍ୟ ଦାବି ନେଇ ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନଙ୍କ ସମେତ ୩୩ ଜିଲାପରିଷଦ ସଭ୍ୟାସଭ୍ୟ ପ୍ରାୟ ୨ଘଣ୍ଟା କାଳ ବୈଠକ ବର୍ଜନ କରି ବିକାଶ ଭବନ ବାହାରେ ପାଟିତୁଣ୍ଡ କରିଥିଲେ। ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଜିଲାପରିଷଦ ଅଧ୍ୟକ୍ଷା ଓ ସଭ୍ୟଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରି ବୁଝାଶୁଝା କରିବା ପରେ ଅପରାହ୍ନ ପ୍ରାୟ ୧ଟା ପରେ କେତେଜଣ ସଭ୍ୟ ବୈଠକରେ ଯୋଗଦେଇଥିଲେ। ଜିଲାପରିଷଦରେ ସମୁଦାୟ ୩୫ ଜିଲାପରିଷଦ ସଭ୍ୟ ଓ ୧୭ଟି ପଞ୍ଚାୟତର ୧୭ଜଣ ପଞ୍ଚାୟତ ସମିତି ସଭ୍ୟ ସଦସ୍ୟ ରହିଛନ୍ତି। ସ୍ଥାନୀୟ ବିକାଶ ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକକୁ ଜିଲାପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସହିତ ବିଜେଡ଼ିର ୩୩ଜଣ ଜିଲାପରିଷଦ ସଭ୍ୟ ବର୍ଜନ କରି ପ୍ରତିବାଦ ଜଣାଇଥିଲେ ଓ ଜିଲାପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏଥିରେ ଜିଲାପରିଷଦ ସଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି ଯେ, ଜିଲା ପରିଷଦ ବୈଠକ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହେଉ ନାହିଁ। ଜିଲା ପରିଷଦ ସଦସ୍ୟମାନଙ୍କୁ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ କାର୍ଯ୍ୟ ବଣ୍ଟନ କରାଯିବା ଉଚିତ। କିନ୍ତୁ ଏହା କରାଯାଉନାହିଁ। ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜିଲା ପରିଷଦ ବୈଠକ, ପଞ୍ଚାୟତ ବୈଠକ ପ୍ରତି ତିନି ମାସରେ ଏବଂ ପ୍ରତି ଗୋଟିଏ ମାସରେ କ୍ରମାନୁକ୍ରମିକ ଭାବେ ଅନୁଷ୍ଠିତ ହେବା ଆବଶ୍ୟକ। କିନ୍ତୁ ଏହା ଅନୁଷ୍ଠିତ ହେଉ ନାହିଁ। ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜିଲା ପରିଷଦ ଅନୁଦାନ ୨୫ଲକ୍ଷ ଟଙ୍କା ଜୋନ ଗୁଡ଼ିକର ବିକାଶ ପାଇଁ ଏହା କେବଳ ଅଳ୍ପ ହେଉଛି। ତେଣୁ ଏହି ଜିଲାର ସମସ୍ତ ଜିଲା ପରିଷଦ ସଦସ୍ୟ ଅଧ୍ୟକ୍ଷଙ୍କୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ବାର୍ଷିକ ୧ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଯୋଗାଇବାକୁ ଅନୁରୋଧ କରାଯାଇଛି। ଜିଲା ଖଣିଜ ପାଣ୍ଠିରୁ ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ଜିଲା ପରିଷଦ ଜୋନରେ ଏକ ଖେଳ ପଡ଼ିଆ ନିର୍ମାଣ କରାଯିବା ଉଚିତ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାପାଳ ଡାକ୍ତର ମହାପାତ୍ର ଜିଲାପରିଷଦ ବୈଠକରେ ସଭ୍ୟମାନେ ଦେଇଥିବା ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରାଯାଉଛି ବୋଲି କହିଥିଲେ। ସଭ୍ୟଙ୍କୁ ୧କୋଟି ଟଙ୍କା ପାଣ୍ଠି ପ୍ରଦାନ ଦିଗରେ ଜିଲା ଖଣିଜ ପ୍ରତିଷ୍ଠାନର ନିୟାମାଳୀ ମୁତାବକ ଖଣି ପ୍ରଭାବିତ ଜୋନ ଓ ବ୍ଲକ ଗୁଡ଼ିକୁ ଯୋଗାଇଦିଆଯିବା ନେଇ ବିଚାରକୁ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବାପରେ ସମସ୍ତ ସଭ୍ୟଙ୍କ ମଧ୍ୟରୁ ୧୪ଜଣ ସଭ୍ୟ ବୈଠକରେ ଯୋଗ ଦେଇଥିବା ବେଳେ କେହି ଆସନରେ ବସି ନ ଥିଲେ ଓ ଅନ୍ୟମାନେ ଚାଲିଯାଇଥିଲେ।

ଏହି ବୈଠକରେ ଜିଲାପରିଷଦର ଉପାଧ୍ୟକ୍ଷ କମଳ ଲାକ୍ରା ଓ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କରଭୋଇ,ରଘୁନାଥପାଲି ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ, ରାଜଗାଙ୍ଗପୁର ବିଧାୟକ ଡାକ୍ତର ସିଏସ ରାଜେନ ଏକ୍କା, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ ଯୋଗ ଦେଇଥିଲେ। ହେଲେ ଏମାନଙ୍କମଧ୍ୟରୁ ଅନେକ ଜିଲାପରିଷଦ ସଭ୍ୟ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ଜିଲାପରିଷଦ ଅଧ୍ୟକ୍ଷା ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪ଜଣ ଜିଲାପରିଷଦ ସଦସ୍ୟଙ୍କ ସମେତ ୪ଜଣ ବ୍ଲକ ଅଧ୍ୟକ୍ଷ ଯୋଗ ଦେଇଥିଲେ। ସଦସ୍ୟ ମାନଙ୍କ ତରଫରୁ ଦିଆଯାଇଥିବା ପ୍ରସ୍ତାବ ଗୁଡିକ ଆବଶ୍ୟକ କୋରମରେ ଗୃହୀତ ହୋଇଥିବା ଓ ଜିଲାପାଳ ଜିଲାର ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ, ଅଚଳ ସୋଲାର ନଳକୂପ ଗୁଡିକ ର ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବ ସହ ରାସ୍ତା ଘାଟ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟ ଗୁଡିକୁ ଯଥାଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ବୈଠକ ବର୍ଜନ କରି ବିକାଶ ଭବନରେ ଜିଲା ପରିଷଦ ସଭ୍ୟଙ୍କ ସହିତ ଆଲୋଚନା କରୁଛନ୍ତି ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର।

# ପାଦଚଲା ରାସ୍ତା ଖୋଳି ଅବରୋଧ

## ମଝିସାହି ବାସିନ୍ଦା ପ୍ରଭାବିତ


ରାସ୍ତା ଖୋଳା ହୋଇଛି।

ବଣାଇଁ, ୮।୪(ପ୍ରଦୀପ ତ୍ରିପାଠୀ)

ସରକାରୀ ଖାତାରେ ଥିବା ଏକ ପାଦଚଲା ରାସ୍ତାକୁ ଉନ୍ନୟନ ନାଁରେ ଖୋଳି ରାସ୍ତା ଅବରୋଧ କରାଯାଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ବଣାଇଁ ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ରାଜସ୍ୱ ଗ୍ରାମରେ। ପ୍ରାପ୍ତ ସୂଚନାରୁ ଜଣାପଡେ ଯେ, ଉକ୍ତ ରାଜସ୍ୱ ଗ୍ରାମର ସରକାରୀ ଖାତା ନଂ.୧୬୮ରେ ଥିବା ୭୩ ନମ୍ବର ପ୍ଲଟ ଗୋଚର କିସମର। ସମୁଦାୟ ୯୬ ଡିସିମିଲ ରହିଥିବା ଏହି ପ୍ଲଟର କିଛି ଅଂଶରେ ଏକ ଛୋଟ ପୋଖରୀ ରହିଛି। ସମୟ କ୍ରମେ ଉକ୍ତ ପ୍ଲଟର କିଛି ଜାଗାରେ କୃଷକଙ୍କ ବ୍ୟବହାର ପାଇଁ ଏକ ଖଳା ସହିତ ଏକ ମନ୍ଦିର ନିର୍ମାଣ ହୋଇଛି। ପୋଖରୀକୁ ଲାଗି ମନ୍ଦିରର ପାଚେରୀ ନିର୍ମାଣ ହୋଇଥିବା ବେଳେ ଉକ୍ତ ଗ୍ରାମର ମଝିସାହିର ପ୍ରାୟ ୧୦ ରୁ ଉର୍ଦ୍ଧ୍ୱ ପରିବାର ପୋଖରୀ ହୁଡା ଦେଇ ଯାତାୟାତ କରି ଆସୁଛନ୍ତି। ହେଲେ ଏବେ ସେହି ରାସ୍ତାଟି ଖୋଳି ଅବରୋଧ କରାଯାଇଛି। ଫଳରେ ଯା'ଆସରେ ବ୍ୟାଘାତ ସୃଷ୍ଟି ହୋଇଛି। ଏନେଇ ସାଧାରଣ ଲୋକେ ବଣାଇଁ ଉପଜିଲାପାଳ, ବଣାଇଁ ତହସିଲଦାରଙ୍କୁ ଅଭିଯୋଗ କରି ନ୍ୟାୟ ଲୋଡ଼ିଥିବା ଜଣାପଡିଛି ।

# ଚୋରି ଘଟଣାରେ ଜଣେ ଗିରଫ

ବଡ଼ଗାଁ, ୮।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ଗ୍ରାମର ସାପ୍ତାହିକ ବଜାରରୁ ଗତବର୍ଷ ସେପ୍ଟେମ୍ବର ୨୪ରେ ନିରଞ୍ଜନ ବାଗ୍‌ଙ୍କ ବାଇକ୍ ଚୋରି ହୋଇଥିଲା। ଘଟଣା ପରେ ନିରଞ୍ଜନ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ସେପ୍ଟେମ୍ବର ୨୫ରେ ଥାନା ଅଧିକାରୀଙ୍କୁ ଦେବା ସହ ଲିଖିତ ଜଣାଇଥିଲେ। ଏହି ଚୋରି ଘଟଣାରେ ସଂପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗ୍ରାମବାସୀ ମଙ୍ଗଳବାର ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତବର୍ତ୍ତୀ ଶାଗଯୋର ଗ୍ରାମ ନିକଟରେ ଦେଖିଥିଲେ ଓ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସେ ହେଲେ ସାକିର ଖାନ୍(୪୨)। ସେ ଝାଡ଼ଖଣ୍ଡ ରାଜ୍ୟର ମୂଳବାସିନ୍ଦା ଓ କିଛିବର୍ଷ ହେଲା ତାଙ୍କ ଶ୍ୱଶୁରଘର ବନଡ଼େଗାରେ ରହିଆସୁଛନ୍ତି। ତେବେ ପୋଲିସ ଏହି ଘଟଣା ଉପରେ ଥାନା କେସ୍ ନଂ. ୨୬୩/୨୫ରେ ମାମଲା ରୁଜୁ କରିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଜାନୁଆରୀ ୧୦ରେ ବଡ଼ଗାଁର ବ୍ୟବସାୟୀ ଅମିତ୍ ଅଗ୍ରୱାଲଙ୍କ ଘର ସମ୍ମୁଖରୁ ତାଙ୍କର ଏକ ବୋଲେରୋକୁ ସ୍କର୍ପିଓରେ ଆସି ଚୋରମାନେ ନେଇଯାଇଥିଲେ। ଏହା ସିସିଟିଭିରେ କଏଦ ହୋଇଥିଲା। ଏହି ଚୋରି ଘଟଣାରେ ପୋଲିସ ସ୍କର୍ପିଓକୁ ଠାବ କରିଥିଲେ ମଧ୍ୟ ଚୋରଙ୍କୁ ଧରିବାରେ ବିଫଳ ହୋଇଛି।

## ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ପରାମର୍ଶ

# ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ସୁନ୍ଦରଗଡ଼, ୮।୪(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଯୁବ ରେଡ୍‌କ୍ରସ ଓ ରେଡ୍‌କ୍ରସ ଓ ରେଡ୍‌ରିବନ, ଏନ୍‌ଏସ୍‌ଏସ୍ କ୍ଲବ୍ ଆନୁକୂଲ୍ୟରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ବବିତା ଭିତ୍ରିଆ ଅଧ୍ୟକ୍ଷତା କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ ସହ ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଆବାହକ ସମ୍ପାଦକ ଅଜିତ୍ କୁମାର ସାହୁ ଯୋଗଦେଇ ମନୁଷ୍ୟ ଜୀବନ ପାଇଁ କେଉଁସବୁ ଖାଦ୍ୟ ସ୍ୱାସ୍ଥ୍ୟକର ଓ ଉପଯୋଗୀ ଏବଂ କେଉଁ ସମସ୍ତ ଖାଦ୍ୟ ହାନିକାରକ ସେ ବିଷୟରେ ଆଲୋକପାତ କରିଥିଲେ। ସେହିପରି ରେଡ୍‌ରିବନ କ୍ଲବ୍‌ର ସଂଯୋଜକ ପ୍ରଭାକର ସେଠୀ ଚଳିତ ବର୍ଷର ସ୍ଲୋଗାନ୍ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡକ୍ଟର ନୂତନ ଖମାରୀ ସଭା ସଂଚାଳନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଶିବପ୍ରସାଦ ମହାନ୍ତି ପାରମ୍ପରିକ ଖାଦ୍ୟ ଓ ସ୍ୱଦେଶୀ ଖାଦ୍ୟ ବ୍ୟବହାର ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଚିନ୍ତାମଣି କାଲୋ, ଅଧ୍ୟାପିକା ପ୍ରଜ୍ଞାପାରମିତା ଦାଶଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡ଼ଗାଁ,୮।୪(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଭୋଇପାଲି ସ୍ଥିତ ସରବତି ଦେବୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ସେ ହାଇସ୍କୁଲର ପ୍ରତିଷ୍ଠାତା ପନ୍ନାଲାଲ ଅଗ୍ରୱାଲ ଓ ତତ୍କାଳୀନ ଜିଲାପାଳ ବିଜୟ କୁମାର ପଟ୍ଟନାୟକଙ୍କ ଅବଦାନ ଉପରେ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତିମୁନି ସୁରେଖା ହରୋ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ, ଜିଲା ପରିଷଦ କ ସଭ୍ୟ ଅମୀୟ କୁମାର ପ୍ରଧାନ, ଜିଲା ପରିଷଦ ଖ ସଭ୍ୟା ସୋନାଲି ହେସ, ବଡ଼ଗାଁ ସରପଞ୍ଚ ସୁନ୍ଦର ସାମୁଏଲ ସଏ, ଭୋଇପାଲି ସରପଞ୍ଚ ମହେଶର ବରିହା, ସିଆରସିସି ଭାରତୀ ନରବିନାଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇଥିଲେ। ଶିକ୍ଷକ ବଲ୍ଲବ କୁସୁମ ଓ ପ୍ରିତୀପ୍ରଭା କୁଜୁର ମଞ୍ଚ ପରିଚାଳନା କରିଥିଲେ। ଉତ୍ସବ ପରିଚାଳନାରେ ଶିକ୍ଷକ ଶ୍ରୀକାନ୍ତ ବିଶି, ସଞ୍ଜୁକ୍ତା ନାଏକ, ନିହାରିକା ମହାପାତ୍ର, ଅଲିଭା ଟପ୍ପୋ, ମୋନିକା ତାଣ୍ଡିଆ, ରିଙ୍କି ସା, ରମାଦେବି ବରିହା, ଖୁଲଣା ସିଂ, ଅଞ୍ଜନା ଦେହୁରୀ, ଆରତୀ ସାହୁ, ରାଜୁ ମାଝୀ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା କୃପା ରୋହିଦାସ ଓ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବା ଲଭଲି ମାଝୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜନ ଗଣନା, ଗୃହ ଗଣନା ତାଲିମ ଶିବିର ଉଦ୍‌ଯାପିତ

ଲହୁଣିପଡ଼ା, ୮।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ୨୩ ତାରିଖଠାରୁ ଚାଲିଥିବା ଜନ ଗଣନା ଓ ଗୃହ ଗଣନା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିଇଏମ୍ ତହସିଲଦାର ବାବୁଲ ପେରେଇ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଯାପନ କରିଥିଲେ। ଠିକ୍ ଉପାୟରେ ନିର୍ଭୁଲ ତଥ୍ୟ ସହ ଜନ ଗଣନା ଓ ଗୃହ ଗଣନା କାର୍ଯ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ୨୮୩ ଜନଗଣନାକାରୀ ଓ ୪୭ ସୁପରଭାଇଜର ମୋଟ ୩୩୦ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ଜିଲା ମୁଖ୍ୟାଳୟରୁ ତାଲିମ ଗ୍ରହଣକରି ଆସିଥିବା ଲହୁଣିପଡ଼ା ମହାବିଦ୍ୟାଳୟ ଅଧ୍ୟାପିକା ସୋମଦତ୍ତା ପଟ୍ଟନାୟକ, ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ, ନେତ୍ରାନନ୍ଦ ପ୍ରଧାନ, ନିରଞ୍ଜନ ଓଝା ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରକୁ ତହସିଲଦାର ବାବୁଲ ପେରେଇ, ଅତିରିକ୍ତ ତହସିଲଦାର ଝସକେତନ ନାୟକ ଉଦ୍‌ଘାଟନ କରିଥିବା ବେଳେ ସେକ୍ସନ ଅଫିସର କ୍ରିତିଚନ୍ଦ୍ର ନାୟକ, ସୁପ୍ରଭା ବୀର, ବିଶ୍ୱଜିତ୍ କଂସାରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀନାଥ ପାତ୍ର ସହଯୋଗ କରିଥିବା ଜଣାପଡ଼ିଛି।

# ଶିବିରରେ ୧୩୯ ୟୁନଟ୍ ରକ୍ତ ସଂଗ୍ରହ


ଶିବିରରେ ଉପସ୍ଥିତ ଅତିଥି ।

ସୁନ୍ଦରଗଡ଼, ୮।୪(ଜୟ ନାରାୟଣ ମେଣ୍ଟୁଳି)

ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନରେ ବୁଧବାର ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୁନ୍ଦରଗଡ଼ ପୌରପାଳିକା, ଜିଲା ରେଡକ୍ରସ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଏହି ରକ୍ତଦାନ ଅଭିଯାନ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଏହି ରକ୍ତଦାନ ଅଭିଯାନର ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ରକ୍ତଦାନ ଅଭିଯାନରେ ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ଡେପୁଟି କଲେକ୍ଟର (ଜରୁରୀକାଳୀନ) ଅଶ୍ୱିନୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଳୟର (ଏଡିପିଏଚଓ) ଡା.ପ୍ରଦୀପ କୁମାର ପ୍ରସାଦ, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ଗଡନାୟକ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲା ରେଡକ୍ରସର ଯୁଗ୍ମ ସଚିବ ଅଜିତ ପ୍ରସାଦ, ବ୍ଲଡ ବ୍ୟାଙ୍କର କାଉନସିଲର ରତ୍ନପ୍ରଭା ନାୟକ, ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ, ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ, ଜିଲା କାର୍ଯ୍ୟାଳୟ କର୍ମଚାରୀ , ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ତଥା ସେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ । ଏହି ଅଭିଯାନରେ ସମଗ୍ର ଜିଲାରେ ଆଜି ମୋଟ ୧୩୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ୩ ଲୁହାପଥର ବୋଝେଇ ଟ୍ରକ୍ ଜବତ, ତିନି ଚାଳକ ଗିରଫ

ଲହୁଣିପଡ଼ା, ୮।୪(ଦାଶରଥି ପଣ୍ଡା)

ବେନିୟମ ଭାବେ ଖଣି ଅଞ୍ଚଳରୁ ଲୁହାପଥର ଚୋରାଚାଲାଣ କରାଯାଉଥିବା ୩ଟି ଟ୍ରକ୍‌କୁ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ପାଟ୍ରୋଲିଂ ବେଳେ ଚଢ଼ାଉକରି ଜବତ କରିଥିବା ଜଣାପଡିଛି। ମାମଲା ରୁଜୁକରି ୩ ଚାଳକଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଚାଳକ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ମୋତିଲାଲ ନାଏକ(୩୪), ସାଗର ମୁଣ୍ଡା(୨୩) ଓ ପ୍ରକାଶ ଦାସ (୩୪)।

ସୂଚନାରୁ ପ୍ରକାଶ, ମଙ୍ଗଳବାର ସନ୍ଧ୍ୟାରେ ଲହୁଣିପଡ଼ା ପୋଲିସ ରାଜାମୁଣ୍ଡା ବାଇପାସ୍ ଛକରେ ପାଟ୍ରୋଲିଂ କରୁଥିବା ସମୟରେ ୫୨୦ ନମ୍ବର ଜାତୀୟ ରାଜପଥର କେ.ବଲାଙ୍ଗ ପଟୁ ୩ଟି ଲୁହାପଥର ବୋଝେଇ ଟ୍ରକ୍ ଆସୁଥିବା ବେଳେ ପୋଲିସ ଅଟକାଇ କାଗଜ ପତ୍ର ଯାଞ୍ଚ କରିଥିଲା। କିନ୍ତୁ ଟ୍ରକ୍ ଚାଳକମାନେ ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିବାରୁ ପୋଲିସର ସନ୍ଦେହ ହୋଇଥିଲା। ଫଳରେ ଓଡି-୦୯ପି-୧୦୮୭, ଓଡି-୦୯ପି-୨୨୬୫, ଏବଂ ଓ -୦୯ଭି- ୯୫୨୨ ନମ୍ବର ଟ୍ରକ୍‌କୁ ଥାନାକୁ ଆଣି କାଗଜପତ୍ର ଯାଞ୍ଚ କରିବାରୁ ଜଣାପଡିଥିଲା ଯେ ଟ୍ରକ୍ ୩ଟି ଖଣି ଅଞ୍ଚଳରୁ ବେନିୟମ ଭାବେ ଲୁହାପଥର ବୋଝେଇ କରି କେ.ବଲାଙ୍ଗ ଦେଇ ୫୨୦ ଜାତୀୟ ରାଜପଥରେ ଯାଉଥିଲା। ଲହୁଣିପଡ଼ା ପୋଲିସ ଲୁହାପଥର ବୋଝେଇ ଗାଡି ୩ଟିକୁ ଜବତ କରି ଚାଳକଙ୍କୁ ପଚରାଉଚରା କରିବା ସହିତ ଗିରଫ କରିଛି।

# ପାଠପଢ଼ା ସହ ସମୟାନୁବର୍ତ୍ତୀ ହୁଅ

## ଶଙ୍କରାବାହାଲ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲିଶଙ୍କରା,୮।୪ (ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ଶାଗବାହାଲ ପଞ୍ଚାୟତର ଶଙ୍କରାବାହାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଶାଗବାହାଲ ସରପଞ୍ଚ ଦୁର୍ଗାବତୀ କୁଜୁର ଯୋଗଦେଇ ନିୟମିତ ପାଠପଢ଼ା ଓ ସମୟାନୁବର୍ତ୍ତିତା ହେଉଛି ସଫଳତାର ଚାବିକାଠି, ତେଣୁ ପାଠପଢ଼ା ସହ ସମୟାନୁବର୍ତ୍ତିତା ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାରତ ଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଚାଲିଥିବା ଏହି ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତାଭାବେ ବାଲିଶଙ୍କରା ବ୍ଲକ ଶିକ୍ଷା ଅଧିକାରୀ ସରୋଜା ଲକ୍ଷ୍ମୀ ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଶାଗବାହାଲ ସିଆରସିସି, ଲୁଲକିଡିହି ସିଆରସିସି ପୁଷ୍ପମିତ୍ର ମାଝି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭିକାରି ଚରଣ ମାଝି, ବିଦ୍ୟାଳୟର ଏସଏମସି ସଭାପତି ପରମେଶ୍ୱର ମାଝି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଭାରତ ଦୀପ ପ୍ରଧାନ ପୂର୍ବ ବର୍ଷର ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ପ୍ରକମ୍ପିତ ହୋଇଥିଲା। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଭାରତ ଦୀପ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧମୁଣ୍ଡାରେ ସଫେଇ ଅଭିଯାନ

ବନ୍ଧମୁଣ୍ଡା, ୮।୪(ସୁବ୍ରତ ଦେ)

ବନ୍ଧମୁଣ୍ଡା ଡି' କ୍ୟାବିନ୍ ଅଞ୍ଚଳରେ ଦୀର୍ଘଦିନ ଧରି ଅଳିଆ ଆବର୍ଜନା ଗଦାହୋଇ ରହିଥିଲା। ସେଥିରୁ ଦୁର୍ଗନ୍ଧ ବାହାରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥିଲା। ବୁଧବାର ଜେସିବି ଦ୍ୱାରା ଅଳିଆ ଆବର୍ଜନା ଗୁଡ଼ିକ ସଫା କରାଯାଇଛି। ସ୍ଥାନୀୟ ଲୋକେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ସାଧୁବାଦ ଜଣାଇଛନ୍ତି। ଏଥିସହ ବି' ସେକ୍ଟର ବୁଢ଼ିବସ୍ତି ଓ ବୋଗଦା ବସ୍ତିରେ ନୂଆ ପାଣି ସଂଯୋଗ ଦିଆଯାଇଥିବାରୁ ଏହି ଦୁଇ ବସ୍ତିରେ ପାଣି ସମସ୍ୟାର ସମାଧାନ ହୋଇଛି। ଏହି ଉନ୍ନତିମୂଳକ କାର୍ଯ୍ୟରେ ଭାଜପାର ବନ୍ଧମୁଣ୍ଡା ମଣ୍ଡଳ ଅଧ୍ୟକ୍ଷ ଲକ୍ଷଣ ଲୋହାର, ସତ୍ୟଜିତ ପ୍ରଧାନ, ହରି ଡୋରା, ସୁନ୍ଦର ଯୋଶୀ, ଲକ୍ଷ୍ମଣ ଡୋରା, ଚୁନ୍ନୁ ପଣ୍ଡିତ, ମୁକ୍ଲେଶ ସିଂହ, ସନ୍ଦୀପ ପ୍ରଧାନ ଓ ରୀନାଙ୍କ ବିଶେଷ ଭୂମିକା ରହିଛି।

# ଉଠୁନି ଅଳିଆ: ପ୍ରଦୂଷଣ ବଳୟରେ ଅଞ୍ଚଳବାସୀ

## ଅଳିଆ ଆବର୍ଜନାରେ ଭରିରହିଛି କୋଇଡ଼ା ବ୍ଲକ ସମେତ ପାରିପାର୍ଶ୍ୱିକ ଅଞ୍ଚଳ

ଟେନ୍‌ସା, ୮।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ଅଞ୍ଚଳର ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ଅଳିଆ ଆବର୍ଜନା ପଡ଼ିରହିଛି। ଅଞ୍ଚଳଟି ଖଣି ଖାଦାନ ଭରା ହୋଇଥିବାରୁ ଲୌହପଥର ପରିବହନ କରିବା ପାଇଁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ହଜାର ହଜାର ଟ୍ରକ୍ ଯିବାଆସିବା କରିଥାଏ। ଏଥିସହ ୨୦୦ ମିଟର ଦୂରରେ କୋଇଡ଼ା ବ୍ଲକ କାର୍ଯ୍ୟାଳୟ ଥିବାରୁ ବିଭିନ୍ନ ଗ୍ରାମରୁ ନିଜ ନିଜର କାର୍ଯ୍ୟ ପାଇଁ ଏହି ରାସ୍ତା ଦେଇ ଲୋକେ ଯାତାୟାତ କରିଥାନ୍ତି। ଏହି ରାସ୍ତା ଦେଇ ବଡ଼ ବଡ଼ ସରକାରୀ ବାବୁମାନେ ମଧ୍ୟ ଯାଇଥାନ୍ତି। କିନ୍ତୁ ଏଥିପ୍ରତି ସେମାନଙ୍କର ନଜର ପଡ଼ୁନାହିଁ। କୋଇଡ଼ା ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ତଥା ଅର୍ଥନୈତିକ କରିଡ଼ର ଭାବେ ଉଭା ହୋଇଥିଲେ ହେଁ ଅଞ୍ଚଳର ଏଭଳି ପରିମଳ ବ୍ୟବସ୍ଥା ଉପରେ ଯେମିତି କାହାର ନଜର ନାହିଁ। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଦ୍ୱାରା ଅଳିଆ ଆବର୍ଜନା ବ୍ୟବସ୍ଥାକୁ ଆଖିରେ ରଖି ପରିବେଶ ସ୍ୱଚ୍ଛତା ରଖିବା ପାଇଁ ସ୍ୱତନ୍ତ୍ର ଅଳିଆ ଆବର୍ଜନା ଗୋଟାଇବା ଗାଡ଼ି ସହିତ ରାସ୍ତାଘାଟ ସଫା ରଖିବା ନିମନ୍ତେ ଭାକ୍ୟୁମ୍ କ୍ଲିନର ଗାଡ଼ିର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଏହା କାର୍ଯ୍ୟରେ ନ ଲାଗି ପଡ଼ିରହିଛି । ଏହି ଅଞ୍ଚଳରେ ଶିଳ୍ପସଂସ୍ଥାର ପରିବେଶ ସୁରକ୍ଷା ସ୍ଲୋଗାନ ତୁଚ୍ଛ ହୋଇପଡ଼ିଥିବା ବାସ୍ତବତାକୁ ଦେଖିଲେ ଜଣାପଡୁଛି । ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱଚ୍ଛତାର କଥା କହୁଥିଲେ ହେଁ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଦା ଗଦା ହୋଇ ପଡିଥିବା ଅଳିଆ ଆବର୍ଜନାରୁ ବେଶ୍ ଜଣା ପଡୁଛି କି ଏହି ଅଞ୍ଚଳର ସ୍ୱଚ୍ଛତା କିଭଳି। ଗୋଟିଏପଟେ ସାରା ଅଞ୍ଚଳରେ ଗଦା ଗଦା ହୋଇ ଅଳିଆ ଆବର୍ଜନା ପଡ଼ିଥିବା ବେଳେ ଅନ୍ୟପଟେ ମ୍ୟାଲେରିଆ ଓ ଡେଙ୍ଗୁରୁ କିଭଳି ରକ୍ଷା ପାଇବେ ସେଥିପାଇଁ ଜନସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି। ଏହି ଅଳିଆ ଆବର୍ଜନା କିପରି ତୁରନ୍ତ ସଫା ହୋଇପାରିବ ସେନେଇ କୋଇଡ଼ାବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ କୋଇଡ଼ା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବର୍ଷା ପୂର୍ବରୁ ଅଳିଆ ଆବର୍ଜନା ସଫା କରିବାକୁ ଦାବି କରିଛନ୍ତି।



**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ

ବନାମ

ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨

୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା **ଟ.୫୩,୫୮,୯୦୪.୦୦** ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ **୨୬ ମାର୍ଚ୍ଚ, ୨୦୨୬**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

## ସଂକ୍ଷେପରେ

### ନୂତନ ଉଚ୍ଚ ବିଦ୍ୟାଳୟ ଉଦ୍‌ଘାଟିତ

ଝାରସୁଗୁଡ଼ା, ୮।୪ (ଆଶିଷ ରଞ୍ଜନ ଦାଶ)– ଝାରସୁଗୁଡ଼ା ବ୍ଲକ୍ ଅନ୍ତର୍ଗତ କାତିକେଲା ଗ୍ରାମପଞ୍ଚାୟତର କାତିକେଲା ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଏକ ନୂତନ ଉଚ୍ଚ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀଲ ପଟେଲ ଯୋଗଦେଇ କହିଛନ୍ତି, ଚଳିତ ଶିକ୍ଷାବର୍ଷରୁ ଏହି ବିଦ୍ୟାଳୟରେ ନବମ ଶ୍ରେଣୀ ପାଠପଢ଼ା ଆରମ୍ଭ ହେବ। ତେଣୁ ଏଠାରେ ଅଭିଭାବକମାନେ ନିଜ ପିଲାଙ୍କ ନାମ ଲେଖାଇବାକୁ ସେ ଅନୁରୋଧ କରିଛନ୍ତି। କାତିକେଲା ସରପଞ୍ଚ ପୁଷ୍ପାଞ୍ଜଳି କାଲୋ, ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାୟକ, ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଓ ଶିକ୍ଷୟିତ୍ରୀ ଜୟକୁମାରୀ ଭୋଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଭୁର୍କାମୁଣ୍ଡା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣପ୍ରଭା ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ଲିଲିମା ରୋହିଦାସ, କାତିକେଲା ନାଏବ ସରପଞ୍ଚ ଜିତେନ୍ଦ୍ର ଧୁରୁଆ, ୱାର୍ଡ ସଭ୍ୟ ଲକ୍ଷ୍ୟପତି ଦେହେରିଆ, ଲଳିତ ସାହୁ, ପ୍ରେମସାଗର ଦେହେରିଆଙ୍କ ସମେତ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବଡ଼ମାଲ ସିଆର୍‌ସିସି ଚେମାନନ୍ଦ ଦେହେରିଆ ଧନ୍ୟବାଦ ଦେଇଥିଲେ।

### ରକ୍ତଦାନ ଶିବିର

ଝାରସୁଗୁଡ଼ା, ୮।୪(ଆଶିଷ ରଞ୍ଜନ ଦାଶ)– ଓଡ଼ିଆ ପକ୍ଷ ପାଳନ ଅବସରରେ ଝାରସୁଗୁଡ଼ା ମହିଳା ସ୍ୱୟଂଶାସିତ କଲେଜ ପରିସରରେ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ସଂକଳ୍ପବଦ୍ଧତାକୁ ପ୍ରଶଂସା କରିଥିଲେ। କଲେଜର ଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଟିମ୍ ଏବଂ କଲେଜ କର୍ମକର୍ତ୍ତାଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ଓଡ଼ିଆ ସାହିତ୍ୟର ବିଭିନ୍ନ ସ୍ଲୋଗାନ ଓ ପୋଷ୍ଟର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ସମସ୍ତ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲଇକେରା, ୮।୪(ରଞ୍ଜନ କୁମାର ମେହେର)– ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ ଅଧୀନ ଭାଲୁପତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାନ୍ତିଙ୍କୁ ବୁଧବାର ସ୍କୁଲ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାଦୋବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଶେଶ୍ୱର ଜୟପୁରିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଜୟନାରାୟଣ ପଣ୍ଡା, ମୁଖ୍ୟବକ୍ତା ଶିକ୍ଷକ ତ୍ରିଲୋକ୍ୟନାଥ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ହିରଣ୍ୟ ରୋହିଦାସ, ପିଏମଶ୍ରୀ କିର୍ମିରା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୌରନାରାୟଣ ସିଂହ ଯୋଗଦେଇଥିଲେ। ଏଥିରେ ବନ୍ଦପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଟେଲ, ଅର୍ଡା ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟ ସଦୁଆଲ, ବାଗଡ଼ିହି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା କିଷାନ, ଭଉଁରା ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମେହେର, ଭାଲୁପତ୍ରା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିନାରାୟଣ ମହାନ୍ତି, ଚିତ୍ରକର ରଣା ଉପସ୍ଥିତ ଥିଲେ। ଗ୍ରାମର ମହିଳା ସଂଘ, ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କ୍ରୀଡ଼ା ଶିକ୍ଷକ ଅକ୍ଷୟ ନାୟକ ସଭା ପରିଚାଳନା ଓ ଲକ୍ଷ୍ମଣ ନାଏକ ଧନ୍ୟବାଦ ଦେଇଥିଲେ।

### ତିଳେଇମାଲରେ ଜନଶୁଣାଣି

ବ୍ରଜରାଜନଗର, ୮।୪(ବିଜୟ ବରାଡ଼)– ଝାରସୁଗୁଡ଼ା ଜିଲା ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ତିଳେଇମାଲ ଗ୍ରାମରେ ଏନ୍‌ଟିପିସି ପକ୍ଷରୁ ଆଶ୍‌ପଣ୍ଡ୍ ନିର୍ମାଣ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥିଲେ। ଗ୍ରାମର ୧୫ଜଣ ମହିଳା, ପୁରୁଷ ସେମାନଙ୍କ ଅଭିଯୋଗ ଜିଲା ପ୍ରଶାସନ ଆଗରେ ରଖିଥିଲେ। ଗ୍ରାମର ପଶ୍ଚିମ ପାର୍ଶ୍ୱରେ ୬୮/୪୭ ଏକର ଜାଗାରେ ଆଶ୍‌ପଣ୍ଡ୍ ନିର୍ମାଣ କରାଯିବ। ବଳକା ଜାଗାରେ ଫସଲ କରିବା ସମ୍ଭବ ହେବନାହିଁ। ଯଦି ଜମି ଯାଉଛି ତେବେ ସମସ୍ତ ଜମିକୁ ଅଧିଗ୍ରହଣ କରାଯାଉ ନଚେତ୍ ତିଳେଇମାଲ ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ କରାଯାଉ ବୋଲି ଗ୍ରାମବାସୀ ନିବେଦନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଆକାରରେ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଗ୍ରାମବାସୀଙ୍କୁ ସାଥିରେ ନେଇ ବିକାଶ କାର୍ଯ୍ୟ କରାଯିବ ବୋଲି କମ୍ପାନୀ ସିଏସ୍‌ଆର୍ ବିଭାଗର ଏଚ୍.ଆର୍. ସମୀର ଭଞ୍ଜ କହିଛନ୍ତି।

# ଜିଲାରେ ୭୭୭୭ ନଳକୂପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

## ଜିଲା ପ୍ରଶାସନର ଗ୍ରୀଷ୍ମପ୍ରବାହ ମୁକାବିଲା ପ୍ରସ୍ତୁତି

ଝାରସୁଗୁଡ଼ା, ୮।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ବଢୁଥିବା ତାପମାତ୍ରା ଓ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଏନେଇ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ଜନସାଧାରଣଙ୍କ ପାଇଁ ଜିଲାର ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳରେ ମୋଟ ୪୯୨ ଜଳଛତ୍ର ଖୋଲାଯିବ। ସେହିପରି ଜଳାଭାବ ଅନୁଭୂତ ହେଉଥିବା ୫୪୯ଟି ସ୍ଥାନରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଜିଲାରେ ୧୯୨ଟି ପାଇପ ଜଳ ଯୋଗାଣ ପ୍ରକଳ୍ପ ଓ ୭୭୭୭ଟି ନଳକୂପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୱାଟ୍‌କୋ ଅଧୀନରେ ଥିବା ୫୦୨ଟି ପ୍ରଡକ୍ସନ ୱେଲ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି ରହିଛି। ବିଦ୍ୟୁତ୍ ସେବା ବ୍ୟାହତ ନ କରିବା ପାଇଁ ୧୩,୫୦୦



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

ଟ୍ରାନ୍ସଫର୍ମର କାର୍ଯ୍ୟ କରୁଥିବାବେଳେ ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର ବଦଳାଇବା ପାଇଁ ୭୦ଟି ଅତିରିକ୍ତ ଟ୍ରାନ୍ସଫର୍ମର ମହଜୁଦ ରଖାଯାଇଛି। ଶିଳ୍ପ ଓ ଖଣି ଅଞ୍ଚଳରେ ଶ୍ରମିକଙ୍କ ପାଇଁ ୫୦ରୁ ୧୦୦ ଜଣ କ୍ଷମତା ବିଶିଷ୍ଟ ଏସି କିମ୍ବା କୁଲର ଥିବା ବିଶ୍ରାମ ଗୃହ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭାରିଯାନ ଲୋଡିଂ ଉପରେ କଟକଣା ଲଗାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଡାକ୍ତରଖାନାରେ ସ୍ୱତନ୍ତ୍ର ହିଟ୍‌ଷ୍ଟ୍ରୋକ୍ ରୁମ୍ ପ୍ରସ୍ତୁତ କରାଯାଇଛି। ଅଙ୍ଗନୱାଡ଼ି କର୍ମୀ ଓ ବିଦ୍ୟାଳୟଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ଯୋଗାଇ ଦିଆଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସମୟ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି। ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଗୃହପାଳିତ ପଶୁଙ୍କ ପାଇଁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସାଳୟ ଖୋଲା ରଖିବା ସହ ପାଣିକୁଣ୍ଡର ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଚଳାଚଳ ଉପରେ ଆର୍‌ଟିଓ କଡ଼ା ନଜର ରଖିବେ ଏବଂ ବସ୍‌ରେ ଯାତ୍ରୀ ସଂଖ୍ୟା ସୀମିତ ରହିବା ସହ ପାଣି ଓ ଓଆର୍‌ଏସ୍ ରଖିବା ବାଧ୍ୟତାମୂଳକ କରାଯାଇଛି।

ବିଦ୍ୟୁତ୍ ବିଭାଗକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ସହ ଟ୍ରାନ୍ସଫର୍ମର ମରାମତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଜରୁରୀ ପରିସ୍ଥିତିରେ ଯୋଗାଯୋଗ ପାଇଁ ଜିଲା ଜରୁରିକାଳୀନ ଅପରେଶନ ସେଣ୍ଟର ନମ୍ବର ୦୬୬୪୫–୨୭୨୯୦୨ ଏବଂ ଜରୁରୀ ପ୍ରତିକ୍ରିୟା କେନ୍ଦ୍ର ୬୩୭୦୨–୦୮୮୪୨ କାର୍ଯ୍ୟ କରୁଛି। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ୪୦୦୦ ପୋଷ୍ଟର ଓ ୧୫୦ ବ୍ୟାନର ବଣ୍ଟନ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲା ଜରୁରିକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବରିଆରସିଂହ ଉପସ୍ଥିତ ଥିଲେ।

# ୧୬ ଗ୍ୟାସ୍ ସିଲିଣ୍ଡର ଜବତ

ଝାରସୁଗୁଡ଼ା, ୮।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ବୁଧବାର ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ବୃନ୍ଦାମାଲ ଗ୍ରାମପଞ୍ଚାୟତ ଅଧୀନ ସୁନାରୀମୁଣ୍ଡା ପଣ୍ଡା ଚିକେନ ସପ୍‌ରୁ ୬ଟି ଏବଂ ଝାରସୁଗୁଡ଼ା ବେହେରାମାଲସ୍ଥିତ ପାତ୍ର ଗ୍ୟାସ୍ ଏଜେନ୍ସିରୁ ୧୦ଟି ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏନେଇ ଝାରସୁଗୁଡ଼ା ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରା କହିଛନ୍ତି, ବେଆଇନ ଗ୍ୟାସ୍ ସିଲିଣ୍ଡର ବିକ୍ରି ଏବଂ ଷ୍ଟକ୍ ରଖୁଥିବା ଦୋକାନ ଉପରେ ଯୋଗାଣ ବିଭାଗର କଡ଼ା ନଜର ରହିଛି। ଏହି ବେଆଇନ କାର୍ଯ୍ୟରେ ଯେଉଁମାନେ ଲିପ୍ତ ଅଛନ୍ତି, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅବକାରୀ ଚଢ଼ାଉ, ୭ ଗିରଫ

## ବିପୁଳ ମଦ, ଗଞ୍ଜେଇ ଜବତ

ଝାରସୁଗୁଡ଼ା, ୮।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମଦ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଲକ୍ଷ୍ମୀପୁର ଗ୍ରାମର ରିଲୁ ଦେହେରୀ, ରିଙ୍କୁ ପ୍ରଧାନ, ଭୀମଜୋର ଗ୍ରାମର ହରିଶଙ୍କର ବାଗ୍, ଆମପଡ଼ା ଗ୍ରାମର ଅଚ୍ୟୁତ ମୁଣ୍ଡା, ମଧୁପୁର ଗ୍ରାମର ପ୍ରକାଶ ମାଝୀ, ଲାଞ୍ଜିକୁରା ଗ୍ରାମର ଜୟନ୍ତୀ ଲୁହାର ଓ ସୁକାନ୍ତି ଲୁହାର। ଚଢ଼ାଉବେଳେ ୩୨୦୦ କେଜି ମହୁଲ ପୋଚ, ୧୩୯ ଲିଟର ଦେଶୀମଦ, ୧୦ ଲିଟର ବିଦେଶୀ ମଦ, ୩୦ ଲିଟର ହାଣ୍ଡିଆ, ୯.୫ କେଜି ଗଞ୍ଜେଇ ଜବତ କରାଯାଇଛି। ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ନିଶାଦ୍ରବ୍ୟ କାରବାର ହେଉଥିବା ଅଭିଯୋଗ ହୋଇଥିଲା। ଫଳରେ ଗତ ୨ ଓ ୩ ତାରିଖରେ ଜିଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, କିର୍ମିରା ଏବଂ ଝାରସୁଗୁଡ଼ା ଅବକାରୀ ଥାନା ପକ୍ଷରୁ ମିଳିତଭାବେ ଝାରସୁଗୁଡ଼ା ରେଳଷ୍ଟେଶନ, ଭୀମଜୋର, ଆମପଡ଼ା, ମଧୁପୁର, ଲାଞ୍ଜିକୁରା, କୁରେବଗା ଏବଂ ଚିତ୍ତୁଆପଡ଼ା ଆଦି ଗ୍ରାମାଞ୍ଚଳରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି। କୁରେବଗା ଏବଂ ଚିତ୍ତୁଆପଡ଼ା ଜଙ୍ଗଲିଆ ଅଞ୍ଚଳରେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ବିପୁଳ ପରିମାଣର ମହୁଲ ପୋଚକୁ ଅବକାରୀ ବିଭାଗ ନଷ୍ଟ କରିଦେଇଛି। ଜିଲା ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଶିବିରରେ ପ୍ରଶିକ୍ଷଣ ନେଇଥିବା ଭାଜପା କର୍ମୀ।

ବ୍ରଜରାଜନଗର, ୮।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମ୍ୟୁନିସିପାଲିଟି କଲ୍ୟାଣମଣ୍ଡପରେ ଦୁଇଦିନିଆ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜିଲା ପ୍ରଭାରୀ ଓ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ଭାଜପାର ଶତାଧିକ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ନେଇଥିଲେ। ଆଗାମୀ ଦିନରେ ବ୍ରଜରାଜନଗର ମଣ୍ଡଳକୁ ସୁଦୃଢ଼ କରିବା ସହ ସରକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ କର୍ମୀମାନେ ପ୍ରତିଜ୍ଞା କରିଥିଲେ। ମଣ୍ଡଳ ସଭାପତି ତପନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ନାବାଳିକା ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ନାବାଳକ ଧରାପଡ଼ିଲେ

ରିଆମାଳ, ୮।୪(ବଦ୍ରିନାରାୟଣ ଅଗ୍ରୱାଲ)– ନାବାଳିକା ବଳାତ୍କାର ଘଟଣାରେ ରିଆମାଳ ପୋଲିସ ଜଣେ ନାବାଳକଙ୍କୁ କାବୁକରି ରାଉରକେଲାସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଛି। ଅଭିଯୋଗ ଅନୁଯାୟୀ, ରିଆମାଳ ଥାନା ଅଞ୍ଚଳର ୧୭ ବର୍ଷୀୟା ନାବାଳିକାଙ୍କୁ ନାବାଳକ ଜଣଙ୍କ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଗର୍ଭବତୀ ହୋଇଥିବା ଜଣାପଡିଥିଲା। ଏ ସମ୍ପର୍କରେ ନାବାଳିକାଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ସମ୍ପୃକ୍ତ ନାବାଳକଙ୍କୁ କାବୁ କରିଥିଲା।

# ହକି ଷ୍ଟାଡିୟମ ପରିଦର୍ଶନ କଲେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ



ଅତିରିକ୍ତ ସଚିବ ଓ ଅନ୍ୟମାନେ ହକି ପଡିଆ ପରିଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା, ୮।୪(ଆଶିଷ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କର କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଯାନ୍ତ୍ରିକ ଉପଦେଷ୍ଟା ହିମାଂଶୁ କୁମାର ବେହେରା ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର କ୍ରୀଡ଼ା ଭିତ୍ତିଭୂମି ଓ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ସେ ଝାରସୁଗୁଡ଼ା ଜିଲା ଏଚ୍. କଣ୍ଟାପାଲିରେ ଥିବା ହକି ଷ୍ଟାଡିୟମ ଜିଲା କ୍ରୀଡ଼ା ଅଧିକାରୀ ଅମ୍ରିତ କୁମାର ଆଚାର୍ଯ୍ୟଙ୍କ ସହିତ ପରିଦର୍ଶନ କରିଥିଲେ। ଜିଲା ହକି ଆସୋସିଏଶନ ସଭ୍ୟ ତଥା ହକି ଓଡ଼ିଶା ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ନୂତନ ଭାବରେ ନିର୍ମାଣ ହେଉଥିବା ଟର୍ଫ ଷ୍ଟାଡିୟମକୁ ପରିଦର୍ଶନ କରାଇଥିଲେ। ଟର୍ଫ ପଡିଆ ନିକଟରେ ଅଭ୍ୟାସ ପାଇଁ ଆଉ ଏକ ପଡିଆର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏଠାରେ ଟର୍ଫ ପଡିଆ ନିର୍ମାଣ ହେଲେ ଭବିଷ୍ୟତରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା, ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ହୋଇପାରିବ ବୋଲି ଅତିରିକ୍ତ ସଚିବ କହିଥିଲେ। ହକି ଷ୍ଟାଡିୟମରେ ଥିବା ୩ଜଣ ପ୍ରଶିକ୍ଷକ ଜିଲାର ବିଭିନ୍ନ ସ୍କୁଲରେ ପ୍ରଶିକ୍ଷଣ ଦେଉଥିବା, ବିଭିନ୍ନ କ୍ଲବ୍‌ରେ ୧୧୦୦ ପିଲା ହକି ଖେଳୁଥିବା ସହିତ ଗତବର୍ଷ ଭଳି ଚଳିତବର୍ଷ ୫ଏ ସାଇଡ୍ ଆନ୍ତଃରାଜ୍ୟ ଜୁନିୟର ବାଳିକା ପ୍ରତିଯୋଗିତା କରାଯିବା ବିଷୟରେ ମହାନ୍ତି ଅତିରିକ୍ତ ସଚିବଙ୍କୁ ଅବଗତ କରାଇଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହଯୋଗରେ ଜିଲା ହକି ଆସୋସିଏଶନ ମାଧ୍ୟମରେ ଜିଲାରେ ୩୫ଟି ସ୍କୁଲକୁ ହକି ଖେଳର ସରଞ୍ଜାମ ଦିଆଯାଇଥିବା ବିଷୟରେ ସମସ୍ତ କାଗଜ ଦେଖି ଅତିରିକ୍ତ ସଚିବ ସନ୍ତୋଷ ପ୍ରକାଶ କରିଥିଲେ। ଅତିରିକ୍ତ ସଚିବଙ୍କ ପରିଦର୍ଶନ ସମୟରେ ପ୍ରଶିକ୍ଷକ ପ୍ରଫୁଲ କୁଲ୍ଲୁ, ଡିଫୋର ଟେଟେ, ବିବେକ ନାଏକ ଓ ସହିଦ ନାୟକ ଉପସ୍ଥିତ ଥିଲେ।

# ମା' ଅନ୍ଧାରୀଦେବୀ ପର୍ଯ୍ୟଟନ ସ୍ଥଳର ହେବ ଉନ୍ନତୀକରଣ

## ୧.୫୬ କୋଟି ମଞ୍ଜୁରକଲେ ରାଜ୍ୟ ସରକାର

ଝାରସୁଗୁଡ଼ା, ୮।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ କୁଆଁରମାଲ ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ମା' ଅନ୍ଧାରୀଦେବୀ ପାହାଡ଼ ଏବଂ ଏହାର ଆଖପାଖ ଅଞ୍ଚଳର ଉନ୍ନତୀକରଣ କରାଯିବ। ଏଥିପାଇଁ ରାଜ୍ୟ ସଂସ୍କୃତିବିଭାଗ ପକ୍ଷରୁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ରାଜ୍ୟ ସରକାର ୧ କୋଟି ୫୬ ଲକ୍ଷ ୨୮ ହଜାର ଟଙ୍କା ମଞ୍ଜୁର କରିଛନ୍ତି।

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରକାଶିତ ଚିଠି ଅନୁଯାୟୀ, ଏହି ପ୍ରକଳ୍ପ ମାଧ୍ୟମରେ ମା' ଅନ୍ଧାରୀଦେବୀ ପାହାଡ଼କୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବରେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଆକର୍ଷଣୀୟ ପ୍ରବେଶ ଦ୍ୱାର ନିର୍ମାଣ, ଜଳଉସ ଓ କୂଅ, ପୋଖରୀର ସୌନ୍ଦର୍ଯ୍ୟକରଣ, ଭକ୍ତ ଏବଂ ପର୍ଯ୍ୟଟକଙ୍କ ପାଇଁ ମଣ୍ଡପ, ବିଶ୍ରାମସ୍ଥଳ ଏବଂ ପାନୀୟ ଜଳ ବ୍ୟବସ୍ଥା, ପାହାଡ଼ ଉପରକୁ ଯିବା ପାଇଁ ସୁବ୍ୟବସ୍ଥିତ ପାହାଚ ଓ ରାସ୍ତା, ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ସହିତ ପାର୍କିଂ, ଆଧୁନିକ ଶୌଚାଳୟ, ସୂଚନାଫଳକ ଏବଂ ଆଲୋକୀକରଣ ବ୍ୟବସ୍ଥା କରାଯିବ। ଏହି ପ୍ରକଳ୍ପର ତଦାରଖ ଏବଂ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଝାରସୁଗୁଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଜିଲାରେ ପର୍ଯ୍ୟଟନର ବିକାଶ ହେବା ସହ ସ୍ଥାନୀୟ ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଏହି ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ତଥା ସଂସ୍କୃତି ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କୃତଜ୍ଞତା ଜଣାଇଛନ୍ତି।

# ରକ୍ତଦାନ ଶିବିର

## ରକ୍ତ ଦାନକରି ଅମୂଲ୍ୟ ଜୀବନ ବଞ୍ଚାଅ

ଦେବଗଡ଼, ୮।୪(ଶଶାଙ୍କ ଶେଖର ଝାଙ୍କର)– ଦେବଗଡ଼ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ରକ୍ତଦାନ ଶିବିର ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥିତ ବ୍ଲଡ୍‌ବ୍ୟାଙ୍କଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଉପଜିଲାପାଳ ପରିକ୍ଷିତ ସାହୁ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ମହନ୍ତ ଯୋଗଦେଇଥିଲେ। ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନକରି ଅନ୍ୟର ଅମୂଲ୍ୟ ଜୀବନ ବଞ୍ଚାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ୨୨ ଜଣଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ, ଡେପୁଟି କଲେକ୍ଟର ପ୍ରିୟା ତିର୍କୀ, ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ରେଡ଼କ୍ରସ୍ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରଜରାଜନଗର କଲେଜରେ ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ

ବ୍ରଜରାଜନଗର, ୮।୪ (ବିଜୟ ବରାଡ଼)

ବ୍ରଜରାଜନଗର କଲେଜ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ନୂତନ ଟେକ୍ନୋଲୋଜି ପ୍ରତି ସୂଚନା ପ୍ରଦାନ ସହ ଭବିଷ୍ୟତରେ ଏଥିପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଫ୍‌ଟିବିଆଇ, ଏନ୍‌ଆଇଟି ରାଉରକେଲା ପକ୍ଷରୁ ଏମ୍‌ସିଏଲ୍ ସିଏସ୍‌ଆର୍ ଅନୁଦାନ ସହଯୋଗରେ ବ୍ରଜରାଜନଗର କଲେଜ ପରିସରରେ ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ ଆୟୋଜିତ ହୋଇଥିଲା। କଲେଜ ଅଧକ୍ଷ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କ୍ୟାମ୍ପରେ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ଅଧ୍ୟାପକ ଅଜୟ ଦୀପ, ଆଇଆଇସି ସେଲ୍ କୋ–ଅର୍ଡିନେଟର୍ ତଥା ଅଧ୍ୟାପକ ଶିବା ତ୍ରିବେଦୀ ମଞ୍ଚାସୀନ ରହିଥିଲେ। ଏଥିରେ ମୁଖ୍ୟ ଅତିଥି ଓ ଅଭିଭାଷକ ଭାବେ ଏଫ୍‌ଟିବିଆଇ, ଏନ୍‌ଆଇଟି ରାଉରକେଲାର ସଭାପତି ସଞ୍ଜୀବ ପଣ୍ଡା ଏବଂ ସିଇଓ ଚିରଞ୍ଜିବୀ ସାମଲ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଷ୍ଟାର୍ଟଅପ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗୀତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସୁଶ୍ରୀ ନଗମାନିଶା ନନ୍ଦା ଓ ଅଧ୍ୟାପିକା ଗାୟତ୍ରୀ ବିଶୋଇ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁମିତ ତିର୍କୀ, ସୌମ୍ୟରଞ୍ଜନ ସାହୁ, ଅଧ୍ୟାପିକା ସୁଶ୍ରୀ ମଧୁମିତା କର୍ଣ୍ଣ, ଶ୍ୟାମା ଯାଦବ, ଅଧ୍ୟାପକ ଏ. ଗୋସାଇଁ, ଏସ୍.ଏସ୍ ପୃଷ୍ଟିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ଆଶ୍‌ପଣ୍ଡକୁ ଅଞ୍ଚଳବାସୀଙ୍କ ବିରୋଧ

ବ୍ରଜରାଜନଗର, ୮।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ତିଳେଇମାଲ ଗ୍ରାମ ପାର୍ଶ୍ୱରେ ଏନ୍‌ଟିପିସି ଦ୍ୱାରା ପ୍ରସ୍ତାବିତ ଆଶ୍‌ପଣ୍ଡକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏହି କମ୍ପାନୀ ଜନଶୁଣାଣି କରି ନିରୀହ ଆଦିବାସୀଙ୍କୁ ଶୋଷଣ କରିବାକୁ ଚେଷ୍ଟା କରୁଛି ବୋଲି ଲୋଇସିଂହ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସରପଞ୍ଚ ସନାତନ ରୋହିଦାସ କହିଛନ୍ତି। ତାଙ୍କ ସହିତ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ରାଜପୁର ସମିତିସଭ୍ୟା ସସ୍ମିତା ତନ୍ତୀ, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌଡ଼ମାଲ ସରପଞ୍ଚ ରାଜ କୁମାର ସାଏ ଉପସ୍ଥିତ ଥିଲେ। ଉପରୋକ୍ତ ୪ ପଞ୍ଚାୟତର ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ, ତିଳେଇମାଲ ଗ୍ରାମରେ ଉକ୍ତ କମ୍ପାନୀ ଦ୍ୱାରା ବୁଧବାର କରାଯାଇଥିବା ଜନଶୁଣାଣି ସମ୍ପୂର୍ଣ୍ଣ ଭାବରେ ବେଆଇନ। ଜନଶୁଣାଣି କରିବା ପୂର୍ବରୁ ପଞ୍ଚାୟତବାସୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବା ଏବଂ ବିସ୍ଥାପିତ ହେବାକୁ ଯାଉଥିବା ଗ୍ରାମବାସୀଙ୍କୁ ୧୫ଦିନ ପୂର୍ବରୁ ଗ୍ରାମସଭା କରି ଜଣାଇବା କଥା, ହେଲେ ତାହା କରାଯାଇନାହିଁ। ତିଳେଇମାଲ ଗ୍ରାମରେ ଥିବା ୮୭% ଆଦିବାସୀ ହରିଜନ ସମ୍ପ୍ରଦାୟର ଜନସାଧାରଣ ଜଙ୍ଗଲ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ଆଶ୍‌ପଣ୍ଡ ହେଲେ ସେମାନେ ଜୀବିକା ହରାଇବେ। ପୂର୍ବରୁ ଗ୍ରାମଠାରୁ ୫୦୦ ମିଟର ଦୂରରେ ଥିବା ଗୋଟିଏ ଆଶ୍‌ପଣ୍ଡ୍ ପ୍ରଭାବରେ ଦୁଇ ନଦୀ ବସୁନ୍ଧରା ଓ ବାଘେଇନାଳ ପାଣି ପ୍ରଦୂଷିତ ହେଉଛି। ଲୋକଙ୍କ ଚାଷ ଉଜୁଡିବା ସହିତ ସେହି ପାଣି ବ୍ୟବହାର କରି ଅଞ୍ଚଳବାସୀ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏବେ ଆଉଗୋଟେ ଆଶ୍‌ପଣ୍ଡ୍ ହେଲେ ପରିସ୍ଥିତି ଭୟାବହ ହେବ। କମ୍ପାନୀ କର୍ତ୍ତୃପକ୍ଷ ଚଞ୍ଚକତା କରି ଗତ ୫ ତାରିଖରେ ନୋଟିସ୍ କରି ୮ ତାରିଖରେ ଜନଶୁଣାଣି କରିଛନ୍ତି। ଜନଶୁଣାଣିରେ ଅଭିଯୋଗ କରିବାକୁ ଯାଇଥିବା ମହିଳାମାନଙ୍କୁ ଭିତରକୁ ପୋଲିସ ନ ଛାଡ଼ିବା ଦୁର୍ଭାଗ୍ୟର କଥା। ଲୋକଙ୍କୁ ନେଇ କମ୍ପାନୀ କର୍ତ୍ତୃପକ୍ଷ କାମ କରିବା କଥା। ହେଲେ ତାହା ନ କରି ପ୍ରଶାସନକୁ ହାତରେ ରଖି ଏକ ପାଖିଆ ନିଷ୍ପତ୍ତି ନେଇ ଆଶ୍‌ପଣ୍ଡ୍ କାମ ଆରମ୍ଭ କଲେ ୪ ପଞ୍ଚାୟତର ଜନସାଧାରଣ ଧାରଣା ଦେବେ ବୋଲି ସରପଞ୍ଚ କହିଛନ୍ତି। ବୁଧବାର ହୋଇଥିବା ଜନଶୁଣାଣିକୁ ବାତିଲ କରାଯିବା ସହ ପଞ୍ଚାୟତବାସୀଙ୍କ ସହିତ ଆଲୋଚନା କରି ଆଉଗୋଟେ ଦିନ ଧାର୍ଯ୍ୟ କରି ପୁନର୍ବାର ଜନଶୁଣାଣି କରିବାକୁ ସରପଞ୍ଚମାନେ ପ୍ରଶାସନକୁ ନିବେଦନ କରିଛନ୍ତି। ସମସ୍ୟା ସମ୍ପର୍କରେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏନେଇ ଏନ୍‌ଟିପିସି କମ୍ପାନୀ ସିଏସ୍‌ଆର୍ ବିଭାଗର ଏଚ୍.ଆର୍. ସମୀର ଭଞ୍ଜ କହିଛନ୍ତି, ତିଳେଇମାଲ ଗ୍ରାମର ବିକାଶ ଏବଂ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କରି ଆସ୍‌ପଣ୍ଡ ନିର୍ମାଣ କରାଯିବ।





ଖବରଦାତା ସମ୍ମିଳନୀରେ ସରପଞ୍ଚ ସୂଚନା ଦେଉଛନ୍ତି।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ

ବନାମ

ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨

୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା ଟ.୫୩,୫୮,୯୦୪.୦୦ ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।

ସ୍ୱା/– (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



'ମୁରବୀ' ଫିଲ୍ମର ପୋଷ୍ଟର

## ରିଲିଜ ଅପେକ୍ଷାରେ
# ମୁରବୀ

ମୁରବୀ ହେଉଛନ୍ତି ପ୍ରତ୍ୟେକ ପରିବାରର ମୁଖ୍ୟ। ଗୋଟିଏ ପରିବାରକୁ ଗୋଟିଏ ସୂତ୍ରରେ ସେ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତି। ତା'ସହ ସେହି ପରିବାର ସଦସ୍ୟଙ୍କୁ ଅନୁଶାସନର ପାଠ ପଢାଉଥିବା ଜଣେ ସମ୍ମାନସ୍ପଦ ବ୍ୟକ୍ତି ହେଉଛନ୍ତି ସିଏ। ଏହି ଚଳଚ୍ଚିତ୍ର ସେପରି ଏକ କାହାଣୀ ଉପରେ ଆଧାରିତ। ଚଳଚ୍ଚିତ୍ରରେ ଦୁଇଜଣ ପରିବାର ମୁଖ୍ୟଙ୍କ ବିପରୀତ ଚିନ୍ତାଧାରାକୁ ଦର୍ଶାଯାଇଛି । ଜଣେ କଠୋର ଶାସନ ଓ ନିୟମରେ ବିଶ୍ୱାସ କରୁଥିବାବେଳେ, ଅନ୍ୟଜଣେ ସ୍ନେହ, ମମତା ଓ ସ୍ୱାଧୀନତା ମାଧ୍ୟମରେ ପରିବାରକୁ ମଜଭୁତ ଭାବେ ଗଢିଛନ୍ତି। ଦୁଇ ପରିବାରର ସଂଘର୍ଷ ମାଧ୍ୟମରେ ସମ୍ପର୍କ ଓ ମୂଲ୍ୟବୋଧକୁ ନିଚ୍ଛକ ଭାବେ ଏଥିରେ ଦର୍ଶାଯାଇଛି । ତେବେ ପରବର୍ତ୍ତୀ ସମୟରେ କ'ଣ ଘଟୁଛି ତାହା ଏହି ସିନେମାରେ ଦେଖିବାକୁ ପାଇବେ। ଉକ୍ତ ଚିତ୍ରଟିର ଟାଇଟଲ ରହିଛି 'ମୁରବୀ', ଯାହା ଚଳିତ ମାସ ୧୪ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ମେଣ୍ଟିସ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରଯୋଜନା କରିଛନ୍ତି 'ଦମନ' ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କା। ଏହାର ସହ-ପ୍ରଯୋଜକ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର ବେହେରା। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂହ ଓ ଶିଶିର କୁମାର ସାହୁ। ଗୀତ ସହିତ ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ପି. ସନ୍ତୋଷ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଗ୍ନିମିତ୍ରା ବେହେରା । କୁନା ତ୍ରିପାଠୀ, ଜୟପ୍ରକାଶ ଦାସ, ବିଜୟନୀ ମିଶ୍ର, ଅଙ୍କିତା ମହାନ୍ତି, ବି ଏମ ବୈଶାଳୀ,ଉଦିତ ଗୁରୁ ଓ ପ୍ରସେନଜିତଙ୍କ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# କେବଳ ଅଭିନୟ ପାଇଁ...

ରାକେଶ ରୋଶନଙ୍କ ପରି ନାମୀ ନିର୍ଦ୍ଦେଶକ ତାଙ୍କୁ ପ୍ରଥମେ ବ୍ରେକ୍ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'କହୋ ନା ପ୍ୟାର ହେ'। ସିନେମାଟି ହିଟ୍ ହେଲା ସିନା ହେଲେ ଏହାର ସମସ୍ତ କ୍ରେଡିଟ ଯାଇଥିଲା ହ୍ରିତିକ ରୋଶନଙ୍କୁ। କିନ୍ତୁ ଅଭିନୟକୁ କ୍ୟାରିୟର କରିବା ଲାଗି ତାଙ୍କୁ ଆଉ ଏକ ଲକ୍ଷ୍ୟକୁ ବଳିଦାନ ଦେବାକୁ ପଡିଥିଲା। ଟଫ୍ଟସ ୟୁନିଭର୍ସିଟିରୁ ସେ ଅର୍ଥନୀତିରେ ଡିଗ୍ରୀ ହାସଲ କରିବା ସହ ଗୋଲ୍ଡ ମେଡାଲରେ ସମ୍ମାନିତ ହୋଇଥିଲେ। ଏହାପରେ ସେ ଏକ ଭଲ ଚାକିରି କରିବାକୁ ଆଶା ରଖିଥିଲେ। କିନ୍ତୁ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା। ପରବର୍ତ୍ତୀ ସମୟରେ ସେ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଥିଲେ। ସେ ହେଉଛନ୍ତି ଅମୀଷା ପଟେଲ। ତାଙ୍କର ଆଉ ଏକ ଅଭ୍ୟାସ ରହିଛି। ତାହା କ'ଣ ଜାଣନ୍ତି ? ଅମୀଷା ଯେତେବେଳେ କୌଣସି ଭଲ ଆଉ ନୂଆ ବ୍ରାଣ୍ଡର ଲକ୍ଜ୍ୟୁରି ବ୍ୟାଗ୍ ଦେଖନ୍ତି ତାହାକୁ ତୁରନ୍ତ କିଣିଥାଆନ୍ତି। ଏଭଳି ବ୍ୟାଗ୍ କଲେକଶନ କରିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି କହିଲେ ଭୁଲ ହେବ ନାହିଁ। ଅମୀଷାଙ୍କ ବୟସ ଏବେ ୫୦ ହେଲାଣି। ହେଲେ ସେ ଘର ସଂସାର ଠାରୁ ନିଜକୁ ବେଶ୍ ଦୂରରେ ରଖିଛନ୍ତି। କାରଣ ତାଙ୍କ ମୁଣ୍ଡକୁ ଏକଥା ଜୁଟିଥିଲା ଯେ ଯଦି ସେ ବାହା ହୁଅନ୍ତି ତେବେ ତାହା ତାଙ୍କର ଆକ୍ଟିଂ କ୍ୟାରିୟରକୁ ପ୍ରଭାବିତ କରିବ। ତେଣୁ ସେ ସାରା ଜୀବନ କୁଆଁରୀ ରହିବାକୁ ସ୍ଥିର କରିଥିଲେ। ଆଉ ଏ ନେଇ ସେ ମଧ୍ୟ ମନଦୁଃଖ କରନ୍ତି ନାହିଁ।

## ଶୁଟିଂ ଚାଲିଛି
# ନାଲି ଚୁଡ଼ା

ଏକ ନିପଟ ମଫସଲ ଗାଁର ଜଣେ ସରଳ ଯୁବକ, ଯାହାର ମୁଖ୍ୟ କାମ ହେଉଛି ଗାଈ ଜଗିବା। ଏହି ଗ୍ରାମର ଗ୍ରାମବାସୀ ତାକୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି ଆଉ ବେଳେବେଳେ ତାକୁ ନାଲି ଚୁଡା ବୋଲି ଡାକି ଚିଡାଇଥାଆନ୍ତି। ହେଲେ ଏଭଳି ସମୟ ଆସିଛି ଭାଗ୍ୟଦେବୀ ତା' ପ୍ରତି ପ୍ରସନ୍ନ ହୋଇଛନ୍ତି। ଆଉ ତା'ପରେ ଯାହା ଘଟିଛି ତାହାକୁ ହୁଏତ ବିଶ୍ୱାସ କରିବା ସହଜ ହୋଇ ନ ପାରେ। ନିଜର ପ୍ରଗାଢ଼ ନିଷ୍ଠା ବଳରେ ସେ ପାଠ ପଢ଼ିଛି ପୁଣି ଶେଷରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେଉଛି। ଏଭଳି ଏକ ସତ ଘଟଣାକୁ ଆଧାର କରି ବିନାୟକ ସିନେ କ୍ରିଏସନ ବ୍ୟାନରରେ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ନାଲି ଚୁଡ଼ା'। ଏହାର କାହାଣୀ ଲେଖିଛନ୍ତି ଇନ୍ଦୁମତୀ ରାୟ। ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ରଜନୀଙ୍କ ରଚିତ ସମସ୍ତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଯଜ୍ଞ ଦାଶ। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ରଞ୍ଜନ ମିଶ୍ର। ବର୍ତ୍ତମାନ ଶୁଟିଂ ଚାଲିଥିବା ଏହି ଫିଲ୍ମର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ବିକାଶ ପଟ୍ଟନାୟକ। ଅଭିଷେକ ରଥ, ହେଲିନା, ରତନ ମେହେର, ନୀଳମଣି ସାହୁ, ଶୁଭ୍ରାଂଶୁ ନାୟକ, ସୁଶୀଲ ମିଶ୍ର ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି।



ଅଭିଷେକ-ହେଲିନା

## ଅପେରା ହାଲ୍‌ଚାଲ୍
# ଦୀର୍ଘ ୧୪ ବର୍ଷ ପରେ...



ତୁନି-ବାପି

ଜଲିଉଡ୍ ଜଗତର ଯେଉଁ କେତୋଟି ଆଗଧାଡିର ଯୋଡି ଭାବରେ ଗଣନା କରାଯାଏ ତନ୍ମଧ୍ୟରୁ ଅନ୍ୟତମ ହେଉଛି 'ବାପି-ତୁନି' ଯୋଡି। ଓଡିଆ ଅପେରା ଜଗତରେ ଏପର୍ଯ୍ୟନ୍ତ ନିଜର ଆଧିପତ୍ୟ ବିସ୍ତାର କରିଥିବା ବାପି ପଣ୍ଡା ଏବଂ ଟ୍ରାଜେଡି କୁଇନ୍ ତୁନିଆ ମଲ୍ଲିକ (ତୁନି)ଙ୍କୁ ଯାତ୍ରାପ୍ରେମୀ ପୁଣି ଥରେ ମଞ୍ଚ ଉପରେ ଏକାଠି ଦେଖିବାକୁ ପାଇବେ। ଦୀର୍ଘ ୧୪ ବର୍ଷ ପରେ ଏହି ଯୋଡିକୁ ଏକତ୍ରିତ କରିବାରେ ସକ୍ଷମ ହୋଇଛନ୍ତି ନବଗଠିତ ବିଗବଜେଟ୍ ଯାତ୍ରାନୁଷ୍ଠାନ 'ଯାତ୍ରା କେଶରୀ'ର ଯୁବ ପ୍ରଯୋଜକ ଆଦର୍ଶ ରଞ୍ଜନ ସ୍ୱାଇଁ। ଏ ବିଷୟରେ ବାପି କହନ୍ତି, ''ତୁନି ସହ ମୋର ପ୍ରଥମ ଅଭିନୟ ଆରମ୍ଭ ହୋଇଥିଲା ଗୌରୀ ଗଣନାଟ୍ୟରୁ। ୨୦୦୨ରେ ଆମ ଅଭିନୀତ ପ୍ରଥମ ନାଟକଟି ଥିଲା 'ଡାକବଙ୍ଗଳା'। ଏହାବ୍ୟତୀତ 'ଶହେ ମାନସିକ ତୋରି ପାଇଁ', 'ଚାରି ଛକରେ ତିନି ଝିଅ', 'ଅର୍ଦ୍ଧାଙ୍ଗିନୀ' ଏବଂ 'ମାୟା ମେମସାବ' ଆଦି ଅନେକ ନାଟକରେ ଆମ ଯୋଡି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲା। ଆଉ ଏବେ ପୁଣି ଥରେ ଯାତ୍ରା କେଶରୀରେ ଏକାଠି ହେବାର ସୁଯୋଗ ମିଳିଛି। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବ ହୋଇଛି ବୋଲି କହିବି।'' ଉକ୍ତ ପାର୍ଟିର ମୁଖ୍ୟ ପରିଚାଳକ ଅଛନ୍ତି ଅଭିଜ୍ଞ ଲୁଲୁ କର। ବାପି-ତୁନି ଯୋଡି ବ୍ୟତୀତ ମଣ୍ଟୁ ଦାସ, ଖଳନାୟକ କୁନା, ପହଲି, ଅକ୍ଷୟ ସାହୁ, ଡାଙ୍ଗ ଏବଂ ଛନ୍ଦିତା ପ୍ରମୁଖ କଳାକାରଙ୍କୁ ଏହି ପାର୍ଟିରେ ମଧ୍ୟ ଦେଖିବାକୁ ମିଳିବ। ଯାତ୍ରା କେଶରୀର ନାଟକ ପ୍ରସ୍ତୁତି କାମ ଜୋରସୋରରେ ଚାଲୁ ରହିଛି।

# ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ : କିଛି କଥା

''ପ୍ରଯୋଜକଟିଏ ସିନେମା ନିର୍ମାଣ କରିବା ପୂର୍ବରୁ ସେ ବିଷୟରେ କିଛି ଜ୍ଞାନ ଆହରଣ କରନ୍ତୁ । ଏଭଳି ବ୍ୟକ୍ତିବିଶେଷଟିଏ ଠିକ୍ କରନ୍ତୁ, ଯିଏ ଜଣେ ନବାଗତ ପ୍ରଯୋଜକଙ୍କୁ ଠିକ୍ ବାଟରେ ଆଗେଇ ନେବ। ଏବେ ଏଭଳି ଅନେକ ସିନେମା ନିର୍ମିତ ହେଉଛି ଯାହାର କାହାଣୀରେ ବଳିଷ୍ଠତା ନାହିଁ ।''

ସିନେମାଟିଏ ନିର୍ମାଣ କରିବା ପୂର୍ବରୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ଆମ ଓଡ଼ିଆ ସିନେମାର ଇତିହାସକୁ ତର୍ଜମା କଲେ ଜଣାପଡେ ଯେ ଦିନ ଥିଲା ବଳିଷ୍ଠ କାହାଣୀ, ଉପଯୁକ୍ତ କଳାକାର ଚୟନ, ମନକୁ ଛୁଇଁ ପାରିବା ଭଳି ଗୀତ ଏବଂ କଳାକାରଙ୍କର ନିଖୁଣ ଅଭିନୟ ଅନେକ ସିନେମାକୁ ହିଟ୍ ପର୍ଯ୍ୟାୟଭୁକ୍ତ କରୁଥିଲା। ଦର୍ଶକଟିଏ ଥରେ ଦେଖିଲେ ଆଉ ଥରେ ସେହି ସିନେମା ଦେଖିବାକୁ ମନ ବଳାଉଥିଲା। କିନ୍ତୁ ଓଡ଼ିଆ ସିନେମା ଦିନକୁ ଦିନ ଯେତିକି ପରିପକ୍ୱତା ଲାଭ କରୁଛି ସେହି ଅନୁସାରେ ଭଲ ସିନେମାଟିଏ ନିର୍ମାଣ ସଂଖ୍ୟା କମି କମି ଚାଲିଛି କହିଲେ ଭୁଲ ହେବ ନାହିଁ। କେବଳ ପ୍ରଯୋଜକଟିଏ ସାଜି ଫିଲ୍ମଟିଏ ନିର୍ମାଣ କରିଦେଲେ ହେବ ନାହିଁ, ସେ ସମ୍ପର୍କିତ କିଛି ଜ୍ଞାନ ରହିବା ନିହାତି ଦରକାର। ଅନ୍ୟପକ୍ଷରେ କେତେକ ବ୍ୟକ୍ତିବିଶେଷ ପ୍ରଯୋଜକଙ୍କୁ ଆୟର ଉଚ୍ଚ ଆଶା ଦେଖାଇ ଫିଲ୍ମ ନିର୍ମାଣ କରିବାର ନଜୀର ରହିଛି। ହେଲେ ସେହି ଚିତ୍ରଟି ପ୍ରେକ୍ଷାଳୟକୁ ଆସିବା ପରେ ଯାହା ଅବସ୍ଥା ହେଉଛି ତାହା ନ କହିବା ଭଲ।



ପ୍ରଯୋଜକଟିଏ ସିନେମା ନିର୍ମାଣ କରିବା ପୂର୍ବରୁ ସେ ବିଷୟରେ କିଛି ଜ୍ଞାନ ଆହରଣ କରନ୍ତୁ। ଏଭଳି ବ୍ୟକ୍ତିବିଶେଷଟିଏ ଠିକ୍ କରନ୍ତୁ, ଯିଏ ଜଣେ ନବାଗତ ପ୍ରଯୋଜକଙ୍କୁ ଠିକ୍ ବାଟରେ ଆଗେଇ ନେବ। ଏବେ ଏଭଳି ଅନେକ ସିନେମା ନିର୍ମିତ ହେଉଛି ଯାହାର କାହାଣୀରେ ବଳିଷ୍ଠତା ନାହିଁ। ତରବରିଆ ଭାବରେ ଫିଲ୍ମର ନିର୍ମାଣ କାର୍ଯ୍ୟ ଶେଷ କରିଦିଆଯାଉଛି। ତେଣୁ ସେଥିରେ ଅନେକ ଦୋଷତ୍ରୁଟି ରିଲିଜ ହେବା ପରେ ଜଣାପଡୁଛି। ଏଭଳି ସିନେମା ନିର୍ମାଣ ଧାରା ଜାରି ରହିଲେ ଓଡ଼ିଆ ସିନେମାର ଭବିଷ୍ୟତ କୁଆଡେ ଗତି କରିବ ତାହା ସହଜରେ ଅନୁମେୟ।

ଓଡ଼ିଆ ଫିଲ୍ମର କାହାଣୀରେ କେବଳ ରୋମାଣ୍ଟିକ ନୁହେଁ, ପାରିବାରିକ ଛିଟା, ଦମଦାର କମେଡି, ଭାବପ୍ରବଣତା ଆଦି ଭରି ରହିବା ଦରକାର। ଏହାଦ୍ୱାରା ଫିଲ୍ମଟି ଦେଖିବା ବେଳେ ଦର୍ଶକଙ୍କର ମନ କେବଳ ଫିଲ୍ମରେ ହିଁ କେନ୍ଦ୍ରୀତ ହୋଇ ରହିବ। ପ୍ରଯୋଜଟିଏ ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ଦେବା ସମୟରେ ତାହାକୁ ଭଲ ଭାବରେ ତର୍ଜମା କରିବା ଦରକାର।

ଭଲ ସିନେମାଟିଏ ନିର୍ମାଣ ହେଲେ ତାହାକୁ ଦର୍ଶକ ନିଶ୍ଚୟ ଦେଖିବେ। ଗତ କିଛି ବର୍ଷ ଧରି ବେଶ୍ କେତୋଟି ଭଲ ସିନେମା ନିର୍ମିତ ହୋଇ ଭଲ ଆୟ କରିଛି। ତେଣୁ ସିନେମାଟିଏ ନିର୍ମାଣ କରିବା ସମୟରେ ସବୁ ଦିଗ ପ୍ରତି ନଜର ଦେଲେ ତାହା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେବ।

ଏବେଠାରୁ ଏସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ଆମ ଓଡ଼ିଆ ସିନେମା ପୁଣି ଥରେ ନିଶ୍ଚୟ ଦର୍ଶକାଦୃତ ହେବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିବା ସହ ପୁରସ୍କାର ହାସଲ କରିବାରେ ସକ୍ଷମ ହେବ।

**-ଦିଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨



ଅମୀଷା

# ରହିଗଲା ଅବସୋସ

ମଡେଲିଂରୁ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗଡେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ମହେଞ୍ଜୋଦାରୋ'। କାରଣ ଏକଦା ସେ ରଣବୀର କପୁରଙ୍କ ସହ ଏକ ସ୍କୁଟିର ବିଜ୍ଞାପନ ପାଇଁ ଶୁଟିଂ କରୁଥିଲେ। ଏହି ସମୟରେ ଆଶୁତୋଷଙ୍କ ପତ୍ନୀ ସୁନୀତାଙ୍କ ନଜରୁ ସେ ଆସିଥିଲେ। ତା'ପରେ ତାଙ୍କ ସହ ଏ ନେଇ ଯୋଗାଯୋଗ କରାଯାଇଥିଲା। ଆଉ ଏହାକୁ ମଧ୍ୟ ପୂଜା ଗ୍ରହଣ କରିଥିଲେ। ଜଣେ ଅଭିନେତ୍ରୀ ଭାବରେ ସେ ଅନେକ ସୁନାମ ଅର୍ଜନ କରିଛନ୍ତି। ହେଲେ ତାଙ୍କ ମନରେ ଏକ ଅବସୋସ ରହିଯାଇଛି। ୨୦୧୦ରେ ସେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ହେଲେ ଏଥିରେ ତାଙ୍କୁ ସେକେଣ୍ଡ ରନରଅପ୍ ଭାବରେ ସନ୍ତୁଷ୍ଟ ହେବାକୁ ପଡିଥିଲା।



ପୂଜା

# ଯାହା ଭାବୁଥିଲେ କରୀନା...

ବଲିଉଡ୍‌ରେ କରୀନା କପୁର ଖାନ୍ ନିଜର ଦୈନନ୍ଦିନ ଜୀବନଶୈଳୀକୁ ନେଇ ଚର୍ଚ୍ଚାରେ ରହିଥାଆନ୍ତି। ନିଜର 'ସାଇଜ ଜିରୋ' ଫିଗର ଅନେକଙ୍କ ପାଇଁ ପ୍ରେରଣାଦାୟକ ହୋଇଛି ବୋଲି କହିଲେ ଭୁଲ ହେବ ନାହିଁ। ୨୦୦୮ରେ ତାଙ୍କ ଅଭିନୀତ 'ତସାନ୍' ରିଲିଜ ହୋଇଥିଲା। ଏହାର ଶୁଟିଂ ସମୟରେ ତାଙ୍କୁ ଓଜନ କମାଇବାକୁ ପଡିଥିଲା। ବାସ୍, ସେଇଠୁ ହିଁ ତାଙ୍କ ମନରେ ନିଜକୁ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରଖିବା କଥା ଉଦୟ ହୋଇଥିଲା। ନିଜର ଖାଦ୍ୟପେୟ ପ୍ରତି ସତର୍କ ରହିବା ସହ ନିୟମିତ ଏକ୍ସରସାଇଜ, ଯୋଗ ଏବଂ ପ୍ରାଣାୟାମ କରିବାକୁ ସେ ଆଦୌ ଭୁଲି ନ ଥାନ୍ତି। କରୀନା କେବେ ବାହାର ଖାଦ୍ୟ ଖାଆନ୍ତି ନାହିଁ। ସେ ସବୁବେଳେ ନିଜ ଘରେ ପ୍ରସ୍ତୁତ ଖାଦ୍ୟ ଖାଇଥାଆନ୍ତି। ଅବସର ମିଳିଲେ ସେ ନାମୀ ଲେଖକଙ୍କ ବହି ପଢ଼ିବାକୁ ଭଲ ପାଆନ୍ତି। ଆଉ ଅଭିନୟ କ୍ଷେତ୍ରରେ ସେ ଛଅ ଥର ଫିଲ୍ମ ଫେୟାର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛନ୍ତି।



କରୀନା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ସରକାରଙ୍କୁ ଯୁବ କଂଗ୍ରେସର ଟାର୍ଗେଟ୍


ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ କର୍ମକର୍ତ୍ତା।

**ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)** ଓଡ଼ିଶାରେ ମେଟ୍ରୋ ରେଳ ପ୍ରକଳ୍ପ ଚୁକ୍ତିନାମା ବାତିଲକୁ ନେଇ ରାଜ୍ୟ ଯୁବ କଂଗ୍ରେସ ସରକାରଙ୍କୁ ଟାର୍ଗେଟ୍ କରିଛି।

ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସୟଦ ୟାସିର ନୱାଜ୍ କହିଛନ୍ତି, ଭୁବନେଶ୍ୱରବାସୀଙ୍କ ସ୍ୱପ୍ନର କୋଣାର୍କକୁ ରାଜ୍ୟ ସରକାର ଧୂଳିସାତ୍ କରିଦେଇଛନ୍ତି। ଦେଶରେ ପାଖାପାଖି ୧୮ଟି ସହରରେ ମେଟ୍ରୋ ରେଳ ପ୍ରକଳ୍ପ ରହିଛି। ପୂର୍ବ ସରକାର ଭୁବନେଶ୍ୱରରେ ମେଟ୍ରୋ ରେଳ ପାଇଁ ସଂକଳ୍ପ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ୬ ହଜାର ୨୨୫ କୋଟି ଟଙ୍କା ବ୍ୟୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ ତ୍ରିଶୂଳିଆଠାରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏଥିରେ ୨୦ଟି ଷ୍ଟେଶନ ରହିବା ସହିତ ତ୍ରିଶୂଳିଆଠାରୁ ଏୟାରପୋର୍ଟ ପର୍ଯ୍ୟନ୍ତ ୨୬ କି.ମି. ରାସ୍ତା ନିର୍ମାଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ସ୍ଥିର ହୋଇଥିଲା। ୩୨୬ କୋଟି ଟଙ୍କା ବ୍ୟୟରେ ଦିଲ୍ଲୀ ମେଟ୍ରୋ ରେଳ ବିଭାଗ ଏହାର କାର୍ଯ୍ୟ ପରିଚାଳନା ପାଇଁ ମୁଖ୍ୟ କନ୍‌ସଲ୍‌ଟାଣ୍ଟ ଭାବେ ଦାୟିତ୍ୱ ନେଇଥିଲା। ହେଲେ ରାଜ୍ୟ ସରକାର ଏପ୍ରିଲ ୪ରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ଏହି ଚୁକ୍ତି ବାତିଲ କରି ସବୁଦିନ ପାଇଁ ରାଜ୍ୟବାସୀଙ୍କ ଆଶାକୁ ଧୂଳିସାତ୍ କରିଦେଇଛନ୍ତି ବୋଲି ନୱାଜ୍ କହିଛନ୍ତି।

ଏହି ଅବସରରେ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଛନ୍ତି, ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କଥା ସହ ମୁଖ୍ୟମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କ କଥାରେ କୌଣସି ତାଳମେଳ ରହୁନାହିଁ। ଯଦି ମେଟ୍ରୋ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରା ନ ଯାଏ ତା'ହେଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜଧାନୀ ରାସ୍ତାରେ ଯୁବ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧର ସମ୍ମୁଖୀନ ହେବା ସହ ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସାମଲ କହିଛନ୍ତି। ଏହି ସମ୍ମିଳନୀରେ ଯୁବ କଂଗ୍ରେସର ଗୋପନ ମାର୍ଥା, ଜାଭେଦ୍ ଅକ୍ତାର ସାମିଲ ଥିଲେ।

## ପ୍ରଥମ ପୃଷ୍ଠାରୁ

### ଓଡ଼ିଶା ଏବେ...

ବିବିଧ, ସ୍ଥିର ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଇକୋସିଷ୍ଟମ ଗଠନ ଲାଗି ରାଜ୍ୟର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରେ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସହ ବେଗୁନିଆ ଓ ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ଦାବି ଦୋହରାଇଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆଦାନୀ ପୋର୍ଟସ୍ ଏଣ୍ଡ ଏସ୍‌ଇଜେଡ୍‌ର ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀଙ୍କ ସମେତ ଓଡ଼ିଶା ଥର୍ମାଲ୍ ଏନର୍ଜି ଲିମିଟେଡ, ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ୍ ଆଦି ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ ଧନ୍ୟବାଦ ଦେଇଥିଲେ।

### ରାଜ୍ୟ ସଭା...

ଓହରିଯିବାକୁ କହିଥିବା ସେ କହିଛନ୍ତି। ଏ ବାବଦରେ ସସ୍ମିତଙ୍କ ସହ ଯୋଗାଯୋଗ କରିବା ଲାଗି ତାଙ୍କୁ ବାରମ୍ବାର ଟେଲିଫୋନ କରିବା ସତ୍ତ୍ୱେ କୌଣସି ଉତ୍ତର ମିଳି ନ ଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ସୋମବାର ରାଜ୍ୟ ସଭା ସଦସ୍ୟ ଭାବେ ସଂତୃପ୍ତ ମିଶ୍ର ଶପଥ ଗ୍ରହଣ କଲେ। ସେହିଦିନ ହିଁ ବିଜେଡି ଏମ୍‌ପିମାନେ ସସ୍ମିତଙ୍କ ବିରୋଧରେ ଅଭିଯୋଗ କଲେ। ଏବେ ଯାହା ଶୁଣିବାକୁ ମିଳୁଛି, ନବୀନ ରାଜ୍ୟ ସଭା ଦଳର ନେତା ଭାବେ ବିଗତ ଦିନରେ ବିଜେଡି ସରକାର ସମୟରେ ଜଣେ ଦୁଇ ଜଣ ଅଫିସରଙ୍କ ଯୋଗୁ ବହୁ କ୍ଷମତାଶାଳୀ ପାଲଟିଯାଇଥିବା ଜଣେ ନେତାଙ୍କୁ ଦାୟିତ୍ୱ ଦେବାକୁ ସ୍ଥିର କରିଛନ୍ତି। ସେହିପରି ସଂତୃପ୍ତଙ୍କୁ ମଧ୍ୟ ବିଜେଡି ରାଜ୍ୟ ସଭା ଦଳର ମୁଖ୍ୟ ସଚେତକ ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି।

# ମହିଳା ସଂରକ୍ଷଣ ଆଇନ: ସଂଶୋଧନ ଚିଠା ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ,୮।୪(ପି.ଟି.)** ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବା ପ୍ରସ୍ତାବ ରହିଛି। ସେଥିରୁ ୨୭୩ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖିବା ପାଇଁ ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ଅଣାଯିବ। ଏ ସମ୍ପର୍କିତ ଚିଠା ବିଧେୟକକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି।

ସୂତ୍ରରୁ ଜଣାପଡ଼ିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଇନରେ ସଂଶୋଧନ ସକାଶେ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବକୁ ଅନୁମୋଦିତ ହୋଇଛି। ଇତିମଧ୍ୟରେ ସରକାର ପାର୍ଲାମେଣ୍ଟର ବଜେଟ ଅଧିବେଶନ ଅବଧିକୁ ଆଉ ୩ ଦିନ ବଢ଼ାଇଦେଇଛନ୍ତି। ଏପ୍ରିଲ ୧୬ରୁ ୧୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର ଅଧିବେଶନରେ ଉକ୍ତ ସଂଶୋଧନ ବିଧେୟକ ପାରିତ ହୋଇପାରେ।

ଉଲ୍ଲେଖଯୋଗ୍ୟ, ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ପ୍ରଦାନ ପାଇଁ ୨୦୨୩ରେ ସମ୍ବିଧାନ ସଂଶୋଧନ କରାଯାଇଥିଲା। ତେବେ ୨୦୨୭ରେ ହେବାକୁ ଥିବା ଜନଗଣନା ଆଧାରରେ ସଂସଦୀୟ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ଏହା ଲାଗୁ ହେବ ବୋଲି ସ୍ଥିର କରାଯାଇଥିଲା। କିନ୍ତୁ ବର୍ତ୍ତମାନର ଆଇନ ବଳବତ୍ତର ରହିଲେ ୨୦୩୪ରେ ଏହା କାର୍ଯ୍ୟକାରୀ ହୋଇପାରିବ। ତେଣୁ ୨୦୨୯ ଲୋକ ସଭା ନିର୍ବାଚନ ବେଳକୁ ଏହା କାର୍ଯ୍ୟକାରୀ କରାଇବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ପାର୍ଲାମେଣ୍ଟରେ ଉକ୍ତ ସଂଶୋଧନ ବିଧେୟକ ପାରିତ ହେଲେ ୨୦୨୯ ମାର୍ଚ୍ଚ ୩୧ରେ ନୂଆ ଆଇନ କାର୍ଯ୍ୟକାରୀ ହେବ। ଲୋକ ସଭା ସହ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ସିକିମ୍ ଓ ଆନ୍ଧ୍ର ପ୍ରଦେଶ ବିଧାନସଭା ନିର୍ବାଚନରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରେ।

# ପୁଣି ଧାରଣାରେ ବସିଲେ ପ୍ରାଥମିକ ଶିକ୍ଷକ

## ଜିଲା, ବ୍ଲକସ୍ତରରେ ଆନ୍ଦୋଳନ ଆହୁରି ତୀବ୍ର ହେବ



ପ୍ରାଥମିକ ଶିକ୍ଷକ ମହାସଂଘର କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି।

**ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)** ପୁଣି ଧାରଣାରେ ବସିଲେ ପ୍ରାଥମିକ ଶିକ୍ଷକ। ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ କାର୍ଯ୍ୟକାଳକୁ ଠିକା କାର୍ଯ୍ୟରୁ ଉଚ୍ଛେଦ କରି ମୂଳ ଚାକିରିରେ ଗଣନା କରି ୬ଟି ନୋଶନାଲ ଇନକ୍ରିମେଣ୍ଟ ପ୍ରଦାନ ଆଦି ୨ ଦଫା ଦାବି ନେଇ ବୁଧବାର ପ୍ରାଥମିକ ଶିକ୍ଷକ ମହାସଂଘ ଷ୍ଟିଅରିଂ କମିଟିର ସଦସ୍ୟମାନେ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହାସଂଘ ଆବାହକ ରାମଲାଲ ପଟେଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଜିଲା ଏବଂ ବ୍ଲକର ଷ୍ଟିଅରିଂ କମିଟି ସଦସ୍ୟମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଅପରାହ୍ଣ ୨ଟାରେ ଆଲୋଚନା ପାଇଁ ଆବାହକଙ୍କୁ ସରକାରଙ୍କ ପକ୍ଷରୁ ଡକରା ଆସିଥିଲା। ଆବାହକଙ୍କ ପରିବର୍ତ୍ତେ କମିଟିର ସଦସ୍ୟମାନେ ଯାଇଥିଲେ। ତେବେ ଦାବି ପୂରଣ ନିମନ୍ତେ ଯଦି ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ ନ କରନ୍ତି, ତେବେ ଧାରଣା ଜାରି ରହିବ। ଆଗାମୀ ଦିନରେ ଆହୁରି ତୀବ୍ରତର କରିବା ପାଇଁ ଜିଲା ଓ ବ୍ଲକସ୍ତରକୁ ପ୍ରସାରିତ କରାଯିବ। ଏଥିପାଇଁ ଶିକ୍ଷା ବ୍ୟବସ୍ଥାରେ ଯେଉଁ ବାଧା ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଦସ୍ୟମାନେ କହିଥିଲେ। ଏହି ଗଣଧାରଣାରେ ଷ୍ଟିଅରିଂ କମିଟି ସଦସ୍ୟ ସୁଶାନ୍ତ କୁମାର ବେହେରା, ଅଜିତ ମହାରଣା, ଶ୍ରୀକାନ୍ତ ବାରିକ, ଯୁଧିଷ୍ଠିର ସାହୁ, ସନ୍ତୋଷ ସାହୁ, ଅଜୟ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଧ୍ୱଜାବନ୍ଧା ରସିଦ୍ ଜାଲିଆତି ଘଟଣା: ଛତାର ସେବକ ନିଲମ୍ବିତ

**ପୁରୀ, ୮।୪(ଅଜିତ୍ କୁମାର ମହାନ୍ତି)** ଧ୍ୱଜା ବନ୍ଧା ରସିଦ୍ ଜାଲିଆତି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଛତାର ସେବକ ରଞ୍ଜିତ୍ କରଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ଗତ ୧ ତାରିଖରେ ହାଇଦ୍ରାବାଦର ଭିଜେନ୍ଦ୍ର କେଡ଼ିଆଙ୍କୁ ରଞ୍ଜିତ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟକୁ ଆଣି ୧୪ ହାତ ଧ୍ୱଜା ବନ୍ଧାଯିବା ପାଇଁ ରସିଦ୍ କାଟିଥିଲେ। ଏ ସମ୍ପର୍କରେ ଅନୁସନ୍ଧାନ ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ କେଡିଆଙ୍କ ନାମରେ ଧ୍ୱଜାବନ୍ଧା ବାବଦକୁ ଫିଁ ଦାଖଲ ହୋଇ ନ ଥିବା ଜଣାପଡ଼ିଥିଲା। ରଞ୍ଜିତ୍ ଜାଲ୍ ରସିଦ୍ ଦେଇଥିବା ଶ୍ରୀମନ୍ଦିର ସୁପରଭାଇଜରଙ୍କ ନିକଟରେ ସ୍ୱୀକାର କରିଥିବାରୁ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ କୈଫିୟତ୍ ତଲବ କରାଯାଇଥିଲା। କୈଫିୟତ୍ ସନ୍ତୋଷଜନକ ନ ହେବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଆଦେଶ ମଙ୍ଗଳବାରଠାରୁ ୬ ମାସ ବଳବତ୍ତର ରହିବ। ଏହି ଅବଧି ମଧ୍ୟରେ ରଞ୍ଜିତ୍ କୌଣସି ସେବକଙ୍କୁ ପ୍ରଲୋଭିତ କିମ୍ବା ଧମକଚମକ ଦେବା ଅଭିଯୋଗ ହେଲେ ତାଙ୍କର ନିଲମ୍ବନ ଅବଧି ବୃଦ୍ଧି ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅସନ୍ତୋଷ ଝାଡ଼ିଲେ ସୋନାଲି


ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଖୋର୍ଦ୍ଧା ଗସ୍ତ ଅବସରରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଅଟକ ରହିଥିବା କଂଗ୍ରେସ ମୁଖପାତ୍ର ସୋନାଲି ସାହୁ।

**ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)** ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସର କାର୍ଯ୍ୟକାରିତାକୁ ନେଇ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଖୋର୍ଦ୍ଧା ଭୂଇଁପୁର ଗସ୍ତ ଅବସରରେ ଶିଳ୍ପାଞ୍ଚଳ ପୋଲିସ ଯେଉଁଭଳି ଭାବେ ମୋତେ ପୂର୍ବାହ୍ନ ୯ଟାରେ ଘରୁ ଉଠାଇନେଇ ୬ଘଣ୍ଟା ଅଟକ ରଖିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ସେ ଆହୁରି କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ନାରୀ ନିର୍ଯାତନା ମଧ୍ୟ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି କାଳେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯିବ ସେନେଇ ପୋଲିସକୁ ଲଗାଇ ଏଭଳି ଭାବେ ମହିଳା ନେତ୍ରୀଙ୍କୁ ଘରୁ ଉଠାଇନେବା ସରକାରଙ୍କ ମହିଳାଙ୍କ ପ୍ରତି କେତେ ଦରଦ ରହିଛି, ତାହା ସ୍ପଷ୍ଟ ବୁଝାପଡୁଛି। ରାଜ୍ୟରେ ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କୁହାଯାଉଛି। କିନ୍ତୁ ଭୁବନେଶ୍ୱରରୁ ବୋଲଗଡ଼ ମାତ୍ର କେଇ ସମୟର ବାଟ ଲାଗି ଲୋକଙ୍କ ଟିକସ ପଇସାକୁ ପାଣିରେ ପକାଇ ହେଲିକପ୍ଟରରେ ଯିବା କ'ଣ ଜରୁରୀ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ୪ ଦିନ ଧରି ବିଦ୍ୟୁତ୍ ସରବରାହ ବନ୍ଦ, ରାସ୍ତାରୋକୋ କଲେ ଗ୍ରାମବାସୀ

**ବାସୁଦେବପୁର,୮।୪ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ)** ଭଦ୍ରକ ଜଜିଲା ବାସୁଦେବପୁର ବ୍ଲକ୍ ବିଦେଇପୁର ପଞ୍ଚାୟତରେ ୪ ଦିନ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାରୁ ବୁଧବାର ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ବିଦେଇପୁର ଛକ ସ୍ଥିତ ବିଦ୍ୟୁତ ଷ୍ଟକଚରଠାରେ ବୁଧବାର ସକାଳୁ ଜାମଝାଡ଼ି ଧାମରା ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା।

ସୂଚନା ମୁତାବକ, ଗତ ରବିବାର ହୋଇଥିବା କାଳବୈଶାଖୀ ପ୍ରଭାବରେ ବଡ଼ମଲିକସାହି ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଛିଡ଼ିଯାଇ ଗୋପାଳି ମଲିକଙ୍କ ଘର ଉପରେ ଝୁଲି ରହିଥିଲା। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ମଲିକ ସାହି, ଗଉଡ଼ ସାହି, ବେହେରା ସାହି ଓ ପ୍ରଧାନ ସାହିର ଶତାଧିକ ଉପଭୋକ୍ତା ଅନ୍ଧାରରେ ରହିଥିଲେ। ଏ ନେଇ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି ସସ୍ମିତ ମାଝୀ, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର, ବାସୁଦେବପୁର ଥାନାଧିକାରୀ ନିରଜ କୁମାର ସାମଲ, କଞ୍ଚିଆ ସାମୁଦ୍ରିକ ଥାନାଧିକାରିଣୀ ସୁଜାତା ଖମାରି, ଟିପିଏନ୍‌ଓଡିଏଲ୍‌ର ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ନାୟକ, ଧାମରା ଏସ୍‌ଡିଓ କୃପାସିନ୍ଧୁ ପ୍ରଧାନ, ବାସୁଦେବପୁର ଏସ୍‌ଡିଓ ରାକେଶ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମକୁ ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ସହ ୭ ଜଣଙ୍କ ଘର ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ଖୁଣ୍ଟକୁ ଅପସାରଣ କରିବା ପାଇଁ ଗ୍ରାମବାସୀ ଅଡ଼ି ବସିଥିଲେ। ତତ୍‌କ୍ଷଣ ଛିଣ୍ଡି ଯାଇଥିବା ତାରକୁ ମରାମତି କରିବା ସହ ଆସନ୍ତା ୩ ମାସ ମଧ୍ୟରେ ୭ଟି ବିଦ୍ୟୁତ ଖୁଣ୍ଟକୁ ଅପସାରଣ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀ ନାୟକ ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ଗଛପଡ଼ି ଜଣେ ଗୁରୁତର, ଘର ନଷ୍ଟ

**ଖଇରା, ୮।୪(ଉତ୍କଳବନ୍ଧୁ ପଣ୍ଡା)** ବାଲେଶ୍ୱର ଜିଲା ଖଇରା ତହସିଲ ସାରକୋଣା, ଗଡ଼ପୋଖରୀ ଓ କଇଥଗଡିଆ ପଞ୍ଚାୟତରେ ବୁଧବାର କାଳବୈଶାଖୀ ପ୍ରଭାବରେ ବହୁ ଘର ଭାଙ୍ଗିଥିବା ବେଳେ ଗଛ ପଡି ସୁଜାଗଡ(ଖଡିପଦା) ଗ୍ରାମର କନକଲତା ପାତ୍ର ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଇରା ଓ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଏହାଛଡ଼ା ଅମାରଗଡ଼ିଆ ଗ୍ରାମର ସିଦ୍ଧାର୍ଥ ବେହେରା, ଝିଙ୍କିରିଆ ଗ୍ରାମର ସୁଦର୍ଶନ ସୂତାର, ସୁଜାଗଡ ଗ୍ରାମର ରଘୁନାଥ ଶଙ୍ଖୁଆ, ମାୟାଧର ଗାହାଣ, ମୁଣ୍ଡାହତା ଗ୍ରାମର ବଳରାମ ଜେନା, ଉପେନ୍ଦ୍ର ଜେନା, ପ୍ରହ୍ଲାଦ ଜେନା, ମୋହନ ଦାସ ଓ ଭୁବନାନନ୍ଦ ସ୍ୱାଇଁ, ତ୍ରିଶଳପୁର ଗ୍ରାମ ମହାପାତ୍ର ସାହିର ସୁଷମାରାଣୀ ମହାପାତ୍ର, ଧନେଶ୍ୱର ମହାପାତ୍ର ପ୍ରମୁଖଙ୍କ ଘରଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ଖଇରା ତହସିଲଦାର ଅମିତ ରଞ୍ଜନ ହୋତା, ସରପଞ୍ଚ ସୁଶାନ୍ତ ନାୟକ ବିଭିନ୍ନ ସ୍ଥାନକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି।


# Classified Everyday
0674-2580101, 9692975378




Newly open Jyoti spa positively health benefits (Expert therapist). 8458067955. D-76960

Newly open SPA health benefits relax refresh good therapist. 8658466886. D-76959

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

All types of physiotherapy and massage contact 9556924059 / 7656969134. D-06

## AFFIDAVIT

By virtue of an affidavit sworn before Executive Magistrate, BHUBANESWAR, dated 06.04.2026, I, HARSHA MISHRA, Address AT- TIARSAHI, POST- KENDUPALLI, DIST- CUTTACK, STATE- ODISHA, PIN- 754009 declare that I have changed my name from PAPU GURU to HARSHA MISHRA. Henceforth, I shall be known as HARSHA MISHRA for all purposes.
(HARSHA MISHRA)
D-67

I, Sachindra Nath Sukla, S/o.- Late Bireswar Sukla, Resident of New Colony, Chitrakar Sahi, Puri-01, 752001 declare by this affidavit No. 25, Dtd.- 08.04.2026 that now onwards I shall be known as Sachindra Nath Sukla instead of Sachindra Nath Shukla for all future purposes. D-69

By virtue of an affidavit sworn before the Notary Public, Rairakhol, Dtd.- 30.03.2026, I, Sanjeeb Meher, S/o.- Padmalochan Meher, R/o. At/P.O.- Kuanarmunda, P.S./ Dist.- Sundargarh declare that in order to correct the Birth Certificate of my daughter, henceforth she shall be known as Anwesha Meher instead of Prachishree Meher for all purposes
Sanjeeb Meher
D-68

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୌଦାମିନୀ ବେହେରା
ଭବାନିନଗର, କୋରାପୁଟ
ଆବିର୍ଭାବ: ୧୦।୧୦।୧୯୪୫
ତିରୋଧାନ: ୨୦।୦୪।୨୦୨୫
ମାଆ, ଆଜି ତୁମ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ, ଆମ ହୃଦୟରେ ତୁମ ଅନୁପସ୍ଥିତି ସ୍ପଷ୍ଟ ଭାବେ ଅନୁଭବ ହେଉଛି। ତୁମେ ନ ଥିଲେ ମଧ୍ୟ ତୁମ ଶିକ୍ଷା, ଆଦର ଓ ଆଶୀର୍ବାଦ ସଦାସର୍ବଦା ଆମ ସହିତ ଅଛି। ତୁମ ଆତ୍ମାର ଶାନ୍ତି ପାଇଁ ଆମେ ଭଗବାନଙ୍କୁ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ସମ୍ପର୍କୀୟ।

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତାରାମଣୀ ମିଶ୍ର
ସ୍ୱାମୀ: ୰ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମିହିର କୁମାର ସାହୁ
ବିଜୟ ଭବନ, ପ୍ଲଟ୍ ନଂ.୨୯୩/୬୦୦, ଗଙ୍ଗନଗର ଛକ, ଭୁବନେଶ୍ୱର
ଆବିର୍ଭାବ : ୦୪.୦୭.୧୯୭୩ | ତିରୋଧାନ : ୩୦.୦୩.୨୦୨୬
ଆପଣଙ୍କର ଅମର ଆତ୍ମା ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରୁ, ଆପଣଙ୍କର ଅପାର ଧୈର୍ଯ୍ୟ, ସାହସ ଓ ସେବା ସଦା ସର୍ବଦା ଆମ ପାଇଁ ଆଦର୍ଶ ଓ ସ୍ମରଣୀୟ ରହିବ। ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ
ସାହୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୦୭

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୯/୨୦୨୬ Bhubaneswar, Thursday, April 9/ 2026



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ଭିନ୍ନ ଧରଣର ସର୍ବଭାରତୀୟ ରୋଇଂ ଚାମ୍ପିୟନଶିପ୍ ପୂର୍ବରୁ ପ୍ରତିଯୋଗୀଙ୍କ ଅଭ୍ୟାସ। (ଫଟୋ: ରାଜକିଶୋର ମହାନ୍ତି)

# ଭାରତୀୟ ଦଳରେ ଓଡ଼ିଶାର ସୁନେଲିତା

**ଆର୍ଜେଣ୍ଟିନା ଗସ୍ତ ପାଇଁ ମହିଳା ହକି ଦଳ ଘୋଷିତ**

ନୂଆଦିଲ୍ଲୀ, ୮।୪

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍-୨୦୨୬ ଓ ଏସିଆନ୍ ଗେମ୍ସ ପାଇଁ ପ୍ରସ୍ତୁତି ଲାଗି ଭାରତୀୟ ମହିଳା ହକି ଦଳ ଆର୍ଜେଣ୍ଟିନା ଗସ୍ତକରି ୪ଟି ମ୍ୟାଚ୍ ଖେଳିବ। ଏହି ଏକ୍ସପୋଜର ଟୁର୍ ପାଇଁ ବୁଧବାର ଘୋଷିତ ୨୪ ଜଣିଆ ଦଳରେ ଓଡ଼ିଶାର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍‌ଗୁଡ଼ିକ ଆସନ୍ତା ୧୩ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳର ନେତୃତ୍ୱ ନେବେ ସାଲିମା ଟେଟେ। ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଫରୱାର୍ଡ ଦୀପିକାଙ୍କୁ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ସ୍ୱାଗତ କରିଛନ୍ତି। ସେହିପରି ନିକଟରେ ଅନୁଷ୍ଠିତ କ୍ୱାଲିଫାୟର ମିସ୍ କରିଥିବା ପ୍ରତିଷ୍ଠିତ ଗୋଲ୍‌କିପର ସବିତା ମଧ୍ୟ ଦଳକୁ ଫେରିଛନ୍ତି। ତାଙ୍କ ପ୍ରତ୍ୟାବର୍ତ୍ତନରେ ଭାରତୀୟ ରକ୍ଷଣଭାଗ ଦୃଢ଼ ହୋଇଛି। ଡିଫେଣ୍ଡର ଜ୍ୟୋତି ଓ ଫରୱାର୍ଡ ମୁମ୍‌ତାଜ ଖାଁଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଏମାନେ କ୍ୱାଲିଫାୟର ଖେଳିପାରି ନ ଥିଲେ। ଆସନ୍ତା ୧୩, ୧୪, ୧୬ ଓ ୧୭ ତାରିଖରେ ମ୍ୟାଚ୍‌ଗୁଡ଼ିକ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ରେ ଖେଳାଯିବ।

**ଭାରତୀୟ ଦଳ**

ଗୋଲ୍‌କିପର: ସବିତା, ବିଚୁଦେବୀ ଖରିବାମ୍। ଡିଫେଣ୍ଡର୍ସ: ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ସୁଶୀଳା ଚାନୁ ପୁଖରମବାମ, ମନୀଷା ଚୌହାନ, ଲାଲଥାନଲୁଆଙ୍ଗି, ଜ୍ୟୋତି, ଉଦିତା। ମିଡ୍‌ଫିଲ୍ଡର୍ସ: ବୈଷ୍ଣବୀ ଭିଥାଲ ଫାଲ୍‌କେ, ସାକ୍ଷୀ ରାଣା, ସୁନେଲିତା ଟପ୍ପୋ, ସାଲିମା ଟେଟେ, ନେହା, ଦୀପିକା ସୋରେଙ୍ଗ, ଋତୁଜା ଦାଦାସୋ ପିସାଲ, ଇଶିକା। ଫରୱାର୍ଡ୍ସ: ବଲ୍‌ଜିତ କୌର, ନଭନିତ୍ କୌର, ଦୀପିକା, ଅନୁ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ, ଲାଲ୍‌ରେମ୍‌ସିଆମି, ମୁମ୍‌ତାଜ ଖାଁ।




ସୁନେଲିତା ଟପ୍ପୋ।

# ଶିବାନୀଙ୍କ ଡବଲରେ ଭାରତ ବିଜୟୀ

**ଏଏଫ୍‌ସି ୨୦ ବର୍ଷରୁ କମ୍ ମହିଳା ଏସିଆ କପ୍**

ପଥୁମ ଥାନି (ଥାଇଲାଣ୍ଡ), ୮।୪

ଶିବାନୀ ଦେବୀ ନଙ୍ଗମେଇକାପାମଙ୍କ ଡବଲ ଗୋଲ ବଳରେ ଭାରତ ଏଏଫ୍‌ସି ୨୦ ବର୍ଷରୁ କମ୍ ମହିଳା ଏସିଆ କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଏକ ଗ୍ରୁପ୍ 'ସି' ମ୍ୟାଚରେ ଚାଇନିଜ୍ ତାଇପେକୁ ୩-୧ ଗୋଲରେ ପରାସ୍ତ କରିଛି। ଏଥିସହ ଭାରତୀୟ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ମ୍ୟାଚର ୨୬ତମ ମିନିଟରେ ଭୂମିକା ଦେବୀ ଖୁମୁକଚାମ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଶିବାନୀ ଦେବୀ ୩୨ତମ ମିନିଟରେ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୮୭ତମ ମିନିଟରେ ଶିବାନୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ତେବେ ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ବଦଳ ଖେଳାଳି କାଓ ହସିନ ଚାଇନିଜ୍ ତାଇପେ ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ୨୦୦୪ ପରେ ୨୦ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍‌ରେ ଭାରତର ଏହା ହେଉଛି ପ୍ରଥମ ବିଜୟ। ଏହି ମ୍ୟାଚପରେ ଭାରତ ଗ୍ରୁପ୍ 'ସି'ରେ ୩ ମ୍ୟାଚରୁ ୩ ପଏଣ୍ଟ ପାଇଁ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ପ୍ରଥମ ୨ଟି ମ୍ୟାଚରେ ଦଳ ଜାପାନଠାରୁ ୦-୬ ଏବଂ ଅଷ୍ଟ୍ରେଲିଆଠାରୁ ୦-୫ ଗୋଲରେ ହାରି ଯାଇଥିଲା। ମାତ୍ର ଚାଇନିଜ୍ ତାଇପେ ବିପକ୍ଷ ମ୍ୟାଚକୁ ଭାରତୀୟ ଦଳ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା।




ଗୋଲ ଦେବା ପରେ ଉଲ୍ଲସିତ ଶିବାନୀ ଦେବୀ ନଙ୍ଗମେଇକାପାମ।

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଗୁଜରାଟର ପ୍ରସ୍ତୁତି ବୁଲି ଦେଖିଲା ପ୍ରତିନିଧି ଦଳ

ଅହମଦାବାଦ, ୮।୪

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ସହରର ପ୍ରସ୍ତୁତିକୁ ଯାଞ୍ଚ କରିବା ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଏକ ପ୍ରତିନିଧି ଦଳ ୪ଦିନିଆ ଗସ୍ତରେ ଯାଇ ବୁଧବାର ଅହମଦାବାଦରେ ପହଞ୍ଚିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଭାପତି ଡୋନାଲ୍ଡ ରୁକାରେଙ୍କ ନେତୃତ୍ୱାଧୀନ ୫ ଜଣିଆ ପ୍ରତିନିଧି ଦଳ ସହିତ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଅଧିକାରୀମାନେ ପ୍ରଥମେ ଗୁଜରାଟ ରାଜଧାନୀ ଗାନ୍ଧୀନଗରଠାରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ କ୍ରୀଡ଼ା ମନ୍ତ୍ରୀ ଡ. ଜୟରାମ ଗାମିଟଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ପରେ ପ୍ରତିନିଧି ଦଳ ଅହମଦାବାଦ ଗସ୍ତ ଆରମ୍ଭ କରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଭାପତି ଡୋନାଲ୍ଡ ଓ ସିଇଓ କାଟି ସାଡଲେର ଗୁଜରାଟରେ ପହଞ୍ଚିବା ପରେ ସେମାନଙ୍କୁ ମିଳିଥିବା ସ୍ୱାଗତ ସମ୍ବର୍ଦ୍ଧନା ଓ ଆତିଥ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଇଭେଣ୍ଟକୁ ସଫଳତାର ସହ ଆୟୋଜନ କରିବା ପାଇଁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା ଓ ଭିତ୍ତିଭୂମି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଅନ୍ୟପକ୍ଷରେ ରୁକାରେ ଓ ସାଡଲେର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଙ୍କୁ ଆସନ୍ତା ଜୁଲାଇ ୨୩ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଗ୍ଲାସ୍‌ଗୋଠାରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦେଖିବା ଲାଗି ଆମନ୍ତ୍ରଣ କରିଛନ୍ତି।

ଏହି ୪ଦିନିଆ ଗସ୍ତରେ ପ୍ରତିନିଧି ଦଳ ବୀର ସାବରକର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ନରେନ୍ଦ୍ର ମୋଦି ଷ୍ଟାଡିୟମ, ଇକେଏ ଏରିନା, ଭଦୋଦରା କ୍ରିକେଟ ଷ୍ଟାଡିୟମ, ଏକ୍ତା ନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ ସମେତ ପ୍ରତିଯୋଗିତା ଲାଗି ପ୍ରସ୍ତାବିତ ସମସ୍ତ ମୁଖ୍ୟ ଭେନ୍ୟୁର ଯାଞ୍ଚ କରିବ। ଏହି ଦଳ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଗୁଜରାଟରେ ରହିବ। ଉଲ୍ଲେଖଯୋଗ୍ୟ, ଗୁଜରାଟର ଅହମଦାବାଦ ସହରକୁ ଗତବର୍ଷ ନଭେମ୍ବରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସାଧାରଣ ସଭାରେ ଆନୁଷ୍ଠାନିକ ଭାବେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଆୟୋଜନ ଅଧିକାର ଦିଆଯାଇଥିଲା, ଯାହାଫଳରେ ଦୀର୍ଘ ଦୁଇ ଦଶନ୍ଧି ପରେ ବହୁ କ୍ରୀଡ଼ାଭିତ୍ତିକ ପ୍ରତିଯୋଗିତା ଭାରତକୁ ଫେରିବାକୁ ଯାଉଛି।

# ଭାରତୀୟ ବାଳିକା ଦଳର ପ୍ରଭାବୀ ପ୍ରଦର୍ଶନ

**ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍**



ଭାରତୀୟ ବାଳିକା ଚେସ୍ ଦଳ।

ଭୁବନେଶ୍ୱର, ୮।୪(ତପନ ସ୍ୱାଇଁ)

କାଜାଖସ୍ତାନର ଅଲ୍‌ମାଟିରେ ଚାଲିଥିବା ଫିଡେ ଆଇଏସ୍‌ସିଏଫ୍ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତୀୟ ୧୪ ବର୍ଷରୁ କମ୍ ବାଳିକା ଦଳ ପ୍ରଭାବୀ ପ୍ରଦର୍ଶନ କରିଛି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ(କିସ୍)ର ୪ ଖେଳାଳି ମୋହିନୀ ନାଏକ. ମୋନାଲିସା ଭୋଇ, ଶ୍ରେୟା ନାୟକ ଓ ହୁମେଶ୍ୱରୀ ମଲିକଙ୍କୁ ନେଇ ଗଠିତ ଭାରତୀୟ ଦଳ ତୃତୀୟ ରାଉଣ୍ଡରେ ସିଙ୍ଗାପୁରକୁ ୩-୧ରେ ପରାସ୍ତ କରିଛି। ଭାରତୀୟ ଦଳ ୪ର୍ଥ ରାଉଣ୍ଡରେ ତୁର୍କମେନିସ୍ତାନକୁ ଭେଟିବ। ପ୍ରଭାବୀ ପ୍ରଦର୍ଶନ କରି ବିଜୟ ଜାରି ରଖିଥିବାରୁ ବାଳିକା ଦଳର ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

**ବିଲ୍ ଜିନ କପ୍ ଟେନିସ**

# ଥାଇଲାଣ୍ଡଠାରୁ ୨-୧ରେ ହାରିଲା ଭାରତ

ନୂଆଦିଲ୍ଲୀ,୮।୪(ପି.ଟି.)

ମହିଳା ଡବଲ୍ସରେ ଋତୁଜା ଭୋସଲେ ଓ ଅଙ୍କିତା ରାଇନାଙ୍କ ବିଜୟ ସତ୍ତ୍ୱେ ଏଠାରେ ଚାଲିଥିବା ବିଲ ଜିନ କିଙ୍ଗ କପ୍‌ର ଏସିଆ/ଓସେନିଆ ଗ୍ରୁପ୍-ଆଇ ମୁକାବିଲାରେ ଭାରତୀୟ ଦଳ ୧-୨ ବ୍ୟବଧାନରେ ଥାଇଲାଣ୍ଡଠାରୁ ପରାସ୍ତ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ବର୍ଷା କାରଣରୁ ସ୍ଥଗିତ ରଖାଯାଇଥିବା ସିଙ୍ଗଲ୍ସ ମ୍ୟାଚ୍‌ରେ ୱାର୍ଲ୍ଡ ନଂ. ୩୮୪ ସହଜା ୟମଲାପାଲି ୪-୬, ୬-୧, ୪-୬ ସେଟ୍‌ରେ ୪୪୯ତମ ମାନ୍ୟତା ପ୍ରାପ୍ତ ପାତଚରିନଙ୍କଠାରୁ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ୨ ଘଣ୍ଟା ୨୫ ମିନିଟ୍ ଧରି ଚାଲିଥିଲା। ପରେ ଡବଲ୍ସରେ ଭୋସଲେ ଓ ରାଇନା ୬-୩, ୬-୪ ସେଟ୍‌ରେ ଥାସାପର୍ନ ନାକଲୋ ଓ ପିଆଙ୍ଗଟାର୍ନ ପ୍ଲିପୁଏଚଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ମଙ୍ଗଳବାର ପଦାର୍ପଣକାରୀ ବୈଷ୍ଣବୀ ଆଡକର ୧-୬, ୩-୬ ସେଟ୍‌ରେ ଆଉଞ୍ଜିସା ଚାଣ୍ଟାଙ୍କଠାରୁ ପରାସ୍ତ ହୋଇଥିଲେ।

# ପ୍ରିମିୟର ଲିଗ୍ କ୍ରିକେଟ: ପଲାଇ ଚାମ୍ପିୟନ

ଭୁବନେଶ୍ୱର, ୮।୪(ତପନ ସ୍ୱାଇଁ)

ମାହାଙ୍ଗାର କାଳିଅଣ୍ଟିଠାରେ ଆୟୋଜିତ ଦିବ୍ୟଜ୍ୟୋତି କ୍ରିକେଟ କ୍ଲବ ପ୍ରିମିୟର ଲିଗ୍‌ରେ ପଲାଇର ମା' ମଙ୍ଗଳା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲରେ ପଲାଇ ଦଳ ମାହାଙ୍ଗାର ଧଉଳିଆ କ୍ରିକେଟ କ୍ଲବକୁ ୮ ଉଇକେଟ୍‌ରେ ପରାସ୍ତ କରିଛି। ୬ ଓଭରବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଧଉଳିଆ ୨୪ ରନ୍ କରିଥିଲାବେଳେ ମା' ମଙ୍ଗଳା ଦଳ ୩.୨ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପଲାଇର ସୌମ୍ୟରଞ୍ଜନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ପ୍ରଧାନଶିକ୍ଷକ ନିରଞ୍ଜନ ସାମଲ ବିଜୟୀ ଦଳର ଅଧିନାୟକ ପପୁ ଦାଶଙ୍କୁ ଚାମ୍ପିୟନ୍ ଟ୍ରଫି ସହିତ ୧୦,୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଦଳର ବିଜୟରେ ଦେବବ୍ରତ ସାମଲ, ଅଜୟ ସ୍ୱାଇଁ, ଗଗନ ସାମଲ, ଡାନିଏଲ ସାମଲ, ଦେବାଶିଷ ଦାଶ, ଅଜୟ ମଲ୍ଲିକ, ବାବୁ ସେଠୀ ଓ ତୁଷାରକାନ୍ତ ଦାଶ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ପଲାଇ ଦଳର ଖେଳାଳିମାନେ।

# ଫାଇନାଲରେ ପାରାମାଉଣ୍ଟ

**ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ**

ଭୁବନେଶ୍ୱର, ୮।୪(ତପନ ସ୍ୱାଇଁ)

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବୁଧବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ (ଆଇଆଇସି)କୁ ୧୩୦ ରନ୍‌ରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ସ୍ୱାଗତ ମିଶ୍ରଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୩୦ ଓଭରରେ ୫ ଉଇକେଟ ହରାଇ ୨୨୫ ରନ୍ କରିଥିଲା। ସ୍ୱାଗତ ୭୪ ବଲ୍‌ରୁ ୧୧୬ ରନ୍‌କରି ଅପରାଜିତ ରହିଥିବାବେଳେ ସାଇଦିତ୍ୟ ମହାନ୍ତି ୪୨ ରନ୍ କରିଥିଲେ। ଜବାବରେ ଆଇଆଇସି ଦଳ ୧୯ ଓଭରରେ ୯୫ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ବୋଲର ଶୁଭମ୍ ପରିଡ଼ା ୪ଟି ଓ ଏମ୍‌ଡି ସାଜବ ଆଲମ୍ ୩ଟି ଉଇକେଟ ନେଇଥିଲେ। ସ୍ୱାଗତଙ୍କୁ ଦୁଇ ଅମ୍ପାୟର ପ୍ରଦୀପ ଜେନା ଓ ପ୍ରମୋଦ ନାରାୟଣ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସହସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା, ସଦସ୍ୟ ଚଣ୍ଡୀ ପ୍ରସନ୍ନ ମହାପାତ୍ର, ସୂର୍ଯ୍ୟ ତ୍ରିପାଠୀ ଓ ଟୁର୍ନାମେଣ୍ଟ ଆବାହକ ଗିରୀଶ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷା କାରଣରୁ କ୍ଲବ୍ ଦି ରେଡ୍ ଷ୍ଟାର ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ମଙ୍ଗଳବାର ହୋଇପାରି ନ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯିବ ବୋଲି ଆୟୋଜକ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।




ସ୍ୱାଗତ ମିଶ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ରୁଷିଆ ବିପକ୍ଷରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୮।୪(ପି.ଟି.)

ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳ ଏପ୍ରିଲ ୧୧ରୁ ୧୭ ମଧ୍ୟରେ ସୋଚିଠାରେ ରୁଷିଆ ବିପକ୍ଷରେ ୩ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଟୁର୍ ପାଇଁ ମୁଖ୍ୟ କୋଚ୍ ପାମେଲା କୋଣ୍ଟି ୨୩ଜଣିଆ ଦଳ ଘୋଷଣା କରିଛନ୍ତି। ମ୍ୟାଚ୍‌ଗୁଡ଼ିକ ଏପ୍ରିଲ ୧୧, ୧୪ ଓ ୧୭ ତାରିଖରେ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ସୋଚିସ୍ଥିତ ମାଟ୍‌ସେଷ୍ଟା ଫୁଟ୍‌ବଲ ସେଣ୍ଟରଠାରେ ଖେଳାଯିବ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ